# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୦/୨୦୨୪ (୧୬+୪ ପୃଷ୍ଠା) Bhubaneswar, Tuesday, September 10/2024 Page 20 ₹ 7.00 | RAYAGADA

୫୦ଶ ଭାଗ ୨୮୭ ସଂଖ୍ୟା www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul VOLUME 50 ISSUE 287 ମୂଲ୍ୟ ₹୭/-






KP GROUP
Quality Since 1965
Safal
PAN MASALA
କିଛି ଅତୁଲ୍ୟ ସ୍ୱାଦକୁ
ଶବ୍ଦରେ ବର୍ଣ୍ଣନା କରିହୁଏ ନାହିଁ
MADHUBAN
Safal
PAN MASALA
NO TOBACCO, NO NICOTINE ADDED
0% TOBACCO • NICOTINE NOT ADDED • NOT FOR MINORS
ବୈଧାନିକ ଚେତାବନୀ: ପାନ ମସଲା ଚୋବାଇବା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଅଟେ ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୧୦/୨୦୨୪ | Bhubaneswar, Tuesday, September 10/2024 | ପୃଷ୍ଠା-୧



**ସୁଖଜିତ୍‌ଙ୍କ ଡବଲ ଗୋଲ୍**
ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି ଟୁର୍ଣ୍ଣାମେଣ୍ଟ ଜାପାନ ବିପକ୍ଷ ମ୍ୟାଚରେ ଡବଲ ଗୋଲ ସ୍କୋର କରିଛନ୍ତି ଭାରତର ସୁଖଜିତ୍ ସିଂ।
୧୪

୧୬
**ଆଲିଆଙ୍କ ଆଙ୍ଗ୍ରି ୟଙ୍ଗ୍ ଓମ୍ୟାନ୍ ଅବତାର**
ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ 'ଜିଗ୍‌ରା' ଫିଲ୍ମର ଟିଜର ରିଲିଜ ହୋଇଛି। ଏଥିରେ ତାଙ୍କର ଆଙ୍ଗ୍ରି ୟଙ୍ଗ୍ ଓମ୍ୟାନ୍ ଅବତାର ଦେଖିବାକୁ ମିଳିଛି।



# ପ୍ରବଳ ବର୍ଷା: ମାଲକାନଗିରି ଜିଲା ବିଚ୍ଛିନ୍ନ

## ଆଜି ମାଲକାନଗିରି, ଗଞ୍ଜାମ ଜିଲାରେ ଅଙ୍ଗନୱାଡି କେନ୍ଦ୍ର, ସ୍କୁଲ ଛୁଟି



ମାଲକାନଗିରି ଜିଲା ପୋଟେରୁ ଗାଁରେ ପାଣି।

ମାଲକାନଗିରି,୯।୯(ଦୁର୍ଯ୍ୟୋଧନ ପାତ୍ର)

ଗତ ୨ଦିନ ଧରି ଲଘୁଚାପଜନିତ ପ୍ରବଳ ବର୍ଷା ଯୋଗୁ ମାଲକାନଗିରି ଜିଲା ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁ ପୋଲଗୁଡ଼ିକ ଉପରେ ପ୍ରାୟ ୩ ଫୁଟ ଉଚ୍ଚର ବର୍ଷାଜଳ ପ୍ରବାହିତ ହେଉଛି। ଏଥିଯୋଗୁ ନଦୀ ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ିମୋଟର ଅଟକିରହିବା ସହ ଯାତାୟାତ ସମ୍ପୂର୍ଣ୍ଣ ଭାବେ ଠପ୍ ହୋଇଯାଇଛି। ମାଥିଲି ବ୍ଲକ୍ ପାଙ୍ଗାମ, କାଲିମେଳା ବ୍ଲକ୍ କାଙ୍ଗୁରୁକୋଣ୍ଡା ପୋଲ ଉପରେ ପ୍ରାୟ ୪ ଫୁଟ ଉଚ୍ଚରେ ଓ ପୋଟେରୁ ନଦୀ ପୋଲ ଉପରେ ମଧ୍ୟ ୫ ଫୁଟ୍‌ରୁ ଉଚ୍ଚରେ ଜଳ ପ୍ରବାହିତ ହେବା ସହ ଗ୍ରାମ ପାଣିରେ ବୁଡ଼ି ରହିଛି। ଆନ୍ଧ୍ର-ଓଡ଼ିଶା ସୀମାନ୍ତ ଚିତ୍ରକୋଣ୍ଡା ବ୍ଲକ୍ ଅନ୍ତର୍ଗତ ପିଲିଗଡ଼ା କଲଭର୍ଟରେ ଗୋଟିଏ ପାର୍ଶ୍ୱ ଧୋଇହୋଇଯିବାରୁ ଆନ୍ଧ୍ର-ଓଡ଼ିଶାକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି।

ପାଣିପାଗ ବିଭାଗ ପକ୍ଷରୁ ମଙ୍ଗଳବାର ଜିଲାକୁ ରେଡ୍ ଆଲର୍ଟ ଜାରି କରାଯାଇଥିବା ବେଳେ ଜିଲାପାଳ ସମସ୍ତ ଅଙ୍ଗନୱାଡି କେନ୍ଦ୍ର ଓ ବିଦ୍ୟାଳୟକୁ ଛୁଟି ☞ ପୃଷ୍ଠା-୨

**ଆଜିର ସମ୍ପାଦକୀୟ**
**ଆପଣ ବି**

## ପ୍ରସ୍ତୁତ ରହିବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୯।୯(ସୁନିତ୍ ମିଶ୍ର)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କର ଦୁଇ ଦିନିଆ ସମ୍ବଲପୁର ଗସ୍ତରୁ ଫେରିବା ପୂର୍ବରୁ ସୋମବାର ସମ୍ବଲପୁରଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ କୋରାପୁଟ ଏବଂ ମାଲକାନଗିରି ଜିଲାରେ ପ୍ରବଳ ବର୍ଷାଜନିତ କ୍ଷୟକ୍ଷତି ନେଇ ଆଲୋଚନା କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ଉପକୂଳବର୍ତ୍ତୀ ଅଞ୍ଚଳରେ ସମ୍ଭାବ୍ୟ ବର୍ଷା ପାଇଁ ନିଆଯାଇଥିବା ସତର୍କତାମୂଳକ ପଦକ୍ଷେପ ବିଷୟରେ ସୂଚନା ଦେଇଛନ୍ତି।

କୋରାପୁଟ ଓ ମାଲକାନଗିରିର ବହୁ ସ୍ଥାନରେ ବର୍ଷାଜଳ ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଛି ଏବଂ ସ୍ଥାନୀୟ ଜନସାଧାରଣ ☞ ପୃଷ୍ଠା-୨



ସମ୍ବଲପୁରଠାରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସହ ଆଲୋଚନା କରୁଛନ୍ତି।

## ଲଘୁଚାପ ବିପତ୍ତି: ୧୯ ଜିଲାକୁ ରେଡ୍ ୱାର୍ନିଂ

**୧୧ ଯାଏ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା**

ଭୁବନେଶ୍ୱର,୯।୯(ଅନିଲ ଦାସ)

ଲଘୁଚାପ ଯୋଗୁ ଗତ ଦୁଇତିନି ଦିନ ହେବ ଦକ୍ଷିଣ ଓଡ଼ିଶା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ଲାଗି ରହିଛି। ବର୍ଷା ଯୋଗୁ କୋରାପୁଟ ଓ ମାଲକାନଗିରିର କେତେକ ଅଞ୍ଚଳ ପ୍ରଭାବିତ ହୋଇଛି। ତେବେ ରାଜ୍ୟରେ ବନ୍ୟା ପରିସ୍ଥିତି ନାହିଁ। ସୋମବାର ସମ୍ଭାବ୍ୟ ବନ୍ୟା ସ୍ଥିତି ସମୀକ୍ଷା ବୈଠକ ପରେ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍ଆର୍‌ସି) ଦେଓରଞ୍ଜନ କୁମାର ସିଂ ଏହି ସୂଚନା ଦେଇଛନ୍ତି।

ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ କୋରାପୁଟ ଜିଲାର ଜୟପୁର, ବୈପାରିଗୁଡା, କୁନ୍ଦ୍ରା, ବୋରିଗୁମ୍ମା, ସିମିଳିଗୁଡା ଓ କୋରାପୁଟ ବ୍ଲକ ପ୍ରଭାବିତ ହୋଇଛି। ଏହି ୬ ବ୍ଲକର ୩୬ ଗ୍ରାମର ୭୫୩ ଜଣ ପ୍ରଭାବିତ ହୋଇଛନ୍ତି। ୧୫୦ ଗ୍ରାମ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ୫୬ଜଣଙ୍କୁ ୨ଟି ରିଲିଫ କ୍ୟାମ୍ପକୁ ସ୍ଥାନାନ୍ତର କରାଯାଇଛି। ପ୍ରଭାବିତଙ୍କୁ ରନ୍ଧା ଖାଦ୍ୟ ଓ ପଲିଥିନ ବଣ୍ଟନ କରାଯାଇଛି। ବିରିନାଡ଼ି ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେବାରୁ ଦିଗପୁରରୁ କୁନ୍ଦ୍ରା ପର୍ଯ୍ୟନ୍ତ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ସେହିପରି ମାଲକାନଗିରି ଜିଲାର ପେନଗାମରୁ ମୋଟୁ ରାସ୍ତାରେ ଥିବା ସମସ୍ତ ପୋଲ ଉପରେ ବର୍ଷାଜଳ ପ୍ରବାହିତ ହେବାରୁ ଯୋଗାଯୋଗ ବିଚ୍ଛିନ୍ନ ରହିଛି। ଜିଲାର ୫୦୪ ଜଣଙ୍କୁ ୪ ରିଲିଫ କେନ୍ଦ୍ରରେ ଥଇଥାନ କରାଯାଇଛି। ଜିଲାର ୮ ସ୍ଥାନରେ ସଡ଼କ ଯାତାୟାତ ବାଧାପ୍ରାପ୍ତ ହୋଇଛି। ମାଲକାନଗିରି ଓ କାଲିମେଳା ବ୍ଲକର ୬ ଗ୍ରାମ ବର୍ଷା ☞ ପୃଷ୍ଠା-୨

# ଇଲିଶି ବନ୍ଦ

## କଟକଣା ଲଗାଇଲା ବାଂଲାଦେଶ



ଢାକା, ୯।୯

ବାଂଲାଦେଶର ମହମ୍ମଦ ୟୁନୁସ୍‌ଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାରଙ୍କ ଭାରତ ପ୍ରତି କଠୋର ମନୋଭାବର ଆଭାସ ମିଳିଛି। ଦୁର୍ଗାପୂଜା ନିକଟତର ହେଉଥିବାବେଳେ ବାଂଲାଦେଶ ସରକାର ଭାରତକୁ ପଦ୍ମା ହିଲ୍‌ଶା ବା ଇଲିଶି ରପ୍ତାନି ଉପରେ କଟକଣା ଲଗାଇଛନ୍ତି। ଏହାକୁ ନେଇ ବାଂଲାଦେଶର ମତ୍ସ୍ୟ ଏବଂ ପ୍ରାଣୀପାଳନ ମନ୍ତ୍ରଣାଳୟର ପରାମର୍ଶଦାତା ଫରିଦା ଅଖ୍‌ତାର କହିଛନ୍ତି, ସ୍ଥାନୀୟ ଗ୍ରାହକଙ୍କ ପାଇଁ ପର୍ଯ୍ୟାପ୍ତ ଇଲିଶି ମାଛର ଯୋଗାଣକୁ ନିଶ୍ଚିତ କରିବାକୁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଅନ୍ୟ ଦେଶକୁ ରପ୍ତାନି କରିବା ପୂର୍ବରୁ ଦେଶବାସୀଙ୍କ ପାଇଁ ଯଥେଷ୍ଟ ପରିମାଣରେ ଇଲିଶି ମାଛ ମହଜୁଦ୍ ରହୁ ବୋଲି ସରକାରଙ୍କ ପ୍ରାଥମିକତା ରହିଛି। ତେଣୁ ଭାରତକୁ ଇଲିଶି ରପ୍ତାନି ବନ୍ଦ କରିବାକୁ ବାଣିଜ୍ୟ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି।

ଭାରତୀୟ ଖାଦ୍ୟରେ ବାଂଲାଦେଶୀ ଇଲିଶିର ବହୁ ଚାହିଦା ରହିଆସିଛି। ସାଧାରଣତଃ ପାର୍ବଣ ଋତୁରେ ପଶ୍ଚିମବଙ୍ଗ ସମେତ ଦେଶର ଅନ୍ୟ ରାଜ୍ୟରେ ଏହି ବାଂଲାଦେଶୀ ଇଲିଶି ଖାଇବାକୁ ଲୋକେ ବେଶ୍ ପସନ୍ଦ କରିଥାନ୍ତି। ଦୁର୍ଗାପୂଜାରେ ବଙ୍ଗାଳୀମାନେ ☞ ପୃଷ୍ଠା-୨

# ଭାରତରେ ମଙ୍କିପକ୍ସ ରୋଗୀ

ନୂଆଦିଲ୍ଲୀ,୯।୯(ପି.ଟି.)

ଭାରତରେ ପ୍ରଥମ ମଙ୍କିପକ୍ସ ରୋଗୀ ଚିହ୍ନଟ ହୋଇଛନ୍ତି। ସେ ନିକଟରେ ସଂକ୍ରମିତ ଦେଶରୁ ଭାରତ ଆସିଥିବାବେଳେ ତାଙ୍କୁ ମଙ୍କିପକ୍ସ ସଂକ୍ରମଣ ହୋଇଥିବା ସନ୍ଦେହ କରାଯାଇ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ସେ ମଙ୍କିପକ୍ସରେ ଆକ୍ରାନ୍ତ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସୋମବାର ସ୍ପଷ୍ଟ କରିଛି। ଲାବରେଟୋରି ପରୀକ୍ଷାରୁ ତାଙ୍କଠାରେ ପଶ୍ଚିମ ଆଫ୍ରିକୀୟ କ୍ଲାଡ୍-୨ ଏମ୍‌ପକ୍ସ ଭାଇରସ୍ ଥିବା ଜଣାପଡ଼ିଛି। ଏହା ଏକ ଆଇଶୋଲେଟେଡ୍ ମାମଲା, ଯାହା ୨୦୨୨ ଜୁଲାଇରୁ ଚିହ୍ନଟ ହୋଇଥିବା ୩୦ଟି ମାମଲା ଅନୁରୂପ ବୋଲି ମନ୍ତ୍ରଣାଳୟ କହିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ସମ୍ପ୍ରତି ଜାରି କରିଥିବା ଜନସ୍ୱାସ୍ଥ୍ୟ ଜରୁରୀ ଅବସ୍ଥାରେ ଏହି ଭାରିଆଣ୍ଟ ଆସୁନାହିଁ। ଏମ୍‌ପକ୍ସର କ୍ଲାଡ୍-୧କୁ ନେଇ ଡବ୍ଲ୍ୟୁଏଚ୍‌ଓ ପବ୍ଲିକ୍ ହେଲ୍‌ଥ ଏମର୍ଜେନ୍ସି ଜାରି କରିଛି। ପୁରୁଷ ବ୍ୟକ୍ତି ଜଣକ ନିକଟରେ ମଙ୍କିପକ୍ସ ସଂକ୍ରମିତ ଦେଶରୁ ଫେରିଥିଲେ ଏବଂ ତାଙ୍କଠାରେ ରୋଗର ଲକ୍ଷଣ ଦେଖାଯିବାରୁ ତାଙ୍କୁ ହସ୍ପିଟାଲରେ ଆଇସୋଲେଶନରେ ରଖାଯାଇଥିଲା।




## ସନ୍ଦିଗ୍ଧଙ୍କୁ ଯାଞ୍ଚ, ପରୀକ୍ଷା ପାଇଁ ପରାମର୍ଶ

ନୂଆଦିଲ୍ଲୀ,୯।୯ (ପି.ଟି.)

ଭାରତରେ ପ୍ରଥମ ମଙ୍କିପକ୍ସ ମାମଲା ସାମ୍ନାକୁ ଆସିବା ପରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ସତର୍କ ଓ ପ୍ରସ୍ତୁତ ରହିବା ପାଇଁ କେନ୍ଦ୍ର ସରକାର ସୋମବାର ଆଡଭାଇଜରି ଜାରି କରିଛନ୍ତି। ଗୋଷ୍ଠୀରେ ସମସ୍ତ ସନ୍ଦିଗ୍ଧ ମଙ୍କିପକ୍ସ ମାମଲାର ଯାଞ୍ଚ କରାଯିବା ସହ ପରୀକ୍ଷା କରାଇବାକୁ କେନ୍ଦ୍ର ସରକାର ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ସେହିପରି ଉଭୟ ସନ୍ଦିଗ୍ଧ ଏବଂ ଚିହ୍ନଟ ରୋଗୀଙ୍କ ପାଇଁ ହସ୍ପିଟାଲଗୁଡ଼ିକରେ ଆଇସୋଲେଶନ ସୁବିଧା ପ୍ରସ୍ତୁତ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପକ୍ଷରେ ଲୋକଙ୍କ ମଧ୍ୟରେ କୌଣସି ପ୍ରକାର ଅହେତୁକ ଆତଙ୍କ ରୋକିବା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଅପୂର୍ବ ଚନ୍ଦ୍ରା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପତ୍ର ଲେଖି ଜଣାଇଛନ୍ତି। ☞ ପୃଷ୍ଠା-୨

# ଆଜି କାର୍ଯ୍ୟରେ ଯୋଗଦିଅ

## କୋଲକାତା ବଳାତ୍କାର, ହତ୍ୟା ମାମଲା: ଆନ୍ଦୋଳନରତ ଜୁନିୟର ଡାକ୍ତରଙ୍କୁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୯।୯ (ପି.ଟି.)

କୋଲକାତାର ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲରେ ମହିଳା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ବ୍ୟବଚ୍ଛେଦ ପାଇଁ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ କାଗଜାତ ନ ଥିବାରୁ ସୁପ୍ରିମକୋର୍ଟ ସୋମବାର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏହାକୁ ଖୋଜିବାହାର କରିବା ପାଇଁ ଅଦାଲତ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବଳାତ୍କାର ଓ ହତ୍ୟା ମାମଲା ପ୍ରତିବାଦରେ ମାସେ ହେଲା ଆନ୍ଦୋଳନରେ ସାମିଲ ହୋଇଥିବା ଜୁନିୟର ଡାକ୍ତରମାନଙ୍କୁ ମଙ୍ଗଳବାର ଅପରାହ୍ନ ୫ଟା ସୁଦ୍ଧା କାର୍ଯ୍ୟରେ ଯୋଗଦେବା ପାଇଁ ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟରେ ଯୋଗଦେଲେ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ ବୋଲି ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜେ.ବି. ପର୍ଦିୱାଲା ଏବଂ ମନୋଜ ମିଶ୍ରାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।

ମୃତଦେହ ବ୍ୟବଚ୍ଛେଦ ପାଇଁ ବ୍ୟବହୃତ ଚାଲାଣ ମିଳୁ ନ ଥିବାରୁ ଖଣ୍ଡପୀଠ ସିବିଆଇ ଏବଂ ପଶ୍ଚିମବଙ୍ଗ ସରକାରଙ୍କୁ ଜବାବ ମାଗିଛନ୍ତି। ଚାଲାଣ ବ୍ୟବଚ୍ଛେଦ ରିପୋର୍ଟର ଅଂଶବିଶେଷ ନୁହେଁ ବୋଲି ସିବିଆଇ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଥିବାବେଳେ ଡକ୍ୟୁମେଣ୍ଟ ମିଳୁ ନ ଥିବା ପଶ୍ଚିମବଙ୍ଗ ସରକାରଙ୍କ ତରଫରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ଅଦାଲତଙ୍କୁ ଜଣାଇଥିଲେ। ସେହିପରି ଡାକ୍ତର ବଳାତ୍କାର ଓ ହତ୍ୟା ମାମଲାରେ କୋଲକାତା ପୋଲିସ ଏତଲା ଦାଏର ପାଇଁ ୧୪ ଘଣ୍ଟା ବିଳମ୍ବ କରିବାକୁ ନେଇ ଅଦାଲତ ପ୍ରଶ୍ନ ଉଠାଇଥିଲେ। ତଦନ୍ତ ସମ୍ପର୍କିତ ସାନି ରିପୋର୍ଟ ସେପ୍ଟେମ୍ବର ୧୭ ସୁଦ୍ଧା ଦାଖଲ କରିବାକୁ ସର୍ବୋଚ୍ଚ ଅଦାଲତ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ମୃତା ଡାକ୍ତରଙ୍କ ମର୍ଯ୍ୟାଦା ଓ ପ୍ରିଭେସିର ସୁରକ୍ଷା ପାଇଁ ସମସ୍ତ ସୋସିଆଲ ମିଡିଆ ପ୍ଲାଟଫର୍ମରୁ ତାଙ୍କ ଫଟୋକୁ ତୁରନ୍ତ ହଟାଇଦେବାକୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ☞ ପୃଷ୍ଠା-୨



## ସାପ କାମୁଡ଼ାରେ ୩ ଭଉଣୀ ମୃତ

ବୌଦ୍ଧ/ବଘିଆପଡ଼ା,୯।୯
(ଅଜିତ କୁମାର ବାରିକ/ଶ୍ରୀକାନ୍ତ ସାହୁ)

**ବାପା ଗୁରୁତର**

ରବିବାର ଥିଲା ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ। ଏଥିପାଇଁ ପୂରା ବୌଦ୍ଧ ଜିଲା ଉତ୍ସବମୁଖର ଥିବା ବେଳେ ଜିଲାର ବଘିଆପଡ଼ା ଫାଣ୍ଡି ଅନ୍ତର୍ଗତ ଚରିଆପାଲି ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ଏହି ଗ୍ରାମରେ ସାପ କାମୁଡ଼ାରେ ଗୋଟିଏ ପରିବାରର ୩ ଭଉଣୀଙ୍କ ଅକାଳ ମୃତ୍ୟୁ ଘଟିଥିବା ବେଳେ ସେମାନଙ୍କ ବାପା ଶୈଳେନ୍ଦ୍ର ମଲ୍ଲିକ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି। ତେବେ ସୌଭାଗ୍ୟକୁ ଶୈଳେନ୍ଦ୍ରଙ୍କ ସ୍ତ୍ରୀ ଓ ପୁଅ ବର୍ତ୍ତିଯାଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଟିକରପଡ଼ା ପଞ୍ଚାୟତ ଅଧୀନ ଚରିଆପାଲି ଗ୍ରାମରେ ସୋମବାର ନୂଆଁ ଖାଇବାକୁ ଗ୍ରାମରେ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଶୈଳେନ୍ଦ୍ରଙ୍କ ପରିବାରରେ ସମସ୍ତ ☞ ପୃଷ୍ଠା-୨

# କ୍ୟାନ୍‌ସର ମେଡିସିନ ଉପରୁ ୭% ଜିଏସ୍‌ଟି ହ୍ରାସ

ଭୁବନେଶ୍ୱର,୯।୯(ଅନୁରାଧା ମହାରଣା)

**୫୪ତମ ଜିଏସ୍‌ଟି ପରିଷଦ ବୈଠକରେ ନିଷ୍ପତ୍ତି**



କ୍ୟାନ୍‌ସର ଚିକିତ୍ସାରେ ବ୍ୟବହୃତ ମେଡିସିନ୍ ଉପରେ ୭% ଜିଏସ୍‌ଟି ହ୍ରାସ ହେବ। ସୋମବାର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍‌ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଏସ୍‌ଟି ପରିଷଦର ୫୪ତମ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ବର୍ତ୍ତମାନ କ୍ୟାନ୍‌ସର ମେଡିସିନ୍ ଉପରେ ୧୨ ପ୍ରତିଶତ ଜିଏସ୍‌ଟି ଲାଗୁଛି। ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ୫ ପ୍ରତିଶତ ଜିଏସ୍‌ଟି ଲାଗିବ ଓ ବଜାରରେ କ୍ୟାନ୍‌ସର ମେଡିସିନ ଶସ୍ତା ହେବ। ସେହିପରି ଧାର୍ମିକ ଯାତ୍ରା ପାଇଁ ହେଲିକପ୍ଟର ସେବା ବ୍ୟବହାର କରିବାବେଳେ ୧୮% ବଦଳରେ ଏବେ ୫% ପ୍ରତିଶତ ଜିଏସ୍‌ଟି ଦେବାକୁ ପଡିବ। ତେବେ ସ୍ୱାସ୍ଥ୍ୟ ଏବଂ ଜୀବନ ବୀମାର ପ୍ରିମିୟମ ଦେୟ ଉପରେ ଜିଏସ୍‌ଟି ପରିଷଦ ଏପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନେଇନାହିଁ। ବୈଠକରେ ସ୍ୱାସ୍ଥ୍ୟ ବୀମା ଏବଂ ଜୀବନ ବୀମାର ପ୍ରିମିୟମ ଦେୟ ଉପରେ ଜିଏସଟି ହ୍ରାସ ନେଇ ରାଜ୍ୟଗୁଡିକର ଅର୍ଥମନ୍ତ୍ରୀଙ୍କ ସହ ଆଲୋଚନା ହୋଇଥିଲା। ଏହି ଉପରେ ଅଧିକ ଅଧ୍ୟୟନ ପାଇଁ ଗ୍ରୁପ୍ ଅଫ୍ ମିନିଷ୍ଟର୍ସ (ଜିଓଏମ୍)କୁ ପ୍ରସ୍ତାବ ପଠାଯାଇଛି। ୨୦୨୪ ଅକ୍ଟୋବର ସୁଦ୍ଧା ଜିଓଏମ୍ ଏ ସଂକ୍ରାନ୍ତ ରିପୋର୍ଟ ପ୍ରସ୍ତୁତ କରିବ। ନଭେମ୍ବରରେ ହେବାକୁ ଥିବା ପରବର୍ତ୍ତୀ ଜିଏସ୍‌ଟି ପରିଷଦ ବୈଠକରେ ଏହି ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ଆବଶ୍ୟକ ନିଷ୍ପତ୍ତି ନିଆଯିବ।

**■ ଧାର୍ମିକସ୍ଥଳକୁ ହେଲିକପ୍ଟର ସେବାରେ ୧୮% ବଦଳରେ ୫% ଜିଏସ୍‌ଟି ଲାଗିବ**

ଅନ୍ୟପକ୍ଷରେ ଧାର୍ମିକ ସ୍ଥଳକୁ ହେଲିକପ୍ଟର ଯାତ୍ରା ଉପରୁ ୧୩% ଜିଏସ୍‌ଟି ହ୍ରାସ ନିଷ୍ପତ୍ତି ତୀର୍ଥଯାତ୍ରା କରୁଥିବା ଲୋକଙ୍କୁ ଆଶ୍ୱସ୍ତି ଦେଇଛି। ଉତ୍ତରପ୍ରଦେଶ ଅର୍ଥମନ୍ତ୍ରୀ ପ୍ରେମଚାନ୍ଦ ଅଗ୍ରୱାଲ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଜିଏସଟି ପରିଷଦ ଆମର ଦାବି ଗ୍ରହଣ କରିଛି। ଅବଶ୍ୟ ଏହି ସୁବିଧା କେବଳ ଯେଉଁମାନେ ହେଲିକପ୍ଟର ସେବା ପାଉଥିବେ ସେମାନଙ୍କ ପାଇଁ ଉପଲବ୍ଧ ହେବ। ତେବେ ଚାର୍ଟାର୍ଡ ହେଲିକପ୍ଟର ସେବା କ୍ଷେତ୍ରରେ ୧୮% ଜିଏସ୍‌ଟି ଦେବାକୁ ପଡିବ।

ସେହିପରି ଶିକ୍ଷାନୁଷ୍ଠାନ ଦ୍ୱାରା ପ୍ରାପ୍ତ ଅନୁଦାନ ଉପରେ ଜିଏସ୍‌ଟି ପ୍ରସଙ୍ଗ ନେଇ ବୈଠକରେ ଆଲୋଚନା ହୋଇଥିଲା। ଏହି ପ୍ରସଙ୍ଗ ଉପରେ ଅନୁସନ୍ଧାନ ପାଇଁ ଜିଏସ୍‌ଟି ପରିଷଦ ବର୍ତ୍ତମାନ ଫିଟ୍‌ମେଣ୍ଟ କମିଟିକୁ ପ୍ରସ୍ତାବ ପଠାଇଛି। କମିଟିର ରିପୋର୍ଟ ପାଇବା ପରେ ପରିଷଦ ଏହା ଉପରେ ନିଷ୍ପତ୍ତି ନେବ। ଏହା ବ୍ୟତୀତ ଅନ୍‌ଲାଇନ ପେମେଣ୍ଟ ଉପରେ ଜିଏସ୍‌ଟି ମାମଲା ମଧ୍ୟ ଫିଟ୍‌ମେଣ୍ଟ କମିଟିକୁ ପଠାଯାଇଛି। ଏହି ପ୍ରସଙ୍ଗ ଅନେକ ଦିନ ଧରି ଆଲୋଚନା ହୋଇଆସୁଛି। ସୂଚନାଯୋଗ୍ୟ, ଜିଏସ୍‌ଟି ପରିଷଦର ଗତ ବୈଠକ ଜୁନ୍ ୨୨ରେ ଅନୁଷ୍ଠିତ ହୋଇଥିଲା।

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରେଭେନ୍‌ଶା ଫୋରମ ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ନାମ ପରିବର୍ତ୍ତନ ବିବାଦକୁ ନେଇ ବୈଠକ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା। ଓ ଖବରଦାତା ସମ୍ମିଳନୀ, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ଓଡ଼ିଶା ଏସ୍‌ବିଆଇ ବ୍ୟାଙ୍କ ସଖୀ ମହାସଂଘ ପକ୍ଷରୁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭାରତୀୟ ଶିକ୍ଷା ଓ ଗବେଷଣା ପ୍ରତିଷ୍ଠାନର ୧୬ତମ ସ୍ୱନକ୍ଷତ୍ର ଉତ୍ସବ, ସ୍ଥାନ: ସୂଚନା ଭବନ, ସମୟ: ଅପରାହ୍ନ ୩ଟା।
- ଗୁରୁ କେଳୁଚରଣ ମହାପାତ୍ର ସମ୍ମାନ ଉତ୍ସବର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୭ଟା।

## ବାଲେଶ୍ୱର

- ବାଘାଯତୀନ ଉନ୍ନୟନ କମିଟିର ସ୍ମୃତିଦିବସ ପାଳନ, 'ରକ୍ତତୀର୍ଥ' ଯାତ୍ରୀଦଳଙ୍କୁ ସମ୍ବର୍ଦ୍ଧନା, ସ୍ଥାନ: ଜାତୀୟ ରାଜପଥ ଡାକବଙ୍ଗଳା, ବାଲେଶ୍ୱର, ସମୟ: ସକାଳ ୭ଟା।
- ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗୋପବନ୍ଧୁ ପାର୍କ, ବାଲେଶ୍ୱର, ସମୟ: ସକାଳ ୮ଟା।
- ଫକୀରମୋହନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଫକୀରମୋହନ ଗୋଲେଇ, ବାଲେଶ୍ୱର। ସମୟ: ସକାଳ ୮ଟା ୧୫।
- ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଫାଣ୍ଡି ଛକ, ବାଲେଶ୍ୱର, ସମୟ: ସକାଳ ୮ଟା ୩୦।
- ନେତାଜୀ ଓ ରାଜା ବୈକୁଣ୍ଠ ଦେବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଟାଉନ ହଲ, ବାଲେଶ୍ୱର। ସମୟ: ସକାଳ ୮ଟା ୪୫।
- ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଶହୀଦ ପାର୍କ, ସିନେମାଛକ, ବାଲେଶ୍ୱର, ସମୟ: ସକାଳ ୮ଟା ୫୦।
- ଜାତୀୟ ପତାକା ଉତ୍ତୋଳନ ଓ ବାଘାଯତୀନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ମୃତିସଭା, ସ୍ଥାନ: ବାରବାଟୀ ଗାର୍ଲ୍ସ ହାଇସ୍କୁଲ ପ୍ରାଙ୍ଗଣ, ବାଲେଶ୍ୱର, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ଫୁଟବଲ, ଯୋଗ ଓ ଚେସ୍ ପ୍ରତିଯୋଗିତା, ସ୍ଥାନ: ଖ୍ରୀଷ୍ଟିଆନ ହାଇସ୍କୁଲ ଖେଳପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ଶହୀଦ ବାଘାଯତୀନଙ୍କ ୧୦୯ତମ ସ୍ମୃତି ଦିବସ ଉଦ୍‌ଯାପନୀ ଉତ୍ସବ, ସ୍ଥାନ–ଚଷାଖଣ୍ଡ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା
- ମିଳିତ ଜନ ଶୁଣାଣି ଶିବିର, ସ୍ଥାନ: ବ୍ଲକ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୦ଟା।
- ବାଘାଯତୀନ କ୍ଲବ ଠାରେ ମାଲ୍ୟାର୍ପଣ ଓ ରକ୍ତଦାନ ଶିବିର, ସ୍ଥାନ: ବାରବାଟୀ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାଘାଯତୀନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ବାଘାଯତୀନ ହାଇସ୍କୁଲ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।
- 'ରକ୍ତତୀର୍ଥ' କ୍ଷେତ୍ରରେ ବିପ୍ଳବୀ ବାଘାଯତୀନଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ ଓ ସାଧାରଣ ସଭା, ସ୍ଥାନ: ଦେଉଁଆ ପୋଖରୀ, ଚଷାଖଣ୍ଡ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଫାଶୀମଞ୍ଚ ଓ ସ୍ମୃତି ମଣ୍ଡପରେ ଶହୀଦଙ୍କ ଉଦ୍ଦେଶ୍ୟରେ ମାଲ୍ୟାର୍ପଣ, ସ୍ଥାନ: ଜିଲା କାରାଗାର, ବାଲେଶ୍ୱର, ସମୟ: ଅପରାହ୍ନ ୩ଟା।

## ଭଦ୍ରକ

- ଜନ ଅଭିଯୋଗ ଶୁଣାଣି, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ପରିସର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଜ୍ଞାନ ମେଳା, ସ୍ଥାନ: ଶିଶୁବିହାର, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ରଥ ପରିକ୍ରମା, ସ୍ଥାନ: ବାଲିମେଦ, ଅରଣ୍ଡୁଆ, ଖରିଦା ବିନାୟକପୁର, ଗୁଆଗଡ଼ିଆ, ଲୁଙ୍ଗା, ବ୍ରାହ୍ମଣଗାଁ, ଏଡ଼ତାଳ, ପଦ୍ମପୁର, ସୁଗୋ, ଜଗନ୍ନାଥ ପ୍ରସାଦ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ମାୟାଧର ପାଢ଼ୀ ସ୍ମୃତି ସଂସଦ ପକ୍ଷରୁ ସ୍ମୃତିସଭା, ସ୍ଥାନ: ମଖଲପୁରସ୍ଥିତ ବାସଭବନ, ବାସୁଦେବପୁର, ପୂର୍ବାହ୍ନ ୧୧ଟା।
- ସାରସ୍ୱତ ସାଧିକା ପାର୍ବତୀ ବିଶ୍ୱାଳଙ୍କ ଜୟନ୍ତୀ ସମାରୋହ, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୩ଟା ୫୫।

## କେନ୍ଦୁଝର

- ଶ୍ରୀ ହନୁମାନଙ୍କ ମନ୍ଦିରରେ ରାମଚରିତ ପାଠ ଏବଂ ହନୁମାନଙ୍କ ପୂଜା ଏବଂ ଭଜନ କୀର୍ତ୍ତନ, ସ୍ଥାନ: ହାବଲେଶ୍ୱର, ହାଟଡ଼ିହୀ, ସମୟ : ସକାଳ ୬ ଏବଂ ସନ୍ଧ୍ୟା ୭ ଟା।
- ମା' ମଙ୍ଗଳା ମନ୍ଦିରରେ ମଙ୍ଗଳା ମେଳା, ସ୍ଥାନ: ଭୂଇଁପୁର, ହାଟଡ଼ିହୀ, ସମୟ : ସକାଳ ୭ ଟା।
- ଶ୍ରୀ ଗଣେଶଙ୍କ ଭଷାଣି ଉତ୍ସବ, ସ୍ଥାନ: ହାଟଡ଼ିହୀ, ସମୟ: ଅପରାହ୍ନ ୫ ଟା।
- ପାଲା ଉତ୍ସବ, ସ୍ଥାନ: କାନପୁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୮ ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ରାଇରଙ୍ଗପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଦିବ୍ୟାଙ୍ଗ ସହାୟକ ଯନ୍ତ୍ର ପ୍ରଦାନ ନିମନ୍ତେ ଚିହ୍ନଟ ଶିବିର, ସ୍ଥାନ: ଜାମଦା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- କୁଡୁମାଲି ଦେଶ କରମ ପର୍ବ ଉପଲକ୍ଷେ ଜାୱା ବେଢ଼ା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୁରେଇ ଡିହି, ମୋରଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଶହୀଦ ବାଘା ଯତୀନଙ୍କ ୧୦୯ତମ ବଳିଦାନ ଦିବସ ଉପଲକ୍ଷେ ସାଧାରଣ ସଭା, ସ୍ଥାନ: କପ୍ତିପଦା ବ୍ଲକ ଅଧୀନ ମହୁଲଡିହା, ସମୟ: ପୂର୍ବାହ୍ନ ୧୧ଟା ୩୦।

## ବ୍ରହ୍ମପୁର

- ସିପିଆଇ ଜୋନାଲ କମିଟି ବୈଠକ,ସ୍ଥାନ: ପାର୍କ ସାହି, ସମୟ:ସନ୍ଧ୍ୟା ୫ଟା।

## ଗଞ୍ଜାମ

- ଶ୍ରବଣ ଯନ୍ତ୍ର ବଣ୍ଟନ ଉତ୍ସବ, ସ୍ଥାନ: ଭଞ୍ଜନଗର ଓମ ଶାନ୍ତି ଭବନ, ସମୟ: ଅପରାହ୍ନ ୩ ଟା।

## ଢେଙ୍କାନାଳ

- ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଗଁଦିଆ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା୩୦।

## ରାୟଗଡ଼ା

- ବ୍ଲକ୍‌ସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, କାଶୀପୁର, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଥେରୁବାଲି, ସମୟ: ପୂର୍ବାହ୍ନ ୧୦ ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: କୋଷାଗୁମୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ନାଲ୍‌କୋ ମଜଦୁର କୋଅର୍ଡିନେଶନ କମିଟି ପକ୍ଷରୁ ଧର୍ମଘଟ, ଗଣଧାରଣା, ସ୍ଥାନ: ନାଲ୍‌କୋ ଖଣି ଓ ବିଶୋଧନାଗାର ଫାଟକ, ଦାମନଯୋଡ଼ି, ସମୟ: ସକାଳ ୬ଟାରୁ ଆରମ୍ଭ।
- ଜିଲାସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ : କୋଟପାଡ଼ ବ୍ଲକ୍ କାର୍ଯ୍ୟାଳୟ, କୋଟପାଡ଼, ସମୟ : ପୂର୍ବାହ୍ନ ୧୦ ଟା।
- ମିଳିତ ଅଭିଯୋଗ ଶୁଣାଣି, ସ୍ଥାନ: କୋରାପୁଟ ବ୍ଲକ ମସ୍ତିପୁଟ ପଞ୍ଚାୟତ, ସମୟ : ପୂର୍ବାହ୍ନ ୧୦ ଟା।
- ବ୍ଲକ ପ୍ରଶାସନ ପକ୍ଷରୁ ଅଭିଯୋଗ ଶୁଣାଣି, ସ୍ଥାନ: ପଟ୍ଟାଙ୍ଗି ବ୍ଲକ ପଟୁରୁ ପଞ୍ଚାୟତ କାର୍ଯ୍ୟାଳୟ: ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହାୱା ମଇଦାନ, ସମୟ: ସକାଳ ୬ଟା।
- ଯୋଗ ଶିବିର, ସ୍ଥାନ: ସହଯୋଗ ନଗର ସ୍ଥିତ ରାଧାକୃଷ୍ଣ ମନ୍ଦିର, ସମୟ: ସକାଳ ୭ଟା।

## ସୁବର୍ଣ୍ଣପୁର

- ଏକ ଦିବସୀୟ ଫୁଟବଲ ଟୁର୍ନାମେଣ୍ଟର ଉଦ୍‌ଘାଟନ, ସ୍ଥାନ: ବିଶାଳପାଲି ଖେଳପଡ଼ିଆ,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା
- ଗଣେଶ ଭସାଣି, ସ୍ଥାନ: ଲୁତୁରପଙ୍କ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣପୁରର ମା' ସୁରେଶ୍ୱରୀ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା ଓ ସନ୍ଧ୍ୟା ଆଳତି, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।
- ତରଭା ମା' ପାଟମାହେଶ୍ୱରୀ ମନ୍ଦିରରେ ବିଶେଷ ପୂଜାର୍ଚ୍ଚନା ଓ ମହାସମାରୋହରେ ମଙ୍ଗଳ ଆଳତି, ସ୍ଥାନ: ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା ୪୫।
- ନୃସିଂହ ପୁରାଣ ପଠନ, ସ୍ଥାନ: ଭାଲୁଡୁଙ୍ଗୁରୀ ଭାଗବତ ମନ୍ଦିର, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।

## ରାଉରକେଲା

- ଡେଙ୍ଗୁ ସଚେତନତା ଶିବିର, ସ୍ଥାନ: ଖଟାଲ ବସ୍ତି, ମାଲଗୋଦାମ, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାମୀ ଶିବାନନ୍ଦ ଜୟନ୍ତୀ, ସ୍ଥାନ: ଛେଣ୍ଡ ଶିବାନନ୍ଦ ଆଶ୍ରମ, ସମୟ: ସକାଳ ୯ଟା ୩୦।
- ନନ୍ଦଗାଁରେ ଛପନ ଭୋଗ ସମାରୋହ, ସ୍ଥାନ: ସେକ୍ଟର–୧୪, ନନ୍ଦଗାଁ, ସମୟ: ଅପରାହ୍ନ ୩ଟା।

## ଦେବଗଡ଼

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ବାରକୋଟ ବ୍ଲକ, ଦେବଗଡ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀଶ୍ରୀ ଗଣେଶ ପୂଜାରମ୍ଭ, ସ୍ଥାନ: ଗଣେଶ ପୂଜା ମଣ୍ଡପ, ଦେବଗଡ, ସମୟ: ପୂର୍ବାହ୍ନ ୧୦ଟା।
- ଗଣେଶ ମେଳା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶା ସଂସ୍କୃତି ବିଭାଗ ଦ୍ୱାରା ପ୍ରଯୋଜିତ, ପାରମ୍ପରିକ କଳା ନୃତ୍ୟ କଟକ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ଅପରାହ୍ନ ୩ଟା ୩୦।
- ଗଣେଶ ମେଳା ଅବସରରେ କଂସ ଦରବାର, ସ୍ଥାନ: ଦେବଗଡ ସହର, ସମୟ: ଅପରାହ୍ନ ୪ଟା।
- ଗଣେଶ ମେଳା ଅବସରରେ ଭଜନ ସନ୍ଧ୍ୟା, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ସନ୍ଧ୍ୟା ୬ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ ସହର, ସମୟ: ସନ୍ଧ୍ୟା ୭ଟା।
- ଗଣେଶ ମେଳା ଅବସରରେ ମେଲଡ଼ି ସୁର୍ ସାରେଗାମା, କଟକ, ସ୍ଥାନ: ଗୋପବନ୍ଧୁ ଛକ, ଦେବଗଡ, ସମୟ: ସନ୍ଧ୍ୟା ୮ଟା।
- ଗଣେଶ ମେଳା ଅବସରରେ ପ୍ରି ଶୋ' ଅପେରା, ନ୍ୟୁ ବାଦଲ, ଢେଙ୍କାନାଳ, ସ୍ଥାନ: ଗୋପାଳଜୀ ମନ୍ଦିର, ପଡିଆ, ସମୟ: ରାତ୍ରି ୧୧ଟା।
- ଗଣେଶ ମେଳା ଅବସରରେ ଟିକେଟ ଶୋ' ଅପେରା ଯାତ୍ରା, ଯାଜ୍ଞାସିନି, ସ୍ଥାନ: ପ୍ରଧାନପାଟ ରୋଡ଼, ବଡବଗିଚା, ସମୟ: ରାତ୍ରି ୧୧ଟା।

## ନୂଆପଡ଼ା

- ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ, ସ୍ଥାନ: ରାଜୀବ ଗାନ୍ଧୀ ମିନି ଷ୍ଟାଡିୟମ ତରବୋଡ, ସମୟ: ଅପରାହ୍ନ ୩ଟା।
- ଗଣେଶ ମୂର୍ତ୍ତି ଭଷାଣି, ସ୍ଥାନ: ଗୋଦାମ ଛକ ତରବୋଡ, ସମୟ: ଅପରାହ୍ନ ୪ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବିନାମନ୍ତ୍ରିତ ଭାବରେ କେଉଁଠିକୁ ଯିବା କିମ୍ବା କିଛି ପଚାରିବା ପୂର୍ବରୁ କହିବା ଠିକ୍ ହେବନାହିଁ। ଶତ୍ରୁତା ଲାଗି ରହିଥିବାରୁ ଅଧିକାଂଶ ସମୟ ମନ ଅସ୍ଥିର ରହିପାରେ। ଗୃହ ସମସ୍ୟା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ। ପାରିବାରିକ ଜୀବନରେ ଉତ୍ଥାନ ପତନ ଲାଗି ରହିବା ହେତୁ ଚିନ୍ତିତ ହେବେ।

**ବୃଷ** କର୍ମକ୍ଷେତ୍ରରେ ମନ ବୁଝିଲା ଭଳି କଥା କହି ବନ୍ଧୁଙ୍କୁ ଆପଣାଇନେବେ। ବନ୍ଧୁଙ୍କ ସହାୟତାରେ କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବ। ଜମିବାଡ଼ି କ୍ରୟ କରିବା କିମ୍ବା ଶିଳ୍ପ, ବାଣିଜ୍ୟ ସକାଶେ ମୋଟା ଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ। ସନ୍ତାନଙ୍କ ସ୍ୱାସ୍ଥ୍ୟହାନି ଓ ଚିଡ଼ିଚିଡ଼ା ସ୍ୱଭାବ ଯୋଗୁ ବିଚଳିତ ରହିପାରନ୍ତି।

**ମିଥୁନ** ପରିବାରର ଖର୍ଚ୍ଚ ବୃଦ୍ଧି ଯୋଗୁ ମନରେ ସରସତା ରହିବ ନାହିଁ। ପ୍ରଶାସନିକ କ୍ଷେତ୍ରରେ ସବୁ କିଛି ଶେଷ ସମୟରେ ଓଲଟପାଲଟ ହୋଇଯିବା ଆଶଙ୍କା ରହିଛି। ଆଇନର ସହାୟତା ସପକ୍ଷରେ ଯିବାରୁ ମାଲିମକଦ୍ଦମାରେ ସ୍ଥିତି ଅନୁକୂଳ ହେବ। ଗବେଷଣା, ଅନୁସନ୍ଧାନ, କୃଷି, ବାଣିଜ୍ୟ ଓ ରାଜନୀତିରେ ଚେଷ୍ଟା ସଫଳ ହେବ।

**କର୍କଟ** ଯେତେ ଭଲ କାମ କଲେ ମଧ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ଦ୍ୱାରା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେବ। ଶତ୍ରୁତା ଲାଗିରହୁଥିବାରୁ ପ୍ରତ୍ୟେକ କ୍ଷେତ୍ରରେ ସତର୍କରେ ନ ଚଳିଲେ ଅନୁତପ୍ତ ହେବେ। ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇ ନାସ୍ତିବାଣୀ ଶୁଣାଇବାରୁ ସମ୍ପର୍କହାନି ଘଟିବ।

**ସିଂହ** ଗୁରୁଜନଙ୍କ ପରାମର୍ଶରେ ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବ ଓ ଅଭିଳଷିତ କାର୍ଯ୍ୟ ହାସଲ କରିବେ। ବନ୍ଧୁଙ୍କ କଥାରେ ପ୍ରଭାବିତହୋଇ କୌଣସି ଭୁଲ୍ କାମ କରିପାରନ୍ତି। ବ୍ୟବସାୟ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିପାରନ୍ତି। ଆତ୍ମୀୟଙ୍କ ପରାମର୍ଶରେ ମାଙ୍ଗଳିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିପାରନ୍ତି।

**କନ୍ୟା** ଯେତେ ଚେଷ୍ଟାକଲେ ମଧ ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଅନୁଭବ କରିବେ। ପିଲାଙ୍କ କୃତିତ୍ୱ ସକାଶେ ମାନସିକ ସ୍ତରରେ ଗର୍ବ ଅନୁଭବ କରିପାରନ୍ତି। କୌଣସି ବନ୍ଧୁମିଳନରେ ଦୀର୍ଘଦିନରୁ ଭାଙ୍ଗିପଡ଼ିଥିବା ସମ୍ପର୍କ ପୁଣି ଯୋଡ଼ିହୋଇଯିବ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି।

**ତୁଳା** ଖଳଲୋକଙ୍କ ଦ୍ୱାରା ପ୍ରାୟୋଜିତ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ପରିବାରରେ ଅର୍ଥ ସମ୍ପର୍କକୁ କେନ୍ଦ୍ରକରି ତର୍କର ସମ୍ମୁଖୀନ ହୋଇପାରନ୍ତି। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ଆତ୍ମୀୟମାନଙ୍କ ସହ ସୁସମ୍ପର୍କ ବ୍ୟାହତହେବା ଆଶଙ୍କା ରହିଛି।

**ବିଛା** ଆଜି ରଚନାତ୍ମକ କାର୍ଯ୍ୟରୁ ତଥା କଳା, ସାହିତ୍ୟରେ ଓ ଅଭିନୟ ଜଗତରୁ ପ୍ରଶଂସା ପାଇବେ। ଅପରାହ୍ନ ସମୟରେ ଅସାବଧାନତାରୁ ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। କର୍ମକ୍ଷେତ୍ରର ବିବାଦୀୟ ଘଟଣାରେ ଯେଉଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ। ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ରକରି ବିତର୍କର ସମ୍ମୁଖୀନ ହେବେ।

**ଧନୁ** ବୃଥା ସନ୍ଦେହ ଓ ଭୁଲ୍ ବୁଝାମଣା କାରଣରୁ ଛୋଟ କଥାରୁ କଳହ ଲାଗିପାରେ। ପରିବାରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଅନ୍ୟମନସ୍କତା କାରଣରୁ ଯାତ୍ରା ସମୟରେ ସତର୍କ ନ ହେଲେ ଠକାମିରେ ପଡ଼ିପାରନ୍ତି। ସାମାଜିକ ସ୍ତରରେ କେତେକ ନୂତନ କାମର ପରିକଳ୍ପନାକରି ପ୍ରଶଂସିତ ହେବେ।

**ମକର** ଆପଣଙ୍କ ଦୂରଦର୍ଶିତା କାରଣରୁ ଚିନ୍ତା ଓ କଳ୍ପନା ବାସ୍ତବତାରେ ପରିଣତ ହେବ। ପ୍ରତିଦ୍ୱନ୍ଦ୍ୱିତା ଅଥବା ଦୀର୍ଘ ଦିନରୁ ଲାଗି ରହିଥିବା ବିବାଦୀୟ ଘଟଣାରେ ବିଜୟୀ ହୋଇପାରନ୍ତି। କର୍ମକ୍ଷେତ୍ରରେ ମନକୁ ପାଇଲା ଭଳି କଥା କହି ପରିସ୍ଥିତିକୁ ହାଲୁକା କରିବେ। ସନ୍ତାନହେତୁକ ଆଘାତ ପାଇବେ କିମ୍ବା ସହକର୍ମୀଙ୍କ ସହ ହୃତ୍‌ସମ୍ପର୍କ ପୁନଃ ପ୍ରତିଷ୍ଠିତ ହେବ।

**କୁମ୍ଭ** ଆଜି ଆପଣଙ୍କ ସକାଶେ ଯାତ୍ରା ଓ ନୂତନ କର୍ମାରମ୍ଭ ପାଇଁ ଅନୁକୂଳ ଫଳ ପ୍ରଦାନ କରିବ। ମାତ୍ର ଆତ୍ମୀୟ ମାନଙ୍କ ସମ୍ବନ୍ଧରେ ହଠାତ୍ କୌଣସି ଘଟଣା ମନକୁ ବିବ୍ରତ କରିପାରେ। ଜମିଜମା ସମସ୍ୟା କ୍ରମଶଃ ଜଟିଳ ହେବ, ମାତ୍ର ତାହା ଅସ୍ଥାୟୀ ଭଳି ମନେକରିପାରନ୍ତି। ବାଣିଜ୍ୟ, ବ୍ୟବସାୟରୁ ଲାଭବାନ୍ ହେବେ, କିନ୍ତୁ ପ୍ରତିଦ୍ୱନ୍ଦ୍ୱିତା କମିବ ନାହିଁ।

**ମୀନ** ସାମଗ୍ରିକ ଦୃଷ୍ଟିକୋଣରୁ ଦିନଟି ପ୍ରୀତିପ୍ରଦ ରହିବ ଓ ମନ ଅନୁଯାୟୀ କାମ ହାସଲ କରିବେ। ବନ୍ଧୁଙ୍କ ସାହାଯ୍ୟରୁ ପାରିବାରିକ ସମସ୍ୟା ସମାଧାନ ହେବ। ଅସୁବିଧା ନ ଥିଲେ ମଧ ଅଫିସିଆଲି ସମସ୍ୟା କାରଣରୁ ମନରେ ସ୍ଥିରତା ରହି ନ ପାରେ। ଅସହିଷ୍ଣୁ ମନୋଭାବରୁ ବିରୋଧୀ ପକ୍ଷ ସକ୍ରିୟ ହେବେ। ଅର୍ଥ ସଙ୍କଟ ପରିବାରିକ କାମର ଗତିରୋଧ କରିପାରେ।

ଆଜି ସେପ୍ଟେମ୍ବର ୧୦ ତାରିଖ, ବିଶ୍ୱ ଆତ୍ମହତ୍ୟା ନିରୋଧୀ ଦିବସ, ଭାଦ୍ରବ ଶୁକ୍ଳ ପକ୍ଷର ଲଳିତା ସପ୍ତମୀ ମଙ୍ଗଳବାର, ଶ୍ରୀମନ୍ଦିରରେ କେକେଶୀବଧ ପ୍ରସ୍ତାବ, କକ୍କୁଟୀବ୍ରତ। ରାଶିନକ୍ଷତ୍ର–ଅନୁରାଧା/ବିଛା, ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୮। ୪୦ ଗତେ, ଘ.୧୦।୩୦ ମଧ୍ୟେ, ଘ.୧୨।୫୬ ଗତେ, ଘ.୦୧।୧୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୪୬ ଗତେ, ଘ.୦୪।୧୮ ମଧ୍ୟେ ରାହୁକାଳ।

## ପ୍ରବଳ ବର୍ଷା:...

**ପ୍ରଥମ ପୃଷ୍ଠାରୁ...**

ଘୋଷଣା କରିଛନ୍ତି। ଏଥିସହ ସମସ୍ତ ଅଙ୍ଗନୱାଡି କର୍ମୀ କେନ୍ଦ୍ରରେ ଉପସ୍ଥିତ ରହି ଶିଶୁଙ୍କୁ ଶୁଖିଲା ଖାଦ୍ୟ ଯୋଗାଇଦେବେ। କୌଣସି ଜରୁରୀ ପରିସ୍ଥିତି ପାଇଁ ସୁପରଭାଇଜର, ସିଡିପିଓ ଏବଂ ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ଅଙ୍ଗନୱାଡି କର୍ମୀମାନେ ଯୋଗାଯୋଗ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଜିଲା ପ୍ରଶାସନର ତଥ୍ୟ ଅନୁଯାୟୀ, ସୋମବାର ଜିଲାର ମୋଟୁ, ପୋଟେରୁ, ଏମ୍‌ଭି ୧୬, ବଦିଲି, ଏମ୍‌ଭି ୭, ଏମ୍‌ଭି ୩, ମାଲକାନଗିରି ପୌର ପରିଷଦ ୱାର୍ଡ ନଂ. ୩ ଓ ୮, ଉଣ୍ଡୁକୋଣ୍ଡା ଓ ଏମ୍‌ଭି ୫୭ ଆଦି ଗ୍ରାମ ବିଶେଷ ପ୍ରଭାବିତ ହୋଇଛି। ସେହିପରି ବନ୍ୟା ଘେରରେ ଥିବା ବିଭିନ୍ନ ଅଞ୍ଚଳରୁ ୫୩ ଜଣଙ୍କୁ ଓଡ୍ରାଫ୍ ଓ ଅଗ୍ନିଶମ ବିଭାଗ ଉଦ୍ଧାର କରିଥିବା ବେଳେ ୧୭ ଶହ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛି। ବନ୍ୟା ଯୋଗୁ ଜିଲାରେ ୧୧ କଚାଘର ଭାଙ୍ଗିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ବେଳେ ପ୍ରଶାସନ ତରଫରୁ ଥଇଥାନ ନିମନ୍ତେ ୧୨ ଅସ୍ଥାୟୀ ଆଶ୍ରୟସ୍ଥଳୀ ଖୋଲାଯାଇ ପ୍ରଭାବିତ ଲୋକଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ମୁକାବିଲା ପାଇଁ ଜିଲା ପ୍ରଶାସନ ତରଫରୁ ୫ଟି ସ୍ଥାନ ମାନ୍ଦାପାଲ୍ଲୀ, ଭେଜାଙ୍ଗିବାଡ଼ା, କୃସୁବାଡା, ବଦଲି ଓ ତମସାଠାରେ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ବର୍ଷାରେ ଭାଙ୍ଗିଥିବା ଘର, କ୍ଷତି ହୋଇଥିବା ଚାଷଜମି ଇତ୍ୟାଦିର ତଥ୍ୟ ସଂଗ୍ରହ ପରେ ୭ ଦିନ ମଧ୍ୟରେ କ୍ଷତିପୂରଣ ପାଇଁ ସରକାରଙ୍କୁ ଅବଗତ କରାଯିବ ବୋଲି ଜିଲା ପ୍ରଶାସନ ତରଫରୁ ସୂଚନା ଦିଆଯାଇଛି। ରାଜସ୍ୱ ବିଭାଗ ଦ୍ୱାରା କ୍ଷୟକ୍ଷତି ଆକଳନ ଜାରି ରହିଛି।

ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ଅର୍ଥାତ୍ ସୋମବାର ସକାଳ ୮ ଟା ସୁଦ୍ଧା ମାଲକାନଗିରି ବ୍ଲକ୍‌ରେ ୨୫୩ମି.ମି. ବର୍ଷା ହୋଇଥିବା ବେଳେ ମାଥିଲି ବ୍ଲକ୍ ୧୫୦ ମି.ମି., ଖଇରପୁଟ ବ୍ଲକ୍ ୨୧୭ ମି.ମି., ଚିତ୍ରକୋଣ୍ଡା ବ୍ଲକ୍ ୨୨୫ ମି.ମି., କୋରୁକୋଣ୍ଡା ବ୍ଲକ୍ ୨୦୦ମି.ମି., କାଲିମେଳା ବ୍ଲକ୍ ୧୨୭ ମି.ମି., ପଡ଼ିଆ ବ୍ଲକ୍‌ରେ ୯୮ମି.ମି. ବର୍ଷା ରେକର୍ଡ କରାଯାଇଛି। ଜିଲାରେ ମୋଟ ୧୨୭୦ ମି.ମି.ବର୍ଷା ହୋଇଥିବା ବେଳେ ହାରାହାରି ୧୮୧.୪୨ ମି.ମି. ବର୍ଷା ରେକର୍ଡ କରାଯାଇଛି।

ଚିତ୍ରକୋଣ୍ଡା ମଧ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ମାଲକାନଗିରିରୁ ଚିତ୍ରକୋଣ୍ଡା ଯିବା ରାସ୍ତା ଚିତ୍ରକୋଣ୍ଡା ଘାଟି ଉପର ଭଲ୍‌ବ ହାଉସ ନିକଟରେ ମାଟି ଅତଡ଼ା ଖସି ରାସ୍ତା ଅବରୋଧ ହୋଇଥିବାରୁ ଯାତାୟାତ ଠପ୍ ହୋଇଯାଇଛି। ସେହିପରି ଜିଲାର ବିଭିନ୍ନ ସ୍ଥାନରେ ଗଛ ଉପୁଡି ରାସ୍ତା ଅବରୋଧ ହେବା ସହ କେତେଜଣ ଲୋକଙ୍କ ଘର କାନ୍ଥ ଭାଙ୍ଗିଯାଇଥିବା ଦେଖିବାକୁ ମିଳିଛି। ଜିଲା ପ୍ରଶାସନ ପକ୍ଷରୁ ପ୍ରଭାବିତ ଉପକୂଳବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇ ସେମାନଙ୍କ ଖାଦ୍ୟପେୟ ଯୋଗାଇ ଦିଆଯାଉଛି। ଜିଲା ଅଗ୍ନିଶମ ଏବଂ ଓଡ୍ରାଫ୍ ଟିମ୍ ମଧ ସମସ୍ତ ଅଞ୍ଚଳରେ ସଜାଗ ରହିବା ସହ ଯେପରି କୌଣସି ଅଘଟଣ ନ ଘଟେ ସେଥିପ୍ରତି ସଜାଗ ରହିଛି। ଏଥିସହ ଏମ୍‌ଭି ୪୦ ଗ୍ରାମରେ ଏକ ଛାତ ଉପରେ ୩ ଶ୍ରମିକ ଜଳବନ୍ଦୀ ହୋଇ ଫସି ରହିଥିବା ଖବରପାଇ ସେମାନଙ୍କୁ ଓଡ୍ରାଫ ଟିମ୍ ଉଦ୍ଧାର କରିଛି। ସୂଚନାଯୋଗ୍ୟ, ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲାରେ ସମସ୍ତ ସ୍କୁଲ ଓ ଅଙ୍ଗନୱାଡ଼ି କେନ୍ଦ୍ର ଲାଗି ଛୁଟି ଘୋଷଣା କରାଯାଇଛି।

## ପ୍ରସ୍ତୁତ ରହିବାକୁ...

ମଧ ପ୍ରଭାବିତ ହୋଇଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଏସ୍‌ଆର୍‌ସି(ସ୍ୱତନ୍ତ୍ର ରିଲିଫ କମିଶନର)ଙ୍କ ସମେତ ଦୁଇ ଜିଲାର ଜିଲାପାଳଙ୍କୁ ତୁରନ୍ତ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ରାଜସ୍ୱ ମନ୍ତ୍ରୀଙ୍କୁ ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଥିସହିତ ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରବଳ ବର୍ଷାର ସମ୍ଭାବନା ଥିବାରୁ ଜିଲାପାଳମାନଙ୍କୁ ପ୍ରାକ୍ ପ୍ରସ୍ତୁତି ସହ ସଜାଗ ରହିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରିର ସ୍ଥିତି ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ନେବା ସହ ଜିଲା ପ୍ରଶାସନକୁ ସହଯୋଗ କରିବା ପାଇଁ ଅଗ୍ନିଶମ ସେବା ଓ ଗୃହରକ୍ଷୀ ବାହିନୀ ମହାନିର୍ଦ୍ଦେଶକ ସୁଧାଂଶୁ ଷଡ଼ଙ୍ଗୀ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ବିଷ୍ଣୁପଦ ସେଠୀ ମାଲକାନଗିରି ଅଭିମୁଖେ ଗସ୍ତ କରିଛନ୍ତି।

## ଲଘୁଚାପ ବିପତ୍ତି:...

ଯୋଗୁ ପ୍ରଭାବିତ ହୋଇଛି। ଲଘୁଚାପଜନିତ ବର୍ଷାକୁ ଦେଖି ୭ ଜିଲାରେ ୧୮ଟି ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଛି। ମାଲକାନଗିରିରେ ୬ଟି ଓଡ୍ରାଫ୍ ଟିମ୍ ମୁତୟନ କରାଯାଇଥିବାବେଳେ ଜୟପୁର ୨, ରାୟଗଡ଼ା ୨, କନ୍ଧମାଳ ୨, ବୌଦ୍ଧ ୨ ଏବଂ ବଲାଙ୍ଗୀରରେ ୨ଟି ଟିମ୍ ମୁତୟନ କରାଯାଇଛି। ଆହୁରି ୧୨ଟି ଟିମ୍ ପ୍ରସ୍ତୁତ ରଖାଯାଇଛି। ସେହିପରି ଗଞ୍ଜାମ, ପୁରୀ, ଖୋର୍ଦ୍ଧା ଏବଂ ନୟାଗଡ ଜିଲାରେ ୬ଟି ଏନ୍‌ଡିଆର୍‌ଏଫ୍ ଟିମ୍ ମୁତୟନ କରାଯାଇଛି। ଭୁବନେଶ୍ୱର ଓ କଟକକୁ ବର୍ଷା ଜଳରୁ ରକ୍ଷା କରିବା ପାଇଁ ୪୦ଟି ପମ୍ପ ପ୍ରସ୍ତୁତ ରଖାଯାଇଛି।

ମାଲକାନଗିରି ସ୍ଥିତି ତଦାରଖ ପାଇଁ ୨ ବରିଷ୍ଠ ଅଧିକାରୀ ଆଇଏଏସ୍ ଅଫିସର ତଥା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଚିବ ବିଷ୍ଣୁପଦ ସେଠୀ ଓ ଅଗ୍ନିଶମ ତଥା ହୋମଗାର୍ଡ ଡିଜି ସୁଧାଂଶୁ ଷଡ଼ଙ୍ଗୀଙ୍କୁ ଦାୟିତ୍ୱ ଦିଆଯାଇଛି। ଦକ୍ଷିଣ ଓଡ଼ିଶାରେ ସ୍ଥିତି ସୁଧୁରିବା ନେଇ ଏସ୍‌ଆର୍‌ସି ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗଭୀର ଅବପାତ ଦୁର୍ବଳ ହୋଇ ମଙ୍ଗଳବାର ଅବପାତରେ ପରିଣତ ହେବ। ଏହାର ପ୍ରଭାବରେ ଗଞ୍ଜାମ, କନ୍ଧମାଳ, ନୟାଗଡ, ଖୋର୍ଦ୍ଧା, ବଲାଙ୍ଗୀର, ବୌଦ୍ଧ, ମାଲକାନଗିରି, କୋରାପୁଟ, ନବରଙ୍ଗପୁର ଏବଂ ପୁରୀ ଜିଲାରେ ଅତି ପ୍ରବଳ ବର୍ଷା ହୋଇପାରେ। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ସମ୍ପୃକ୍ତ ଜିଲାଗୁଡ଼ିକୁ ରେଡ୍ ୱାର୍ନିଂ ଜାରି କରାଯାଇଛି। ଏଥିସହିତ ଏହି ସମୟରେ ରାଜ୍ୟର ୧୪ ଜିଲାରେ ମଧ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଏ ସବୁ ଜିଲା ପାଇଁ ଏଲୋ ୱାର୍ନିଂ ଜାରି କରାଯାଇଛି। ଲଘୁଚାପକୁ ଦୃଷ୍ଟିରେ ରଖି ଆସନ୍ତା ୧୧ ତାରିଖ ଯାଏ ସମୁଦ୍ର ମଧକୁ ନ ଯିବାକୁ ମତ୍ସ୍ୟଜୀବୀଙ୍କୁ ପରାମର୍ଶ ଦିଆଯାଇଛି। ଆସନ୍ତା ୧୨ ତାରିଖରେ ରାଜ୍ୟରେ ବର୍ଷାର ପରିମାଣ ସାମାନ୍ୟ ହ୍ରାସ ପାଇବ। ୧୩ ତାରିଖରୁ ୧୫ ତାରିଖ ଯାଏ ଦକ୍ଷିଣ ଓଡ଼ିଶାର କେତେକ ଜିଲାରେ ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଇଛି। ଦକ୍ଷିଣ ଚାଇନା ସମୁଦ୍ରରେ ସୃଷ୍ଟି ହୋଇଥିବା ବାତ୍ୟା ଡିପ୍ ଡିପ୍ରେସନ୍‌ରେ ପରିଣତ ହୋଇ ବାଂଲାଦେଶ ଉପରେ ରହିଛି। ଏହା ଉତ୍ତର ପଶ୍ଚିମ ଦିଗକୁ ଗତି କରୁଛି। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଏହା ଝାଡ଼ଖଣ୍ଡ ଉପର ଦେଇ ଅତିକ୍ରମ କରିପାରେ। ସେଠାରେ ଥିବା ଲଘୁଚାପ ସହ ସମ୍ମିଳିତ ହୋଇ ଛତିଶଗଡ ଓ ଝାଡଖଣ୍ଡରେ ପ୍ରବଳ ବର୍ଷା କରାଇବା ସମ୍ଭାବନା ରହିଛି। ଏଥିଯୋଗୁ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ନଦୀରେ ବନ୍ୟା ଆଶଙ୍କା ଦେଖାଦେଇପାରେ ବୋଲି ପାଣିପାଗ ବିଶେଷଜ୍ଞ ଶରତ ସାହୁ କହିଛନ୍ତି।

## ଇଲିଶି ବନ୍ଦ...

ସାଧାରଣତଃ ଖିଚିଡ଼ି ସହ ଇଲିଶି ଖାଇବାକୁ ପସନ୍ଦ କରିଥାନ୍ତି। ଗତବର୍ଷ ପାର୍ବଣ ଋତୁରେ ଭାରତ ବାଂଲାଦେଶରୁ ୪ ହଜାର ଟନ୍ ଇଲିଶି ଆମଦାନୀ କରିଥିଲା। ତେବେ ବାଂଲାଦେଶୀ ଇଲିଶିର ରପ୍ତାନି ବନ୍ଦ ହୋଇଯିବାରୁ ଏବେ ଦେଶରେ ଏହାର ଯୋଗାଣ କମ୍ ହେବ ବୋଲି ମତ୍ସ୍ୟ ବ୍ୟବସାୟୀମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଦୁର୍ଗାପୂଜା ପୂର୍ବରୁ ଦେଶରେ ଇଲିଶିର ଅଭାବ ଦେଖାଦେବା ସହ ଏହାର ମୂଲ୍ୟ ୨ ଗୁଣା ପର୍ଯ୍ୟନ୍ତ ବୃଦ୍ଧି ପାଇବ ବୋଲି ସେମାନେ ଆକଳନ କରିଛନ୍ତି। ବିଶ୍ୱର ପ୍ରାୟ ୭୦% ଇଲିଶି ବାଂଲାଦେଶରେ ଉତ୍ପାଦନ ହୋଇଥାଏ। ଏହା ବାଂଲାଦେଶର ରାଷ୍ଟ୍ରୀୟ ମାଛ ମଧ ପରିଚିତ। ତେବେ ଚଳିତଥର ପାର୍ବଣ ପୂର୍ବରୁ ଭାରତକୁ ଇଲିଶି ରପ୍ତାନି ନ କରି ବାଂଲାଦେଶ ଦୀର୍ଘବର୍ଷର ପରମ୍ପରାକୁ ଭଙ୍ଗ କରିଛି। ଭାରତ ଓ ବାଂଲାଦେଶ ମଧ୍ୟରେ ଚାଲି ଆସୁଥିବା ଏହି ସୌହାର୍ଦ୍ଦ୍ୟପୂର୍ଣ୍ଣ ପଦକ୍ଷେପକୁ ବନ୍ଦ କରିବାକୁ ବାଂଲାଦେଶ ସେନା ସମର୍ଥିତ ନୂତନ ଅନ୍ତରୀଣ ସରକାର ନିଷ୍ପତ୍ତି ନେଇଛନ୍ତି। ଏକ ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ବାଂଲାଦେଶର କଟକଣା ସତ୍ତ୍ୱେ ଭାରତୀୟ ବଜାରରେ ବାଂଲାଦେଶୀ ଇଲିଶି ବିକ୍ରି ହେଉଛି। ମ୍ୟାନ୍‌ମାରର ଦେଇ ଏହି ଇଲିଶି ଭାରତକୁ ଆସୁଛି। ତେଣୁ ଏବେ ଏହି ଇଲିଶର ଦର ପୂର୍ବ ଅପେକ୍ଷା ବୃଦ୍ଧି ପାଇଛି। ଉକ୍ତ ରିପୋର୍ଟରେ ପୁଣି କୁହାଯାଇଛି, ଦୁର୍ଗାପୂଜା ସମୟରେ ବାଂଲାଦେଶୀ ଇଲିଶି ଭାରତୀୟ ବଜାରରେ ଉପଲବ୍ଧ ରହିବ କିନ୍ତୁ ଯୋଗାଣଜନିତ ସମସ୍ୟା ହେତୁ ଏହାର ମୂଲ୍ୟରେ ଯଥେଷ୍ଟ ବୃଦ୍ଧି ଘଟିବ।

## ସନ୍ଦିଗ୍ଧଙ୍କୁ ଯାଞ୍ଚ, ପରୀକ୍ଷା...

ହସ୍ପିଟାଲଗୁଡ଼ିକରେ ଆଇସୋଲେଶନ ସୁବିଧା, ଆବଶ୍ୟକ ଲଜିଷ୍ଟିକ୍ସ ଏବଂ ପ୍ରଶିକ୍ଷିତ ମାନବ ସମ୍ବଳ ଆଦିର ସମୀକ୍ଷା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଇଣ୍ଟିଗ୍ରେଟେଡ୍ ଡିଜିଜ୍ ସର୍ଭିଲାନ୍ସ ପ୍ରୋଗ୍ରାମ (ଆଇଡିଏସ୍‌ପି) ଅଧୀନରେ ରାଜ୍ୟ ଏବଂ ଜିଲାସ୍ତରରେ ସର୍ଭିଲାନ୍ସ ୟୁନିଟ୍‌ଗୁଡ଼ିକର ସମସ୍ତ ଷ୍ଟେକ୍‌ହୋଲ୍ଡରଙ୍କୁ ସନ୍ଦିଗ୍ଧ ରୋଗୀ ଚିହ୍ନଟ, ସେମାନଙ୍କ ସଂସ୍ପର୍ଶରେ ଆସିଥିବା ଲୋକଙ୍କୁ ଚିହ୍ନଟ ଓ ଅନ୍ୟାନ୍ୟ ସର୍ଭିଲାନ୍ସ କାର୍ଯ୍ୟ ସମ୍ପର୍କରେ ଅଭ୍ୟସ୍ତ କରାଇବାକୁ କୁହାଯାଇଛି। ମଙ୍କିପକ୍ସ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା, ଏହା କିଭଳି ବ୍ୟାପୁଛି ତାହା ବୁଝାଇବା, ଠିକ୍ ସମୟରେ ରିପୋର୍ଟିଂ ଓ ଆବଶ୍ୟକ ପ୍ରତିକାର ପଦକ୍ଷେପ ନେବାକୁ ରାଜ୍ୟଗୁଡ଼ିକୁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି।

## ଭୟଭୀତ ନ ହେବାକୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ପରାମର୍ଶ

ଭୁବନେଶ୍ୱର,୯।୯(ବନ୍ଦନା ସେଠୀ)

ଦେଶରେ ମଙ୍କିପକ୍ସ ରୋଗୀ ଚିହ୍ନଟ ହେବା ପରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ମଙ୍କିପକ୍ସକୁ ନେଇ ସ୍ୱାସ୍ଥ୍ୟ ବିଭାଗ ସମ୍ପୂର୍ଣ୍ଣ ସଜାଗ ରହିଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର ସୂଚନା ଦେଇଛନ୍ତି। ସେ କହିଛନ୍ତି, ମଙ୍କିପକ୍ସକୁ ନେଇ କେହି ଭୟଭୀତ ହେବାର ଆବଶ୍ୟକତା ନାହିଁ। ଏନେଇ ଦେଶର ସମସ୍ତ ପ୍ରବେଶ ପଥରେ ଆଲର୍ଟ ଜାରି କରାଯାଇଛି। ଇଣ୍ଟରନ୍ୟାଶନାଲ ଟ୍ରାଭେଲ ହିଷ୍ଟ୍ରି ଦେଖାଯିବା ସହ ପ୍ରଭାବିତ ଅଞ୍ଚଳରୁ ଯେଉଁମାନେ ଭାରତକୁ ଆସୁଛନ୍ତି ଓ ସେମାନଙ୍କଠାରେ ମଙ୍କିପକ୍ସ ଲକ୍ଷଣ ଦେଖାଯାଉଛି, କେନ୍ଦ୍ର ସରକାରଙ୍କ ପକ୍ଷରୁ ସେମାନଙ୍କୁ ଆଇସୋଲେଟ କରାଯାଇ ରଖାଯିବାର ବ୍ୟବସ୍ଥା ହୋଇଛି। ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଏଥିସହ ଅନ୍ତର୍ଜାତୀୟ ବିମାନବନ୍ଦରରେ ରୋଗୀ ଚିହ୍ନଟ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ପ୍ରୋଟୋକଲ ହିସାବରେ ପରୀକ୍ଷା କରାଯାଉଛି। ମଙ୍କିପକ୍ସକୁ ଏଡାଇବାକୁ ହେଲେ ଡାଇରେକ୍ଟ କଣ୍ଟାକ୍ଟ ବା ରୋଗୀଙ୍କ ସହ ସିଧାସଳଖ ସଂସ୍ପର୍ଶରେ ନ ଆସିବା ଦରକାର। ଏହାର ଲକ୍ଷଣ ଜ୍ୱର ସହିତ ଘିମିରିରୁ ଆରମ୍ଭ ହୋଇ ପାଣିଫୋଟକା ପରି ଶରୀରରେ ଚିହ୍ନ ହୋଇଥାଏ ବୋଲି ଡା. ମହାପାତ୍ର କହିଛନ୍ତି।

## ସାପ କାମୁଡ଼ାରେ...

ପ୍ରସ୍ତୁତି ଶେଷ ହୋଇଥିଲା। ସକାଳେ ସପରିବାର ନୂଆଁ ଖାଇଥାନ୍ତେ। କିନ୍ତୁ ଦଇବ ସାଜିଲା ଭଗାରି। ରବିବାର ରାତିରେ ଶୈଳେନ୍ଦ୍ରଙ୍କ ପରିବାର ଲୋକେ ଖାଇ ସାରି ତଳେ ଶୋଇ ପଡ଼ିଥିଲେ। ଏହି ସମୟରେ ଘର ଭିତରକୁ ଏକ ବିଷଧର ସାପ ପଶି ଆସି ପ୍ରଥମେ ଶୈଳେନ୍ଦ୍ରଙ୍କ ସାନଝିଅ ସୁରଭି ମଲ୍ଲିକ(୩)ଙ୍କୁ କାମୁଡ଼ି ଦେଇଥିଲା। ଏହାପରେ ବଡ଼ ଝିଅ ସ୍ମୃତିରେଖା (୧୨) ଓ ତା'ପରେ ମଝିଆ ଝିଅ ଶୁଭରେଖା (୯)ଙ୍କୁ କାମୁଡ଼ିଦେଇଥିଲା। ଶେଷରେ ଶୈଳେନ୍ଦ୍ରଙ୍କୁ ମଧ ସାପ ଦଂଶନ କରିଥିଲା। ଶୈଳେନ୍ଦ୍ର ନିଦରୁ ଉଠି ପଡ଼ି କ'ଣ କାମୁଡ଼ିଦେଲା ଜାଣିବା ପାଇଁ ଲାଇଟ ଲଗାଇଥିଲେ। ଏହି ସମୟରେ ଏକ ସାପ ଘର ଭିତରେ ଥିବାର ସେ ଦେଖିବାକୁ ପାଇଥିଲେ। ତାଙ୍କ ସହ ନିକଟରେ ଶୋଇଥିବା ଝିଅମାନଙ୍କୁ ସାପ କାମୁଡ଼ି ଦେଇଥିବା ଦେଖି ପାଟି କରିବାରୁ ଅନ୍ୟମାନେ ଉଠି ପଡ଼ିଥିଲେ। ପରିବାର ଲୋକ ଓ ଗ୍ରାମବାସୀଙ୍କ ସହାୟତାରେ ସଙ୍ଗେ ସଙ୍ଗେ ୩ ଝିଅ ଓ ଶୈଳେନ୍ଦ୍ରଙ୍କୁ ନିକଟସ୍ଥ ଗୁଣିଆ ନିକଟକୁ ନିଆଯାଇ ଝଡ଼ାଫୁଙ୍କା କରାଯାଇଥିଲା। ତେବେ ସମସ୍ତେ ଗୁରୁତର ହୋଇପଡ଼ିବାରୁ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ୩ ନାବାଳିକା ଝିଅଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ହସ୍ପିଟାଲରେ କିଛି ସମୟ ପାଇଁ ଲୋକଙ୍କ ଭିଡ଼ ଜମିଥିଲା। ଅନ୍ୟପକ୍ଷରେ ଶୈଳେନ୍ଦ୍ରଙ୍କ ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହୋଇପଡ଼ିବାରୁ ତାଙ୍କୁ ବୁର୍ଲାକୁ ସ୍ଥାନାନ୍ତରିତ କରାଯାଇଛି। ଖବରପାଇ ବୌଦ୍ଧ ପୋଲିସ ୩ ଝିଅଙ୍କ ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସନ୍ଧ୍ୟାରେ ଗାଁରେ ୩ଝିଅଙ୍କ ମୃତଦେହ ପହଞ୍ଚିବା ପରେ ପୂରା ଗାଁରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା। କାନ୍ଦବୋବାଳିରେ ଗାଁ ଦାଣ୍ଡ ଫାଟିପଡ଼ିଥିଲା। ସୋମବାର ପ୍ରବଳ ବର୍ଷା ଜାରି ରହିଥିବା ବେଳେ ସନ୍ଧ୍ୟାରେ ଗାଁ ଶ୍ମଶାନରେ ୩ ଭଉଣୀଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏଭଳି ଅଭାବନୀୟ ଘଟଣାରେ ପୂରା ଗାଁ ସ୍ତବ୍ଧ ହୋଇଯାଇଛି।

## ଆଜି କାର୍ଯ୍ୟରେ...

ପଶ୍ଚିମବଙ୍ଗର ମେଡିକାଲ କଲେଜ ଓ ହସ୍ପିଟାଲଗୁଡ଼ିକର ସୁରକ୍ଷା ପ୍ରସଙ୍ଗରେ ସୁପ୍ରିମକୋର୍ଟ କହିଥିଲେ, ସରକାରୀ ମେଡିକାଲ କଲେଜଗୁଡ଼ିକର ସୁରକ୍ଷା ଓ ନିରାପତ୍ତା ସ୍ଥିତି ସମ୍ପର୍କରେ ରାଜ୍ୟର ସମସ୍ତ ଜିଲାପାଳ ଏବଂ ଏସ୍‌ପି ତଦାରଖ କରିବେ। ଆର୍.ଜି. କର ମେଡିକାଲ କଲେଜ ଓ ହସ୍ପିଟାଲର ସୁରକ୍ଷା ଦାୟିତ୍ୱରେ ୩ କମ୍ପାନୀ ସିଆଇଏସ୍‌ଏଫ୍ ଯବାନ ନିୟୋଜନକୁ ସୁନିଶ୍ଚିତ କରିବା ପାଇଁ ଅଦାଲତ ପଶ୍ଚିମବଙ୍ଗ ଗୃହ ବିଭାଗର ବରିଷ୍ଠ ଅଧିକାରୀଙ୍କ ସମେତ ସିଆଇଏସ୍‌ଏଫ୍‌ର ବରିଷ୍ଠ ଅଫିସରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସିଆଇଏସ୍‌ଏଫ୍ ଆବଶ୍ୟକ କରୁଥିବା ସମସ୍ତ ଉପକରଣ ଯୋଗାଇଦେବାକୁ କୋର୍ଟ କହିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୧୭କୁ ଧାର୍ଯ୍ୟ ହୋଇଛି।

ଡାକ୍ତରମାନଙ୍କ ଆନ୍ଦୋଳନ ଯୋଗୁ ୨୩ ଜଣଙ୍କର ମୃତ୍ୟୁ ଘଟିଲାଣି ବୋଲି ପଶ୍ଚିମବଙ୍ଗ ସରକାର କୋର୍ଟଙ୍କୁ ଜଣାଇଥିଲେ। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ଷ୍ଟାଟସ୍ ରିପୋର୍ଟକୁ ସିବଲ କୋର୍ଟରେ ଦାଖଲ କରିଥିଲେ। ସୂଚନାଯୋଗ୍ୟ, ମହିଳା ଡାକ୍ତର ବଳାତ୍କାର ଓ ହତ୍ୟା ମାମଲାରେ ଏତଲା ଦାଏର କରିବାରେ ବିଳମ୍ବକୁ ନେଇ ଗତ ମାସ ୨୨ ତାରିଖରେ ସୁପ୍ରିମକୋର୍ଟ କୋଲକାତା ପୋଲିସକୁ ଭର୍ତ୍ସନା କରିଥିଲେ। ସ୍ୱାସ୍ଥ୍ୟସେବାରେ ନିୟୋଜିତ ଡାକ୍ତର ଓ ଅନ୍ୟ କର୍ମଚାରୀମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ପ୍ରୋଟୋକଲ ପ୍ରସ୍ତୁତି ପାଇଁ ସୁପ୍ରିମକୋର୍ଟ ପୂର୍ବରୁ ୧୦ ଜଣିଆ ଜାତୀୟ ଟାସ୍କଫୋର୍ସ (ଏନ୍‌ଟିଏଫ୍) ଗଠନ କରିଥିଲେ।

ସୂଚନାଯୋଗ୍ୟ, ଅଗଷ୍ଟ ୯ ତାରିଖ ବିଳମ୍ବିତ ରାତିରେ ଆର୍.ଜି. କର ହସ୍ପିଟାଲର ସେମିନାର ହଲ୍‌ରେ ୩୧ ବର୍ଷୀୟା ଟ୍ରେନି ଡାକ୍ତରଙ୍କୁ ବଳାତ୍କାର ପରେ ହତ୍ୟା କରାଯାଇଥିଲା। ଏହି ମାମଲାରେ ଏକମାତ୍ର ଅଭିଯୁକ୍ତ ସିଭିକ୍ ଭଲ୍ୟୁଣ୍ଟର ସଞ୍ଜୟ ରାୟଙ୍କୁ ତା' ପରଦିନ ଗିରଫ କରାଯାଇଥିଲା। ଅଗଷ୍ଟ ୧୩ରେ କୋଲକାତା ହାଇକୋର୍ଟ ମାମଲାର ତଦନ୍ତ ଦାୟିତ୍ୱ ସିବିଆଇକୁ ହସ୍ତାନ୍ତର କରିବାକୁ କୋଲକାତା ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ସୁପ୍ରିମକୋର୍ଟ ନିଜଆଡୁ ଏହି ମାମଲାକୁ ବିଚାର ପାଇଁ ଗ୍ରହଣ କରିଥିଲେ।

# ମହିଳା ସଶକ୍ତୀକରଣର ଅଭିନବ ପରିଚୟ: ସୁଭଦ୍ରା



ପ୍ରଭାତୀ ପରିଡ଼ା
ଉପମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ମନ୍ତ୍ରୀ

ଓଡ଼ିଶାରେ ବହୁ ପ୍ରତୀକ୍ଷିତ 'ସୁଭଦ୍ରା' ଯୋଜନା ଆରମ୍ଭ ହୋଇଛି। ଓଡ଼ିଆ ଅସ୍ମିତାର ମହାନାୟକ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭଉଣୀ ସୁଭଦ୍ରା ଦେବୀଙ୍କ ନାମାନୁସାରେ ଏହି ଯୋଜନାକୁ ନାମିତ କରାଯିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଓଡ଼ିଶାର ଦେବୀତୁଲ୍ୟା ମା', ଭଉଣୀମାନଙ୍କ ଆର୍ଥିକ ମାନଦଣ୍ଡକୁ ସଶକ୍ତ କରିବା ଉଦ୍ଦେଶ୍ୟରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାର ମା', ଭଉଣୀମାନଙ୍କୁ ଯଥୋଚିତ ସମ୍ମାନ ଦେଇ ଚଳିତ ମାସ ୧୭ ତାରିଖ ନିଜର ଜନ୍ମତିଥିରେ 'ସୁଭଦ୍ରା' ଯୋଜନାର ପ୍ରଥମ କିସ୍ତି ପ୍ରଦାନ କରିବେ। ଏହା ଆମ୍ଭମାନଙ୍କ ପାଇଁ ଅତ୍ୟନ୍ତ ଗୌରବର ବିଷୟ ଯେ ଆମର ଭାଷା, ସଂସ୍କୃତି ଓ ପରମ୍ପରାକୁ ନିବିଡ଼ ଭାବରେ ଭଲ ପାଉଥିବା ପ୍ରଧାନମନ୍ତ୍ରୀ ମୋଦିଜୀଙ୍କର ଏହା ଏକ ଉଲ୍ଲେଖନୀୟ ଉପହାର। ପ୍ରଧାନମନ୍ତ୍ରୀ ମୋଦିଜୀ ତାଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମରେ ଏକାଧିକବାର ଓଡ଼ିଶାର ମହିଳାମାନଙ୍କ ଶକ୍ତି, ସାମର୍ଥ୍ୟ ଓ ଗରିମାର ଉଦାହରଣ ଦେଇ ସେମାନଙ୍କ ମଧ୍ୟରେ ଥିବା ଅପାର ସମ୍ଭାବନାକୁ ଲକ୍ଷ୍ୟ କରି ଆସିଛନ୍ତି। ଓଡ଼ିଶାର ମାତୃଜାତି ପ୍ରତି ପ୍ରଧାନମନ୍ତ୍ରୀ ମୋଦିଜୀଙ୍କର ଏହା ହେଉଛି ସାର୍ଥକ ସମ୍ମାନ।

'ସୁଭଦ୍ରା' ଯୋଜନାରେ ମହିଳାମାନେ ଆତ୍ମନିର୍ଭରଶୀଳ ହେବା ସହ ନିଜ ବିଚାରରେ ଅର୍ଥ ବ୍ୟୟ କରିବାର ସ୍ୱାଧୀନତା ପାଇବେ। ସେମାନଙ୍କ ନିଜ ବ୍ୟାଙ୍କ ଆକାଉଣ୍ଟରେ କିଛି ଟଙ୍କା ଥିଲେ ବା କିଛି ଟଙ୍କା ଆସିବାର ପ୍ରତିଶ୍ରୁତି ଥିଲେ ହିଁ ସେମାନେ ଅଧିକା କିଛି କରିବାର ସ୍ୱପ୍ନ ଦେଖିବା ପାଇଁ ସାହସ ସଞ୍ଚୟ କରିପାରିବେ। ମହିଳାଙ୍କ ନିଜ ନାଁରେ ଆକାଉଣ୍ଟ, ଏଟିଏମ୍ କାର୍ଡ ଇତ୍ୟାଦି ସେମାନଙ୍କ ଆତ୍ମବିଶ୍ୱାସକୁ ଦ୍ୱିଗୁଣିତ କରିବ। ସୁଦୂର କୋରାପୁଟର ଡଙ୍ଗରିଆ ଆଦିବାସୀ ଜନଜାତି ମହିଳାଟି ହେଉ ଅବା ସହର ଅଞ୍ଚଳରେ ସିଲେଇ କାର୍ଯ୍ୟ କରି ଜୀବିକା ଅର୍ଜନ ପାଇଁ ସଂଗ୍ରାମ କରୁଥିବା ମହିଳାଟି ହେଉ, ସମସ୍ତ ମହିଳାଙ୍କ ମନରେ ଲୁଚିରହିଥିବା ସ୍ୱପ୍ନଗୁଡ଼ିକ ପୂରଣ କରିବାରେ ସାହାଯ୍ୟ କରିବ 'ସୁଭଦ୍ରା' ଯୋଜନା। ଏହି ଯୋଜନାରେ ମହିଳାମାନେ ନିଜର କୌଳିକ ବୃତ୍ତିକୁ ଆଗେଇ ନେବେ ଓ ନିଜେ କିଛି ନୂଆ ଆରମ୍ଭ କରିବାର ସୁଯୋଗ ପାଇବେ। 'ସୁଭଦ୍ରା' ଯୋଜନା ତାଙ୍କ ପାଇଁ ଆଣିଦେବ କ୍ରମବର୍ଦ୍ଧମାନ ଉନ୍ନତି ପଥର ନୂତନ ସମ୍ଭାବନା।

## ବିକଶିତ ଓଡ଼ିଶାର ମୂଳପିଣ୍ଡ ହେବ 'ସୁଭଦ୍ରା'

ଓଡ଼ିଶା ସରକାର ଲୋକଙ୍କ ସରକାର, ଜନତାଜନାର୍ଦ୍ଦନଙ୍କ ସରକାର। ଓଡ଼ିଶାର ମା'ଭଉଣୀମାନଙ୍କର ଆର୍ଥିକ ଓ ସାମାଜିକ ସଶକ୍ତୀକରଣକୁ ପ୍ରାଥମିକତା ଦେଇ ରାଜ୍ୟ ସରକାର ତାଙ୍କ ପ୍ରଥମ କ୍ୟାବିନେଟରେ ନିଷ୍ପତ୍ତି ନେଇଥିଲେ। ସରକାର ଗଠନର ୧୦୦ ଦିନ ମଧ୍ୟରେ ରାଜ୍ୟ ସରକାର ଏହି ଯୁଗାନ୍ତକାରୀ ଯୋଜନାକୁ କାର୍ଯ୍ୟକାରୀ କରିବାରେ ସଫଳ ହୋଇଛନ୍ତି। ମା'ଭଉଣୀମାନଙ୍କୁ ଆର୍ଥିକ ସୁରକ୍ଷା ପ୍ରଦାନପୂର୍ବକ ସେମାନଙ୍କ ଅର୍ଥନୈତିକ ଓ ସାମାଜିକ ସ୍ଥିତିରେ ଯଥେଷ୍ଟ ଉନ୍ନତି ଆଣିବା ଲକ୍ଷ୍ୟରେ ଏହି ଯୋଜନା ପାଇଁ ଚଳିତ ଆର୍ଥିକବର୍ଷ ବଜେଟରେ ୧୦,୦୦୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ରାଜ୍ୟର ୨୧ରୁ ୬୦ବର୍ଷ ବୟସ ମଧ୍ୟରେ ଥିବା ପ୍ରାୟ ୧ କୋଟିରୁ ଅଧିକ ଯୋଗ୍ୟ ହିତାଧିକାରୀ ମହିଳାଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଉଛି। 'ସୁଭଦ୍ରା' ଯୋଜନା ପାଇଁ ଆବେଦନ ଫର୍ମ ରାଜ୍ୟର ୧,୧୪,୦୦୦ କେନ୍ଦ୍ରରେ ଉପଲବ୍ଧ ହେଉଛି। ଏଥିରେ ୭୪ ହଜାର ୧୯୨ ଅଙ୍ଗନବାଡି କେନ୍ଦ୍ର ସାଙ୍ଗକୁ ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର, ବ୍ଲକ କାର୍ଯ୍ୟାଳୟ ଓ ପୌର କାର୍ଯ୍ୟାଳୟ ଅନ୍ତର୍ଭୁକ୍ତ।

ଏହି ପରିପ୍ରେକ୍ଷୀରେ ରାଜ୍ୟବାସୀଙ୍କ ପାଖରେ ଠିକ୍ ଖବର ପହଞ୍ଚାଇବା ନିମନ୍ତେ ବିଭିନ୍ନ ସ୍ତରରେ ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଆବେଦନକାରୀମାନଙ୍କୁ ଠିକ୍ ସୂଚନା ପ୍ରଦାନ କରିବା ସହ ଆବେଦନ ପ୍ରକ୍ରିୟାକୁ ଯଥାର୍ଥ ନିର୍ବାହ କରି ମାର୍ଗଦର୍ଶିକା ଅନୁସାରେ ଯୋଜନାକୁ କାର୍ଯ୍ୟକାରୀ କରିବା ସହ ଯୋଗ୍ୟ ହିତାଧିକାରୀଙ୍କ ମନୋନୟନ ଉପରେ ଗୁରୁତ୍ୱ ଦିଆଯାଇଛି। ଅନୁରୂପ ଭାବରେ ହିତାଧିକାରୀମାନେ ସୁବିଧାରେ ଫର୍ମ ପାଇବାରେ ସୁଯୋଗ ପ୍ରସ୍ତୁତି, ଫର୍ମ ସଂଗ୍ରହ ଓ ବିତରଣ, ଫର୍ମ ପୂରଣ ପରେ ପଞ୍ଜୀକରଣ ଇତ୍ୟାଦି ପ୍ରକ୍ରିୟା ବିଷୟରେ ବିସ୍ତୃତ ଭାବରେ ତାଲିମ ପ୍ରଦାନ କରାଯାଉଛି। ମୁଁ ନିଜେ ପୁରୀର ଏକ ଅଙ୍ଗନୱାଡି କେନ୍ଦ୍ରକୁ ପରିଦର୍ଶନରେ ଯାଇ ଫର୍ମ ବିତରଣ କାର୍ଯ୍ୟ ତଦାରଖ କରିଛି। 'ସୁଭଦ୍ରା' ଯୋଜନା ବିଷୟରେ ଅଧିକ ସୂଚନା ପାଇଁ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜାରି ହୋଇଥିବା ପୋର୍ଟାଲ ଓ ଟୋଲ ଫ୍ରି(ନିଃଶୁଳ୍କ) ନମ୍ବର- ୧୪୬୭୮କୁ ବ୍ୟବହାର କରିହେବ। ମୁଁ ବ୍ୟକ୍ତିଗତ ଭାବରେ ଭୁବନେଶ୍ୱରସ୍ଥିତ କଲ୍ ସେଣ୍ଟରକୁ ଯାଇ ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କ ସହ ଆଲୋଚନା କରିଛି ଏବଂ କଟକ ଜିଲା ଆଠଗଡ଼ର ଜଣେ ବ୍ୟକ୍ତିଙ୍କ ସହ କଥା ହୋଇ ଯୋଜନା ସମ୍ପର୍କରେ ରହିଥିବା ତାଙ୍କ ସନ୍ଦେହ ଦୂର କରିଛି। ଗାଁ ଗାଁ, ଘରେ ଘରେ 'ସୁଭଦ୍ରା' ଯୋଜନାର କାର୍ଯ୍ୟକାରିତାକୁ ସୁଦୂରପ୍ରସାରୀ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ କରକମଳରେ 'ସୁଭଦ୍ରା' ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ସଚେତନତା ରଥ ଏହି ଯୋଜନାର ପ୍ରଚାର, ପ୍ରସାର ଓ ଯୋଗାଯୋଗକୁ ଆହୁରି ସୁଦୃଢ଼ କରିବ।

'ସୁଭଦ୍ରା' ଯୋଜନା ମହିଳା ସଶକ୍ତୀକରଣ କ୍ଷେତ୍ରରେ ନୂଆ ଜାଗରଣ ସୃଷ୍ଟି କରିବ। ଏହି ଯୋଜନାର ସୁଫଳ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ନିଶ୍ଚୟ ମିଳିବ। ଚଳିତମାସ ୧୭ ତାରିଖରେ ଏହି ପ୍ରକ୍ରିୟାର ଶୁଭାରମ୍ଭ ହେଉଥିଲେ ମଧ୍ୟ ରାଜ୍ୟର ଶେଷତମ ହିତାଧିକାରୀଙ୍କୁ 'ସୁଭଦ୍ରା' ସହାୟତା ନ ମିଳିଲା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଅବ୍ୟାହତ ରହିବ। ପ୍ରତି ଜିଲାରେ ଜିଲାପାଳମାନଙ୍କ ଦ୍ୱାରା ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ କରାଯାଇ ଏହି ଯୋଜନାକୁ ଘରେ ଘରେ ପହଞ୍ଚାଇବାର ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି।

ପ୍ରତି ଯୋଗ୍ୟ ମହିଳା ହିତାଧିକାରୀଙ୍କୁ ଆସନ୍ତା ୫ ବର୍ଷ ପର୍ଯ୍ୟନ୍ତ ବାର୍ଷିକ ୧୦,୦୦୦ ଲେଖାଏ ସମୁଦାୟ ୫୦ ହଜାର ଟଙ୍କା ସିଧାସଳଖ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ଏହି ଯୋଜନାର ସମସ୍ତ ପ୍ରକ୍ରିୟାକୁ ଦେୟମୁକ୍ତ କରାଯାଇଛି। ଯୋଜନାରେ ଦୁର୍ନୀତି ପ୍ରତି ଶୂନ୍ୟ ସହନଶୀଳତା ନୀତି ଲାଗୁ କରାଯିବ। 'ସୁଭଦ୍ରା' ଆବେଦନ ଫର୍ମ ପାଇଁ ଏକ ଅଙ୍ଗନୱାଡି କେନ୍ଦ୍ରର କର୍ମଚାରୀ କିଛି ଅର୍ଥ ଦାବି କରୁଥିବାର ଖବର ପାଇଲା ମାତ୍ରେ ସେ କର୍ମଚାରୀ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆବେଦନ କରିବାର କୌଣସି ଶେଷ ତାରିଖ ଧାର୍ଯ୍ୟ କରାଯାଇ ନାହିଁ। ଏହିପରି ଅତ୍ୟଧିକ ଭିଡ଼କୁ ରୋକିବା ପାଇଁ ଆଧାର-ମୋବାଇଲ ଫୋନ ଲିଙ୍କ୍‌କୁ ମଧ୍ୟ ବାଧ୍ୟତାମୂଳକ କରାଯାଇନାହିଁ। କେବଳ 'ସୁଭଦ୍ରା' ଫର୍ମରେ ଥିବା ସାଧାରଣ ପ୍ରଶ୍ନର ଉତ୍ତର ଦେଇ ହିତାଧିକାରୀମାନେ ଫର୍ମଟିକୁ ଉପଯୁକ୍ତ କାର୍ଯ୍ୟାଳୟରେ ଦାଖଲ କରିବେ। ରାଜ୍ୟର ସମସ୍ତ ମା'ଭଉଣୀମାନଙ୍କୁ ମୋର ଅନୁରୋଧ, ସେମାନେ କୌଣସି ଭାବେ ବ୍ୟସ୍ତ ନ ହୋଇ ସହଜରେ ଓ ନିଜ ସୁବିଧାରେ ଫର୍ମପୂରଣ କରି ଉଦ୍ଦିଷ୍ଟ କେନ୍ଦ୍ରମାନଙ୍କରେ ଦାଖଲ କରନ୍ତୁ। କୌଣସି ଯୋଗ୍ୟ ହିତାଧିକାରୀ ଯେପରି ଏହି ଯୋଜନାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ସବକା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସରେ ମହିଳାମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମୋଦିଜୀଙ୍କ ଡିଜିଟାଲ ଭାରତ ସ୍ୱପ୍ନକୁ ଆଗେଇ ନେବା ଲକ୍ଷ୍ୟରେ 'ସୁଭଦ୍ରା' ଯୋଜନାରେ ଡିଜିଟାଲ କାରବାର ଓ ଡିଜିଟାଲ ଆର୍ଥିକ ସାକ୍ଷରତାକୁ ଗୁରୁତ୍ୱ ଦିଆଯାଇଛି। ଅଧିକ ଡିଜିଟାଲ କାରବାର କରୁଥିବା ୧୦୦ ଜଣ ମହିଳାଙ୍କୁ ପୁରସ୍କାର ଆକାରରେ ଅଧିକ ୫୦୦ ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଯିବ।

ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଲକ୍ଷ୍ୟରେ ଆଗଧାଡ଼ିରେ ନେତୃତ୍ୱ ନେବେ ଓଡ଼ିଶାର ମା'ଭଉଣୀମାନେ। 'ସୁଭଦ୍ରା' ଯୋଜନା କାର୍ଯ୍ୟକାରିତାରେ 'ବିକଶିତ ଭାରତ, ବିକଶିତ ଓଡ଼ିଶା ଓ ବିକଶିତ ମହିଳା' ଲକ୍ଷ୍ୟ ଫଳବତୀ ହେବ। ସେଥିପାଇଁ ମୁଁ ଓଡ଼ିଶାର ସମସ୍ତ ମା'ଭଉଣୀମାନଙ୍କଠାରୁ ସହଯୋଗ ଆଶା କରୁଛି। ସମସ୍ତଙ୍କ ସହଭାଗିତାରେ ସମଗ୍ର ଭାରତରେ ଆମ ଓଡ଼ିଶାକୁ ଶ୍ରେଷ୍ଠ ରାଜ୍ୟ ରୂପେ ପ୍ରତିଷ୍ଠିତ କରିବାର ସ୍ୱପ୍ନକୁ ଆସନ୍ତୁ ସାକାର କରିବା। 'ସୁଭଦ୍ରା' ଯୋଜନା ସଫଳ ହେବ ଓଡ଼ିଶାର ମା'ଭଉଣୀମାନଙ୍କ ବିଜୟ ଗାଥା।




# ଅଖିଳ ମିଶ୍ର ପିଆଇବି ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ

ଭୁବନେଶ୍ୱର,୯।୯ (ଶର୍ମିଷ୍ଠା ପାଣିଗ୍ରାହୀ)



ଭୁବନେଶ୍ୱରସ୍ଥିତ ପତ୍ର ସୂଚନା କାର୍ଯ୍ୟାଳୟ ପରିସରରେ ଅଧିକାରୀ ଓ କର୍ମଚାରୀମାନେ ଅଖିଳ କୁମାର ମିଶ୍ରଙ୍କୁ ସ୍ୱାଗତ କରୁଛନ୍ତି।

ଭାରତୀୟ ସୂଚନା ସେବା ୧୯୯୯ ବ୍ୟାଚ୍‌ର ବରିଷ୍ଠ ଅଧିକାରୀ ଅଖିଳ କୁମାର ମିଶ୍ର କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ପତ୍ର ସୂଚନା କାର୍ଯ୍ୟାଳୟ (ପିଆଇବି) ଏବଂ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ (ସିବିସି) ଭୁବନେଶ୍ୱରର ଅତିରିକ୍ତ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିସହ ସେ ଓଡ଼ିଶାର ଅତିରିକ୍ତ ପ୍ରେସ୍ ରେଜିଷ୍ଟ୍ରାର ଜେନେରାଲ ଭାବେ କାର୍ଯ୍ୟ କରିବେ। ଓଡ଼ିଶା ସହ ଝାଡ଼ଖଣ୍ଡର ଅତିରିକ୍ତ ଦାୟିତ୍ୱ ମଧ୍ୟ ନିର୍ବାହ କରିବେ। ଏହା ପୂର୍ବରୁ ଅଖିଳ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ ଆକାଶବାଣୀ, ଦୂରଦର୍ଶନ, ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ, ପିଆଇବି ଏବଂ ସିବିସି ଆଦି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଦକ୍ଷତାର ସହିତ କାର୍ଯ୍ୟ ସମ୍ପାଦନ କରି ପ୍ରଶଂସିତ ହୋଇଛନ୍ତି। ଜଣେ ଗବେଷକ ଭାବରେ ସେ ଆମେରିକାର ବର୍କଲେ ଓ ମ୍ୟାରିଲାଣ୍ଡ ତଥା ଅଷ୍ଟ୍ରେଲିଆର କୁଇନ୍ସଲାଣ୍ଡ ବିଶ୍ୱବିଦ୍ୟାଳୟକୁ ପରିଭ୍ରମଣ କରିଛନ୍ତି। ସେ ଜଣେ ପ୍ରତିଷ୍ଠିତ କବି ଭାବରେ ସୁପରିଚିତ ଓ ତାଙ୍କର ଅନେକ କାବ୍ୟକୃତି ପାଠକୀୟ ଆଦୃତି ଲାଭ କରିଛି।

# ପୋଖରୀରେ ବୁଡ଼ିଗଲେ ଦୁଇ ସାଙ୍ଗ

ଗୋପାଳପୁର,୯।୯ (ନବୀନ ରାଜ ଆଚାରୀ)

ସୋମବାର ଗଞ୍ଜାମ ଜିଲା ରଙ୍ଗେଇଲୁଣ୍ଡା ବ୍ଲକ ଅଧୀନ ପଞ୍ଚମା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଦୁଇ ନାବାଳକ ସାଙ୍ଗ ପୋଖରୀରେ ଗାଧୋଉଥିବା ବେଳେ ବୁଡିଯାଇଛନ୍ତି। ଫଳରେ ଉଭୟଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଆଦିତ୍ୟ ସେଠୀ (୧୧) ଓ ସୌମ୍ୟ ପ୍ରଧାନ (୧୨)। ଗୋଳନ୍ଥରା ଥାନା ଅନ୍ତର୍ଗତ ପଞ୍ଚମା ଗ୍ରାମର ବିନୋଦ ସେଠୀଙ୍କ ପୁଅ ଆଦିତ୍ୟ ଓ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ପୁଅ ସୌମ୍ୟ ଅନ୍ୟ ସାଙ୍ଗମାନଙ୍କ ସହ ମିଶି ଗ୍ରାମରେ ଗଣେଶ ପୂଜା କରିଥିଲେ। ସୋମବାର ମଧ୍ୟାହ୍ନରେ ଉଭୟେ ସାଙ୍ଗମାନଙ୍କ ସହ ମିଶି ଗ୍ରାମ ପୋଖରୀକୁ ଗଣେଶ ମୂର୍ତ୍ତି ବିସର୍ଜନ କରି ଘରକୁ ଫେରିଥିଲେ। ପୁଣି କିଛି ସମୟ ପରେ ଆଦିତ୍ୟ ଓ ସୌମ୍ୟ ପୋଖରୀକୁ ଯାଇ ଗାଧୋଉଥିବା ବେଳେ ପାଣିରେ ବୁଡି ଯାଇଥିଲେ। ଦୁଇ ଘଣ୍ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକ ଓ ଗ୍ରାମବାସୀ ପୋଖରୀଠାରେ ପହଞ୍ଚି ବହୁ ଖୋଜା ଖୋଜି କରି ଉଭୟଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିଥିଲେ। ଆଦିତ୍ୟଙ୍କୁ ରମ୍ଭା ନିକଟସ୍ଥ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସୌମ୍ୟଙ୍କୁ ପରିବାର ଲୋକେ ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରିଥିଲେ। ଉଭୟଙ୍କୁ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଆଦିତ୍ୟ ଓ ସୌମ୍ୟ ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ଉଭୟେ ଉଭୟଙ୍କ ଭଲ ସାଙ୍ଗ ଥିବା ଜଣାପଡ଼ିଛି। ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁ ଓ ଅନ୍ୟ ପୋଲିସ ଅଧିକାରୀମାନେ ମେଡିକାଲରେ ପହଞ୍ଚି ଉଭୟଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠେଇଥିଲେ। ଉଭୟଙ୍କ ମୃତଦେହ ବ୍ୟବଚ୍ଛେଦ ପରେ ସନ୍ଧ୍ୟାରେ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପରିବାର ପକ୍ଷରୁ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଏ ନେଇ ନଂ. ୪୦,୪୧/୨୪ରେ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ଦୁଇ ସାଙ୍ଗଙ୍କ ଏପରି ଦୁଃଖଦ ମୃତ୍ୟୁରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଏ ସମ୍ପର୍କରେ ଖବର ପାଇବା ପରେ ରାଜ୍ୟ ଖଣି, ବାଣିଜ୍ୟ ପରିବହନ ମନ୍ତ୍ରୀ ତଥା ସ୍ଥାନୀୟ ବିଧାୟକ ବିଭୂତି ଭୂଷଣ ଜେନା ଉଭୟ ପରିବାରବର୍ଗଙ୍କୁ ୧୦ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି।

# ଏଏଲ୍-୩୧ ଏଫ୍‌ପି ଏରୋ ଇଞ୍ଜିନ ତିଆରି କରିବ ହାଲ୍‌ର କୋରାପୁଟ ଡିଭିଜନ

## ହାଲ୍ ସହ ପ୍ରତିରକ୍ଷା ମନ୍ତ୍ରଣାଳୟର ଚୁକ୍ତି

### ୮ ବର୍ଷରେ ୨୪୦ ଇଞ୍ଜିନ୍, ଖର୍ଚ୍ଚ ହେବ ୨୬ ହଜାର କୋଟି

ନୂଆଦିଲ୍ଲୀ,୯।୯ (ପିଆଇବି)

ଏସ୍‌ୟୁ-୩୦ ଏମ୍‌କେଆଇ ବିମାନ ଲାଗି ୨୪୦ ଏଏଲ୍-୩୧ ଏଫ୍‌ପି ଏରୋ ଇଞ୍ଜିନ ତିଆରି କରିବ ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ୍ (ହାଲ୍)ର କୋରାପୁଟ ଡିଭିଜନ। ୨୬ହଜାର କୋଟିରୁ ଅଧିକ ଟଙ୍କାର ଏହି ପ୍ରୋଜେକ୍ଟ ଲାଗି ହାଲ୍ ସହ ଚୁକ୍ତି କରିଛି ପ୍ରତିରକ୍ଷା ମନ୍ତ୍ରଣାଳୟ। ଏହାଦ୍ୱାରା ଆତ୍ମନିର୍ଭର ଭାରତ ଲକ୍ଷ୍ୟକୁ ଏକ ବଡ଼ ପ୍ରୋତ୍ସାହନ ମିଳିବ ବୋଲି ଆଶା କରାଯାଉଛି। ସୋମବାର ନୂଆଦିଲ୍ଲୀଠାରେ ପ୍ରତିରକ୍ଷା ସଚିବ ଗିରିଧର ଅରମାନେ ଏବଂ ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଭିଆର୍ ଚୌଧୁରୀଙ୍କ ଉପସ୍ଥିତିରେ ବରିଷ୍ଠ ଅଧିକାରୀମାନେ ଏହି ଚୁକ୍ତିନାମା ସ୍ୱାକ୍ଷର କରିଥିଲେ।

ଏହି ଏରୋ ଇଞ୍ଜିନଗୁଡ଼ିକ ଦେଶର ପ୍ରତିରକ୍ଷା ପ୍ରସ୍ତୁତି ପାଇଁ ଏସ୍‌ୟୁ-୩୦ ଫ୍ଲିଟର ପରିଚାଳନା କ୍ଷମତା ବଜାୟ ରଖିବା ପାଇଁ ଭାରତୀୟ ବାୟୁସେନାର ଆବଶ୍ୟକତା ପୂରଣ କରିବ। ଚୁକ୍ତିଭିତ୍ତିକ ହସ୍ତାନ୍ତର କାର୍ଯ୍ୟସୂଚୀ ଅନୁଯାୟୀ, ହାଲ୍ ବାର୍ଷିକ ୩୦ଟି ଏରୋ ଇଞ୍ଜିନ ଯୋଗାଣ କରିବ। ଆସନ୍ତା ୮ ବର୍ଷ ମଧ୍ୟରେ ସମସ୍ତ ୨୪୦ଟି ଇଞ୍ଜିନର ଯୋଗାଣ ଶେଷ ହେବ। ଉତ୍ପାଦନ ସମୟରେ ଏମ୍‌ଏସ୍‌ଏମ୍‌ଇ ଏବଂ ସରକାରୀ ଓ ବେସରକାରୀ ଉଦ୍ୟୋଗଗୁଡ଼ିକୁ ସାମିଲ କରି ଦେଶର ପ୍ରତିରକ୍ଷା ଉତ୍ପାଦନ ଇକୋସିଷ୍ଟମର ସହାୟତା ନେବାକୁ ହାଲ ଯୋଜନା କରିଛି। ହସ୍ତାନ୍ତର କାର୍ଯ୍ୟକ୍ରମ ଶେଷ ସୁଦ୍ଧା ହାଲ୍ ହାରାହାରି ୫୪%ରୁ ଅଧିକ ଲକ୍ଷ୍ୟ ହାସଲ କରିବା ଲାଗି ସ୍ୱଦେଶୀକରଣକୁ ୬୩% ପର୍ଯ୍ୟନ୍ତ ବୃଦ୍ଧି କରିବ। ଏହା ଏରୋ-ଇଞ୍ଜିନର ମରାମତି ସହ ସମ୍ପୂର୍ଣ୍ଣ କାର୍ଯ୍ୟରେ ସ୍ୱଦେଶୀ ଉପାଦାନକୁ ବୃଦ୍ଧି କରିବାରେ ମଧ୍ୟ ସାହାଯ୍ୟ କରିବ ବୋଲି ସୂଚନା ଦିଆଯାଇଛି।




# ନଦୀରେ ବୁଡ଼ି ଛାତ୍ର ମୃତ, ଜଣେ ଗୁରୁତର

ତିର୍ତ୍ତୋଲ, ୯।୯ (ଗୌରାଙ୍ଗ ଚରଣ ସ୍ୱାଇଁ)

ଗଣେଶ ମୂର୍ତ୍ତି ବିସର୍ଜନ କରିବା ବେଳେ ସୋମବାର ଜଣେ ଛାତ୍ର ନଦୀରେ ବୁଡ଼ିଯାଇଥିବାବେଳେ ଆଉ ଜଣେ ଗୁରୁତର ହୋଇଛନ୍ତି। ଜଗତ୍‌ସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଧୀନ ବୃଦ୍ଧା ନଦୀର ବରିପଦା ପୋଲ ନିକଟରେ ଏହି ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ କୁଜଙ୍ଗ ଥାନା ମଙ୍ଗରାଜପୁର ଗ୍ରାମର ରିତେଶ ସ୍ୱାଇଁ। ସେ ଶାରଳା ମହାବିଦ୍ୟାଳୟର ଯୁକ୍ତ ୨ ବିଜ୍ଞାନ ଛାତ୍ର ଥିଲେ। ଗୁରୁତର ଜଣକ ହେଲେ ତିର୍ତ୍ତୋଲ ଥାନା ମୁଆପଦା ଗ୍ରାମର ଯୁକ୍ତ ୨ ଛାତ୍ର ଏସ୍.ରବି. କିରଣ। ସେମାନେ ତିର୍ତ୍ତୋଲ ଥାନା ଅଧୀନ ନିଶାମଣି ସରଣୀସ୍ଥିତ ଏକ କୋଚିଂ ସେଣ୍ଟରରେ ପଢ଼ନ୍ତି। ଏହି କୋଚିଂ ସେଣ୍ଟରରେ ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା। ସୋମବାର ମୂର୍ତ୍ତି ବିସର୍ଜନ ଲାଗି ରିତେଶ, ରବି ଓ ଆଉ କେତେଜଣ ସାଙ୍ଗ ବୃଦ୍ଧାନଦୀର ବରିପଦା ପୋଲ ନିକଟକୁ ଯାଇଥିଲେ। ପୋଲ ଠାରୁ କିଛି ଦୂରରେ ମୂର୍ତ୍ତି ବିସର୍ଜନବେଳେ ରିତେଶ ଓ ରବିଙ୍କ ଗୋଡ଼ ଖସିଯାଇଥିଲା। ଫଳରେ ଉଭୟେ ପାଣିରେ ବୁଡ଼ି ଯାଇଥିଲେ। ଏହା ଦେଖି ଅନ୍ୟ ସାଙ୍ଗମାନେ ପାଟି କରିଥିଲେ। ସ୍ଥାନୀୟ ଲୋକେ ଏହା ଶୁଣି ଉଭୟଙ୍କୁ ପାଣିରୁ ଉଦ୍ଧାର କରି ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ରିତେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ଅବସ୍ଥାରେ ରବିଙ୍କୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପୋଲିସ ରିତେଶଙ୍କ ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଡାଇରିଆ: ୩ ହେଲା ମୃତ୍ୟୁସଂଖ୍ୟା



ଚେପିଟିଆମ୍ବା ଗ୍ରାମରେ ଏମ୍‌ପି ବଳଭଦ୍ର ମାଝି ଡାକ୍ତରଙ୍କ ସହ ଆଲୋଚନା କରୁଛନ୍ତି।

ଝରିଗାଁ,୯।୯ (କିଶୋର ଚନ୍ଦ୍ର ମଣ୍ଡଳ)

ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ୍ ଚେପିଟିଆମ୍ବା ଗ୍ରାମରେ ଡାଇରିଆରେ ସୋମବାର ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ଗାଁର ମଧୁ ଜାନି। ପୂର୍ବରୁ ଗାଁରୁ ୨ଜଣଙ୍କର ମୃତ୍ୟୁ ହୋଇଥିଲା। ଏବେ ୨୯ ଜଣ ଆକ୍ରାନ୍ତ ହୋଇଛନ୍ତି। ଝରିଗାଁ ଓ ନବରଙ୍ଗପୁରରୁ ଡାକ୍ତରୀ ଟିମ୍ ଗାଁରେ ଆକ୍ରାନ୍ତଙ୍କ ଚିକିତ୍ସା କରୁଛି। ସୋମବାର ନବରଙ୍ଗପୁର ଏମ୍‌ପି ବଳଭଦ୍ର ମାଝି, ପୂର୍ବତନ ଏମ୍‌ପି ରମେଶ ଚନ୍ଦ୍ର ମାଝି ଓ ପଞ୍ଚାୟତ ସମିତି ଅଧ୍ୟକ୍ଷ ଦୁର୍ଗାପ୍ରସାଦ ମାଝୀ ଚେପିଟିଆମ୍ବାରେ ପହଞ୍ଚି ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରିଥିଲେ। ମୃତକଙ୍କ ପରିବାରକୁ ପୂର୍ବତନ ଏମ୍‌ପି ରମେଶ ମାଝି ଭେଟି ୫ହଜାର ଟଙ୍କା ଲେଖାଏ ସହାୟତା ରାଶି ପ୍ରଦାନ କରିଛନ୍ତି।

ସୂଚନାନୁଯାୟୀ, ଗତ ଶୁକ୍ରବାର ମୃତକଙ୍କ ମା' ଡାଲ ଜାନି ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଚିକିତ୍ସା ପାଇଁ ବଡ଼ପୁଅ ନୀଳ ଓ ସାନପୁଅ ମଧୁ ତାଙ୍କୁ ଆମ୍ବୁଲାନ୍ସରେ ଡାବୁଗାଁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଗୁରୁତର ହେବାରୁ ଡାଲଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରକ୍ତର ଆବଶ୍ୟକତା ପଡ଼ିଥିଲା। ରବିବାର ମଧୁ ରକ୍ତଦାନ କରିଥଲେ। ଏହାର କିଛି ଘଣ୍ଟା ମଧ୍ୟରେ ମଧୁଙ୍କୁ ୨ଥର ଝାଡ଼ା ହେବା ପରେ ସେ ଅସୁସ୍ଥ ହୋଇପଡ଼ିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଧୁଙ୍କର ପ୍ରାୟ ୧୬ଥର ଝାଡ଼ା ହୋଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ଭୋରରୁ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଚିକିତ୍ସା ଅବହେଳାରୁ ମଧୁଙ୍କ ମୃତ୍ୟୁ ହୋଇଥିବା ନୀଳ ଅଭିଯୋଗ କରିଛନ୍ତି। ରବିବାର ଥରେ ମାତ୍ର ମଧୁଙ୍କୁ ସଲାଇନ୍ ଦିଆ ଯାଇଥିଲା। ଏହାପରେ କେହି ସ୍ୱାସ୍ଥ୍ୟ ଯାଞ୍ଚ କରିବା ପାଇଁ ଆସି ନ ଥିଲେ ବୋଲି ନୀଳ ଅଭିଯୋଗ କରିଛନ୍ତି। ନୀଳ ନବରଙ୍ଗପୁର ଡାକ୍ତରଖାନାରୁ ଫେରିବାବେଳେ ତାଙ୍କର ମଧ ୩ଥର ଝାଡ଼ା ହୋଇଥିଲା। ରାସ୍ତାକଡ଼ରେ ହିଁ ସେ ଗୁରୁତର ଅବସ୍ଥାରେ ଗଛ ତଳେ ପଡ଼ି ରହିଥିଲେ। ଖବରପାଇ ଆମ୍ବୁଲାନ୍ସ ପହଞ୍ଚି ନୀଳଙ୍କୁ ଚେପିଟିଆମ୍ବାସ୍ଥିତ ଅସ୍ଥାୟୀ ସ୍ୱାସ୍ଥ୍ୟ ଶିବିରକୁ ଆଣିଥିଲା। ସେଠାରେ ତାଙ୍କ ଚିକିତ୍ସା କରାଯାଇଛି।

## ଚେପିଟିଆମ୍ବାରେ ଆତଙ୍କ

ସୋମବାର ସକାଳେ ଗ୍ରାମର ମୁଙ୍ଗାଇ ଜାନି (୬୫) ତାଙ୍କ ବଡ଼ପୁଅ ରାମଧର ଜାନି ଏବଂ ଅନ୍ୟ ଜଣେ ମହିଳା ସନମତି ଜାନିଙ୍କୁ ଝରିଗାଁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଗାଁରେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଅରବିନ୍ଦ ପଣ୍ଡା, ସନ୍ତୋଷ ପ୍ରଧାନ, ଇର୍ଶାଦ ଖାନ୍, ମାଇକ୍ରୋ ବାୟୋଲୋଜିଷ୍ଟ ଗାୟତ୍ରୀ ସୁନ୍ଦରରାୟ, ଅରୁଣା ଗାଇନ, ଜିତେନ୍ଦ୍ର ନାୟକ, ବିପିଏମ୍‌ଓ ପ୍ରିୟଙ୍କା ସିଲ, ଭାରପ୍ରାପ୍ତ ପିଏଚ୍‌ଓ ଗୋପାଳକୃଷ୍ଣ ପାଢ଼ୀ ପ୍ରମୁଖ ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି। ସ୍ୱାସ୍ଥ୍ୟ ବିଭାଗ ସେବା ଯୋଗାଇ ଆସୁଛି। ଉପ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିଥିବା ମହିଳା ସ୍ୱାସ୍ଥ୍ୟକର୍ମୀ ନିଯୁକ୍ତି ହେବା ଦରକାର ବୋଲି ଏମ୍‌ପି ମାଝି କହିଛନ୍ତି। ପ୍ରଶାସନ ଚେପିଟିଆମ୍ବା ଗ୍ରାମକୁ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ପଠାଇ ଆକ୍ରାନ୍ତଙ୍କ ଚିକିତ୍ସା କରନ୍ତୁ ଏବଂ ମୃତକଙ୍କ ପରିବାରକୁ ୫ ଲକ୍ଷ ଟଙ୍କା ଲେଖାଏ ଦେବାକୁ ପୂର୍ବତନ ଏମ୍‌ପି ରମେଶ ମାଝି ଦାବି କରିଛନ୍ତି।

ଈଶ୍ୱରଙ୍କ ପାଖେ ଯଥାର୍ଥ ସମର୍ପଣ ତୁମଙ୍କୁ ପ୍ରସାରିତ କରେ – ଏବଂ ଏହା ତୁମର ଶକ୍ତି ଓ କ୍ଷମତାକୁ ବଢାଇ ଥାଏ । ତୁମର ସବୁକିଛିରେ ଗୁଣାତ୍ମକ ଓ ପରିମାଣାତ୍ମକ ଅଭିବୃଦ୍ଧି ଘଟେ । ଏହି ଉନ୍ନତି କେବେବି ତୁମ ନିଜ ଦ୍ୱାରା ହୋଇ ପାରନ୍ତା ନାହିଁ । –ଶ୍ରୀମା

-ଲଳିତା ସପ୍ତମୀ ଓ କୁକ୍‌କୁଟୀ ବ୍ରତ



# ଆପଣ ବି

ବାଇକ୍‌କୁ ଖୁବ୍ ଜୋରରେ ଚଲାଉଥିବାରୁ ଗଞ୍ଜାମ ଜିଲା କବିସୂର୍ଯ୍ୟନଗର ବଡ଼ ଖରିଡ଼ା ଗ୍ରାମରେ ୨୨ ବର୍ଷୀୟ ଜଣେ ଯୁବକଙ୍କୁ ଗାଁ ଲୋକେ ପିଟି ମାରି ଦେଇଛନ୍ତି । ସମ୍ପୃକ୍ତ ଯୁବକ ପୁରୁଷୋତ୍ତମପୁର ଅନ୍ତର୍ଗତ ଅରଖପୁର ବାସିନ୍ଦା । ବେଙ୍ଗାଲୁରୁରେ ଏକ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ଶିବନ ପାଲ୍ ଗାଁକୁ ଆସିଥିବା ବେଳେ ତାଙ୍କ ବନ୍ଧୁଙ୍କ ସହ ବଡ଼ ଖରିଡ଼ା ଗ୍ରାମ ଦେଇ ଯାଉଥିଲେ । ଗାଡ଼ିର ବେଗ ଅଧିକ ଥିବାରୁ ତାହା ଏକ ପଥରରେ ପିଟି ହୋଇଯିବାରୁ ଆରୋହୀ ତଳେ ପଡ଼ି ଯାଇଥିଲେ । ସେହି ସମୟରେ ଗାଁ ଲୋକେ ସେମାନଙ୍କୁ ଘେରି ଯାଇଥିଲେ । ସେମାନଙ୍କ ସହ ଗ୍ରାମବାସୀଙ୍କ ଉଚ୍ଚବାଚ୍ଚ ହୋଇଥିଲା । ଏହି ସମୟରେ ବନ୍ଧୁ ଜଣଙ୍କ ଖସି ପଳାଇଥିବା ବେଳେ ଗାଁ ଲୋକେ ପାଲଙ୍କୁ ପିଟିଥିଲେ । ଫଳରେ ସେ ରକ୍ତାକ୍ତ ହୋଇ ପଡ଼ିଯିବାରୁ ତାଙ୍କୁ ଏମ୍‌କେସିଜି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲକୁ ନିଆଯାଇଥିଲା । ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା ।

ଉପରଲିଖିତ ଘଟଣା ଦ୍ରୁତଗତିରେ ଗାଡ଼ି ଚାଳନାକୁ ନେଇ ଘଟିଥିବା ବେଳେ ସ୍ଥାନୀୟ ଅଧିବାସୀଙ୍କ କ୍ରୋଧର ସୀମା ନ ରହିବା ଏକ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିଛି । ସାଧାରଣତଃ ଦେଖାଯାଉଛି ଯୁବକମାନେ ଖୁବ୍ ସ୍ପିଡ୍‌ରେ ଗାଡ଼ି ଚଳାଉଛନ୍ତି । ପୁଣି ସ୍ପିଡ୍ ବାଇକ୍ ହୋଇଥିଲେ କଥା ସରିଲା । ଭାରତୀୟ ରାସ୍ତାଗୁଡ଼ିକ ସ୍ପିଡ୍ ଗାଡ଼ି ଚଳାଇବା ପାଇଁ ହୋଇ ନ ଥିଲେ ମଧ୍ୟ ଉପଭୋକ୍ତାବାଦ ଯୋଗୁ ସେଗୁଡ଼ିକର ଚାହିଦା ବଢୁଛି । ବହୁରାଷ୍ଟ୍ରୀୟ କମ୍ପାନୀଗୁଡ଼ିକ ଭାରତର ସଡ଼କ ପରିସ୍ଥିତି ନ ଦେଖି ଯୁବବର୍ଗଙ୍କୁ ଲକ୍ଷ୍ୟ କରି ଏଭଳି ଗାଡ଼ି ବଜାରକୁ ଛାଡୁଛନ୍ତି । ଅନେକ ସମୟରେ ଦେଖାଯାଉଛି, ବେପରୁଆ ଗାଡ଼ିଚାଳନା ଯୋଗୁ ଆରୋହୀଙ୍କ ପ୍ରାଣହାନି ହେଉଥିବା ବେଳେ ସ୍ଥଳବିଶେଷରେ ଗାଡ଼ି ଧକ୍କାରେ ସାଧାରଣ ଲୋକଙ୍କ ମୃତ୍ୟୁ ମଧ୍ୟ ଘଟୁଛି । ଅନ୍ୟପକ୍ଷରେ ଯଦି ବଡ଼ ଖରିଡ଼ା ଗ୍ରାମ କଥା ଦେଖାଯାଏ, ତେବେ ସେଠାରେ ପାଲ୍‌ଙ୍କ ଗାଡ଼ି ଧକ୍କାରେ କାହାରି କିଛି ଅସୁବିଧା ଘଟି ନ ଥିଲେ ମଧ୍ୟ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ତାଙ୍କୁ ପିଟିବାର ଆବଶ୍ୟକତା ନ ଥିଲା । ଗାଡ଼ି ଆରୋହୀଙ୍କୁ ପିଟି ରକ୍ତାକ୍ତ କରିବା ପରେ ଗାଁ ଲୋକେ ପୋଲିସକୁ ଖବର ଦେଇଥିଲେ । ଆଇନକୁ ହାତକୁ ନ ନେଇ ସେମାନେ ଯଦି ପାଲ୍ ଓ ତାଙ୍କ ବନ୍ଧୁଙ୍କୁ ପୋଲିସ ଜିମା ଦେଇଥାଆନ୍ତେ, ତାହା ହେଲେ ଜଣଙ୍କ ପ୍ରାଣହାନି ଘଟି ନ ଥାଆନ୍ତା ।

> ଭାରତୀୟ ଚରିତ୍ରକୁ ଦେଖିଲେ କୌଣସି ଗୋଟେ ଜାଗାରେ 'ଘୋ' ସୃଷ୍ଟି ହୋଇଗଲେ ତତ୍‌କ୍ଷଣାତ୍ ଅସଂଖ୍ୟ ଲୋକ ରୁଣ୍ଡ ହୋଇଯାଆନ୍ତି । ଯଦି କେହି ମାଡ଼ ଖାଉଥିବା ଦେଖନ୍ତି ଘଟଣା ବିଷୟରେ ବୁଝି ନ ଥିଲେ ମଧ୍ୟ କିଛି ଲୋକ ସର୍ବନିମ୍ନ ଗାଳି ବା ଗୋଟେ ଗୋଇଠା ମାରି ଦେବାକୁ ଚେଷ୍ଟା କରିଥାଆନ୍ତି । ଏଭଳି ଉତ୍ତ୍ୟକ୍ତ ଗୋଷ୍ଠୀଙ୍କ ମାନସିକତା ପ୍ରମାଣ କରୁଛି ଯେ, ଆମେ ସମସ୍ତେ ବ୍ୟକ୍ତିବିଶେଷ ଭାବେ ଭୀରୁ ଏବଂ କାପୁରୁଷ ।

ଭାରତୀୟ ଚରିତ୍ରକୁ ଦେଖିଲେ କୌଣସି ଗୋଟେ ଜାଗାରେ 'ଘୋ' ସୃଷ୍ଟି ହୋଇଗଲେ ତତ୍‌କ୍ଷଣାତ୍ ଅସଂଖ୍ୟ ଲୋକ ରୁଣ୍ଡ ହୋଇଯାଆନ୍ତି । ଯଦି କେହି ମାଡ଼ ଖାଉଥିବା ଦେଖନ୍ତି ଘଟଣା ବିଷୟରେ ବୁଝି ନ ଥିଲେ ମଧ୍ୟ କିଛି ଲୋକ ସର୍ବନିମ୍ନ ଗାଳି ବା ଗୋଟେ ଗୋଇଠା ମାରି ଦେବାକୁ ଚେଷ୍ଟା କରିଥାଆନ୍ତି । ଏଭଳି ଉତ୍ତ୍ୟକ୍ତ ଗୋଷ୍ଠୀଙ୍କ ମାନସିକତା ପ୍ରମାଣ କରୁଛି ଯେ, ଆମେ ସମସ୍ତେ ବ୍ୟକ୍ତିବିଶେଷ ଭାବେ ଭୀରୁ ଏବଂ କାପୁରୁଷ । ମାଡ଼ ଦେବାକୁ ହେଲେ ଭିଡ଼ ଭିତରେ ପଶି, ମୁହଁକୁ ଲୁଚାଇ ପିଟି ଦେବା ହେଉଛି ସାଧାରଣ ଚରିତ୍ର । ଏହା ବିଶେଷକରି ଓଡ଼ିଶା, ପଶ୍ଚିମବଙ୍ଗ, ବିହାର ଓ ଉତ୍ତର ପ୍ରଦେଶ ଭଳି ରାଜ୍ୟରେ ସୀମିତ ଥିବା ଭଳି ମନେହେଉଛି । ବଡ଼ ଖରିଡ଼ା ଭଳି ଘଟଣା କ୍ୱଚିତ ଦକ୍ଷିଣ ଓ ପଶ୍ଚିମ ଭାରତରେ ଦେଖିବାକୁ ମିଳିଥାଏ ।

ବଡ଼ ଖରିଡ଼ା ଗ୍ରାମବାସୀ ଯେଭଳି ଉତ୍ତ୍ୟକ୍ତ ହୋଇ ପାଲ୍‌ଙ୍କୁ ପିଟିଲେ ତାହା ଲୋକଙ୍କ ଧୈର୍ଯ୍ୟଚ୍ୟୁତି ଯୋଗୁ ଘଟିଲା ବୋଲି କୁହାଯାଇପାରିବ । କେବଳ ସଡ଼କ ଉପରେ ହିଂସା ନୁହେଁ, ଚୋରି ସନ୍ଦେହରେ ହେଉ ବା ଗୋରକ୍ଷା ଦିଗରେ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ଭିଡ଼ ହିଂସାରେ ପ୍ରଦର୍ଶନ କରାଯାଉଥିବା ଆଚରଣ ଏବେ ସାମାଜିକ ବ୍ୟବସ୍ଥାରେ ବିକୃତି ସୃଷ୍ଟି କରିଦେଇଛି । ସ୍ଥିତି ଏମିତି ହେଲାଣି ଗୋରକ୍ଷକ ନାମରେ ଅସାମାଜିକ ବ୍ୟକ୍ତିମାନେ ସୁପାରି ନେଇ ହତ୍ୟା କରିବା ଆଶ୍ଚର୍ଯ୍ୟ କରିଦେଉଛି । ଯେତେବେଳେ ସାମାନ୍ୟ ହିଂସାକୁ କୌଣସି ଗୋଟିଏ ବାହାନାରେ ସହ୍ୟ କରାଯାଏ ସେତେବେଳେ ସେହି ଘଟଣାର ଆଢୁଆଳରେ ଅସାମାଜିକ ତତ୍ତ୍ୱମାନେ ଫାଇଦା ନେବାକୁ ଡେରି କରନ୍ତି ନାହିଁ । ଏହାର ଦୃଷ୍ଟାନ୍ତ ନିକଟରେ ହରିୟାଣାର ପଲୱାଲ ଜିଲାରେ ଦେଖିବାକୁ ମିଳିଥିଲା । ଜଣେ ୧୯ ବର୍ଷୀୟ ଛାତ୍ର ଆରିୟାନ୍ ମିଶ୍ରଙ୍କୁ ଗୋରକ୍ଷକମାନେ ଗୁଳିକରି ହତ୍ୟା କରିଥିଲେ । ଗଣମାଧ୍ୟମ ରିପୋର୍ଟରୁ ଜଣାପଡ଼ିଥିଲା ଯେ, ଆରିୟାନ୍‌ଙ୍କର ଗୋଚାଲାଣ ସହ କୌଣସି ସମ୍ପର୍କ ନ ଥିଲା । କିନ୍ତୁ କୁହାଯାଉଛି ଯେ, ତାଙ୍କ ପିତାଙ୍କ ଉପରେ ପ୍ରତିଶୋଧ ନେବାକୁ ଯାଇ ଏଭଳି ସୁଚିନ୍ତିତ ଷଡ଼ଯନ୍ତ୍ର କରାଯାଇଥିଲା । ଯଦି ଏହିଭଳି ଘଟଣାକୁ ସମାଜରେ ସମର୍ଥନ ମିଳେ, ତେବେ ଭବିଷ୍ୟତରେ କୌଣସି ବ୍ୟକ୍ତି ଶିକାର ହୋଇପାରନ୍ତି । ଆପଣ ବି ।

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | 9 | | | 1 | 7 | 4 |
| | | | | 6 | | 8 | | |
| | | 2 | 1 | | | | | 5 |
| | | | | 3 | | | | |
| | 4 | 6 | | 2 | | 9 | | |
| | | 5 | 7 | 8 | | 4 | 1 | |
| | | 1 | | | 7 | | 4 | |
| | 2 | | 3 | | | | 8 | |
| 5 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 3 | 5 | 8 | 6 | 1 | 4 | 7 | 9 | 2 |
| 1 | 4 | 6 | 2 | 7 | 9 | 3 | 5 | 8 |
| 7 | 2 | 9 | 5 | 8 | 3 | 4 | 1 | 6 |
| 9 | 8 | 4 | 1 | 5 | 7 | 2 | 6 | 3 |
| 2 | 1 | 7 | 3 | 9 | 6 | 8 | 4 | 5 |
| 5 | 6 | 3 | 8 | 4 | 2 | 1 | 7 | 9 |
| 6 | 3 | 5 | 4 | 2 | 1 | 9 | 8 | 7 |
| 8 | 7 | 1 | 9 | 3 | 5 | 6 | 2 | 4 |
| 4 | 9 | 2 | 7 | 6 | 8 | 5 | 3 | 1 |

ଗତକାଲିର ଉତ୍ତର

# ଆଫଗାନିସ୍ତାନ ଓ ତାଲିବାନ



ଡ. ସାରଦା ପ୍ରସାଦ କର

ନିକଟରେ ଆଫଗାନିସ୍ତାନରେ ତାଲିବାନ ଶାସନକୁ ୩ ବର୍ଷ ପୂରିଛି । ତାଲିବାନର ନୂଆ ନିୟମ, ସର୍ବସାଧାରଣରେ କଥା କହିପାରିବେ ନାହିଁ ମହିଳା । ମହିଳାଙ୍କୁ ସର୍ବସାଧାରଣରେ ଗୀତ ଗାଇବା କିମ୍ବା ପଢିବା ଉପରେ ପ୍ରତିବନ୍ଧକ ଲଗାଇଛି ତାଲିବାନ । ୧୯୭୦ରେ ତାଲିବାନ ସରକାର ଝିଅଙ୍କ ବିବାହ ବୟସ ୧୮ ରୁ ୨୧ କରିବା, ପୁରୁଷଙ୍କ ବହୁବିବାହ , ଆଉ ଝିଅଙ୍କ ପାଇଁ ବାଧ୍ୟତାମୂଳକ ଶିକ୍ଷା ଆରମ୍ଭ କରିବା ପଛରେ ଥିଲା ଏକ ସଂସ୍କାରଧର୍ମୀ ରାଷ୍ଟ୍ର କଳ୍ପନା । ହେଲେ ସୋଭିଏଟ ସଂଘ ବିରୋଧରେ ମୁଜାହିଦ୍ଦିନମାନଙ୍କ ବିଜୟ ନାରୀ ପ୍ରଗତିରେ ଅନ୍ତରାୟ ହେଲା । ସାମାଜିକ ଗୃହଯୁଦ୍ଧରୁ ସୋଭିଏଟ ସଂଘ ୧୯୮୯ରୁ ସମ୍ପୂର୍ଣ୍ଣ ଦେଶ ଛାଡିଲାବେଳକୁ ତାଲିବାନ ମୁଣ୍ଡ ଟେକିଲା ପରେ ମହିଳାଙ୍କ ସାମାଜିକ ସମ୍ମାନ ଓ ନ୍ୟାୟ କଥାଟି ଚୁଲିମୁଣ୍ଡକୁ ଗଲା । ୧୯୯୬ରୁ ୨୦୦୧ ଯାଏ ଆଫଗାନିସ୍ତାନରେ ତାଲିବାନ ଶାସନ ଥିଲା । ହେଲେ ୨୦୦୧ରେ ଆମେରିକାର ଟୁଇନ ଟାୱାର ଓ ପେଣ୍ଟାଗନ ଉପରେ ଅଲ୍‌କାଏଦା ଉଗ୍ରବାଦୀମାନେ ବିମାନ ଯୋଗେ ଆକ୍ରମଣ କରିବା ପରେ ସ୍ଥିତି ବଦଳିଯାଇଥିଲା । ଆମେରିକା ଆଫଗାନିସ୍ତାନ ଉପରେ ଆକ୍ରମଣ କରି ତାଲିବାନକୁ କ୍ଷମତାରୁ ହଟାଇ ଦେଇଥିଲା, କାରଣ ଅଲ୍‌କାଏଦାର ସୁପ୍ରିମ୍‌ଲିଡର ଓସାମା ବିନ୍ ଲାଡେନ ଓ ଉଗ୍ରବାଦୀମାନେ ଆଫଗାନିସ୍ତାନରେ ଥିଲେ । ତାଲିବାନକୁ ଶାସନରୁ ହଟାଇବା ପରେ ସେଠାରେ ଏକ ମଧ୍ୟବର୍ତ୍ତୀକାଳୀନ ସରକାର ଗଠନ କରାଯାଇଥିଲା, ଯାହା ଆମେରିକା ତଥା ନାଟୋସେନାର ସହଯୋଗରେ ଚାଲୁଥିଲା । ହେଲେ ୨୦୨୧ ଅଗଷ୍ଟରେ ଏହି ସେନା ଆଫଗାନିସ୍ତାନ ଛାଡ଼ିଲା ପରେ ତାଲିବାନ୍ ପୁନର୍ବାର କ୍ଷମତା ଦଖଲ କରିନେଲା । ଲାଗୁଥିଲା ଆଫଗାନବାସୀ ଏକ ସ୍ୱାଧୀନ ରାଷ୍ଟ୍ରର ସ୍ୱାଦ ଚାଖିବେ । ହେଲେ ଜାତିଆଣ ବୈଷମ୍ୟତା ବଦଳରେ ଲିଙ୍ଗଗତ ବୈଷମ୍ୟତା ଭାରି ପଡିଲା । ଘରୋଇ ଗଣମାଧ୍ୟମ କ୍ଷେତ୍ରରେ କର୍ମଜୀବୀ ମହିଳାଙ୍କୁ ବଳପୂର୍ବକ ତଡି ଦିଆଗଲା । ପାର୍ଲରରେ କାମ କରୁଥିବା ଷାଠିଏ ହଜାର ମହିଳାଙ୍କୁ କର୍ମ ନିବୃତ୍ତ କରାଗଲା । ଯେଉଁମାନେ ବାରଣ ସତ୍ତ୍ୱେ କର୍ମକ୍ଷେତ୍ରକୁ ଗଲେ ସେମାନଙ୍କୁ ବାଡେଇ ପଙ୍ଗୁ କରିଦିଆଗଲା । ଆଫଗାନିସ୍ତାନ ମାଟିରେ ମୁସ୍‌ଲିମ ମୌଳବାଦୀ ଏକ ପୁରୁଷପ୍ରଧାନ ସମାଜର ଶିଳାନ୍ୟାସ କରିଦେଲେ ଯେମିତି ।

୧୯୯୮ରୁ ପ୍ରାୟ ସବୁ ପ୍ରଦେଶରେ ତାଲିବାନର ସ୍ଥିତି ବଢିଥିଲା । ମୁସ୍‌ଲିମ ସାରିଆତ ଆଇନ ଓ ଇସଲାମିକ ଲ' କଠୋର ପଦ୍ଧତି ଆପଣାଇବା ଦ୍ୱାରା ମହିଳାଙ୍କୁ ମୁଣ୍ଡଠାରୁ ଗୋଡ ଯାଏ ଘୋଡ଼େଇହୋଇ ରହିବା ବାଧ କରାଗଲା । ଟେଲିଭିଜନ, ରେଡିଓ, ନାଟକ, ସିନେମା କିମ୍ବା ମହିଳାଙ୍କ ସମ୍ବନ୍ଧୀୟ ଖବର ଲେଖାକୁ ବେଆଇନ ଘୋଷଣା ହେଲା । ସାଧାରଣ



ଆଇନରେ ପତ୍ନୀର ବିଚ୍ଛେଦ ଆବେଦନ ନ ଥିଲା କହିଲେ ଚଳେ । ତିନି ବର୍ଷରୁ ଅଧିକ ସମୟ ଯଦି ସ୍ୱାମୀ ଘରକୁ ନ ଫେରେ ତେବେ ବିଚ୍ଛେଦ ଆବେଦନ ହୋଇପାରିବ । ତଲାକ ଅଧିକାର ପୁରୁଷ ପାଖରେ ଥିଲା । ଆର୍ଥିକ ବିକାଶରେ ମହିଳାର ଯେମିତି କିଛି ନେଣଦେଣ ନାହିଁ । ଯାହା ସ୍ୱାମୀ ହାତଟେକି ଦବ । ଯଦି ସ୍ୱାମୀ ଭରଣପୋଷଣ ନ ଦିଏ ତେବେ ଏବେର ନ୍ୟାୟରେ ଆଇନଗତ ଲଢେଇ ଲଢ଼ିବା ହୋଇପାରିବନି । ପାର୍କରେ ଚାଲିବା, ପଡିଆରେ ଖେଳିବା, ହିଜାବ ଭିତରୁ ପ୍ରକୃତିକୁ ଉପଭୋଗ କରିବା ମନା ,ପୁଣି ଆପଦ କାଳରେ ଜରୁରୀ ସହାୟତା ପାଇଁ ହାତ ବଢେଇବା ମନା । ତାଲିବାନ ପରି ୟେମେନରେ 'ହୁଟି' ଓ ନାଇଜେରିଆରେ 'ବୋକୋ ହାରାମ' ପରି ବିଦ୍ରୋହୀ ନେତାଗଣ ଯଦି ଆଗାମୀ ଦିନରେ ନେତୃତ୍ୱର ନୂଆ ସୂର୍ଯ୍ୟ ଭାବେ ଆକାଶରେ ଉଭା ହୁଅନ୍ତି ତେବେ ସମୁଦାୟ ଜନତାର ଅଧା ମହିଳା ଦିନେ ନିଷ୍ପ୍ରଭ ତାରକା ହୋଇଯିବା ଥୟ ।

ଅଧିକାଂଶ ତାଲିବାନୀ ହେଲେ ସୁନି ମୁସଲମାନ, ମୂଳ ଜାତିଆଣ ପାସ୍ତୁନଭାଷୀ ପୁଣି ବିଦେଶ ପଢୁଆ । ବିଦେଶରେ ପାଠ ପଢିଲାବେଳେ ବେତ୍ରାଘାତ କରିବା, ବନ୍ଧୁକ ଚଲେଇବା ଆଉ ବୋମା ଫିଙ୍ଗି କେମିତି ଧର୍ମରକ୍ଷା କରିହେବ ଶିଖିଥିଲେ । ବଡ଼ ବିଶ୍ୱବିଦ୍ୟାଳୟର ଆବଶ୍ୟକ ହେଲାନି ଏହି ତାଲିବାନ ପାଠୁଆଙ୍କ ଲାଗି, ପଡୋଶୀ ପାକିସ୍ତାନର ଦେଓବନ୍ଦୀ ମଦ୍ରାସା ଇମାମ ଏମାନଙ୍କ କଣ୍ଠରେ ସରସ୍ୱତୀ ବିଜେ କରେଇବା ପରିବର୍ତ୍ତେ ସରସ୍ୱତୀଙ୍କଠାରୁ ଶିକ୍ଷା ଛଡେଇନବା କୌଶଳ ଶିଖାଇଲେ । ତେହରିକ-ଇ-ତାଲିବାନ, ୧୧ ବର୍ଷୀୟା ମଲାଲା ୟୁସୁଫଜାଇଙ୍କ ବିଦ୍ୟାଳୟକୁ ବନ୍ଦ କରିବାରେ ଖୁବ୍ ଗାଳି ଶୁଣିଲା । ପନ୍ଦର ବର୍ଷ ବୟସରେ ମଲାଲାଙ୍କୁ ଗୁଳି କରି ବାକ୍‌ଦେବୀଙ୍କ ବାକ୍ ସ୍ୱାଧୀନତା ହନନରେ ବିଶ୍ୱକୁ ନୂଆ ସନ୍ଦେଶ ଦେଲା ତାଲିବାନ । ଅବଶ୍ୟ ମଲାଲା ୟୁସୁଫଜାଇ ନୋବେଲ ମଣ୍ଡିତ ହୋଇ ପାକିସ୍ତାନର ଗୃହବନ୍ଦୀ ମହିଳାଙ୍କ ପାଇଁ ଜ୍ଞାନର ଗବାକ୍ଷ ହୋଇଗଲେ । ମହିଳାମାନେ ନିଜ ମୁହଁ ସମେତ ସର୍ବସାଧାରଣ ସ୍ଥାନରେ ନିଜର ପୂରା ଶରୀରକୁ ଘୋଡ଼ାଇ ରଖିବେ କଥାଟିକୁ ପାକିସ୍ତାନର କିଛି ରକ୍ଷଣଶୀଳ ମହିଳା ବିରୋଧକରି ରାଜରାସ୍ତାକୁ ଆସିବାରେ ତାଲିବାନମାନେ କ୍ଷୁବ୍ଧ ଥିଲେ । ନିଜ ପାରିଲାପଣିଆ ଫଳସ୍ୱରୂପ ଆଫଗାନିସ୍ତାନ ମାଟିରେ ଏବେ ନିଜ ମହିଳାଙ୍କୁ ଭେଟି ଦେଲେ ନୂଆ ଆଇନ, ଯେଉଁଥିରେ ମହିଳାଙ୍କ ସ୍ୱରକୁ ବ୍ୟକ୍ତିଗତ ଭାବେ ବିବେଚନା କରାଯିବ ଏବଂ ସର୍ବସାଧାରଣରେ ଏହାର ଶୁଣାଣି କରିବାକୁ ଅନୁମତି ଦିଆଯିବ ନାହିଁ ।

ମହିଳାମାନଙ୍କୁ ଅଣସମ୍ପର୍କିତ ପୁରୁଷଙ୍କୁ ଦେଖିବାକୁ ମଧ୍ୟ ଆଇନତଃ ଅବୈଧ କରାଯାଇଛି । ଅନାଥ, ସ୍ୱାମୀ ପରିତ୍ୟକ୍ତା କି ବିଧବା ମହିଳା ଯାହାଘରେ ପୁରୁଷ ବ୍ୟକ୍ତି ନାହାନ୍ତି ସେମାନେ ଡାକ୍ତରଖାନା ଯିବେନି । ଡାକ୍ତରଖାନା ଗଲେ ପୁରୁଷ ଡାକ୍ତର, କମ୍ପାଉଣ୍ଡର କି ଔଷଧ ବିକ୍ରେତାଙ୍କ ସହ ସିଧାସଳଖ କଥାହେବେନି । ପଡାପଡୋଶୀଙ୍କ ମାଡ଼ରେ ଆହତହୋଇ ଥାନାକୁ ଯିବେନି କାରଣ ଦେଶର ଆଇନଟି ସାର୍ବଜନୀନ କଥାବାର୍ତ୍ତାକୁ ବିରୋଧ କରେ । ମଲା ଶେଯରେ ପୋଲିସର ଜମାନବନ୍ଦୀକୁ ମଧ ଆଇନତଃ ନା । 'ଶିକ୍ଷା ବିବେକର ମାପକାଠି', ଯେଉଁଠି ପୁରୁଷମାନେ ମଦ୍ରାସାରୁ ପାଠସାରି ଦେଶ ଚଳାନ୍ତି ସେଠାରେ ବିବେକ ମରିଯିବା ସାଧାରଣ କଥା । ସତରେ କେତେଦୂରରେ ଏବେ ବି ଏହି ତାଲିବାନମାନଙ୍କ ବୁଦ୍ଧି । ଊନବିଂଶ ଶତାବ୍ଦୀର ମହାନୁଭବ ସନ୍ଥ, ଓଡ଼ିଶାର ଭୀମଭୋଇ ଲେଖିଲେ – ''ପୁରୁଷ ଓ ନାରୀ ଏକ ନୁହେଁ ଦୁଇ, ପୁରୁଷ ଯେଥାନେ ଯିବ ନାରୀ ଯିବ ତହିଁ ।'' ବୁଝିପାରିଲେ, ତାଲିବାନ ମହିଳାଙ୍କ ଅଧିକାର କ୍ଷୁଣ୍ଣକରି ପୁରୁଷ ପୁଙ୍ଗବ ନିଶ ମୋଡନ୍ତା ନାହିଁ । ମୁସ୍‌ଲିମ ଦେଶମାନେ ନାରୀକୁ ସମକକ୍ଷ ହବାକୁ ନ ଦେବା ଭୟଙ୍କର ମାନବିକ ଅଧିକାର ହନନ କଥା । କ୍ଷମତା ଆଳରେ ୯୨ ମହିଳା ଓ ୪୭୭ ଶିଶୁଙ୍କୁ ଏଯାବତ ଅକାଳରେ ମାରିସାରିଥିବା ତାଲିବାନ ଆଗକୁ ଆହୁରି କଡା ଆଇନ ଆଣିପାରେ । ଦେଶ ସଜାଡି ନ ପାରିଲେ ଆଗକୁ ଗୃହଯୁଦ୍ଧ ଦ୍ୱାରା ତାଲିବାନର ମଧ ବିନାଶ ହୋଇପାରେ ।

ଦେଶରେ ପେଟକୁ ଖାଦ୍ୟ ଓ ଉତ୍ତମ ସଂସ୍କାର ନୁହେଁ, ସଂସ୍କୃତି ଓ ଶାଳୀନତା ରକ୍ଷା ପାଇଁ ଲୋଡ଼ା କେବଳ ବୁର୍କା ! ଦେଶର ମୁଖ୍ୟ ହିବତୁଲ୍ଲା ଆଖୁନ୍ଦଜାଦାଙ୍କ ନିଷ୍ପତ୍ତି ପରେ ନୂଆ ଆଇନ ମହିଳାଙ୍କୁ ସର୍ବସାଧାରଣରେ କଥାବାର୍ତ୍ତାକୁ 'ନା' କୁହାଯାଇଛି । ଏହି ଆଇନରେ ଦୈନନ୍ଦିନ ଜୀବନର ସର୍ବସାଧାରଣ ପରିବହନ, ସଙ୍ଗୀତ, ଶେଭିଂ ଏବଂ ପର୍ବପର୍ବାଣି ଭଳି ଦିଗକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି । ଆଗରୁ ୭୫ କିଲୋମିଟର ଦେଶ ଭିତରେ ଭ୍ରମଣର ଅନୁମତି ଥିଲା । ମହରମ ଆଇନ ଅନୁସାରେ ତାହା ପୁଣି ସ୍ୱାମୀ କିମ୍ବା ରକ୍ତସମ୍ପର୍କୀୟ ସାଙ୍ଗରେ ଥାଇ । ନୂଆ ଆଇନ ଅନୁଯାୟୀ ମହିଳାମାନେ ମଧ ଅଣମୁସଲମାନ ପୁରୁଷ ଓ ମହିଳାଙ୍କ ସମ୍ମୁଖରେ ନିଜକୁ ଆବୃତ୍ତ ରଖିବାକୁ ପଡ଼ିବ । ଏତଦ୍‌ବ୍ୟତୀତ ମହିଳାମାନେ ପତଳା, ଟାଇଟ କିମ୍ବା ଛୋଟ ପୋଷାକ ପିନ୍ଧି ପାରିବେ ନାହିଁ ବୋଲି ଆଇନରେ ଉଲ୍ଲେଖ ରହିଛି । ୨୦୨୨ରେ ରାଜରାସ୍ତାକୁ ଓହ୍ଲାଇଥିବା ମହିଳା ସ୍ୱେଚ୍ଛାସେବୀଙ୍କୁ ଝିଅଙ୍କ ଲାଗି ସେକେଣ୍ଡାରୀ ସ୍କୁଲ ଖୋଲିବା ବିଚାରାଧୀନ ଥିବା କହିଥିବା ତାଲିବାନ ଶେଷରେ ମହିଳାଙ୍କୁ ଠକିଦେଇଛି ।

ଡାକବଙ୍ଗଳା ଛକ, ପୁରୁଣା ଭୁବନେଶ୍ୱର
ମୋ: ୮୨୪୯୮୨୭୧୪୮

# ଭୟରେ ନିର୍ଭୟା



ରବିନାରାୟଣ ସାମଲ

ଦିଲ୍ଲୀର ନିର୍ଭୟା ଗଣବଳାତ୍କାର ଘଟଣାର ୧୨ ବର୍ଷ ପରେ ସାରା ଦେଶରେ ପ୍ରତିବାଦର ସ୍ୱର ତୀବ୍ର ହୋଇଥିବା ପ୍ରଥମ ଘଟଣାଟି ହେଉଛି କୋଲକାତାର ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା । ପ୍ରତିବାଦ ସ୍ୱତଃସ୍ଫୂର୍ତ୍ତ ହୋଇଥିଲେ ମଧ୍ୟ ରାଜନୈତିକ ଦଳଗୁଡ଼ିକର ସମର୍ଥନ ଏହାକୁ ତୀବ୍ରତର କରିଛି । ଦିଲ୍ଲୀ ଅନୁରୂପ କୋଲକାତା ଘଟଣାଟି ଯେ ଅତ୍ୟନ୍ତ ଜଘନ୍ୟ ଓ ମର୍ମାନ୍ତକ, ଏଥିରେ କେହି ଦ୍ୱିମତ ହେବେ ନାହିଁ । ମାତ୍ର ଏଠାରେ ରାଜନୈତିକ ନେତୃତ୍ୱଙ୍କ ଦ୍ୱୈତ ଅବସ୍ଥାନ ଏହାକୁ ଅଧିକ ମର୍ମାନ୍ତକ କରିଦେଇଛି । ଗୁଜରାଟ ଦଙ୍ଗାର ପୀଡ଼ିତା ବିଲ୍‌କିସ୍ ବାନୋ ଓ ଉତ୍ତର ପ୍ରଦେଶର ଉନାଓଁ ଓ ହାଥ୍‌ରାସ୍ ଘଟଣାର ପ୍ରଚ୍ଛଦପଟରେ ଏପରି ଦୃଶ୍ୟ ଆମକୁ ଦେଖିବାକୁ ମିଳିଛି । ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହସ୍ତକ୍ଷେପ ପୀଡ଼ିତାଙ୍କୁ ନ୍ୟାୟ ଦେବା କ୍ଷେତ୍ରରେ ଘୋର ଅନ୍ତରାୟ ସୃଷ୍ଟି କରିଛି । ପୀଡ଼ିତା ଓ ତାଙ୍କ ସମ୍ପର୍କୀୟ ନ୍ୟାୟ ପାଇବାକୁ ବର୍ଷ ବର୍ଷ ଧରି ଅପେକ୍ଷା କରିଛନ୍ତି । ତଥାପି ନ୍ୟାୟ ପାଇପାରି ନାହାନ୍ତି ।

ରାଜସ୍ଥାନର ଆଜମେର୍‌ରେ ଏକ ଘରୋଇ ବିଦ୍ୟାଳୟର ୨୫୦ ଜଣ ଛାତ୍ରୀଙ୍କୁ ବିଦ୍ୟାଳୟର ୧୮ ଜଣ କର୍ମକର୍ତ୍ତା ଦୀର୍ଘଦିନ ଧରି ବଳାତ୍କାର ଓ ବ୍ଲାକ୍‌ମେଲିଂ କରି ଆସୁଥିଲେ । ଅଭିଯୁକ୍ତମାନେ ପ୍ରଭାବଶାଳୀ ବ୍ୟକ୍ତି ହୋଇଥିବାରୁ ଦୀର୍ଘ ୩୨ ବର୍ଷ ପରେ ତାହାର ରାୟ ଏବେ ପ୍ରକାଶ ପାଇଛି । ପୂର୍ଣ୍ଣାଙ୍ଗ ରାୟ କେବେ ପ୍ରକାଶ ପାଇବ ତାହାର କିଛି ଠିକ୍ ଠିକଣା ନାହିଁ । ସେହିପରି ଗୁଜରାଟ ଦଙ୍ଗାର ପୀଡ଼ିତା ବିଲ୍‌କିସ୍ ବନୋ, ଉନାଓଁ ଓ ହାଥରାସ୍ ପୀଡ଼ିତାଙ୍କ ସମ୍ପର୍କୀୟମାନେ ନ୍ୟାୟ ପାଇବାକୁ ଚାହିଁ ବସିଛନ୍ତି । ରାଜନୈତିକ ଓ ପ୍ରଭାବଶାଳୀ ବ୍ୟକ୍ତିମାନେ ଆଇନକୁ ମୋଡ଼ି ମଚକି ନିଜ ସପକ୍ଷରେ ନେବାକୁ ସକ୍ଷମ ହେଉଥିବାରୁ ଦେଶରେ ଏହି ଅଭାବନୀୟ ଅବସ୍ଥା ସୃଷ୍ଟି ହୋଇଛି ।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ ଅନୁଯାୟୀ ଦେଶରେ ପ୍ରତି ୧୬ ମିନିଟ୍‌ରେ ଗୋଟିଏ ବଳାତ୍କାର ଘଟଣା ଘଟୁଛି । ଘରେ କି ବାହାରେ ସେମାନଙ୍କ ପାଇଁ ନିରାପଦ ସ୍ଥାନଟିଏ ନାହିଁ । ପ୍ରକାଶିତ ତଥ୍ୟଗୁଡ଼ିକ ସମୁଦ୍ରରେ ଭାସମାନ ବରଫ ସ୍ତୁପର ଅଗ୍ରଭାଗ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ସାମାଜିକ ଲଜ୍ଜାକୁ ଭୟକରି ବହୁ ଘଟଣା ଲୋକଲୋଚନକୁ ଆସିପାରୁ ନାହିଁ ।

କଠୋର ଆଇନ ପ୍ରଣୟନ ଓ ଅଭିଯୁକ୍ତଙ୍କୁ ଫାଶୀ ଦିଆଯିବା ସତ୍ତ୍ୱେ ତାହାର କିଛି ପ୍ରଭାବ ସମାଜରେ ପଡୁଥିବାର ଲକ୍ଷ୍ୟ କରାଯାଉ ନାହିଁ । କୋଲକାତାର ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟାରେ ସାରା ଦେଶ ପ୍ରତିବାଦ ମୁଖର ହେଉଥିବା ଅବଧି ମଧ୍ୟରେ ଦେଶର ଅନେକ ସ୍ଥାନରେ ବଳାତ୍କାରମାନ ଘଟିଥିବାର ପରିଲକ୍ଷିତ ହୋଇଛି । ଉତ୍ତରାଖଣ୍ଡରେ ଜଣେ



ନର୍ସଙ୍କୁ ବଳାତ୍କାର ଓ ହତ୍ୟା, ଅଯୋଧ୍ୟାରେ ଜଣେ ୪ ବର୍ଷର ଶିଶୁକୁ ବଳାତ୍କାର, ମହାରାଷ୍ଟ୍ରର ଠାଣେ ଜିଲାର ଏକ ବିଦ୍ୟାଳୟରେ ୨ ଜଣ ନାବାଳିକାଙ୍କୁ ଯୌନ ନିର୍ଯାତନା, ଦିଲ୍ଲୀରେ ଜଣେ ୪ ବର୍ଷର ଶିଶୁକୁ ବଳାତ୍କାର, ଭୁବନେଶ୍ୱରରେ ଜଣେ ଶିଶୁକୁ ପଡ଼ୋଶୀଙ୍କ ଦ୍ୱାରା ବଳାତ୍କାର ଅଭିଯୋଗ ସେଗୁଡ଼ିକ ମଧ୍ୟରୁ ମାତ୍ର କେତୋଟି । ଅପରାଧୀମାନେ ବେପରୁଆ ଭାବେ ଅପରାଧ ଘଟାଇ ଚାଲିଛନ୍ତି ।

କିଛି ବର୍ଷ ହେଲା ସ୍କୁଲ କଲେଜର ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳ ଶିକ୍ଷା ଦିଆଯାଉଛି । କିନ୍ତୁ ଫଳ ଶୂନ । ୨ ବର୍ଷ ତଳେ ଗୁରୁଗାଓଁଠାରେ ଜଣେ ଜାତୀୟ ସ୍ତରର ଜୁଡୋ ଖେଳାଳିଙ୍କୁ ୨ ଜଣ ଯୁବକ ବଳାତ୍କାର କଲେ । ଏଠାରେ ପ୍ରଶ୍ନ ଉଠୁଛି ସେହି ଯୁବତୀଙ୍କୁ ଆତ୍ମରକ୍ଷା କୌଶଳ କ'ଣ ଜଣା ନ ଥିଲା ? ସେ ତାକୁ କାହିଁକି ପ୍ରୟୋଗ କରିପାରିଲେ ନାହିଁ ? ଅପରାଧୀଙ୍କୁ ମୁକାବିଲା କରିବାରେ ପୋଲିସ ପ୍ରଶାସନ ଯେଉଁଠି ବିଫଳ, ସେଠି ଆତ୍ମରକ୍ଷା କୌଶଳ କି କାମରେ ଲାଗିବ ? ନିଜ ମୁଣ୍ଡରୁ ଦାୟିତ୍ୱ ଖସାଇବାକୁ ସରକାରଙ୍କର ଏହା ଏକ ଅପଯୋଜନା ।

ଆଜରବୈଜାନ୍, ଜାପାନ, ୟୁକ୍ରେନ୍, ହଂକଂ ଆଦି ଦେଶରେ ବଳାତ୍କାର ଘଟଣା ପ୍ରାୟ ଦେଖାଯାଏ ନାହିଁ । ସେହି ସବୁ ଦେଶରେ ବଳାତ୍କାରକୁ ଯଦି ନିୟନ୍ତ୍ରଣ କରାଯାଇ ପାରିଛି, ଆମ ଦେଶରେ କାହିଁକି ନ ହେବ ? କିନ୍ତୁ କେହି ସମାଧାନର ସୂତ୍ରଟିଏ ଖୋଜି ପାଇପାରୁନାହାନ୍ତି । ପ୍ରଥମ କଥାଟି ହେଉଛି ରାଜନୈତିକ ସଦିଚ୍ଛା । ରାଜନୈତିକ ସଦିଚ୍ଛା ନ ଥିଲେ ଦେଶର କୌଣସି ସମସ୍ୟା ସମାଧାନ ହୋଇପାରିବ ନାହିଁ । ଆବଶ୍ୟକ ସଂଖ୍ୟାରେ ଫାଷ୍ଟଟ୍ରାକ୍ କୋର୍ଟ ଅଭାବରୁ ମାମଲାଗୁଡ଼ିକ ବର୍ଷ ବର୍ଷ ଧରି ପଡ଼ିରହୁଛି । ଅଭିଯୁକ୍ତ ଫୁଲହାର ପକାଇ ରାଜରାସ୍ତାରେ ବୁଲୁଛି । ପୀଡ଼ିତା କାନ୍ଦୁଛି । ଏହାକୁ ନିୟନ୍ତ୍ରଣ କରିବା ପାଇଁ ନୂଆ ଆଇନର ଆବଶ୍ୟକତା ଅଛି । ବର୍ତ୍ତମାନ ବହୁଳ ବ୍ୟବହୃତ ଟିଭି ଓ ସ୍ମାର୍ଟ ଫୋନ୍ ଯୌନବାଦୀଙ୍କ ଆଡ୍ଡାସ୍ଥଳୀରେ ପରିଣତ ହୋଇଛି । ଏଗୁଡ଼ିକୁ ନିୟନ୍ତ୍ରଣ କରିବାକୁ ଆଇନର ଆବଶ୍ୟକତା ଅଛି । ଔଷଧ ବିକଳରେ ତାଟିଆ କାମୁଡ଼ିଲା ଭଳି ଆମେ ଆଇନକାନୁନ, ଫାଷ୍ଟ ଟ୍ରାକ୍ କୋର୍ଟ, ଆତ୍ମରକ୍ଷା କୌଶଳ ଭଳି ସହଜ ସୁଲଭ ପନ୍ଥା ଅନୁସରଣ କରୁଛନ୍ତି । ଅଥଚ ସୁସ୍ଥ ମାନସିକତା ସକାଶେ ସୁସ୍ଥ ସମାଜଟିଏ ଗଠନ କରିବା ଉପରେ ଆଦୌ ଗୁରୁତ୍ୱ ଦେଉନାହାନ୍ତି । ଏହା ଠିକ୍ ନଈରେ ହଜାଇ ପୋଖରୀରେ ଖୋଜିଲା ଭଳି ହେଉଛି ।

ସୁତରାଂ ସମାଜରେ ବ୍ୟାପୁଥିବା ମହିଳାମାନଙ୍କ ପ୍ରତି ଅସଦାଚରଣ, ଯୌନ ଶୋଷଣ ଓ ବଳାତ୍କାର ଭଳି ବ୍ୟାଧିର ନିରାକରଣ ନିମିତ୍ତ ଏକ ସ୍ୱତନ୍ତ୍ର କମିଶନ ଗଠନ ଜରୁରୀ ହୋଇପଡ଼ିଛି । ଏକାଧିକ ସଂଖ୍ୟାରେ ସମାଜ ବିଜ୍ଞାନୀ, ମନସ୍ତତ୍ତ୍ୱବିତ୍, ଶିକ୍ଷାବିତ୍, ସ୍ୱେଚ୍ଛାସେବୀ ଓ ଆଇନ ବିଶାରଦମାନଙ୍କୁ ଏହି କମିଶନରେ ସଦସ୍ୟ ରଖିବା ଉଚିତ ମନେ ହେଉଛି । ଏକ ନିର୍ଦ୍ଦିଷ୍ଟ ସମୟସୀମା ଭିତରେ ଉକ୍ତ କମିଶନ ତାହାର ସୁପାରିସ ପ୍ରଦାନକଲେ ହୁଏତ ସମସ୍ୟାଟିର ସମାଧାନ ନିମିତ୍ତ ରାସ୍ତାଟିଏ ଫିଟିଯିବ । ବହୁତ ଡେରି ହୋଇଗଲାଣି । ସରକାର ତୁରନ୍ତ ଏପରି କିଛି ପଦକ୍ଷେପ ଗ୍ରହଣ କରନ୍ତୁ ।

ମୋ: ୭୯୭୫୦୪୬୪୮୬

## ଏଇ ଭାରତରେ

ଉଚ୍ଚଶିକ୍ଷା ଲାଭକରି ଚାକିରି ଆଶା ରଖିଥିବା ପଞ୍ଜାବର ଫୁମାନ ସିଂଙ୍କ ପାଇଁ ବାଧକ ସାଜିଥିଲା ଦାରିଦ୍ର୍ୟ । ସେ ବିଏ ଦ୍ୱିତୀୟ ବର୍ଷରୁ ପାଠ ଛାଡିବାକୁ ବାଧ ହୋଇଥିଲେ । ପରେ ସେ ଚାଷ ଆରମ୍ଭ କରିଥିଲେ । ୩୦ ବର୍ଷ ହେଲା ସେ ଗାଜର ଚାଷ କରିଆସୁଛନ୍ତି । କପୁରଥାଲାର ପରମଜିତପୁର ଗାଁର ଫୁମାନ ଏବେ ଚାଷରୁ ବର୍ଷକୁ ୧ କୋଟି ଟଙ୍କା ରୋଜଗାର କରୁଛନ୍ତି । ଫୁମାନ ପ୍ରଥମେ ସାଢେ ଚାରି ଏକରରେ ଚାଷ ଆରମ୍ଭ କରି ତାହାକୁ ୩୭ ଏକରକୁ ବୃଦ୍ଧି କରିଛନ୍ତି । ଏହାବାଦ ଆଉ ୧୩ ଏକର ଜମି ଲିଜରେ ଆଣି ମୋଟରେ ସେ ୫୦ ଏକରର ଚାଷ କରୁଛନ୍ତି । ଏଥିପାଇଁ ସେ କୃଷି ବିଜ୍ଞାନ କେନ୍ଦ୍ରରୁ ପ୍ରଶିକ୍ଷଣ ନେଇଛନ୍ତି । ଫୁମାନ ଓ ତାଙ୍କ ଦୁଇ ଭାଇଙ୍କ ଚାଷଜମିକୁ ମିଶାଇଲେ ମୋଟ ୮୦ ଏକର ଜମିରେ ଗାଜର ଚାଷ ହେଉଛି । ସେଥିରୁ ଏହି ଚାଷରେ ଫୁମାନଙ୍କ ପୁଅ ମଧ ସହଯୋଗ କରୁଛନ୍ତି । ପ୍ରଥମେ ଫୁମାନ ଧାନ ଓ ଗହମ ଚାଷ କରିଥିଲେ । ଗୋ-ପାଳନ ମଧ କରିଥିଲେ । ହେଲେ ଲାଭ କମ୍ ହେବାକୁ ସେ ସବୁ ଛାଡ଼ି ଗାଜର ଚାଷ କରି ଅଧିକ ଲାଭ ପାଉଛନ୍ତି । ଆଖପାଖ ଅଞ୍ଚଳରେ ଗାଜର ଚାଷ ବଢାଇବା ଲାଗି ଏକ ସିଡ୍ ବ୍ୟାଙ୍କ କରିଛନ୍ତି । ସ୍ଥାନୀୟ ଲୋକେ ଏବଂ ଦେଶର ବିଭିନ୍ନ ସ୍ଥାନରୁ ଚାଷୀମାନେ ତାଙ୍କଠାରୁ ଗାଜର ମଞ୍ଜି ନେଉଛନ୍ତି । ଏବେ ତାଙ୍କ ସିଡ୍ ବ୍ୟାଙ୍କରେ ଯେତିକି ବିହନ ମଞ୍ଜି ଅଛି ତାହା ୬୫୦ ଏକର ଚାଷ ହୋଇପାରିବ । ସେ ୧କେଜି ମଞ୍ଜିକୁ ୧,୦୦୦-୧,୫୦୦ ଟଙ୍କାରେ ବିକ୍ରି କରୁଛନ୍ତି । ତେବେ ୩୦ ବର୍ଷ ମଧ୍ୟରେ ଗାଜର ଚାଷ କେବେ ତାଙ୍କୁ କ୍ଷତିରେ ପକାଇ ନାହିଁ ବୋଲି କୁହନ୍ତି ଫୁମାନ ।

## ଚିରନ୍ତନୀ

ସକଳ ଦୂର
ନିକଟ ହେଲା
ନିବିଡ଼େ ଗଲା ଛୁଇଁ
ସବୁଜ ଗିରି କାନନ ନଦୀ ଭୂଇଁ ।
–(ସନ୍ଧ୍ୟା ପଥେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# ପାଠକ ଶ୍ରେଷ୍ଠ ବିଚାରକ

## ଆଳୁଚାଷ ଅଧିକ ହେଉ

ମହାଶୟ,

ଆଗରୁ ରାଜ୍ୟର ଚାଷୀ ଭାଇମାନେ ବହୁଳ ଭାବେ ଆଳୁଚାଷ କରୁଥିଲେ । କ୍ଷେତରୁ ଅମଳ ହେଉଥିବା ପ୍ରଚୁର ପରିମାଣର ଆଳୁକୁ ସାଇତି ରଖିବାର ସୁବିଧା ନ ପାଇ କେବଳ ନିଜର ବ୍ୟବହାର ପାଇଁ ଅଳ୍ପ ଆଳୁ ରଖି ବ୍ୟବସାୟୀମାନଙ୍କୁ କମ୍ ଦାମ୍‌ରେ ବିକି ଦେଉଥିଲେ । ତାହାଛଡ଼ା ରାଜ୍ୟରେ ଶୀତଳଭଣ୍ଡାର ଅଭାବରୁ ସେମାନେ ଆଳୁ ପଚିଯିବା କ୍ଷତିରୁ ବଞ୍ଚିବା ପାଇଁ ଉତ୍ପାଦିତ ଆଳୁକୁ ଶସ୍ତାରେ ବିକ୍ରୟ କରିବାକୁ ବାଧ ହେଉଥିଲେ । ଆଳୁଚାଷରେ ଅଧିକ କ୍ଷତି ସହୁଥିବା କାରଣରୁ ଅନେକ ଚାଷୀ ଏଥିରୁ ଓହରି ଯାଉଛନ୍ତି । ଫଳରେ ଆମ ରାଜ୍ୟରେ ପ୍ରତିବର୍ଷ ଆଳୁସଙ୍କଟ ଦେଖାଦେଉଛି । ପ୍ରକୃତପକ୍ଷେ ଏହା ପାଇଁ ସରକାର ଉତ୍ତରଦାୟୀ । ଦେଖାଯାଏ ଆଳୁଚାଷ ପାଇଁ ମନ୍ତ୍ରୀ ଓ ବିଭାଗୀୟ ଅଧିକାରୀମାନେ ବୈଠକ କରିଥାନ୍ତି ଏବଂ ବିଭିନ୍ନ ଯୋଜନା କାଗଜ କଲମରେ କରି ଚୁପ୍ ରୁହନ୍ତି । ଯେମିତି ଆଳୁ ମିଶନ । ରାଜ୍ୟ ଏହି ମିଶନରେ ଆଳୁ ଚାଷରେ କେତେ ଆଗେଇଛି ତାହା କହିବା କଷ୍ଟକର । ଶୀତଳ ଭଣ୍ଡାର କଥା ନ କହିବା ଭଲ । ଦେଖାଯାଏ, ଆଳୁ ନିଅଣ୍ଟିଆ କାଳରେ ପଡ଼ୋଶୀ ରାଜ୍ୟ ପାଖରେ ହାତ ପତାଉଛନ୍ତି । ପଡ଼ୋଶୀ ରାଜ୍ୟ ମଧ ସେମାନଙ୍କର ମନମାନୀ ଚଳାଉଛନ୍ତି । ଖାଉଟିମାନେ କେବଳ ଚାତକ ସଦୃଶ ଅପେକ୍ଷାରେ ରହୁଛନ୍ତି । ଏହି ପରିପ୍ରେକ୍ଷୀରେ ସରକାର ଆଳୁଚାଷର ଉନ୍ନତି ନିମନ୍ତେ ଧ୍ୟାନ ଦିଅନ୍ତୁ । ଚାଷୀମାନଙ୍କୁ ଉତ୍ତମ କିସମ ବିହନ ଯୋଗାଇବା ସହ ଆଳୁ ଆମଦାନୀ ସମୟରେ ଆବଶ୍ୟକ ଶୀତଳଭଣ୍ଡାର ନିର୍ମାଣ ପୂର୍ବକ ତାହାସବୁ ସାଇତି ରଖିବାର ଯୋଜନା କରନ୍ତୁ ।

–ମହେଶ୍ୱର ନାୟକ, ଦୋବନ୍ଧା, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଡାକ୍ତରଙ୍କ ଗାଡ଼ି ଧକ୍କାରେ ୨ ଶିଶୁ ସମେତ ୪ ଗୁରୁତର

- ସ୍କୁଟିକୁ ୩୦୦ ମିଟର ଘୋଷାରିନେଲା କାର୍
- ଡାକ୍ତରଙ୍କୁ ପୋଲିସ ଜିମାଦେଲେ ଲୋକେ



ଦୁର୍ଘଟଣା ପରେ ଦୀର୍ଘ ୩ ଶହ ମିଟର ଘୋଷାରି ନେଇଥିବା ଦୁର୍ଘଟଣାଗ୍ରସ୍ତ ସ୍କୁଟିଟି କାର୍ ସମ୍ମୁଖରେ ଲାଖି ରହିଛି।

ବଡବିଲ,୯।୯(ଦେବପ୍ରିୟ ରଣା)

କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ମୁଖ୍ୟ ରାସ୍ତା ମସଜିଦ ନିକଟରେ ରବିବାର ବିଳମ୍ବିତ ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ କାର୍ ଧକ୍କାରେ ୨ ଶିଶୁ ସମେତ ୪ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ସ୍କୁଟି ଚାଳକ କେ ଅଲୀ ମହୋଲ୍ଲା ଅଞ୍ଚଳର ଏମ୍‌ଡି ଫାରୁକ୍, ସ୍କୁଟିରେ ବସିଥିବା ମହିଳା ଅଜମେରୀ ଖାତୁନ, ୧୧ ବର୍ଷୀୟ ପୁଅ ଏମ୍‌ଡି ଫରହାଦ ଓ ୮ ବର୍ଷର ଝିଅ ଆଲିଶବା। ଦୁର୍ଘଟଣା ଘଟାଇଥିବା କାର୍ ଚାଳକ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ହିମାଂଶୁ ଝା ବୋଲି ଜଣାପଡ଼ିଛି। ତାଙ୍କୁ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି।

ସୂଚନା ଅନୁଯାୟୀ, ଡାକ୍ତର ତାଙ୍କ କାର୍( ନଂ. ଜେଏଚ ୦୫ ଡିଏଫ ୧୮୨୩) ଯୋଗେ ମାର୍କେଟରୁ କିରିବୁରୁ ଛକ ଆଡ଼କୁ ଯାଉଥିଲେ। ସମ୍ମୁଖରୁ ଆସୁଥିବା ସ୍କୁଟି (ନଂ. ଓଡି ୦୯ ପି ୯୯୮୦)କୁ ଧକ୍କା ଦେଇଥିଲେ। ଧକ୍କାରେ ସ୍କୁଟିରେ ଥିବା ଏମ୍‌ଡି ଫାରୁକ୍, ମହିଳା, ମହିଳାଙ୍କ ପୁଅ ଓ ଝିଅ ଦୂରକୁ ଛିଟିକି ପଡ଼ିଥିଲେ। ତେବେ ଦୁର୍ଘଟଣା ଘଟାଇ ଫେରାର ହେଉଥିବାବେଳେ କାର୍ ସମ୍ମୁଖରେ ସ୍କୁଟିଟି ଲାଖିଯାଇଥିଲା। ଡାକ୍ତର ଜଣକ ସ୍କୁଟିକୁ ପ୍ରାୟ ୩୦୦ ମିଟର ଦୂରକୁ ଘୋଷାରି ନେଇଥିଲେ। ରାସ୍ତାର ଡିଭାଇଡରରେ ଫସି କାର୍‌ଟି ଅଟକିଯାଇଥିଲା। ଦୁର୍ଘଟଣା ପରେ କାର୍ ପଛରେ ଲୋକେ ଗୋଡ଼ାଇ ଡାକ୍ତରଙ୍କୁ କାବୁ କରି ପୋଲିସକୁ ସୂଚନା ଦେଇଥିଲେ। ପୋଲିସ ପହଞ୍ଚି ହିମାଂଶୁଙ୍କୁ ଥାନାକୁ ନେଇଥିଲା। ଡାକ୍ତର ଅତ୍ୟଧିକ ମଦ୍ୟପାନ କରି କାର ଚାଳନା କରୁଥିଲେ ବୋଲି ପ୍ରତ୍ୟକ୍ଷଦର୍ଶୀ କହିଥିବା ବେଳେ ପୋଲିସ କୌଣସି ସୂଚନା ଦେଉନାହିଁ। ଦୁର୍ଘଟଣାରେ ଗୁରୁତରଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅଜମେରୀ, ଆଲିଶବାଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ପୋଲିସ ଡାକ୍ତରଙ୍କୁ ଛାଡ଼ିଦେଇଥିବା ବେଳେ ସୁରକ୍ଷା ଦେଉଥିବା ଲୋକେ ଅଭିଯୋଗ କରିଛନ୍ତି। ଏ ନେଇ ବଡ଼ବିଲ ଥାନା ସବ୍-ଇନ୍ସପେକ୍ଟର ବଳିଆ ବାରିକଙ୍କୁ ବାରମ୍ବାର ଫୋନ ଯୋଗେ ଯୋଗାଯୋଗ କରିଥିଲେ ହେଁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ତେବେ ନୂତନ କରି ଲାଗୁ ହୋଇଥିବା ଭାରତୀୟ ନ୍ୟାୟ ସଂହିତାରେ ମଦ୍ୟପାନ କରି ଗାଡ଼ି ଚାଳନା, ଦୁର୍ଘଟଣା ପରେ ଘଟଣାସ୍ଥଳରୁ ପଳାୟନ ନେଇ କଠୋର ଆଇନ ରହିଛି। ପୋଲିସ କିଭଳି ତଦନ୍ତ କରୁଛି ତାହା ଦେଖିବାକୁ ବାକି ରହିଲା।

# ଟ୍ରକ୍ ସହ ବାଇକ୍ ଧକ୍କା, ୨ ସାଙ୍ଗ ମୃତ

ଭଦ୍ରକ,୯।୯ (ସନାତନ ରାଉତ)

୩ ସାଙ୍ଗ ବାଇକ୍‌ରେ ଆସୁଥିବା ବେଳେ ଏକ ଟ୍ରକ୍ ସହ ଧକ୍କା ହେବାରୁ ଅକାଳରେ ଝଡ଼ିପଡ଼ିଲା ୨ ଜୀବନ। ରବିବାର ବିଳମ୍ବିତ ରାତିରେ ୧୬ ନଂ. ଜାତୀୟ ରାଜପଥର ଭଦ୍ରକ ଟାଉନ ଥାନା ଅଧୀନ ବନ୍ତ ଛକ ନିକଟରେ ଏହି ଦୁର୍ଘଟଣା ଘଟିଛି। ଏଥିରେ ୨ ସାଙ୍ଗଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ସାଙ୍ଗ ଜଣକ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ୨ ମୃତକ ହେଲେ ଟାଉନ ଥାନା ଅଧୀନ ପଥରଆଡ଼ି ଗ୍ରାମର ସୌରଭ ମିଶ୍ର(୨୪) ଓ ଭଦ୍ରକ ଗ୍ରାମାଞ୍ଚଳ ଥାନା ବେଳମଳା ଗ୍ରାମର ଶିବସୁନ୍ଦର ମହାପାତ୍ର(୨୧)।

ସୂଚନା ଅନୁଯାୟୀ, ୩ଜଣ ବାଇକ୍‌ରେ ଆରଡ଼ି ଛକରୁ ଚରମ୍ପା ଅଭିମୁଖେ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି। ୩ଜଣ ଗୁରୁତର ଅବସ୍ଥାରେ ତଳେ ପଡ଼ିଥିବା ବେଳେ ଏକ ବସ୍‌ର କଣ୍ଡକ୍ଟର ସ୍ଥାନୀୟ ବସ୍ କାଉଣ୍ଟରକୁ ଖବର ଦେଇଥିଲେ। ସେମାନେ ଘଟଣାସ୍ଥଳରେ ପହଞ୍ଚି ଯୁବକମାନଙ୍କ ଫୋନ୍ ମାଧ୍ୟମରେ ସେମାନଙ୍କ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚିବା ପରେ ସେମାନଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ସୌରଭ ଓ ଶିବସୁନ୍ଦରଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶିବସୁନ୍ଦରଙ୍କ ବାପା ପ୍ରଶାନ୍ତ ମହାପାତ୍ରଙ୍କ ଅଭିଯୋଗକ୍ରମେ ଟାଉନ ପୋଲିସ ମାମଲା(ନଂ.୫୪୨/୨୪) ରୁଜୁ କରିଛି। ଦୁର୍ଘଟଣା ପରେ ଟ୍ରକ୍ ଫେରାର ହୋଇଯାଇଥିବା ବେଳେ ପୋଲିସ ତଦନ୍ତ ଜାରି ରଖିଛି।

# ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପରେ ଉତ୍ପାଦନ ବନ୍ଦ

## ପ୍ରବଳ ବର୍ଷାରେ ଟର୍ବାଇନ୍‌ରେ ପାଣି ପଶିଲା

କୋରାପୁଟ,୯।୯ (ଅମିତାଭ ବେହେରା)



ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପ ଟର୍‌ବାଇନ୍ ଭିତରେ ପଶିଥିବା ବର୍ଷା ପାଣି।

କୋରାପୁଟ ଜିଲାରେ ପ୍ରବଳ ବର୍ଷା ଲାଗି ରହିଛି। ଆନ୍ଧ୍ରରେ ପ୍ରବଳ ବର୍ଷା ଯୋଗୁ ଜଲାପୁଟ ମୁଖ୍ୟ ଜଳଭଣ୍ଡାର ଫୁଲିବାରେ ଲାଗିଛି। ସୋମବାର ମଧ୍ୟାହ୍ନରେ ଜିଲା ସୀମାନ୍ତ ଅନକାଡ଼େଲି ପଞ୍ଚାୟତ ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପ ଭିତରେ ବର୍ଷାଜଳ ପଶିବା ଫଳରେ ବିଦ୍ୟୁତ୍ ଉତ୍ପାଦନ ବନ୍ଦ ହୋଇଛି। ମାଛକୁଣ୍ଡ ପ୍ରକଳ୍ପରୁ ଦୈନିକ ୮୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ ହୋଇଥାଏ। ଏହା ସୋମବାର ବନ୍ଦ ହେବା ପରେ ସେବା ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଛି। ବିଦ୍ୟୁତ୍ ପ୍ରକଳ୍ପର ୨ ନମ୍ବର ୟୁନିଟ୍ ଭିତରେ ବନ୍ୟାଜଳ ପ୍ରବେଶ କରିଛି। ବନ୍ୟାଜଳ ବାହାର କରିବାକୁ କର୍ମଚାରୀମାନେ ଉଦ୍ୟମ ଚଳାଇଥିବା ଜଣାପଡିଛି। ପାଇପ୍ ଲଗାଇ ପାଣି ବାହାର କରିବାକୁ ଉଦ୍ୟମ ଚଳାଇଛନ୍ତି। ମାଛକୁଣ୍ଡ ବିଦ୍ୟୁତ୍ ପ୍ରକଳ୍ପର ମୁଖ୍ୟ ଜଳଭଣ୍ଡାରରେ ବିପଦ ସଙ୍କେତ ଉପରେ ଜଳ ପ୍ରବାହିତ ହେଉଛି। ଜଳଭଣ୍ଡାରର ୫ଟି ଗେଟ୍ ଖୋଲାଯାଇଛି। ପ୍ରତି ସେକେଣ୍ଡରେ ଜଳଭଣ୍ଡାରରୁ ୨୩ ହଜାର କ୍ୟୁସେକ୍ ଜଳ ନିଷ୍କାସନ କରାଯାଉଛି। ସେହିପରି ମାଛକୁଣ୍ଡ 'ଡି' ଡ୍ୟାମ୍‌ରୁ ୪ଟି ଗେଟ୍‌ରେ ୨୦ ହଜାର କ୍ୟୁସେକ୍ ଜଳ ପ୍ରତି ସେକେଣ୍ଡରେ ମାଛକୁଣ୍ଡ ନଦୀକୁ ଛଡ଼ାଯାଉଛି।

ଏନେଇ ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପର ସହକାରୀ ଯନ୍ତ୍ରୀ କୁରେଶୁ ପ୍ରଧାନ କହିଛନ୍ତି, 'ଡ୍ୟାମ୍‌ର କ୍ଷମତା ୨୭୫୦ ଫୁଟ ରହିଥିବା ବେଳେ ୫ଟି ଗେଟ୍ ଦେଇ ୪୫ ହଜାର କ୍ୟୁସେକ ଜଳ ଛଡ଼ାଯାଉଛି। ତଥାପି ଡ୍ୟାମ୍‌ର ଜଳସ୍ତର କମିବା ପରିବର୍ତ୍ତେ ୨୭୪୯.୬୦ ଫୁଟ ରହିଛି। ସେହି ପାଣି ମାଛକୁଣ୍ଡ ଜଳବିଦ୍ୟୁତ୍ ପ୍ରକଳ୍ପର ଡି.ଡ୍ୟାମ୍‌ରେ ପହଞ୍ଚି ଜଳସ୍ତର ବଢ଼ିବାରୁ ୪ଟି ଗେଟ୍ ଖୋଲାଯାଇ ୩୩ ହଜାର କ୍ୟୁସେକ୍ ପାଣି ଛଡାଯାଉଛି। ଫଳରେ ମାଛକୁଣ୍ଡ ପ୍ରକଳ୍ପରେ ବନ୍ୟାଜଳ ପ୍ରବେଶ ପରେ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ପ୍ରକଳ୍ପର ୨ ଏବଂ ୫ ନମ୍ବର ୟୁନିଟ୍‌ରେ ନବୀକରଣ ଚାଲିଥିବା ବେଳେ ଏଥିରେ ପାଣିପଶି ଯିବାରୁ ମୋଟରଯୋଗେ ନିଷ୍କାସନ ଉଦ୍ୟମ କରାଯାଇଥିଲା। କିନ୍ତୁ ଜଳଭଣ୍ଡାର ଜଳସ୍ତର ବଢ଼ିବାରୁ ବିଦ୍ୟୁତ୍ ପ୍ରକଳ୍ପରେ ପାଣି ପଶି ଟର୍ବାଇନ୍‌ଗୁଡିକ ଶର୍ଟ ସର୍କିଟ ଆଶଙ୍କା ଥିବା ଏବଂ ବିଭିନ୍ନ ଯନ୍ତ୍ରରେ ପାଣି ପଶିଯିବାରୁ ସମ୍ପୂର୍ଣ୍ଣ ବିଦ୍ୟୁତ୍ ଉତ୍ପାଦନ ବନ୍ଦ କରାଯାଇଛି। ପ୍ରକଳ୍ପ ବନ୍ଦ ହେବା ପରେ ଘଣ୍ଟା ପ୍ରତି ୮୦ ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କ୍ଷତି ସହିବା ଆରମ୍ଭ ହୋଇଛି। ଟର୍ବାଇନଗୁଡିକରେ ପାଣି ପଶିଯାଇ ଲୁବ୍ରିକାଣ୍ଟ ସବୁ ନଷ୍ଟହୋଇଯିବା ଫଳରେ ପ୍ରକଳ୍ପ କେବେ ଚାଲିବ ତାହା କହିବା କଷ୍ଟକର ବୋଲି ପ୍ରଧାନ କହିଛନ୍ତି।

# ୩ ବର୍ଷରେ ହାତୀ ଉଜାଡ଼ିଲେ ୫୧୧୭୧.୧୮ ଏକର ଫସଲ

ଭୁବନେଶ୍ୱର,୯।୯(ଅନିଲ ଦାସ)

ରାଜ୍ୟରେ ବିଗତ ୩ ବର୍ଷ (୨୦୨୦-୨୧ ଠାରୁ ୨୦୨୩-୨୪) ମଧ୍ୟରେ ଜଙ୍ଗଲ ଜନ୍ତୁଙ୍କ ଦ୍ୱାରା ୫୧୧୭୧.୧୮ ଏକର ଫସଲ ନଷ୍ଟ ହୋଇଛି । ଏହି ବର୍ଷ ମଧ୍ୟରେ ୫୫୯୭.୫୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଅଛି। ବିଜେଡି ବିଧାୟକ ରମେଶ ଚନ୍ଦ୍ର ବେହେରାଙ୍କ ଲିଖିତ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଧାନସଭାରେ ଏହା କହିଛନ୍ତି।

ରାଜ୍ୟରେ ବିଗତବର୍ଷ ମଧ୍ୟରେ ବନ୍ୟଜନ୍ତୁଙ୍କ ଦ୍ୱାରା କେତେ ପରିମାଣର ଫସଲ ନଷ୍ଟ ହୋଇଛି, ସେ ବାବଦକୁ କେତେ ପରିମାଣର ଆର୍ଥିକ ଓ ଅନ୍ୟାନ୍ୟ ସହାୟତା ପ୍ରଦାନ କରାଯାଇଛି ଏବଂ ବନ୍ୟଜନ୍ତୁଙ୍କଠାରୁ ଫସଲକୁ ରକ୍ଷାକରିବା ପାଇଁ ବିଭାଗ ତରଫରୁ କି କି ସୁବିଧା ସୁଯୋଗ କୃଷକମାନଙ୍କୁ ଯୋଗାଇ ଦେବାର ବ୍ୟବସ୍ଥା ଅଛି ବୋଲି ରମେଶ ପଚାରିଥିଲେ। ମନ୍ତ୍ରୀ କହିଛନ୍ତି, ହାତୀ ଗତିବିଧି ଲକ୍ଷ୍ୟ କରିବା ସହ ଫସଲ ସୁରକ୍ଷା ପାଇଁ ହାତୀ ସୁରକ୍ଷା ଦଳ ଦ୍ୱାରା ହାତୀଙ୍କୁ ଜଙ୍ଗଲ ମଧ୍ୟକୁ ଘଉଡ଼ା ଯାଉଛି। ଗଜ ସାଥୀ ଦ୍ୱାରା ହାତୀ ଗତିବିଧି ନିରୀକ୍ଷଣ କରାଯିବା ସହିତ ସ୍ଥାନୀୟ ଗ୍ରାମବାସୀଙ୍କୁ ସତର୍କ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି।

# ବର୍ଷା ପାଇଁ ସତର୍କ ରହିବାକୁ ପୌରାଞ୍ଚଳ ଅଧିକାରୀଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୯।୯(ସୁନିତ୍ ମିଶ୍ର)

ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ ଅନୁସାରେ ପଶ୍ଚିମ-କେନ୍ଦ୍ର ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ଅବପାତ କ୍ଷେତ୍ର ସୃଷ୍ଟି ହୋଇଛି। ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ ଉପକୂଳ ଜିଲାଗୁଡ଼ିକରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ଥିବା ଏବଂ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି ଓ ଗଞ୍ଜାମ ଜିଲାକୁ ପ୍ରସ୍ତୁତି ସହିତ ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ସମ୍ଭାବ୍ୟ ଲଗାଣ ବର୍ଷା ଫଳରେ ବିଭିନ୍ନ ତଳିଆ ଅଞ୍ଚଳରେ ବର୍ଷା ପାଣି ଜମି ରହିବାକୁ ଦୃଷ୍ଟିରେ ରଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ନେଇ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସମସ୍ତ ମହାନଗର ନିଗମର କମିଶନରଙ୍କ ସମେତ ପୌରପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ହାଇଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖାଲୁଆ ତଥା ତଳିଆ ସ୍ଥାନଗୁଡ଼ିକ ପାଇଁ ପମ୍ପସେଟ୍ ପ୍ରସ୍ତୁତ ରଖିବାକୁ ନିର୍ବାହୀ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯିବା ସହିତ ଜଳବନ୍ଦୀ, ରାସ୍ତାଘାଟ ବିଚ୍ଛିନ୍ନ ହେବା ଆଦି ସମ୍ପର୍କରେ ସତର୍କ ଦୃଷ୍ଟି ରଖିବାକୁ କୁହାଯାଇଛି। ପୌରାଞ୍ଚଳଗୁଡିକ ତୁରନ୍ତ ସେମାନଙ୍କ କଣ୍ଟ୍ରୋଲ୍ ରୁମ୍ କାର୍ଯ୍ୟକ୍ଷମ କରିବାକୁ ପରାମର୍ଶ ଦିଆଯାଇଛି। ଆଭାସୀ ମାଧ୍ୟମରେ ପ୍ରମୁଖ ସଚିବ ବିଭାଗର ବରିଷ୍ଠ ଅଧିକାରୀ ଓ ବିଭିନ୍ନ ଜିଲା ଦାୟିତ୍ୱରେ ଥିବା ବିଭାଗରେ ନୋଡାଲ ଅଧିକାରୀଙ୍କ ସମେତ ପୌର ଅଧିକାରୀମାନଙ୍କ ସହ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ସେମାନେ ପରିସ୍ଥିତି ମୁକାବିଲା ପାଇଁ ଆବଶ୍ୟକତା ସମ୍ପର୍କରେ ପଚାରି ବୁଝିଛନ୍ତି। ନୋଡାଲ ଅଧିକାରୀମାନେ କ୍ରମାଗତ ଭାବେ ସମ୍ପୃକ୍ତ ଜିଲାର ପୌରାଞ୍ଚଳଗୁଡ଼ିକର ପରିସ୍ଥିତି ଉପରେ ସତର୍କ ଦୃଷ୍ଟି ରଖିବା ସହ ପ୍ରତ୍ୟେକ ସମୟ ମନିଟର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ଭଙ୍ଗାଯିବ ଓଡ଼ିଶା ଭବନ

ଭୁବନେଶ୍ୱର,୯।୯ (ଅନିଲଦାସ)

ଦିଲ୍ଲୀରେ ଥିବା ଓଡ଼ିଶା ଭବନ ଭାଙ୍ଗିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ରହିବା ପାଇଁ ଅସୁରକ୍ଷିତ ଯୋଗୁ ଏହାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ତ୍ତ ବିଭାଗ ଦ୍ୱାରା ଦିଲ୍ଲୀସ୍ଥିତ ଓଡ଼ିଶାର ୩ଟି ଭବନ ଓଡ଼ିଶା ନିବାସ, ଓଡ଼ିଶା ସଦନ ଏବଂ ଓଡ଼ିଶା ଭବନର ଷ୍ଟ୍ରକ୍ଚରାଲ ଅଡିଟ୍ କରାଯାଇଥିଲା। ଯାଞ୍ଚ ପରେ ଓଡ଼ିଶା ଭବନ ଦୀର୍ଘ ସମୟ ବ୍ୟବହାର ପାଇଁ ଅସୁରକ୍ଷିତ ବୋଲି ସ୍ପଷ୍ଟ ହୋଇଥିଲା। ଏହାକୁ ୨ରୁ ୩ ବର୍ଷ ମଧ୍ୟରେ ଭାଙ୍ଗିବାକୁ ୨୦୨୨ ଏପ୍ରିଲ ୧୯ ତାରିଖରେ ରିପୋର୍ଟ ଦିଆଯାଇଥିଲା।

ଏହାପରେ ପୁଣି ୨୦୨୪ ଅଗଷ୍ଟ ୨୮ ତାରିଖରେ ଆଉ ଏକ ଚିଠି କରାଯାଇଥିଲା ; ଯେଉଁଥିରେ ଦର୍ଶାଯାଇଥିଲା କି, ମରାମତି ପରେ ମଧ୍ୟ ଓଡ଼ିଶା ଭବନ ବ୍ୟବହାର ଉପଯୋଗୀ ନୁହେଁ। ଏନେଇ ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ ତଥା ଅତିରିକ୍ତ ସଚିବ ଚିଠି କରିଥିଲେ। ଏହି ରିପୋର୍ଟକୁ ବିଚାର କରିବା ପରେ ଓଡ଼ିଶା ଭବନକୁ ଭାଙ୍ଗିବାକୁ ସରକାର ନିଷ୍ପତ୍ତି ନେଇଛନ୍ତି।
















# ସତର୍କ ରହିବାକୁ ଜିଲାପାଳଙ୍କ ନିର୍ଦ୍ଦେଶ

- ଜାରି ରହିଛି ଲଗାଣବର୍ଷା
- ରାୟଗଡ଼ା ଜିଲାକୁ ଅରେଞ୍ଜ ୱାର୍ନିଂ
- ୨୪ ଘଣ୍ଟା କାର୍ଯ୍ୟ କରିବ ଜରୁରିକାଳୀନ ବିଭାଗ



ଜିଲାପାଳ ପାରୁଲ ପଟୱାରି ।



ମୁନିଗୁଡା ବ୍ଲକ ଅନ୍ତର୍ଗତ ରାଣୀପିଣ୍ଡା ନିକଟ ବଂଶଧାରା ନଦୀ ପୋଲ ଉପରେ ବର୍ଷା ଜଳ ପ୍ରବାହିତ ହେଉଛି ।

ରାୟଗଡ଼ା,୯।୯(ଆଶିଷ ରଞ୍ଜନ ପଣ୍ଡା)

ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ଯୋଗୁ ରାୟଗଡ଼ା ଜିଲାରେ ଏହାର ପ୍ରଭାବ ଦେଖିବାକୁ ମିଳିଛି । ଅନ୍ୟପଟେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ରାୟଗଡ଼ା ଜିଲାକୁ ଅରେଞ୍ଜ ୱାର୍ନିଂ ଘୋଷଣା କରିଛି ପାଣିପାଗ ବିଭାଗ । ତେଣୁ ଏ ନେଇ ଜନସାଧାରଣ ସଚେତନ ରହିବା ସହ ଜିଲାର ସମସ୍ତ ବିଭାଗର ଅଧିକାରୀ, ବିଡିଓ, ତହସିଲଦାର ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ସତର୍କ ରହିବାକୁ ଜିଲାପାଳ ପାରୁଲ ପଟୱାରି ନିର୍ଦ୍ଦେଶ ଦେଇଛନ୍ତି । ଜିଲା ଜରୁରିକାଳୀନ ବିଭାଗ ୨୪ ଘଣ୍ଟା କାର୍ଯ୍ୟ କରିବ । ଏହା ସହ ଅତି ଆବଶ୍ୟକ ନ ଥିଲେ ଘରୁ ନ ବାହାରିବା ପାଇଁ ଜିଲାପାଳ ଭିଡିଓ ବାର୍ତ୍ତା ଜରିଆରେ ଜିଲାବାସୀଙ୍କୁ ନିବେଦନ କରିଛନ୍ତି ।

ଜିଲାର ବିଭିନ୍ନ ସ୍ଥାନରେ ରବିବାରଠାରୁ ବର୍ଷା ଲାଗି ରହିଛି । ରବିବାର ବର୍ଷା ଓ ପବନ କାରଣରୁ ଚନ୍ଦ୍ରପୁର ବ୍ଲକ୍ ରମାଦେବୀ ଛାତ୍ରୀନିବାସର ଛାତ ଉଡ଼ିଯାଇଥିଲା । ବର୍ଷା ଯୋଗୁ ପାହାଡ଼ରେ ଏକ କୃତ୍ରିମ ଝରଣା ସୃଷ୍ଟିହୋଇ ବର୍ଷାଜଳ ଲୋକଙ୍କ ଘରେ ପଶିଥିବା ଜଣାପଡ଼ିଛି । ସୋମବାର ମଧ୍ୟ ଜିଲାର ପ୍ରାୟ ସମସ୍ତ ଅଞ୍ଚଳରେ ବର୍ଷା ହୋଇଥିବା ଜଣାପଡ଼ିଛି । ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ସୋମବାର ସକାଳ ସୁଦ୍ଧା ୧୭୭.୧ମି.ମି. ବର୍ଷା ରେକର୍ଡ ହୋଇଛି । ରାମନାଗୁଡ଼ା ବ୍ଲକ୍‌ରେ ସର୍ବାଧିକ ୩୩.୬ ମି.ମି. ବର୍ଷା ରେକର୍ଡ ହୋଇଥିବା ବେଳେ ଚନ୍ଦ୍ରପୁର ବ୍ଲକ୍‌ରେ ସର୍ବନିମ୍ନ ୫.୫ ମି.ମି. ବର୍ଷା ରେକର୍ଡ ହୋଇଛି । ସେହିଭଳି ରାୟଗଡ଼ା ବ୍ଲକ୍‌ରେ ୭.୬ମି.ମି., କୋଲନରା ବ୍ଲକ୍ ୯.୪ମି.ମି. କଲ୍ୟାଣସିଂହପୁର ବ୍ଲକ୍ ୧୯.୬ମି.ମି., କାଶୀପୁର ବ୍ଲକ୍ ୨୫.୨ମି.ମି., ଗୁଣପୁରରେ ୧୩ ମି.ମି., ପଦ୍ମପୁରରେ ୧୨.୪ମି.ମି., ଗୁଡ଼ାରିରେ ୨୬.୪ ମି.ମି., ବିଷମକଟକରେ ୧୪.୪ମି.ମି. ଏବଂ ମୁନିଗୁଡ଼ାରେ ୧୦ମି.ମି. ବର୍ଷା ହୋଇଥିବା ପାଣିପାଗ ବିଭାଗ ପକ୍ଷରୁ ରେକର୍ଡ ହୋଇଛି । ତେବେ ବର୍ତ୍ତମାନ ସୁଦ୍ଧା ବର୍ଷାରେ ସେଭଳି କୌଣସି ଧନଜୀବନ ନଷ୍ଟ ହୋଇ ନ ଥିବା ଜଣାପଡ଼ିଛି ।

## ବଂଶଧାରା ପୋଲ ଉପରେ ୫ ଫୁଟ ପାଣି

### ମୁନିଗୁଡ଼ା-ଭବାନୀପାଟଣା ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ

ଅମ୍ବାଦଳା/ମୁନିଗୁଡ଼ା, (ରବୀନ୍ଦ୍ର ପଣ୍ଡା/ ନନ୍ଦ କିଶୋର ପଟ୍ଟନାୟକ)- ଗତ ୨ ଦିନ ଧରି ରାୟଗଡ଼ା ଜିଲାରେ ଲଗାଣ ବର୍ଷା ଯୋଗୁ ମୁନିଗୁଡା ବ୍ଲକ ଅନ୍ତର୍ଗତ ରାଣୀପିଣ୍ଡା ନିକଟ ବଂଶଧାରା ନଦୀ ପୋଲ ଉପରେ ୫ ଫୁଟର ବର୍ଷା ଜଳ ପ୍ରବାହିତ ହେଉଛି। ଫଳରେ ମୁନିଗୁଡା- ଭବାନୀପାଟଣା ରାସ୍ତାରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଉକ୍ତ ରାସ୍ତା ୬ ନମ୍ବର ରାଜ୍ୟ ରାଜପଥ ବିଶାଖାପାଟଣା ଓ ରାୟପୁରକୁ ସଂଯୋଗ କରୁଥିବାରୁ ବ୍ରିଜର ଉଭୟ ପାର୍ଶ୍ୱରେ ଶତାଧିକ ଟ୍ରକ୍ ଓ ବସ୍ ଅଟକି ରହିଛି। ଖବରଲେଖା ହେବା ପର୍ଯ୍ୟନ୍ତ ବର୍ଷା କମି ନ ଥିବାରୁ ଉଭୟ ପାର୍ଶ୍ୱରେ ଗାଡିଗୁଡ଼ିକ ଅଟକି ରହିଛନ୍ତି। ସାମାନ୍ୟ ବର୍ଷା କମିବା ସହ ବ୍ରିଜ ଉପରୁ ଜଳର ସ୍ତର କମିବା ପରେ ଗାଡି ଚଳାଚଳ ସ୍ୱାଭାବିକ ହୋଇପାରିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ସେହିଭଳି ଅମ୍ବାଦଳା ନିକଟସ୍ଥ ଦେବତା ନାଳ, ଡାବା ନାଳ, କେନ୍ଦୁଛକ ପୋଲ ଉପରେ ମଧ୍ୟ ବିପଦ ସଂକେତ ଉପରେ ଜଳ ପ୍ରବାହିତ ହେଉଛି ।

## ସଂକ୍ଷେପରେ

### ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ପଦ୍ମପୁର,୯।୯ (ପ୍ରଶାନ୍ତ କୁମାର କର)

ପଦ୍ମପୁର ବ୍ଲକ୍‌ର ତ୍ରିବେଣୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏକାଦଶ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ଏସ୍‌କେସିଜି କଲେଜର ଅଧ୍ୟକ୍ଷ ଜିତେନ୍ଦ୍ରନାଥ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅରୁଣ କୁମାର ମାନସିଂ, ତ୍ରିବେଣୀ ଅନୁଷ୍ଠାନ ପ୍ରତିଷ୍ଠାତା ବିପିନ ବିହାରୀ ଜେନା, ସମ୍ପାଦକ ସାଗରକାନ୍ତ ଜେନା, ଅଧ୍ୟକ୍ଷ ଗୌରୀପ୍ରସାଦ ଦାସ, ରମେଶ ଚନ୍ଦ୍ର ଦୋରା, ତ୍ରିପତି ପ୍ରସାଦ ନିଶଙ୍କ ଉପସ୍ଥିତ ଥିଲେ। ଏହି ଅବସରରେ ଏନ୍‌ଇଇଟି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ୨୦୨୨ ବ୍ୟାଚ୍‌ର ଛାତ୍ର ଭି. ଜିନେଶ ରାଜୁଙ୍କୁ ସମ୍ମାନିତ କରାଯାଇଥିଲା। ପରେ ଛାତ୍ରୀଛାତ୍ର ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଧ୍ୟାପକ ଆଶିଷ ସାହୁ ଓ ଅଭିଜିତ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମୃଣାଳିନୀ, ଚେରିଷ୍ମା, ସ୍ନେହା ମହାପାତ୍ର ଓ ରୋହିତ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଆଶିଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବିଦାୟ ନେଲେ ଗଣପତି



ଜେକେପୁର, ୯।୯(ରାଜେଶ ବିଶ୍ୱାଳ)

ରାୟଗଡା ବ୍ଲକ୍ ଜେକେପୁର ଅଞ୍ଚଳରେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ସ୍ଥାନରେ ବିଘ୍ନ ବିନାଶକଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। ଜେକେପୁର ଅଞ୍ଚଳରେ ବିଜେଡି କର୍ମୀଙ୍କ ପକ୍ଷରୁ ଆୟୋଜିତ ଗଣେଶ ମୂର୍ତ୍ତି ମହାଆଡମ୍ବର ସହକାରେ ଶାନ୍ତିଶୃଙ୍ଖଳାର ସହ ବିସର୍ଜନ ହୋଇଛନ୍ତି। ରବିବାର ଏହି କମିଟି ତରଫରୁ ଅନ୍ନପ୍ରସାଦ ସେବନ ବ୍ୟବସ୍ଥା ହୋଇଥିବାବେଳେ ୮ହଜାରରୁ ଉର୍ଦ୍ଧ୍ୱ ଲୋକେ ପ୍ରସାଦ ସେବନ କରିଥିଲେ।

### ଗୁଣପୁର ଉପ କାରାଗାରରେ ସତ୍‌ସଙ୍ଗ

ଗୁଣପୁର, ୯।୯(ପ୍ରଦୀପ କୁମାର ପାଢ଼ୀ )

ଗୁଣପୁର ଉପ କାରାଗାରରେ ସଦ୍‌ଗୁରୁ ଶ୍ରୀ ଅର୍ଜୁନଙ୍କ ପ୍ରତିଷ୍ଠିତ ଦିବ୍ୟ ଦର୍ଶନ ସଂଘ ତରଫରୁ ସୋମବାର ସତ୍‌ସଙ୍ଗ ଅନୁଷ୍ଠିତ ହୋଇଯାଇଛି। ଜେଲ ଅଧୀକ୍ଷକ ହନୁ ସେଠୀଙ୍କ ତତ୍ତ୍ୱାବଧାନରେ କଏଦୀମାନଙ୍କୁ ନେଇ ସତ୍‌ସଙ୍ଗର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଗୁଣପୁର ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଗୁରୁ ଭାଇ ଧନଞ୍ଜୟ ବେହେରା, ଗୁରୁଭାଇ ହରିହର ସ୍ୱାଇଁ, ଡମ୍ବରୁ ପୃଷ୍ଟି ଏବଂ ଗୁରୁ ଭଉଣୀ ସଞ୍ଜୁକ୍ତା ପାଢ଼ି, ରୀନା ଶତପଥୀ ଯୋଗଦେଇ କଏଦୀଙ୍କୁ ଆଧାତ୍ମିକ ଜ୍ଞାନ ବିଷୟରେ ପ୍ରବଚନ ଦେଇଥିଲେ।

## ପ୍ରବଳ ବର୍ଷାରେ ବେହାଲ ମୁନିଗୁଡ଼ା ଅଞ୍ଚଳ

ମୁନିଗୁଡ଼ା,୯।୯ (ନନ୍ଦ କିଶୋର ପଟ୍ଟନାୟକ)

ଗତ ୨ ଦିନ ହେଲା ମୁନିଗୁଡ଼ାରେ ଲଗାଣ ବର୍ଷା ଯୋଗୁ ବିଭିନ୍ନ ସାହି ଦାଣ୍ଡରେ ବର୍ଷା ଜଳ ଜମି ରହିଛି। ଫଳରେ ସାହି ବାସିନ୍ଦା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୁନିଗୁଡ଼ା ପଞ୍ଚାୟତର ଟିକରପଡା ଆଦିବାସୀ ସାହି ମଝିରେ ବର୍ଷା ପାଣି ସୁଅ ଛୁଟୁଛି। ଫଳରେ ଲୋକେ ଘରୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ସାହିରେ ଡ୍ରେନର ବ୍ୟବସ୍ଥା ନ ଥିବାରୁ ଏଭଳି ପରିସ୍ଥିତି ଉପୁଜୁଥିବା ଜଣାପଡିଛି। ଅନ୍ୟପଟେ ମୁନିଗୁଡ଼ା ବସଷ୍ଟାଣ୍ଡଠାରୁ ଗୋବର୍ଦ୍ଧନ ଛକ ପର୍ଯ୍ୟନ୍ତ ଉଭୟ ପାର୍ଶ୍ୱରେ ଡ୍ରେନ ଉପରେ ଦୋକାନ ରହିବା ସହ ଅନେକ ସ୍ଥାନରେ ଅଳିଆ ଆବର୍ଜନାରେ ଡ୍ରେନ ଜାମ୍ ହୋଇଥିବାରୁ ବର୍ଷା ଜଳ ନିଷ୍କାସନ ନ ହୋଇ ମୁଖ୍ୟ ରାସ୍ତାରେ ପାଣି ସୁଅ ଛୁଟୁଛି । ଏଥିସହ ସାମାନ୍ୟ ବର୍ଷା ହେଲେ ଥାନା, ମାଇନର ଇରିଗେସନ କାର୍ଯ୍ୟାଳୟର ମୁଖ୍ୟ ଫାଟକ ସମ୍ମୁଖରେ ବର୍ଷା ପାଣି ଜମି ରହୁଛି। ଏହାର ସ୍ଥାୟୀ ପ୍ରତିକାର ନିମନ୍ତେ ମୁନିଗୁଡାର ମାର୍ଚ୍ଚେଣ୍ଟ ଆସୋସିଏଶନ,ପ୍ରେସ କ୍ଲବ ସହ ବିଭିନ୍ନ ଅନୁଷ୍ଠାନ ତରଫରୁ ବହୁବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରୁ ନ ଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷରେ ମୁନିଗୁଡା ବ୍ଲକର ତେଲେଙ୍ଗାପଦର ପଞ୍ଚାୟତ ଅନ୍ତର୍ଗତ ସେଲମା ଗ୍ରାମରେ ପାହାଡ଼ରୁ ବର୍ଷା ପାଣି ଆସି ଘର ଭିତରେ ପଶୁଥିବା ଅଭିଯୋଗ ହେଉଛି । ତୁରନ୍ତ ପ୍ରଶାସନ ଗ୍ରାମରେ ପହଞ୍ଚି ସହାୟତା କରିବାକୁ ଗ୍ରାମବାସୀ ଦାବି କରିଛନ୍ତି । ଏ ନେଇ ମୁନିଗୁଡା ବିଡ଼ିଓ ପ୍ରିତମ କୁମାର ତନ୍ତୀଙ୍କୁ ପଚାରିବାରୁ ସେ ତେଲେଙ୍ଗାପଦର ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗଦାଧର ମିଶ୍ରଙ୍କୁ ଉକ୍ତ ଗ୍ରାମକୁ ଯାଇ ପରିସ୍ଥିତି ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଥିଲେ। ମଙ୍ଗଳବାର ମିଶ୍ର ସେଲେମା ଗ୍ରାମକୁ ଯାଇ ସ୍ଥିତି ଅନୁଧ୍ୟାନ କରିବେ ବୋଲି ସେ କହିଛନ୍ତି ।



ସାହି ଦାଣ୍ଡରେ ଜମିଥିବା ବର୍ଷା ଜଳ।

## ଉନ୍ନୟନ କାର୍ଯ୍ୟ ସମୀକ୍ଷାକଲେ ବିଶାଖାପାଟଣା ଡିଆର୍‌ଏମ୍

ଗୁଣପୁର,୯।୯(ପ୍ରଦୀପ କୁମାର ପାଢ଼ୀ )

ବିଶାଖାପାଟଣା ଡିଆର୍‌ଏମ୍ ସୌରଭ ପ୍ରସାଦ ସୋମବାର ଗୁଣପୁର ଗସ୍ତରେ ଆସି ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। ନୌପଡ଼ାଠାରୁ ଗୁଣପୁର ମଧ୍ୟରେ ବିଭିନ୍ନ ରେଳପଥର ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବା ପରେ ଡିଆର୍‌ଏମ୍ ପ୍ରସାଦ ଏହାର ଅନୁଧ୍ୟାନ କରିଛନ୍ତି । ଏଥିସହ ଗୁଣପୁର ସମେତ ଅନ୍ୟ ଷ୍ଟେଶନଗୁଡ଼ିକରେ ଚାଲିଥିବା ଉନ୍ନୟନ କାର୍ଯ୍ୟ ମଧ୍ୟ ତଦାରଖ କରିଥିଲେ। ଏହି ଅବସରରେ ଆନ୍ଧ୍ର-ଓଡ଼ିଶା ରେଳ ବ୍ୟବହାରିକ ସଂଘର ସଭାପତି ଡ. ସୂର୍ଯ୍ୟ ପ୍ରକାଶ ପଣ୍ଡା, ଉପ ସଭାପତି ଗଜେନ୍ଦ୍ର ପଣ୍ଡା, ଗୁଣପୁର ନବନିର୍ମାଣ ସମିତିର ସଭାପତି ଅକ୍ଷୟ ଦାସ, ଉପ ସଭାପତି ଉମାଶଙ୍କର ଦାସ ଓ ସାଧାରଣ ସମ୍ପାଦକ ରଞ୍ଜିତ ପାଢ଼ୀ ପ୍ରମୁଖ ଡିଆର୍‌ଏମ୍‌ଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଥିଲେ । ଏଥିସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଦାବି କରାଯାଇଥିଲା। କେନ୍ଦ୍ର କ୍ୟାବିନେଟ୍‌ରେ ମଞ୍ଜୁରୀ ପାଇଥିବା ଗୁଣପୁର ଥେରୁବାଲି ରେଳପଥ ପ୍ରକଳ୍ପ ତ୍ୱରାନ୍ୱିତ, ବିଶାଖାପାଟଣା ଟ୍ରେନ୍‌କୁ ଗୁଣ୍ଟୁରୁ ଯାଏଁ ସମ୍ପ୍ରସାରଣ, ଗୁଣପୁରରେ ଫୁଟ୍ ଓଭରବ୍ରିଜ ନିର୍ମାଣ, ଦ୍ୱିତୀୟ ପ୍ଲାଟ୍‌ଫର୍ମ ନିର୍ମାଣ କାର୍ଯ୍ୟ ସାରିବା, ପାର୍ସଲ କାଉଣ୍ଟର ଓ ରିଜର୍ଭେଶନ କାଉଣ୍ଟର ଖୋଲିବା ସହ ଆର୍‌ପିଏଫ୍ ନିଯୁକ୍ତି ଇତ୍ୟାଦି ଦାବିପତ୍ରରେ ଉଲ୍ଲେଖ ରହିଥିଲା । ତେବେ ଆଲୋଚନା ବେଳେ ଫୁଟ୍‌ଓଭର ବ୍ରିଜ୍ ଅତିଶୀଘ୍ର ନିର୍ମାଣ ହେବ ଓ ବିଶାଖାପାଟଣା ଟ୍ରେନ୍‌କୁ ଗୁଣ୍ଟୁରୁ ଯାଏଁ ସମ୍ପ୍ରସାରଣ ପାଇଁ ରେଲୱେ ବୋର୍ଡ଼କୁ ପ୍ରସ୍ତାବ ଦିଆଯାଇଛି। ସେପଟରୁ ସକାରାତ୍ମକ ନିଷ୍ପତ୍ତି ଆସିବ ବୋଲି ଡିଆର୍‌ଏମ୍ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।



ଡିଆର୍‌ଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ପିକ୍‌ଅପ୍ ଭ୍ୟାନ ଧକ୍କାରେ ବାଇକ୍ ଚାଳକ ମୃତ

ଅମ୍ବାଦଳା ୯।୯(ରବୀନ୍ଦ୍ର ପଣ୍ଡା)

ଅମ୍ବାଦଳା ଥାନା ଅଧୀନ ଅମ୍ଲଭଟା ଛକରେ ଏକ ପିକ୍‌ଅପ୍ ଭ୍ୟାନ ଧକ୍କାରେ ବାଇକ୍ ଚାଳକ ଛତାଆମ୍ବ ଗ୍ରାମର ଟୁନା ସ୍ୱାଇଁ ମୃତ୍ୟୁ ଘଟିଛି। ଦୁର୍ଘଟଣାରେ ବାଇକ୍‌ରେ ବସିଥିବା ଗୁଡ୍ଡୁ ଭୋଇ ଗୁରୁତର ହୋଇଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଟୁନା ଏବଂ ଗୁଡ୍ଡୁ ବାଇକ୍ ଯୋଗେ କଳାହାଣ୍ଡି ଜିଲା ପୋଖରୀ ବନ୍ଧ ଆଡ଼କୁ ଯାଉଥିବା ସମୟରେ ଏକ ଢ଼ାବା ନିକଟରେ ଭବାନୀପାଟଣା ପଟୁ ମୁନିଗୁଡା ଆଡ଼କୁ ଆସୁଥିବା ଏକ ପିକଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦୁଇଜଣ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ୨ ଜଣଙ୍କୁ ଉଦ୍ଧାର କରି ଅମ୍ବାଦଳା ସରକାରୀ ଡାକ୍ତଖାନାକୁ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଟୁନାଙ୍କୁ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ଟୁନାଙ୍କ ମୃତ୍ୟୁ ଘଟିଛି। ଅନ୍ୟପକ୍ଷେ ଅମ୍ବାଦଳା ଥାନା ଆଇଆଇସି କଳ୍ପନା ବେହେରା ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ କରିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଅଟକ ରଖିଛି। ତେବେ ଦୁର୍ଘଟଣା ପରେ ପିକଅପ୍ ଭ୍ୟାନ ଡ୍ରାଇଭର ଖସି ପଳାଇବାକୁ ଚେଷ୍ଟା କରୁଥିବା ବେଳେ କୁଟୁରୁପାଲି ଗ୍ରାମ ନିକଟରେ ପୋଲିସ ଗାଡିକୁ ଜବତ କରିଥିବାବେଳେ ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡିଛି।

## ଧାରଣାରେ ଯୋଗଦେଲେ ପଦ୍ମପୁର ପ୍ରତିନିଧି ମଣ୍ଡଳୀ

### ଗୁଣପୁର-ଥେରୁବାଲି, ଗୋପାଳପୁର-ରାୟଗଡ଼ା ରେଳପଥ ପଦ୍ମପୁର ଦେଇ ଯିବାକୁ ଦାବି

ପଦ୍ମପୁର,୯।୯ (ପ୍ରଶାନ୍ତ କୁମାର କର)

ଗୁଣପୁର-ଥେରୁବାଲି ଓ ଗୋପାଳପୁର -ରାୟଗଡ଼ା ରେଳପଥ ପଦ୍ମପୁର ଦେଇ ଯିବା ପାଇଁ ଦାବି ହୋଇଛି। ଏହି ପରିପ୍ରେକ୍ଷୀରେ ପଦ୍ମପୁର ଅଞ୍ଚଳର ଏକ ପ୍ରତିନିଧି ମଣ୍ଡଳୀ ଦୀର୍ଘ ୧୫୦କି.ମି. ବସ୍‌ରେ ଯାଇ ବ୍ରହ୍ମପୁରରେ ଆରମ୍ଭ ହୋଇଥିବା ଗଣଧାରଣାରେ ଯୋଗଦେଇଛନ୍ତି। ଦକ୍ଷିଣ ଓଡ଼ିଶାର ସର୍ବାଙ୍ଗୀନ ଉନ୍ନତି ପାଇଁ ସୋମବାରଠାରୁ ବ୍ରହ୍ମପୁର ରେଳଷ୍ଟେଶନ ଆଗରେ ଗଣଧାରଣା ଅନୁଷ୍ଠିତ ହୋଇଛି। ବିଶେଷକରି ଗୋପାଳପୁରଠାରୁ ରାୟଗଡ଼ା ଭାୟା ଦିଗପହଣ୍ଡି, ମୋହନା ଦେଇ ସିଙ୍ଗାପୁର ରୋଡ୍ ସହ ସଂଯୋଗ କରିବା ପାଇଁ ଦାବି ରହିଛି। ରେଳ ବିଭାଗ ଯେଉଁ ପର୍ଯ୍ୟନ୍ତ ଦାବି ନ ଶୁଣିଛନ୍ତି ଗଣଧାରଣାକୁ ଆହୁରି ତୀବ୍ର କରାଯିବ ବୋଲି ଆନ୍ଦୋଳନକାରୀ କହିଛନ୍ତି। ବିଶେଷକରି ଦକ୍ଷିଣ ଓଡ଼ିଶାର ଏହି ରେଳପଥ ସଂଯୋଗୀକରଣ ହେଲେ ଦକ୍ଷିଣ ଓଡ଼ିଶାର ବହୁ ଉନ୍ନତି ହେବା ସହ ବ୍ୟବସାୟ ସୁଦୃଢ଼ ହେବ ଏବଂ ଲୋକେ ଉପକୃତ ହେବେ। ଗଣଧାରଣାରେ ପଦ୍ମପୁର ବିକାଶ ପରିଷଦର ସଭାପତି ରମେଶ ଚନ୍ଦ୍ର ପଣ୍ଡା, ନଚିକେତା ସାହୁ, କୈଳାସ ପଣ୍ଡା, ଡମ୍ବରୁଧର ସାହୁ, ବିପ୍ରଚରଣ ଶତପଥୀ, ଗୋପାଳ ସାହୁ, ତ୍ରିନାଥ ରାଉତ, ହରିଶ୍ଚନ୍ଦ୍ର ରଣା, ଦୁର୍ଯ୍ୟୋଧନ ମହାଙ୍କୁଡ, ବାସୁଦେବ ସାହୁକାର, ସୁର ପାଢ଼ୀଙ୍କ ସହ ବହୁ ବ୍ୟକ୍ତି ସାମିଲ ହୋଇଛନ୍ତି।




ବ୍ରହ୍ମପୁରରେ ଆୟୋଜିତ ଧାରଣାରେ ସାମିଲ ହୋଇଥିବା ପଦ୍ମପୁର ଅଞ୍ଚଳର ପ୍ରତିନିଧିମଣ୍ଡଳୀ।

## ଟ୍ରାକ୍ଟର ଟ୍ରଲିକୁ ପିଟିଲା ବାଇକ୍: ଜଣେ ମୃତ

ଟିକିରି,୯।୯ (ପ୍ରଫୁଲ୍ଲ କୁମାର ବେହେରା)

କାଶୀପୁର ବ୍ଲକ ଚାରଯୋଡ଼ି ଛକ ନିକଟରେ ରବିବାର ରାତିରେ ସଡ଼କ ଦୁର୍ଘଟଣାରେ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବାଗରିଝୋଲା ଗ୍ରାମର ତପନ ଝଡ଼ିଆ।

ତପନ ଏବଂ ମଣ୍ଟୁ ବାଇକ୍ ଯୋଗେ କାଶୀପୁରରୁ ନିଜ ଗାଁ ଅଭିମୁଖେ ଫେରୁଥିଲେ । ଏହି ସମୟରେ ଚାରଯୋଡ଼ି ଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଏକ ଟ୍ରାକ୍ଟର ଟ୍ରଲି ପଛରେ ବାଇକ୍ ପିଟି ହୋଇଯାଇଥିଲା। କାଶୀପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ୨ଯୁବକଙ୍କୁ ଉଦ୍ଧାର କରି କାଶୀପୁର ସିଏଚସିକୁ ପଠାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତପନଙ୍କ ମୃତ୍ୟୁ ହୋଇଥିବାବେଳେ ମଣ୍ଟୁଙ୍କ ସ୍ୱାସ୍ଥ୍ୟବସ୍ଥା ସଙ୍କଟାପନ୍ନ ଥିବାରୁ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ରାୟଗଡ଼ା ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଦୁର୍ଘଟଣା ଗ୍ରସ୍ତ ବାଇକ (ଓଆର୧୮ଜେ୭୧୭୭)ଏବଂ ଟ୍ରାକ୍ଟର ଟ୍ରଲିକୁ ଜବତ କରିଛି ।

## ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନେଇ ଆଲୋଚନା

ଗୁଣପୁର, ୯।୯(ପ୍ରଦୀପ କୁମାର ପାଢ଼ୀ )

ଗୁଣପୁର ପୌର ପରିଷଦ ଅଧୀନ ନୀଳଚକ୍ର ନଗରଠାରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ନେଇ ରବିବାର ସନ୍ଧ୍ୟାରେ ଆଲୋଚନା ଅନୁଷ୍ଠିତ ହୋଇଯାଇଛି । ପୌର ପରିଷଦ ଉପାଧ୍ୟକ୍ଷ ଶିବ ପ୍ରସାଦ ଗୌଡ଼, କାଉନସିଲର ରଶ୍ମି ପାତ୍ରଙ୍କ ସମେତ ସାହି ବାସିନ୍ଦା ଉପସ୍ଥିତ ରହି ଆଲୋଚନା କରିଥିଲେ। ଏହିଅବସରରେ ତ୍ରିନାଥ ମେଳା ମଧ୍ୟ ଅନୁଷ୍ଠିତ ହୋଇଥିଲା। ସାହିରେ ଥିବା ବିଭିନ୍ନ ସମସ୍ୟା ଯଥା ଆଲୋକୀକରଣ ଏବଂ ପକ୍କା ରାସ୍ତା ନିର୍ମାଣ ନେଇ ଗ୍ରାମବାସୀ ଉପାଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଶେଷରେ ସେଠାରେ ଗୋଷ୍ଠୀ କେନ୍ଦ୍ର ନେଇ ଜାଗା ଚିହ୍ନଟ ହୋଇଥିଲା। ସମସ୍ତ ସହାୟତା ଦେବାକୁ ପୌରାଧ୍ୟକ୍ଷ ପ୍ରତିଶ୍ରୁତି ଦେଇଥିଲେ।

## ବାବା ପ୍ରସାଦ, ନାଗରାଜୁ, ସାଇକ୍ରିଷ୍ଣା, ଭେଙ୍କଟରାଓ ବିଜୟୀ

### ସରିଲା ବୈଶ୍ୟ ସଂଘ ନିର୍ବାଚନ

ଗୁଣପୁର,୯।୯(ପ୍ରଦୀପ କୁମାର ପାଢ଼ୀ )

ଗୁଣପୁର କଳିଙ୍ଗ ବୈଶ୍ୟ ସଂଘର କର୍ମକର୍ତ୍ତା ନିର୍ବାଚନ ଓ ଫଳାଫଳ ଘୋଷଣା ରବିବାର ଶେଷ ହୋଇଛି । ନିର୍ଦ୍ଧାରିତ ନିର୍ବାଚନ କାର୍ଯ୍ୟସୂଚୀ ମୁତାବକ ଅପରାହ୍ନ ୪ଟାରେ ଭୋଟ ସରିବା ପରେ ସନ୍ଧ୍ୟାରେ ଭୋଟ ଗଣତି କରାଯାଇ ବିଜୟୀ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଥିଲା। ସଭାପତି ପାଇଁ ଏସ୍.ବାବା ପ୍ରସାଦ ୪୦୨ ଖଣ୍ଡ ଭୋଟପାଇ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଲାଡି ଶେଷଗିରିଙ୍କଠାରୁ ବିଜୟୀ ହୋଇଛନ୍ତି। ସେହିପରି ସାଧାରଣ ସମ୍ପାଦକ ପାଇଁ ପି. ସାଇକ୍ରିଷ୍ଣା ୫୬୭, ଉପ ସଭାପତି ପାଇଁ ପେଦିନା ନାଗରାଜୁ ୪୮୦ ଓ ଯୁଗ୍ମ ସମ୍ପାଦକ ଭାବେ ଏ. ଭେଙ୍କଟରାଓ ୪୪୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି ।

ମିଳିଥିବା ସୂଚନା ମୁତାବକ, ମୋଟ ଭୋଟ ୮୫୦ ଥିବାବେଳେ ୭୬୦ ପୋଲିଂ ହୋଇଥିଲା। ନିର୍ବାଚନ ପରିଚାଳନା ଅଧିକାରୀମାନେ ୨୧ଜଣ ପରିଣତ ବୟସର ଓ ରୋଗାକ୍ରାନ୍ତ ଭୋଟରଙ୍କ ନିକଟକୁ ଯାଇ ଭୋଟ ଗ୍ରହଣ କରାଇଥିଲା। କାନ୍ୟାକା ପରମେଶ୍ୱରୀ ମନ୍ଦିର ପରିସରରେ ହୋଇଥିବା ମତଦାନ ପ୍ରକ୍ରିୟାରେ ଆରମ୍ଭରୁ ହିଁ ଭୋଟରମାନେ ଲମ୍ବା ଲାଇନରେ ଛିଡ଼ା ହୋଇ ନିଜ ମତାଧିକାର ସାବ୍ୟସ୍ତ କରିଥିଲେ। ଦୀର୍ଘବର୍ଷ ପରେ ସଂଘର ନିର୍ବାଚନ ହେଉଥିବାରୁ ସେମାନଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଥିଲା । ଏମ୍. ଲକ୍ଷ୍ମଣ ରାଓ, ବି. କୋଣାଡାଲ ରାଓ, ଜି. ମହେଶ୍ୱର ରାଓ, ଏଲ୍. ରଘୁବାବୁ, ପି. ହରିନାଥ, ଡି. ରମେଶ, ଏଲ୍. ଶ୍ରୀନିବାସ ରାଓ, ଭି. ଚକ୍ରଧର ରାଓ, କେ. ଜଗଦୀଶ ରାଓ, ଜି. ଶ୍ରୀନିବାସ ରାଓ, ପି. ଦିବାକର ରାଓ, କେ. ରାଜେଶ, କେ. ବେଲେଣା ରାଜୁ, ଏମ୍. ମହେଶ୍ୱର ରାଓ ଓ ପି. ବାଲାକ୍ରିଷ୍ଣା ପ୍ରମୁଖ ରହି ନିର୍ବାଚନ କାର୍ଯ୍ୟ ସମ୍ପାଦନ କରିଥିଲେ।




ସଂଘର ନବ ନିର୍ବାଚିତ କର୍ମକର୍ତ୍ତା।

## ସିଡିଏମ୍‌ଓଙ୍କ ସହ ଆଲୋଚନାକଲେ ବିଧାୟକ

- ଜିଲା ମୁଖ୍ୟ ଚିକିତ୍ସାଳୟରେ ଷ୍ଟାଫ୍ ନର୍ସ ଅଭାବ
- ୧୪୨ ବଦଳରେ ଅଛନ୍ତି ୮୫

ରାୟଗଡ଼ା,୯।୯(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଷ୍ଟାଫ୍ ନର୍ସ ନ ଥିବାରୁ ସ୍ୱାସ୍ଥ୍ୟସେବା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଏ ନେଇ ରାୟଗଡ଼ା ବିଧାୟକ ଆପାଲସ୍ୱାମୀ କାଡ୍ରାକା ଜାଣିବା ପରେ ଅସନ୍ତୋଷ ପ୍ରକାଶ କରିବା ସହ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଲାଲମୋହନ ରାଉତରାୟଙ୍କ ସହିତ ଆଲୋଚନା କରି ତୁରନ୍ତ ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଜିଲା ମୁଖ୍ୟ ଚିକିତ୍ସାଳୟରେ ୧୪୨ଜଣ ଷ୍ଟାଫ୍ ନର୍ସ ଅନୁମୋଦିତ ରହିଥିବା ବେଳେ ମାତ୍ର ୭୩ ଜଣ ଷ୍ଟାଫ୍ ନର୍ସ ରହିଛନ୍ତି । ସେଥିମଧ୍ୟରୁ ୧୬ଜଣ ଆଉଟସୋର୍ସିଂରେ ନିଯୁକ୍ତି ପାଇଥିଲେ । ତେବେ ଗତ ମଙ୍ଗଳବାରଠାରୁ ଏହି ଆଉଟସୋର୍ସିଂ ଷ୍ଟାଫ୍‌ଙ୍କୁ ଛଟେଇ କରାଯାଇଥିବାରୁ ଏବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରିକି ପ୍ରତି ୧୨୦ଜଣ ରୋଗୀଙ୍କ ପାଇଁ ଜଣେ ଷ୍ଟାଫ୍ ନର୍ସ ରହିଥିବା ଦେଖିବାକୁ ମିଳିଛି । ତେବେ ବିଧାୟକ କାଡ୍ରାକା ଅସନ୍ତୋଷ ପ୍ରକାଶ କରିବା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଖୁବ୍‌ଶୀଘ୍ର ଷ୍ଟାଫ୍ ନର୍ସଙ୍କୁ ନିଯୁକ୍ତି ମିଳିବ ବୋଲି ସିଡିଏମ୍‌ଓ ଡ.ରାଉତରାୟ କହିଛନ୍ତି।

ଅନ୍ୟପକ୍ଷେ ବର୍ଷା ଯୋଗୁ ଲୋକେ ବିଭିନ୍ନ ପ୍ରକାର ରୋଗରେ ପୀଡ଼ିତ ହୋଇ ମୁଖ୍ୟ ଚିକିତ୍ସାଳୟକୁ ଆସୁଛନ୍ତି। ଗତ ବୁଧବାର ଜଣେ ବୃଦ୍ଧଙ୍କୁ ଠିକ୍ ସମୟରେ ଅକ୍ସିଜେନ ନ ମିଳିବାରୁ ଜିଲା ମୁଖ୍ୟ ଚିକିତ୍ସାଳୟ ବାରଣ୍ଡାରେ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା। ଏନେଇ ବିଧାୟକ କାଡ୍ରାକା ଉଦ୍‌ବେଗ ପ୍ରକାଶ କରିବା ସହ ଜିଲାରେ ସ୍ୱାସ୍ଥ୍ୟସେବାରେ ସମସ୍ତ ସୁବିଧା ଯୋଗାଇଦେବା ପାଇଁ ବିଧାନସଭାରେ ପ୍ରଶ୍ନ ଉଠାଇବେ ବୋଲି କହିଛନ୍ତି । ବିଧାୟକଙ୍କ ଏହି ଗସ୍ତ ସମୟରେ ଜିଲା ମୁଖ୍ୟ ଚିକିତ୍ସାଳୟ ସୁପରିଣ୍ଟେଣ୍ଡେଣ୍ଟ ଡା. ବରଦାକାନ୍ତ ମିଶ୍ର ମଧ୍ୟ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ ପୂର୍ବତନ ସାଧାରଣ ସମ୍ପାଦକ ଦୁର୍ଗାପ୍ରସାଦ ପଣ୍ଡା, ପାର୍ଥ ବର୍ଦ୍ଧନ, ହରିଶ ପଟ୍ଟନାୟକ, ଜଗଦୀଶ ସୁନାରି ଓ କୋରାପୁଟ ଏମ୍‌ପିଙ୍କ ପିଏ ବାପି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ବିଧାୟକ ଆପାଲସ୍ୱାମୀ କାଡ୍ରାକା ସିଡିଏମ୍‌ଓ ଡା. ରାଉତରାୟଙ୍କ ସହ ଆଲୋଚନା କରୁଛନ୍ତି ।

## ଦୁର୍ଘଟଣାରେ ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ

ଉମରକୋଟ, (ସନ୍ତୋଷ ଶତପଥୀ)- ଉମରକୋଟ ନିକଟସ୍ଥ ସେମଲା ଛକରେ ବାଇକ ଦୁର୍ଘଟଣା ଘଟି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ସିକ୍ୟୁରିଟି ଗାର୍ଡଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଝରିଗାଁ ବ୍ଲକ ନୂଆଗୁଡା ଗାଁର ଜିତେନ୍ଦ୍ର ନାୟକ। ଜିତେନ୍ଦ୍ର ସୋମବାର କାମ ସାରି ଝରିଗାଁସ୍ଥିତ ଘରକୁ ଫେରୁଥିବାବେଳେ ସେମଲା ଛକରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ଏକ ବାଇକ୍ ସହ ତାଙ୍କର ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ଉମରକୋଟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରୁ ତାଙ୍କୁ କୋରାପୁଟ ସ୍ଥାନାନ୍ତର କରାଯାଇଛି। ସେଠାରେ ଜିତେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

# ମାଲକାନଗିରି ଉବୁଟୁବୁ


ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ଯୋଗୁ ଚାଷଜମି ବୁଡି ରହିଛି ।


ଏମ୍‌ଭି-୩୯ ପୋଟେରୁ ନଦୀରୁ ଉଦ୍ଧାର ଶ୍ରମିକ ।


ପିଲାଗଡା ପୋଲ ରାସ୍ତା ଧସି ଯାଇଛି । (ଫଟୋ- ଦୁର୍ଯ୍ୟୋଧନ ପାତ୍ର)

## ଏମ୍‌ପିଭି-୧୬ ଗ୍ରାମରୁ ୧୮୮ ଲୋକ ଉଦ୍ଧାର

- କାଲିମେଲାରେ ବନ୍ୟା ପରିସ୍ଥିତି
- ବିଭିନ୍ନ ସ୍ଥାନକୁ ଯୋଗାଯୋଗ ବିଚ୍ଛିନ୍ନ

କାଲିମେଲା,୯।୯(ଜୀବନ କୃଷ୍ଣ ଦାସ )

ପ୍ରବଳ ବର୍ଷାରେ ମାଲକାନଗିରିରୁ କାଲିମେଲା ମୋଟୁ ଓ ପଡ଼ିଆ ବ୍ଲକକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ କାଲିମେଲାରେ ସର୍ବାଧିକ ୧୨୭ ମି.ମି.ବର୍ଷା ରେକର୍ଡ଼ କରାଯାଇଛି। କାଙ୍ଗୁରୁକୋଣ୍ଡା ପୋଲ ଉପରେ ୧୨ଫୁଟ ଉଚ୍ଚରେ ବର୍ଷାଜଳ ପ୍ରବାହିତ ହେବାରୁ ଜାତୀୟ ରାଜପଥ ବନ୍ଦ ରହିଛି। ପଛୁଆ ଜଳରେ କାଙ୍ଗୁରକୋଣ୍ଡା ବଜାର ବୁଡ଼ିଯାଇଛି। ସେହିପରି କାଙ୍ଗୁରକୋଣ୍ଡା ପଞ୍ଚାୟତ ଏମ୍‌ପିଭି-୨୨ ଗ୍ରାମର ୩ ଘରେ ଜଳ ପଶିବାରୁ ସେମାନେ ଉଚ୍ଚ ସ୍ଥାନକୁ ଚାଲିଯାଇଛନ୍ତି। ବନ୍ୟା ଯୋଗୁ ପ୍ରଭାବିତ ହୋଇଛି ଭେଜାଙ୍ଗିବାଡ଼ା ପଞ୍ଚାୟତ ଅନ୍ତର୍ଗତ ଏମପିଭି-୧୬ ଗ୍ରାମ। ଚାରିପଟେ ପାଣି ଘେରି ଯିବାରୁ ଗ୍ରାମବାସୀ ବାହାରକୁ ବାହାରି ପାରି ନ ଥିଲେ। ସୋମବାର ଜିଲାପାଳ ଆଶିଷ ଈଶ୍ୱର ପାଟିଲ ଏହି ଗ୍ରାମକୁ ଯାଇ ଲୋକମାନଙ୍କୁ କିପରି ସୁରକ୍ଷିତ ଭାବରେ ଉଦ୍ଧାର କରାଯିବ ସେ ଉପରେ ଗୁରତ୍ୱ ଦେଇଥିଲେ ।


କାଲିମେଲା ବ୍ଲକ ଭେଜାଙ୍ଗିୱାଡା ଏମ୍‌ପିଭି ୧୬ ଗ୍ରାମରୁ ଲୋକଙ୍କୁ ଉଦ୍ଧାର କରି ଅଣାଯାଉଛି ।

ମାଲକାନଗିରିରୁ କାଲିମେଲାକୁ ସଂଯୋଗ କରୁଥିବା ପୋଟେରୁ, କାଙ୍ଗୁରକୋଣ୍ଡା ପୋଲ ବୁଡ଼ିଯାଇଥିବାରୁ ଜିଲାପାଳ ବାଲିମେଲା ଦେଇ ଏମ୍‌ପିଭି-୧୬ ଗ୍ରାମରେ ପହଁଚିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶରେ କାଲିମେଲା ବିଡିଓ ପ୍ରଦୀପ କର ଉପସ୍ଥିତ ରହି ତୁରନ୍ତ ସେମାନଙ୍କୁ କାଲିମେଲାରୁ ଅଗ୍ନିଶମ ବାହିନୀ ପାୱାର ବୋଟ ସାହାଯ୍ୟରେ ଉଦ୍ଧାର କରି ନିକଟସ୍ଥ ଏମ୍‌ପିଭି-୨୦ ପ୍ରାଥମିକ ବିଦ୍ୟାଳୟରେ ରଖିବାର ବ୍ୟବସ୍ଥା କରିଥିଲେ। ଏମପିଭି-୧୬ ଗ୍ରାମର ୧୮୮ ଲୋକଙ୍କୁ ଉଦ୍ଧାର କରାଯାଇ ଏମ୍‌ପିଭି-୨୦ ବିଦ୍ୟାଳୟରେ ଥଇଥାନ କରାଯାଇ ସେମାନଙ୍କ ପାଇଁ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଉଥିବା ତହସିଲଦାର ରାମକୃଷ୍ଣ ସତ୍ୟ ରାଜ ଗୁରୁ ସୂଚନା ଦେଇଛନ୍ତି । ସେଠାରେ କେତେକ ଅସୁସ୍ଥ ଲୋକଙ୍କୁ ଆମ୍ବୁଲାନ୍ସ ଯୋଗେ କାଲିମେଲା ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ ଗୋଲକ ପଟ୍ଟନାୟକ ଓ କାଲିମେଲା ସିଡ଼ିପିଓ ଅନ୍ନପୂର୍ଣ୍ଣା ବୁରୁଦା ସୂଚନା ଦେଇଛନ୍ତି ।

## ବିଭିନ୍ନ ସ୍ଥାନକୁ ଯୋଗାଯୋଗ ବିଚ୍ଛିନ୍ନ

- କୋରୁକୋଣ୍ଡା ବ୍ଲକ ପ୍ରଭାବିତ
- ବହୁ ସ୍ଥାନରେ ଗଛପଡି ରାସ୍ତା ଅବରୋଧ

କୋରୁକୋଣ୍ଡା,୯।୯(ଶିବଦତ୍ତ ସାହୁ)

ପ୍ରବଳ ବର୍ଷା ଯୋଗୁ କୋରୁକୋଣ୍ଡା ବ୍ଲକ ଅଞ୍ଚଳ ଜଳମଗ୍ନ ହେବା ସହିତ ବିଭିନ୍ନ ରାସ୍ତାରେ ପାଣି ପ୍ରବାହିତ ହେବା ଯୋଗୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ମାଉଳି ମା' ଛକ ନିକଟରେ ବହୁ ପୁରାତନ ତେନ୍ତୁଳି ଗଛ ଉପୁଡି ଏକ ହୋଟେଲ ଉପରେ ପଡିଯିବାରୁ ତାହା ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। କୋଇଲୀପାରି ବିଡିଓ କଲୋନୀର ସୁକ୍ରୀ ଖରାଙ୍କ ଘର କାନ୍ଥ ଭାଙ୍ଗି ଯାଇଛି। ସୂଚନା ପାଇ ସରପଞ୍ଚ ପଦ୍ମା ମାଡକାମୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁରେଶ ଚନ୍ଦ୍ର ସାହୁଙ୍କ ସମେତ ଯୋଗାଣ ସହାୟକ ପତିତ ପାବନ ପାଢୀ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ପରିବାରକୁ ଶୁଖିଲା ଖାଦ୍ୟ ଦେବା ସହିତ କମ୍ୟୁନିଟି ସେଣ୍ଟରରେ ରହିବାର ବନ୍ଦୋବସ୍ତ କରିଥିଲେ।

ସେହିପରି ଏମଭି -୩୧ ଗ୍ରାମ ନିକଟରେ ଥିବା ତଳିଆ ପୋଲ ଉପରେ ବର୍ଷାପାଣି ପ୍ରବାହିତ ହେଉଥିବାରୁ ଏମ୍‌ଭି -୩୧ ଗ୍ରାମରୁ କୋରୁକୋଣ୍ଡା ସଦରକୁ ଯାତାୟାତ ବନ୍ଦ ହୋଇଯାଇଛି । ଉକ୍ତ ଗ୍ରାମର ୮୨ବର୍ଷିୟା ବୃଦ୍ଧା ଊର୍ମିଳା ମଣ୍ଡଳଙ୍କ ଘରର କାନ୍ଥ ଭାଙ୍ଗି ଯିବା ଫଳରେ ସେମାନଙ୍କ ପରିବାର ଲୋକେ ନିକଟରେ ଥିବା ଅନ୍ୟ ଜଣଙ୍କ ଘରେ ଆଶ୍ରୟ ନେଇଛନ୍ତି। ଡୁମୁଷାପଲ୍ଲି ପଞ୍ଚାୟତ ସଦର ମେଡିକେଲ ନିକଟରେ ଥିବା ନଦୀ ପୋଲ ପାଖ ରାସ୍ତା ପାର୍ଶ୍ୱରୁ ମାଟି ଧୋଇ ଯାଇଥିବା ଯୋଗୁ ଡୁମୁଷାପଲ୍ଲି ପଞ୍ଚାୟତଠାରୁ ମାରିୱାଡା ପଞ୍ଚାୟତକୁ ସଂଯୋଗ କରୁଥିବା ରାସ୍ତା ଜୀଉଟିପାଲ୍ଲି ଗ୍ରାମ ନିକଟରେ ଥିବା ତଳିଆ ପୋଲ ଉପରେ ପ୍ରାୟ ୫ରୁ ୬ ଫୁଟ ଉଚ୍ଚରେ ପାଣି ପ୍ରବାହିତ ହେଉଥିବାରୁ ପିଟାଗାଟାଠାରୁ ଜୀଉଟିପଲ୍ଲି ଗ୍ରାମଦେଇ ମାରିୱାଡାକୁ ଯୋଗଯୋଗ ବନ୍ଦ ହୋଇଯାଇଛି। ବାଲିମେଲା- ଚିତ୍ରକୋଣ୍ଡା ମୁଖ୍ୟରାସ୍ତା ଭାଲବ୍ ହାଉସ୍ ଛକ ନିକଟ ପାହାଡରୁ ମାଟି ଧସି ଯାତାୟତ ବନ୍ଦ ରହିଛି।


ବାଲିମେଲା- ଚିତ୍ରକୋଣ୍ଡା ମୁଖ୍ୟରାସ୍ତା ଭାଲବ୍ ହାଉସ୍ ଛକ ନିକଟ ପାହାଡରୁ ଧସି ଥିବା ମାଟି ।

ସେହିପରି ପିଟାଗାଟା ଗ୍ରାମର ରାମଚନ୍ଦ୍ର ମାଡକାମୀଙ୍କ ଘର କାନ୍ଥ ଭାଙ୍ଗି ଯାଇଛି। ଫଳରେ ଉକ୍ତ ପରିବାରର ଲୋକେ ଅନ୍ୟତ୍ର ଆଶ୍ରୟ ନେଇଛନ୍ତି । ଡୁଡାମେଟା ପଞ୍ଚାୟତ ଚେରୀଗୁଡା ଗ୍ରାମର ଗାଙ୍ଗୀ ପଡିଆମିଙ୍କ ଘର କାନ୍ତ ଭୁଶୁଡି ଯାଇଥିବା ବେଳେ ବାନ୍ଦର ଗୁଡାଠାରୁ ନଦୀ ଘାଟକୁ ଯିବା ରାସ୍ତା ଧୋଇହୋଇ ନାଳ ସୃଷ୍ଟି ହୋଇଯାଇଛି । ସେହିପରି ଏମ୍‌ଭି -୫୦ ଗ୍ରାମ ମଧ୍ୟରେ ବର୍ଷା ପାଣି ଭର୍ତ୍ତି ହୋଇଛି । ପୁରୁଣା ଚିମିଟାପାଲ୍ଲି ପଞ୍ଚାୟତ କତାପାଲ୍ଲୀ କଲୋନୀ ଅଙ୍ଗନୱାଡି କେନ୍ଦ୍ର ଉପରେ ଗଛ ଭାଙ୍ଗି ପଡିଛି। କାମୱାଡା ପଞ୍ଚାୟତ ଅଧୀନ ଏମ୍‌ଭି -୨୮ଗ୍ରାମଠାରୁ ମାର୍କେଲଗୁଡାକୁ ସଂଯୋଗ କରୁଥିବା ରାସ୍ତାରେ ଥିବା ତଳିଆ ପୋଲ ଉପରେ ପ୍ରାୟ ୫ଫୁଟ ଉଚ୍ଚରେ ପାଣି ଚାଲୁଥିବାରୁ ମର୍କେଲଗୁଡା ଗ୍ରାମରୁ ପଞ୍ଚାୟତକୁ ଯାତାୟାତ ବନ୍ଦ ହୋଇଯାଇଛି ।

ଉକ୍ତ ପଞ୍ଚାୟତର ପ୍ରାୟ ୧୦ରୁ ଅଧିକ ଘର କାନ୍ଥ ଭାଙ୍ଗିଥିବା ସରପଞ୍ଚ ରମାକାନ୍ତ ମାଡକାମୀ କହିଛନ୍ତି। ସେହିପରି ବିଭିନ୍ନ ଅଞ୍ଚଳର ଚାଷ ଜମିରେ ମଧ ବର୍ଷାପାଣି ଜମି ଥିବାରୁ ବହୁ ଚାଷୀଙ୍କର ଧାନ ନଷ୍ଟ ହୋଇଛି। ପାଣି ପାଗର ଏଭଳି ସ୍ଥିତିକୁ ଦୃଷ୍ଟିରେ ରଖି ବ୍ଲକ ପ୍ରଶାସନ ପକ୍ଷରୁ କ୍ଷୟକ୍ଷତି ଉପରେ ନଜର ରଖିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ବୋଲି କମ୍ପ୍ୟୁଟର ପ୍ରୋଗ୍ରାମର ସତ୍ୟ ନାରାୟଣ ଦାସ ସୂଚନା ଦେଇଛନ୍ତି। କିଛି ଗ୍ରାମରେ ଲୋକଙ୍କ ଘର କାନ୍ଥ ପଡ଼ିବା ଖବର ଆସିଥିବାବେଳେ ସେଭଳି ଅଧିକ କିଛି କ୍ଷୟକ୍ଷତି ହୋଇଥିବା ଖବର ଆସିନାହିଁ ବୋଲି ଦାସ କହିଛନ୍ତି।

## ମା' ମାଉଳି ଫୁଟ୍‌ବଲ ଟୁର୍ନାମେଣ୍ଟ

ମାଲକାନଗିରି, ୯।୯(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ଗୋରାଖୁଣ୍ଟା ପଞ୍ଚାୟତ ଅନ୍ତର୍ଗତ ପୋନାରଗୁଡ଼ାଠାରେ ମା' ମାଉଳି ଫୁଟ୍‌ବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ୮ ଦଳକୁ ନେଇ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟର ପ୍ରଥମ ଦିନରେ ଦୁଇଟି ଦଳ ବିଜୟ ବାରିୟର ଓ ପୂଜାରିଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ୧ ସପ୍ତାହବ୍ୟାପୀ ହେବାକୁ ଥିବା ଏହି ଟୁର୍ନାମେଣ୍ଟ ଆସନ୍ତା ୧୫ ତାରିଖରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ପୋନାରଗୁଡ଼ା ଗ୍ରାମ ଯୁବ କ୍ଲବ ତରଫରୁ ଏହା ଅନୁଷ୍ଠିତ ହେଉଛି। ମାଲକାନଗିରି ସହରର ବରିଷ୍ଠ ବ୍ୟବସାୟୀ କେ. ଭେଙ୍କଟ ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧ୍ୟକ୍ଷ ଆଡମା ରାବା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଥମ ଦିନ ଖେଳରେ ବିଜୟୀ ଦଳକୁ କପ୍ ଦେଇ ଅତିଥିମାନେ ସମ୍ମାନିତ କରିଥିଲେ । ଏହି ଖେଳରେ ସମୟସୀମା ମଧ୍ୟରେ ଉଭୟ ଦଳ ଗୋଟିଏ ଗୋଟିଏ ଗୋଲକରି ଖେଳ ଡ୍ର ହୋଇଥିବା ବେଳେ ପେନାଲଟି କିକ୍‌ରେ ପୂଜାରିଗୁଡ଼ା ବିଜୟୀ ହୋଇଥିଲା। ରେଫରି ଭାବେ ରାଜେଶ, ଲାଇନମ୍ୟାନ ଭାବେ ମୁନା ଓ ବସନ୍ତ ଥିଲେ।


ବିଜୟୀ ଦଳକୁ ପୁରସ୍କୃତ କରାଯାଉଛି ।

## ଚିକିତ୍ସାରେ ବିଳମ୍ବ, ଡ୍ରେନ୍‌ରୁ ଉଦ୍ଧାର ଗାଈ ମୃତ

ପଟ୍ଟାଙ୍ଗି,୯।୯(ଶରତ ଧଳ)

ଲଘୁଚାପ ପ୍ରଭାବରେ ଲଗାଣ ବର୍ଷାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବର୍ଷା ଜଳ ରାସ୍ତା ଓ ଡ୍ରେନ୍‌ରେ ଭରି ରହିଛି। ଯାହା ଚଳାଚଳ କରୁଥିବା ଜନସାଧାରଣ ଓ ଗାଈଗୋରୁଙ୍କ ପାଇଁ ବିପଦ ସାଜିଛି। ଏହିପରି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ମହକୁମାସ୍ଥିତ ଷ୍ଟେଟବ୍ୟାଙ୍କ ସମ୍ମୁଖ ଏକ ଗଳିରୁ। ୧୦ ଦିନ ଧରି ଲଗାଣ ବର୍ଷା ଯୋଗୁ ଜାତୀୟ ରାଜପଥର ପାଣି ଜମିଥିବା ଏକ ଡ୍ରେନ୍‌ରୁ ଗୋଟିଏ ଗାଈ ଉଦ୍ଧାର ହୋଇଛି। ଗାଈଟିକୁ ଚିକିତ୍ସା ପାଇଁ ନିଆଯାଇଥିବା ବେଳେ ବିଳମ୍ବ ଚିକିତ୍ସାରୁ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଗାଈ ମାଲିକଙ୍କ ଠାରୁ ଆରମ୍ଭ କରି ଚିକିତ୍ସାଳୟ ପକ୍ଷରୁ କୌଣସି ତତ୍ପରତା ଦେଖିବାକୁ ମିଳିନଥିଲା। କ୍ଷତାକ୍ତ ଅବସ୍ଥାରେ ପଡ଼ିଥିବା ଗାଈର ଫଟୋ ବିଭିନ୍ନ ସାମାଜିକ ଗଣମାଧ୍ୟମ ସାଇଟ୍‌ରେ ପୋଷ୍ଟ କରି ସ୍ଥାନୀୟ ପ୍ରଶାସନକୁ ଅବଗତ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇନଥିଲା।

## ଜାତୀୟ ବ୍ୟାଡମିଣ୍ଟନ ପାଇଁ ଡିପିଏସର ୪ଛାତ୍ର ମନୋନୀତ

ଦାମନଯୋଡି,୯।୯(ମାନସ ରଞ୍ଜନ କର)

କୋରାପୁଟ ଜିଲା ଦାମନଯୋଡି ନାଲକୋ ଟାଉନସିପସ୍ଥିତ ଦିଲ୍ଲୀ ପବ୍ଲିକ ସ୍କୁଲ (ଡିପିଏସ)ର ଛାତ୍ର ଜାତୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ପାଇଁ ମନୋନିତ ହୋଇଛନ୍ତି। କେନ୍ଦ୍ରୀୟ ଶିକ୍ଷା ବୋର୍ଡ ଆନୁକୁଲ୍ୟରେ ଛତିଶଗଡ଼ର ଭିଲାଇରେ ଚଳିତ ମାସରେ ଅନୁଷ୍ଠିତ ୨ୟ କ୍ଲଷ୍ଟର ବ୍ୟାଡମିଣ୍ଟନ ପ୍ରତିଯୋଗିତାରେ ରୌପ୍ୟ ପଦକ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ୧୪ ଓ ୧୭ବର୍ଷରୁ କମ ବର୍ଗରେ ଦାମନଯୋଡି ଡିପିଏସର ମୋଟ ୧୩ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ୧୪ବର୍ଷରୁ କମ ବାଳକ ବର୍ଗରେ ନିତିଶ କୁମାର ପଟ୍ଟନାୟକ,ଶେଖ ଜାହିର,ମହମ୍ମଦ ଆରିଜ ଏବଂ କ୍ରିଷ୍ଣାକୁମାର ଶୁକ୍ଳା ପ୍ରମୁଖଙ୍କ ଉଚ୍ଚ ପ୍ରଦର୍ଶନରେ ରନର୍ସ ଅପ ସହ ରୌପ୍ୟ ପଦକ ହାସଲ କରିଥିବା ଜଣାପଡିଛି। ଖେଳାଳିମାନେ ଆସନ୍ତା ଅକ୍ଟୋବର ୫ ରୁ ୧୦ତାରିଖ ପର୍ଯ୍ୟନ୍ତ ମଧ୍ୟପ୍ରଦେଶର ବରୱାନିରେ


୪ଖେଳାଳିଙ୍କ ସହ କୋଚ ନବକିଶୋର ପଣ୍ଡା।

ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ହେବାକୁ ଥିବା ଜାତୀୟ କ୍ରୀଡା ପ୍ରତିଯୋଗିତା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ଡିପିଏସର କ୍ରୀଡା ଶିକ୍ଷକ ତଥା ବ୍ୟାଡମିଣ୍ଟନ କୋଚ ନବକିଶୋର ପଣ୍ଡା ଓ ପ୍ରବନ୍ଧକ ସୁଜାତା ରାଉତ କହିଛନ୍ତି। କୃତିତ୍ୱ ହାସଲ କରି ଜାତୀୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିବା ପ୍ରତିଯୋଗୀମାନଙ୍କୁ ଡିପିଏସର ଅଧକ୍ଷା ସୁଶ୍ରୀ ସୁଜାତା ପାଣି ଓ ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନେ ଶୁଭେଚ୍ଛା ଜଣାଇ ଆଗାମୀ ଜାତୀୟ କ୍ରୀଡ଼ାରେ ସଫଳତା ଆଣିବାକୁ ସେମାନଙ୍କୁ ଉତ୍ସାହିତ କରିଛନ୍ତି।

## ଓଡ଼ିଶା ଅମଲା ସଂଘ ଜିଲା ଶାଖାର ପକ୍ଷରୁ ସ୍ମୃତିସଭା

କୋରାପୁଟ/ଜୟପୁର,୯।୯(ଅମିତାଭ ବେହେରା/ପବନ ପାଣିଗ୍ରାହୀ)

କୋରାପୁଟ ଆଦିବାସୀ ସଂଗ୍ରାହଳୟରେ ଓଡିଶା ଅମଲା ସଂଘର ଜିଲା ଶାଖା ପକ୍ଷରୁ ସୋମବାର ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ନନ୍ଦପୁର ବିଭାଗୀୟ ଅଧିକାରୀ ସ୍ୱର୍ଗତ ପ୍ରମୋଦ କୁମାର ଦାଶଙ୍କ ବିୟୋଗରେ ଶାଖା ସଭାପତି ଶଶି ଭୂଷଣ ଦାଶ ସ୍ମୃତିସଭାର ଆୟୋଜନ କରିଥିଲେ। ଏଥିରେ ସଂଘର ସମ୍ପାଦକ ସଞ୍ଜୟ କୁମାର ପଣ୍ଡା, ସୁନାକର ରାଉତ, ନରେନ୍ଦ୍ର ନାଥ ତ୍ରିପାଠୀ, କେ.ସୁବାସ ଚନ୍ଦ୍ର ଆଚାରି, ବୃନ୍ଦାବନ ପଣ୍ଡା, କାର୍ଯ୍ୟକାରୀ ସଭାପତି ରାଜୀବ କୁମାର ପ୍ରଧାନ ମଞ୍ଚାସୀନ ଥିଲେ। ପ୍ରଥମେ ସମସ୍ତ ମଞ୍ଚାସୀନ ଅତିଥି ସ୍ୱର୍ଗତ ପ୍ରମୋଦ କୁମାର ଦାଶଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ସଦସ୍ୟମାନେ ସ୍ୱର୍ଗତ ଦାଶଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଥିଲେ। ସଭାରେ ଶଶି ଭୂଷଣ ଦାଶ ସଭାପତିତ୍ୱ କରିଥିଲେ। ସମସ୍ତ ମଞ୍ଚାସୀନ ଅତିଥି ସ୍ୱର୍ଗତ ଦାଶଙ୍କ କାର୍ଯ୍ୟଶୈଳୀ, କର୍ମଠ, ନିଃସ୍ୱାର୍ଥପର, ନିରାଡମ୍ବର, ପରୋପକାରୀ ଓ ସଂଘୀୟ ମମତାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶା ଅମଲା ସଂଘର ଯୁଗ୍ମ ସମ୍ପାଦକ ରାଜେନ୍ଦ୍ର ନାରାୟଣ ପାଢ଼ୀ, ଗୌରୀ ଶତପଥି, ଭବାନୀ ରଥ, ଯୋଗେନ୍ଦ୍ର ଚୌଧୁରୀ,କାଳୀ ପ୍ରସାଦ ମିଶ୍ର, ତ୍ରିନାଥ ପଣ୍ଡା, ଲକେଶ୍ୱର ରାଓ ପାନାଡା ଓ ଅନ୍ନପୂର୍ଣ୍ଣା ତ୍ରିପାଠୀଙ୍କ ସମେତ ବହୁ ବରିଷ୍ଠ ସଦସ୍ୟ ଯୋଗ ଦେଇଥିଲେ। ସଭାପତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୧ରେ ଉମରକୋଟରେ ହିନ୍ଦୁ ସମାବେଶ

ଉମରକୋଟ, ୯।୯(ସନ୍ତୋଷ ଶତପଥୀ)

ହିନ୍ଦୁ ସୁରକ୍ଷା ସମିତି ପକ୍ଷରୁ ସେପ୍ଟେମ୍ବର ୧୧ରେ ଉମରକୋଟରେ ଏକ ବିଶାଳ ହିନ୍ଦୁ ମହାସମାବେଶ କରାଯିବ। ଏଠାରେ ଏକ ଲକ୍ଷରୁଊର୍ଦ୍ଧ୍ୱ ହିନ୍ଦୁ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଭାରତକୁ ହିନ୍ଦୁରାଷ୍ଟ୍ର ଘୋଷଣା, ବିଶ୍ୱରେ ହିନ୍ଦୁଙ୍କ ସୁରକ୍ଷା ସୁନିଶ୍ଚିତ ଭଳି ୧୨ ଦଫା ଦାବି ନେଇ ଏହି ସମାବେଶ କରାଯାଉଛି। ଏହା କୌଣସି ବର୍ଗର ବିରୋଧରେ ନୁହେଁ। ହିନ୍ଦୁ ସମାଜ ଦୀର୍ଘ ଦିନରୁ ଅବହେଳିତ, ନିର୍ଯାତିତ ହେଉଛନ୍ତି। ଏହି ସମସ୍ୟା ଦୂର ହିନ୍ଦୁ ଏକତା ଉଦ୍ଦେଶ୍ୟରେ ଏହି କାର୍ଯ୍ୟକ୍ରମ କରାଯାଉଛି ବୋଲି ବରିଷ୍ଠ ନେତା ଜୟଦେବ ପରିଡ଼ା ଉମରକୋଟ ସହର ଗୁଲିପାଟଣା ସାହିସ୍ଥିତ ବାବା ବୈଦ୍ୟନାଥେଶ୍ୱର ମନ୍ଦିର ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ୧୧ ତାରିଖ ଦିନ ଏକ ବିଶାଳ ଶୋଭାଯାତ୍ରା ଅପରାହ୍ନ ୨ଟାରେ ଡଙ୍ଗରିଗୁଡା ଖେଳ ପଡିଆରୁ ବାହାରି ଉମରକୋଟ ସହର ପରିକ୍ରମା କରି ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧୨ ଦଫା ସମ୍ବଳିତ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରିବ। ଏହି ଖବରଦାତା ସମ୍ମିଳନୀରେ ବିଶ୍ୱହିନ୍ଦୁ ପରିଷଦ ଜିଲା ସଭାପତି କୃପାରାମ ସାହୁ, ଜିଲା ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ସୁନୀଲ ବେହେରା, ବିଶ୍ୱହିନ୍ଦୁ ପରିଷଦ ପ୍ରଖଣ୍ଡ ସଭାପତି ଅଶୋକ ପ୍ରଧାନ, ବରିଷ୍ଠ ଆଇନଜୀବୀ ତପନ ଦେବନାଥ, ବାବା ବୈଦ୍ୟନାଥେଶ୍ୱର ମନ୍ଦିର ସମିତି କାର୍ଯ୍ୟକର୍ତ୍ତା ମାର୍କଣ୍ଡ ସାହୁ, ହିନ୍ଦୁ ସୁରକ୍ଷା ସମିତି ସଭାପତି ଦୀପ କୁମାର ମହାପାତ୍ର, ଅଶୋକ ପାତ୍ର, ପ୍ରଫୁଲ୍ଲ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ହିନ୍ଦୁ ସମାବେଶ ସମ୍ପର୍କରେ ସୂଚନା ଦିଆଯାଉଛି।

## ଗ୍ରାମଦେବୀଙ୍କ ପାଖରେ ବିସର୍ଜନ ହେଲା ଗରାଣ୍ଡି

ଧୋଡ୍ରା, ୯।୯(ଗଣେଶ ଚନ୍ଦ୍ର ଛତ୍ର)

ନବରଙ୍ଗପୁର ଜିଲା ଛରିଗାଁ ବ୍ଲକ୍ ଧୋଡ୍ରାରେ ଗରାଣ୍ଡି ବିସର୍ଜନ କରାଯାଇଛି। ଗାଁର ସବୁ ସମ୍ପ୍ରଦାୟ ଯୁବକ ଏକାଠିହୋଇ ନିଜ ଗାଁର ପ୍ରତ୍ୟେକ ଘରେ ବୁଲି କିଛି ଚାଉଳ, ପଇସା ସଂଗ୍ରହକରି ସମସ୍ତେ ଗରାଣ୍ଡିକୁ ଗାଁ ମୁଣ୍ଡରେ ଥିବା ଗରାଣ୍ଡି ଦେବୀଙ୍କ ସ୍ଥଳୀରେ ବିସର୍ଜନ କରିଥିଲେ।

ଆଦିବାସୀ ଗୀତ ଓ ନୃତ୍ୟ ପରମ୍ପରା ଲୋକପ୍ରିୟ ହୋଇ ଥିବାବେଳେ ମନୋରଞ୍ଜନ ପାଇଁ ଗରାଣ୍ଡି ମଧ ଏହି ଅଞ୍ଚଳରେ ସ୍ଥାନ ପାଇଛି। ଶାଳ, ଆଦନ ଭଳି କାଠରେ ଗରାଣ୍ଡି ତିଆରି କରାଯାଏ। ୫ ଫୁଟ ଉଚ୍ଚ କାଠରେ ମାଟିରୁ ଉଚ୍ଚତା ୧ ଫୁଟ ଛାଡ଼ି ପାଦ ରଖିବା ପାଇଁ ଏକ ଶକ୍ତ ଫମ୍ପା କରି ତିଆରି କରିଥାନ୍ତି। ଏଥିରେ ପାଦ ରଖି ଚାଲିବାକୁ ପଡ଼ିଥାଏ। ନିୟନ୍ତ୍ରଣ ହରାଇଲେ ତଳେ ପଡ଼ିଯିବା ଭୟ ଥାଏ। ତେବେ ଆଦିବାସୀ ଗାଁରେ ପିଲାଠାରୁ ଯୁବକ ମନୋରଞ୍ଜନର ମାଧ୍ୟମ ରୂପେ ଏହାକୁ ବ୍ୟବହାର କରିଥାନ୍ତି। ଅଞ୍ଚଳ ବାସୀଙ୍କ କହିବାନୁଯାୟୀ ଏହା ଆଷାଢ଼ ମାସରେ ତିଆରିକରି ଚାଲିବା ଆରମ୍ଭ କରିଥାନ୍ତି ଏବଂ ଭାଦ୍ରବ ମାସ ନୂଆଁଖାଇ ତା'ର ସକାଳେ ବିଧି ଅନୁସାରେ ଗ୍ରାମଦେବୀଙ୍କୁ ପୂଜାର୍ଚ୍ଚନା କରି ଏହାକୁ ବିସର୍ଜନ କରିଥାନ୍ତି। ଏହିଦିନ ଗୁଣ୍ଡି ଗୁଣ୍ଡି ଭୁରଶୁଣ୍ଡୀ ବୋଲି ପୂଜାକରି ନଡ଼ିଆ, କଦଳୀ, ଧୂପ, ଦୀପ ଭୋଗ ରୂପେ ଅର୍ପଣ କରିଥାନ୍ତି। ପୂଜାରେ କେତେଜଣ କୁକୁଡ଼ା ବଳି ମଧ ଦେଇଥାନ୍ତି। ସବୁ ସମ୍ପ୍ରଦାୟ ଯୁବକ ଏକାଠି ହୋଇ ନିଜ ଗାଁର ପ୍ରତ୍ୟେକ ଘରେ ଘରେ ବୁଲି କିଛି ଚାଉଳ, ପଇସା ସଂଗ୍ରହକରି ସମସ୍ତେ ଗରାଣ୍ଡିକୁ ଗାଁ ମୁଣ୍ଡରେ ଥିବା ଗରାଣ୍ଡି ଦେବୀଙ୍କ ସ୍ଥଳୀରେ ବିସର୍ଜନ କରିଥାନ୍ତି। ଆଦାୟକରି ଆଣିଥିବା ଚାଉଳ, କୁକୁଡ଼ା, ପାରିବା ଆଦିକୁ ନେଇ ଭୋଜି କରାଯାଇଥାଏ। ଗରାଣ୍ଡି ମନୋରଞ୍ଜନର ମାଧ୍ୟମ ହେଲେ ମଧ ଏହାର କିଛି ବିଶେଷତ୍ୱ ରହିଛି। ଯେହେତୁ ବର୍ଷାଦିନରେ ଆଗକାଳର ଲୋକମାନେ ବସବାସ କରୁଥିବା ସମୟରେ ଜଙ୍ଗଲ ଥିଲା ଚଳପ୍ରଚଳ ସମୟରେ ବିଷଧର ସର୍ପର ଭୟ ରହୁଥିଲା। ବର୍ଷାଋତୁରେ ବାଟଘାଟ କାଦୁଅରେ ପରିପୂର୍ଣ୍ଣ ଥିଲା। ଗରାଣ୍ଡିରେ ଚାଲିଲେ ଗୋଡ଼ରେ କାଦୁଅ ଲାଗି ନ ଥାଏ। ଗାଈ ଚରାଇବା ସମୟରେ ହେଉ କିମ୍ବା ଜଙ୍ଗଲରେ ଜୀବଜନ୍ତୁଙ୍କୁ ଦୂରରୁ ଠାବ କରିବା ପାଇଁ ଗରାଣ୍ଡି ଏକ ମାଧ୍ୟମ ଥିଲା। ଗରାଣ୍ଡିରେ ଠିଆ ହୋଇ ପରସ୍ପର ଲଢ଼େଇକରି ପ୍ରତିପକ୍ଷକୁ ପରାସ୍ତକରି ମଧ ଖୁସି ମନାଇଥାନ୍ତି।


ପିଲାମାନେ ଗୁରାଣ୍ଡି ଲଗାଇ ଚାଲିଚାଲି ଯାଉଛନ୍ତି।

## ସଂଗଠନରେ ବିଦ୍ରୋହ, ସାଥୀ ମାଓବାଦୀଙ୍କୁ ହତ୍ୟା

ମାଲକାନଗିରି, ୯।୯(ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ଼ ମାଓବାଦୀ ସଂଗଠନରେ ବିଦ୍ରୋହ ଦେଖାଦେଇଛି। ପୋଲିସ ସୂଚନାଦାତା ସନ୍ଦେହରେ କାଙ୍କେର ଜିଲା ପରତାପୁରରେ ପୋଲିସ ତେଲୁଗୁ କ୍ୟାଡର ସାଥୀ ମାଓବାଦୀ ନେତା ବିଜୟ ରେଡୀ ଓରଫ ବିଜାଙ୍କୁ ହତ୍ୟା ସହ ସଂଗଠନର ଗତିବିଧି ସମ୍ପର୍କରେ ପୋଲିସକୁ ସେ ସୂଚନା ଦେଉଥିବା ଅଭିଯୋଗ କରିଛନ୍ତି। ଛତିଶଗଡ ବିଜାପୁର ଜିଲାରେ ପୋଲିସ ଦ୍ୱାରା ବିଭିନ୍ନ କ୍ୟାମ୍ପ ଧ୍ୱଂସ ସହ ବହୁ ମାଓବାଦୀଙ୍କୁ ଗୁଳିକରି ହତ୍ୟା ଓ ଗିରଫ କରାଯିବାରୁ ସଂଗଠନରେ ବିଦ୍ରୋହ ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ପୋଲିସ ଏକ ପ୍ରେସ୍ ନୋଟ ଜାରି କରିଛି। ଏଥିରେ ଉଲ୍ଲେଖ ରହିଛି, ପୋଲିସ-ମାଓବାଦୀ ମଧ୍ୟରେ ଏନ୍‌କାଉଣ୍ଟର କ୍ରମାଗତ ଭାବେ ଚାଲିଥିବା ବେଳେ ମାଓବାଦୀଙ୍କର କ୍ଷତି ହେଉଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଗତ ୬ ତାରିଖରେ ବିଜାଙ୍କୁ ହତ୍ୟା କରାଯାଇଥିବା ବେଳେ ଅତୀତରେ ଛତିଶଗଡ ବସ୍ତର ସଂଭାଗରେ ହୋଇଥିବା ଏନ୍‌କାଉଣ୍ଟର ସହ ଅନ୍ୟ ରାଜ୍ୟରୁ ଆସିଥିବା ମାଓବାଦୀଙ୍କୁ ମଧ୍ୟ ବାହାର ରାଜ୍ୟ ମାଓବାଦୀ ନେତାମାନଙ୍କ ଦ୍ୱାରା ହତ୍ୟା କରାଯାଇଥିଲା। ବିଗତ କିଛି ମାସ ମଧ୍ୟରେ ପୋଲିସ ଦ୍ୱାରା ଟପ୍ ନେତାମାନଙ୍କ ହତ୍ୟା କରାଯାଇଥିବା ଯୋଗୁ ସାଥୀମାନେ ବିଚଳିତ ହୋଇପଡ଼ିଛନ୍ତି। ବାହାର ରାଜ୍ୟରୁ ଆସୁଥିବା ମାଓବାଦୀ ସ୍ଥାନୀୟ ମାଓବାଦୀମାନଙ୍କୁ ଢାଲ କରି ଛତିଶଗଡ ରାଜ୍ୟରୁ ବହୁକୋଟି ଟଙ୍କା ଲୁଟି ନେଉଛନ୍ତି। ହେଲେ ଗତ କିଛିମାସ ମଧ୍ୟରେ ବଡ ବଡ ମାଓବାଦୀ ନେତାମାନଙ୍କୁ ପୋଲିସ ନିପାତ କରିବାରେ ସଫଳ ହୋଇଥିବା ବେଳେ କିପରି ସେମାନଙ୍କ ଗତିବିଧି ସମ୍ପର୍କରେ ସୂଚନା ପାଉଛି ସେଥିପାଇଁ ସଂଗଠନରେ ବିଦ୍ରୋହ ଦେଖାଦେଇଛି। ଆତ୍ମସମର୍ପଣ ବ୍ୟତୀତ ମାଓବାଦୀମାନଙ୍କ ପାଖରେ ବିକଳ୍ପ ନାହିଁ ବୋଲି ପ୍ରେସ୍‌ନୋଟରେ ବସ୍ତର ଆଇଜି ସୁନ୍ଦର ରାଜ. ପି. ସୂଚନା ଦେଇଛନ୍ତି। ବିଶେଷ କରି ଛତିଶଗଡ ରାଜ୍ୟର ସ୍ଥାନୀୟ ଲୋକଙ୍କୁ ପୋଲିସ ପକ୍ଷରୁ ଆହ୍ୱାନ ଦିଆଯାଇଛି, ଯଥାଶୀଘ୍ର ମାଓବାଦୀ ସଂଗଠନ ହାତ ଛାଡି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ ଏବଂ ନିଜ ପରିବାରକୁ ସୁରକ୍ଷିତ କରିବା ସହ ଜୀବନ ବଞ୍ଚାନ୍ତୁ।

# ପଡ଼ୋଶୀଙ୍କୁ ବନ୍ଧୁକ ଦେଖାଇ ଆତଙ୍କ

### ଅଭିଯୁକ୍ତ ଗିରଫ, ଜେଲ ଗଲେ

ଭୁବନେଶ୍ୱର, ୯।୯(ସତ୍ୟଜିତ୍ ରାଉତ)

ଭୁବନେଶ୍ୱରରେ ଦୁଇ ପଡ଼ୋଶୀଙ୍କ କଳି ଭିତରେ ବାହାରିଲା ବନ୍ଧୁକ। ପଡ଼ୋଶୀଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ଗୁଳି ଫୁଟାଇ ହତ୍ୟା କରିବାକୁ ଧମକ ଦେବା ଅଭିଯୋଗରେ ଲକ୍ଷ୍ମୀସାଗର ଥାନା ପୋଲିସ ଜଣେ ଯୁବକଙ୍କୁ ସୋମବାର ଗିରଫ କରିଛି। ସେ ହେଲେ ଝାରପଡ଼ା ଦୋଳମଣ୍ଡପସାହିର ରମେଶ ବେହେରା ଓରଫ ବାବାଜି(୪୩)। ଅଭିଯୁକ୍ତ ରମେଶଙ୍କଠାରୁ ବନ୍ଧୁକ ସମେତ ୫ରାଉଣ୍ଡ ଜୀବନ୍ତ ଗୁଳି ଜବତ ହୋଇଛି। ତାଙ୍କୁ ଭୁବନେଶ୍ୱର ଏସ୍‌ଡିଜେଏମ୍ କୋର୍ଟକୁ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ପରେ ରମେଶଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନା ଅନୁସାରେ, ଅଭିଯୁକ୍ତ ରମେଶଙ୍କ ସହ ପଡ଼ୋଶୀ ଯୋଗେନ୍ଦ୍ର ବେହେରାଙ୍କ ଘର ମଝିରେ ଥିବା ଏକ ପାଚେରିକୁ ନେଇ ନିୟମିତ ଝଗଡ଼ା ହେଉଥିଲା। ଏପରି କି ଅଧିକାଂଶ ସମୟରେ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ଝଗଡ଼ା ଉଗ୍ରରୂପ ନେଉଥିଲା। ଗୁରୁବାର ଯୋଗେନ୍ଦ୍ର ଉକ୍ତ ପାଚେରି ମରାମତି କରିବାକୁ ଶ୍ରମିକଙ୍କୁ ଡାକିଥିଲେ। ହେଲେ ଉକ୍ତ ମରାମତି କାମକୁ ରମେଶ ବିରୋଧ କରି ଗାଳିଗୁଲଜ କରିଥିଲେ। ରମେଶଙ୍କ ସହ ତାଙ୍କ ସ୍ତ୍ରୀ ମଧ୍ୟ ଏଥିରେ ସହଯୋଗ କରିଥିଲେ। ସନ୍ଧ୍ୟା ପ୍ରାୟ ୬ଟା ବେଳେ ରମେଶ ଘରେ ଲୁଚାଇଥିବା ବନ୍ଧୁକ ଆଣି ଆତଙ୍କ ଖେଳାଇଥିଲେ। ଏପରିକି ଗୁଳି ଫୁଟାଇ ସମସ୍ତଙ୍କୁ ହତ୍ୟା ଧମକ ମଧ୍ୟ ଦେଇଥିଲେ। ଏହି ସମୟରେ ପୋଲିସକୁ ଜଣାଯିବାର ଖବର ପାଇ ରମେଶ ଫେରାର ହୋଇଯାଇଥିଲେ। ଏନେଇ ଏତଲାକ୍ରମେ ପୋଲିସ ଏକ ମାମଲା (ନଂ.୪୮୭/୨୦୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରବିବାର ପୋଲିସ ଟିମ୍ ଝାରପଡ଼ା ମାର୍କେଟ୍ ନିକଟ ଏକ ଚା' ଦୋକାନ ନିକଟରୁ ରମେଶଙ୍କୁ କାବୁ କରିଥିଲା। ରମେଶଙ୍କ ନାଁରେ ପୂର୍ବରୁ ସ୍ଥାନୀୟ ଥାନାରେ ୨ଟି ମାମଲା ରହିଛି ବୋଲି ପୋଲିସ ସୂଚନା ଦେଇଛି।



ଗିରଫ ଅଭିଯୁକ୍ତଙ୍କ ସହ ଜବତ ବନ୍ଧୁକ ଓ ଗୁଳି।

### ଖୋର୍ଦ୍ଧାରୁ କିଣିଥିଲେ ବନ୍ଧୁକ, ଗିରଫ ହେବେ ବିକ୍ରେତା

ଅଭିଯୁକ୍ତ ରମେଶଙ୍କଠୁ ଜବତ ହୋଇଥିବା ବନ୍ଧୁକ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍ଏ) ପ୍ରସ୍ତୁତ। ଏହି ଚୋରା ବନ୍ଧୁକ ରାକେଟ୍‌କୁ ନେଇ କମିଶନରେଟ୍ ପୋଲିସ ଅଧିକ ତଦନ୍ତ ଚଳାଇଛି। ପଚରାଉଚରା ବେଳେ ଜଣାପଡ଼ିଛି, ରମେଶ ଦେଢ଼ବର୍ଷ ତଳେ ଖୋର୍ଦ୍ଧାରୁ ଜଣେ ବ୍ୟକ୍ତିଙ୍କଠୁ ଉକ୍ତ ବନ୍ଧୁକ କିଣିଥିଲେ। ତେବେ ବନ୍ଧୁକ ଦେଇଥିବା ଉକ୍ତ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରିବାକୁ ପ୍ରୟାସ ଆରମ୍ଭ କରିଛି। ଉକ୍ତ ସନ୍ଦିଗ୍ଧଙ୍କୁ ପୋଲିସ ଚିହ୍ନଟ କରିଥିବା ବେଳେ ଏହି ନେଟୱର୍କ ସମ୍ପର୍କରେ ଅଧିକ ଖୋଳତାଡ଼ କରାଯିବ ବୋଲି ଖବରଦାତା ସମ୍ମିଳନୀରେ ଡିସିପି ପ୍ରତୀକ ସିଂ ସୂଚନା ଦେଇଛନ୍ତି।

## ଏନ୍‌ଏଲୟୁ ମହିଳା ପ୍ରଫେସରଙ୍କ ସନ୍ଦେହଜନକ ମୃତ୍ୟୁ

କଟକ, ୯।୯(କାର୍ତ୍ତିକ ସାହୁ)

କଟକ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ (ଏନ୍‌ଏଲୟୁ)ରେ କାର୍ଯ୍ୟରତ ଜଣେ ମହିଳା ପ୍ରଫେସରଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତକ ହେଲେ ଅନନ୍ୟା ଚକ୍ରବର୍ତ୍ତୀ(୪୨)। ମର୍କତନଗର ଥାନା ପୋଲିସ ଅନନ୍ୟାଙ୍କୁ ତାଙ୍କ ଭଡ଼ା ଘରୁ ଉଦ୍ଧାର କରି ଏସ୍‌ସିବି ମେଡିକାଲକୁ ପଠାଇଥିଲା। ମାତ୍ର ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ସୋମବାର ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ମର୍କତନଗର ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୧୩୦/୨୦୨୪) ରୁଜୁ ହୋଇଥିବା ଆଇଆଇସି କମଳାକାନ୍ତ ଦାସ କହିଛନ୍ତି।

ସୂଚନା ଅନୁଯାୟୀ, ଅନନ୍ୟା ଜାତୀୟ ଆଇନ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବେ କାର୍ଯ୍ୟରତ ଥିଲେ। ପୂର୍ବରୁ ତାଙ୍କ ସ୍ୱାମୀଙ୍କ ସହିତ ବିବାହବିଚ୍ଛେଦ ହୋଇସାରିଛି। ଫଳରେ ସେ ଗତ ଦେଢ଼ବର୍ଷ ହେବ ସିଡିଏ ସେକ୍ଟର ୯ ଅଞ୍ଚଳରେ ଭଡ଼ାଘରେ ଏକୁଟିଆ ରହୁଥିଲେ। ଜାତୀୟ ଆଇନ ବିଶ୍ୱବିଦ୍ୟାଳୟର ଜଣେ ଆସୋସିଏଟ ପ୍ରଫେସର ତାଙ୍କ ମୋବାଇଲକୁ ଶନିବାର ଓ ରବିବାର ବିଭିନ୍ନ ସମୟରେ ରିଂ କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଏନେଇ ସନ୍ଦେହ ସୃଷ୍ଟି ହେବାରୁ ଆସୋସିଏଟ୍ ପ୍ରଫେସର ଜଣକ ମର୍କତନଗର ଥାନାରେ ରବିବାର ଅଭିଯୋଗ କରିଥିଲେ। ପୋଲିସ ରବିବାର ଉକ୍ତ ଭଡ଼ା ଘରେ ପହଞ୍ଚି ଭିତରପଟୁ କବାଟ ବନ୍ଦ ଥିବା ଦେଖିଥିଲା। କିଛି ଉପାୟ ନ ପାଇ ପୋଲିସ କବାଟ ଭାଙ୍ଗି ଭିତରେ ପଶିଥିଲା। ଘର ଭିତରେ ଅନନ୍ୟା ବେଡ୍ ଉପରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ପୋଲିସ ସେଠାରୁ ତାଙ୍କୁ ଉଦ୍ଧାର କରି ମେଡିକାଲକୁ ନେଇଥିଲା।



ଅନନ୍ୟା ଚକ୍ରବର୍ତ୍ତୀ (ଫାଇଲ୍ ଫଟୋ)

## ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ସ୍ୱାମୀ ଫେରାର

କନ୍ଧମାଳ/ଖୁଣ୍ଟିଗୋରା/ଘଣ୍ଟାପଡ଼ା, ୯।୯ (ଆଦିତେଶ୍ୱର ମିଶ୍ର/ମକରନ୍ଦ ସାହୁ/ ପ୍ରଭାତ କୁମାର ସାହୁ)

### ନୂଆଁଖାଇ ରାତିରେ ଅଘଟଣ

ନୂଆଁଖାଇରେ ଅଘଟଣ। ରବିବାର ବିଳମ୍ବିତ ରାତିରେ ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରିଛନ୍ତି ସ୍ୱାମୀ। ହତ୍ୟା ପରେ ସ୍ୱାମୀ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି । ଏଭଳି ଘଟଣା ଘଟିଛି ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ସଦର ଥାନା ଅନ୍ତର୍ଗତ ରେଙ୍ଗାଲି ପଞ୍ଚାୟତର ଚାରଭାଟି ଗାଁରେ । ମୃତା ମହିଳା ଜଣକ ଘଣ୍ଟାପଡା ଥାନା ବଡବାହାଲ ଗ୍ରାମର ଜଣେ ଯୁବକଙ୍କୁ ୪ ବର୍ଷ ପୂର୍ବେ ବୈଦିକ ରୀତିରେ ବିବାହ କରିଥିଲେ। ଏପରିକି ତାଙ୍କର ୩ ବର୍ଷର ଏକ ଝିଅ ଅଛନ୍ତି। ହେଲେ ବିବାହର ୩ ମାସ ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କୌଣସି କାରଣକୁ ନେଇ କଳହ ଲାଗି ରହିଥିବା ବେଳେ ଗତ ୨ବର୍ଷ ହେବ ମହିଳା ଜଣକ ବାପଘରେ ରହି ଆସୁଥିଲେ। ରବିବାର ନୂଆଁଖାଇ ଦିନ ଯୁବକ ଜଣକ ଶ୍ୱଶୁର ଘର ଗାଁ ଚାରଭାଟିକୁ ଆସିଥିଲେ। ଖାଇ ପିଇ ସମସ୍ତେ ଶୋଇବା ପରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ପୂର୍ବ କଳହକୁ ନେଇ ପାଟିତୁଣ୍ଡ ହୋଇଥିଲା। ତେବେ ଭୋର ସମୟରେ ଯୁବକ ଜଣକ ଏକ ଟାଙ୍ଗିଆରେ ସ୍ତ୍ରୀଙ୍କ ବେକକୁ ୪-୫ଚୋଟ ମାରିଥିଲେ। ଚିତ୍କାର ଶୁଣି ପରିବାର ଲୋକେ ଉଠିଲା ବେଳକୁ ମହିଳା ଜଣକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡିଥିବା ଦେଖିବାକୁ ପାଇଥିଲେ। ଏହି ସୁଯୋଗରେ ଯୁବକ ଜଣକ ବାଇକ୍ ଧରି କୌଶଳକ୍ରମେ ଘଟଣାସ୍ଥଳରୁ ଫେରାର ମାରିଥିଲେ । ପରିବାର ଲୋକେ ମହିଳାଙ୍କୁ ଗୁରୁତର ଅବସ୍ଥାରେ କନ୍ଧମାଳ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପକ୍ଷରେ ପୋଲିସ ଏକ ମାମଲା ରୁଜୁ କରି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ମନମୁଣ୍ଡା ଡାକ୍ତରଖାନା ପଠାଇଥିବା ଜଣାପଡ଼ିଛି। ଏ ନେଇ ପୋଲିସର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଯୁବକ ଜଣକ ମଦ ପିଇ ଏପରି ଉନ୍ମତ୍ତକାଣ୍ଡ ଘଟାଇଥିବା କୁହାଯାଉଛି।

### ଛୁରିରେ ଆକ୍ରମଣ ମାମଲା, ଜଣେ ଗିରଫ

ଜୟପୁର, ୯।୯ (ପବନ ପାଣିଗ୍ରାହୀ)

ସଂଘବଦ୍ଧ ଭାବେ ଛୁରିରେ ଆକ୍ରମଣ ମାମଲାରେ ଜୟପୁର ଟାଉନ ପୋଲିସ ଗୋପବନ୍ଧୁ ନଗରର ଅମିର ବାଘ ଓରଫ୍ ଖଇରୁ (୨୪)ଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ, ଜୟପୁର ପ୍ରସାଦରାଓ ପେଟାରେ ପିଲୁ ଭଦ୍ରା ନାମକ ଯୁବକଙ୍କୁ ଗତ ୧୧।୬।୨୪ରେ ଗୋପବନ୍ଧୁ ନଗର ୬ ଜଣ ଯୁବକ ମିଶି ଛୁରିରେ ଆକ୍ରମଣ କରିଥିଲେ। ଏ ନେଇ ଜୟପୁର ଟାଉନ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ୧୮୮/୨୪ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଏହି ମାମଲାରେ ଆଗରୁ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ସୋମବାର ଅମିରଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଜୟପୁର ଟାଉନ ଥାନା ଅଧିକାରୀ ରମଣି ରଞ୍ଜନ ଦଳେଇ ସୂଚନା ଦେଇଛନ୍ତି ।

## ଚୋରି ଘଟଣାରେ ମହିଳାଙ୍କ ସହ ୪ ଗିରଫ



ସୁନାବେଡା, ୯।୯(କୃତ୍ତିବାସ ପ୍ରଧାନ)

ସୁନାବେଡା ଶାନ୍ତି ନଗରସ୍ଥିତ ଜଣଙ୍କ ଘରୁ ଚୋରି ଘଟଣାରେ ଜଣେ ମହିଳାଙ୍କ ସହ ୪ଜଣଙ୍କୁ ସ୍ଥାନୀୟ ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ଥାନା ଅଧିନସ୍ଥ ଏଇଏଫ କଲୋନୀର ବୁବୁରାଜ ଖରା(୨୪),ରିତିକ ଡଙ୍ଗରି(୨୦),ରାଜୀବ କଲୋନୀର ବିକାଶ ବାଘ(୨୦) ଓ ଚିକାପାର ଗ୍ରାମର ରୋନିତ ବେନିଆ(୨୨)। ଏଥିସହ ଏସବୁ ଜିନିଷ ଏମାନଙ୍କ ଠାରୁ ନେଇଥିବା ଚର୍ଚ୍ଚ କଲୋନୀର ଶ୍ୟାମା ଗୁପ୍ତା(୬୦)। ଗତମାସ ୩୧ ତାରିଖରେ ଆଶୁତୋଷ ମହାପାତ୍ର ନାମକ ଜଣେ ସ୍ଥାନୀୟ ବାସିନ୍ଦା କୌଣସି କାମରେ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ଘରର ଗେଟ୍ ଭାଙ୍ଗି ୨୪ ଲୁହା ଏଙ୍ଗଲ ଓ ୧୩ ଲୁହା ସେଡ଼ି ନେଇ ଯାଇଥିଲେ । ଫେରିବା ପରେ ଚୋରି ସମ୍ପର୍କରେ ଜାଣି ମହାପାତ୍ର ରବିବାର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ସୁନାବେଡା ଥାନା କେସ ନଂ ୧୫୬/୨୪ରେ ଏକ ଚୋରି ମାମଲା ରୁଜୁ କରି ସୁନାବେଡା ଥାନା ଏଏସଆଇ ଜ୍ୟୋତ୍ସ୍ନାରାଣୀ ମିଶ୍ର ତଦନ୍ତ ଜାରି ରଖିଥିଲେ । ସୋମବାର ସେମାନଙ୍କୁ ଧରିବାରେ ସଫଳ ହୋଇଛି ପୋଲିସ। ଅଭିଯୁକ୍ତ ମହିଳା ଶ୍ୟାମା ଜଣେ କବାଡ଼ିଆ ବୋଲି ଜଣାପଡିଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି । ପୋଲିସ ସେମାନଙ୍କଠାରୁ ସମସ୍ତ ଚୋରି ଜିନିଷ ଜବତ କରିଥିବା ସୁନାବେଡା ଥାନା ଅଧିକାରୀ ପାତ୍ର କହିଛନ୍ତି।

## ମଦ ଚାଲାଣ ବେଳେ ୨ ଗିରଫ

ଜୟପୁର, ୯।୯ (ପବନ ପାଣିଗ୍ରାହୀ)

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ବିଭାଗ ଚଢାଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେମାନେ ହେଲେ ଡୁମୁରିଗୁଡା ଗ୍ରାମର ଗୁରୁବାରି ହରିଜନ ଓ ପାତ୍ରପୁଟର ମାଧବ ଭୁମିଆ। ସେମାନଙ୍କ ନିକଟରୁ ୧୮ ଲିଟର ଦେଶୀ ମଦ ଜବତ କରିଛି। ମଦ ଚାଲାଣ ହେଉଥିବା ସୂଚନା ପାଇ ଡୁମୁରିଗୁଡା ଓ ପାତ୍ରପୁଟ ରାସ୍ତାରେ ଚଢାଉ କରି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଜୟପୁର ଅବକାରୀ ନିରୀକ୍ଷକ ଶଶିକାନ୍ତ ଦତ୍ତ ଓ ଓଆଇସି ନିଳାଦ୍ରି ବିହାରି ମିଶ୍ର ସୂଚନା ଦେଇଛନ୍ତି ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆପ କଥା,
କାଟେ ମଥା।**

କଥା କହିବାରେ ଶାଳୀନତା ଓ ସଂଯମତା ରକ୍ଷା କରିବା ସର୍ବଦା ଉଚିତ ହୋଇଥାଏ। କଥାକୁ ଠିକ୍ ଭାବରେ କହି ନ ଜାଣିଲେ ଅନେକ ସମୟରେ ଦୁଃଖ ଓ ବିନାଶର ସମ୍ମୁଖୀନ ହେବାକୁ ପଡ଼ିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଆୟ ଦଶ ବ୍ୟୟ ଦଶ
ସବୁବେଳେ ହସହସ
ଆୟ ଦଶ ବ୍ୟୟ ବାର
ଦଉଡ଼ରେ ଭାଇ ସାହୁ ଘର
ବ୍ୟୟ ଆଠ ଆୟ ଦଶ
ନିଶରେ ହାତ ମାରି ବସ।**

ଆୟ ବ୍ୟୟ ସମାନ ରହିଲେ ବ୍ୟକ୍ତି ଚଳିବାରେ ଅସୁବିଧା ହୋଇ ନ ଥାଏ। ଆୟ ଅପେକ୍ଷା ବ୍ୟୟ ଅଧିକ ହୋଇଗଲେ ବ୍ୟକ୍ତି ଧାର କରଜ କରିବାକୁ ବାଧ୍ୟ ହୋଇଥାଏ। ତେବେ ବ୍ୟୟ ଅପେକ୍ଷା ଆୟ ଯଦି ଅଧିକ ହୁଏ ତା'ହେଲେ ବ୍ୟକ୍ତି ସ୍ୱଚ୍ଛଳରେ ଜୀବନ ଯାପନ କରିଥାଏ। ଟଙ୍କା ପଇସାର ଅଭାବକୁ ନେଇ ତା'ମନରେ କୌଣସି ଚିନ୍ତା ବା ଦକ ରହି ନ ଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ

ରାଇଘର, ୯।୯(କିରଣ ପଟ୍ଟନାୟକ)

### ମାଓବାଦୀ ନାଁରେ ଟଙ୍କା ମାଗିବା ଅଭିଯୋଗ

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅଧୀନ ହାଟଭରଣ୍ଡି ଗ୍ରାମର ଜଣେ ଯୁବକଙ୍କୁ ମାଓବାଦୀ ନାମରେ ବଟି ମାଗିବା ଅଭିଯୋଗରେ କୁନ୍ଦେଇ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖୁଡୁକ ପଞ୍ଚାୟତ ସଦର ଗ୍ରାମର ପିଲାରାମ ହରିଜନ ଓ ରାଜପୁର ଗ୍ରାମର ରାମଲାଲ ହରିଜନ । ସୂଚନାନୁଯାୟୀ ଅଭିଯୁକ୍ତମାନେ ଗତ ୫ ତାରିଖରେ ହାଟଭରଣ୍ଡିରେ ଆଧାର କେନ୍ଦ୍ର କରିଥିବା ଅନୀଲ କୁମାର କାଣ୍ଡଙ୍କୁ ମାଓବାଦୀ ପରିଚୟ ଦେଇ ୫୦ ହଜାର ଟଙ୍କା ବଟି ମାଗିଥିଲେ। ଟଙ୍କା ନ ଦେଲେ ଦୋକାନ ଆଗରେ ମାଓବାଦୀ ବ୍ୟାନର ପୋଷ୍ଟର ଲଗା ଯିବା ସହ ପ୍ରଜକୋର୍ଟରେ ଦଣ୍ଡ ଦିଆଯିବ ବୋଲି କହିଥିଲେ। ଅନୀଲ ୫୦ ହଜାର ଟଙ୍କା ନ ଥିବା କହିବା ପରେ ମଧ୍ୟ ଅଭିଯୁକ୍ତମାନେ କ୍ରମାଗତ ଫୋନ ଯୋଗେ ଧମକ ଦେଇ ଆସୁଥିଲେ। ତେଣୁ ଘଟଣା ସମ୍ପର୍କରେ କୁନ୍ଦେଇ ଥାନାରେ ଅନୀଲ ଲିଖିତ ଅଭିଯୋଗ କରିଥିଲେ। ଥାନାଧିକାରୀ ପ୍ରଶାନ୍ତ କୁମାର ସେଠୀ ଘଟଣା ତଦନ୍ତ ଆରମ୍ଭ କରିଥିଲେ। ଘଟଣାରେ ପିଲାରାମ ଓ ରାମଲାଲଙ୍କ ସମ୍ପୃକ୍ତି ଥିବାଜାଣି ପୋଲିସ ସେମାନଙ୍କୁ ଅଟକ ରଖି ପଚରାଉଚରା କରୁଥିଲା। କେସ୍ ନମ୍ବର ୮୯/୨୪ରେ ଏକ ମାମଲା ରୁଜୁ କରି ପୋଲିସ ସୋମବାର ସେମାନଙ୍କୁ ଗିରଫ କରେ କୋର୍ଟ ଚାଲାଣ କରିଛି।



## ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରେ ଯୁବକଙ୍କୁ ହତ୍ୟା

ବାସୁଦେବପୁର, ୯।୯ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାଂଶଡ଼ା ଥାନା ଅଧୀନ ବିଜୟପାଟଣା ଗାଁରେ ଏକ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରେ କାମ କରୁଥିବା ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଭଦ୍ରକ ବ୍ଲକ ଅଧୀନ ଗୋପୀନାଥପୁର ପଞ୍ଚାୟତ ପାହାଡ଼ପୁର ଗ୍ରାମର ବାସୁଦେବ ଦାସ(୨୯)। ତାଙ୍କ ଭାଇଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ମୃତ ବାସୁଦେବଙ୍କ ଭାଇ ଜୟଦେବ ଦାସ ସୋମବାର ବାଂଶଡ଼ା ଥାନାରେ ଅଭିଯୋଗ କରିଛନ୍ତି।

ଗତ କିଛିଦିନ ହେଲା ବାସୁଦେବ ବିଜୟପାଟଣା ଗାଁର ଜଣେ ବ୍ୟକ୍ତିଙ୍କ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରରେ କାମ କରୁଥିଲେ। ରବିବାର ରାତିରେ କେତେଜଣ ସହକର୍ମୀ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନେଇଥିବା ବେଳେ ସେ କେନ୍ଦ୍ରରେ ଥିବା ଜଳାଶୟରେ ପଡ଼ି ଗୁରୁତର ହୋଇଥିବା ଜଣାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବାସୁଦେବଙ୍କ ମୁହଁରୁ ରକ୍ତ ବାହାରୁଥିବା ସହ ଦେହରେ କ୍ଷତଚିହ୍ନ ଥିବାରୁ ତାଙ୍କୁ ଯୋଜନାବଦ୍ଧ ଭାବେ ବାସୁଦେବଙ୍କୁ ହତ୍ୟା କରି ଫୋପାଡ଼ି ଦିଆଯାଇଥିବା ଜୟଦେବ ଏତଲାରେ ଦର୍ଶାଇଛନ୍ତି।

## ଗାଡ଼ି ଯାଞ୍ଚରୁ ନକଲି ମଦ କାରଖାନା ସୁରାକ୍

### ୩ ଗିରଫ, କାରଖାନା ସିଲ୍

ବ୍ରହ୍ମପୁର, ୯।୯(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପୋଲିସ ଜିଲା ଅନ୍ତର୍ଗତ ନିମଖଣ୍ଡି ଥାନା ଶ୍ରୀକ୍ଷେତ୍ର ବିହାରରେ ରବିବାର ନକଲି ବିଦେଶୀ ମଦ କାରଖାନା ଠାବ ହୋଇଛି। ପୋଲିସ ସେଠାରୁ ବିଭିନ୍ନ ସାମଗ୍ରୀ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଜବତ ମଦର ନମୁନା ପରୀକ୍ଷା ପାଇଁ ଲାବୋରୋଟାରୀକୁ ପଠାଯିବା ସହ କାରଖାନାକୁ ସିଲ କରାଯାଇଛି।

ଗୋଷାଣୀ ନୂଆଗାଁ ପୋଲିସ ରବିବାର ସନ୍ଧ୍ୟାରେ ଓମ୍‌ବିହାର ନିକଟରେ ଯାନବାହନ ଯାଞ୍ଚ କରୁଥିଲା। ସନ୍ଦେହରେ କାର୍ (ନଂ.ଓଡି ୦୨ ସିକ୍ୟୁ ୨୪୧୫)କୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୧୦୬ ଲିଟର ବିଦେଶୀ ମଦ ମିଳିଥିଲା। ଯାହା ନକଲି ବୋଲି ଜଣାପଡ଼ିଥିଲା। କାର୍ ଚାଳକ ରାମକୃଷ୍ଣ ନାହାକଙ୍କୁ ଜେରା ବେଳେ ସେ ଏହି ମଦ ଶ୍ରୀକ୍ଷେତ୍ର ବିହାରରେ ଥିବା କାରଖାନାରୁ ବିକ୍ରି ପାଇଁ ଆଣିଥିବା କହିଥିଲେ। ରାମକୃଷ୍ଣଙ୍କୁ ଗିରଫ କରାଯାଇ ତାଙ୍କଠାରୁ ୨ଟି ମୋବାଇଲ ଫୋନ୍ ଜବତ କରାଯାଇଥିଲା। ପରେ ସଦର ଓ ବ୍ରହ୍ମପୁର ଏସଡିପିଓ, ଗୋଷାଣୀନୂଆଗାଁ ଥାନାଧିକାରୀ, ନିମଖଣ୍ଡି ଥାନାଧିକାରୀ ମିଳିତ ଭାବେ ଶ୍ରୀକ୍ଷେତ୍ର ବିହାରରେ ଏକ ୩ ମହଲା ବିଶିଷ୍ଟ ଭଡା ଘରେ ଚାଲିଥିବା ଉକ୍ତ ନକଲି ବିଦେଶୀ ମଦ କାରଖାନା ଉପରେ ଚଢ଼ାଉ କରିଥିଲେ। ଘରମାଲିକ ସଦର ଥାନା ରୋହିଗାଁର ଉମା ଶଙ୍କର ଜେନା ଓରଫ ଶଙ୍କର ଓ ମଦ କାରବାରର ମାଷ୍ଟରମାଇଣ୍ଡ, ଆସିକା ରୋଡ ପାଣିଗ୍ରାହୀ ପେଣ୍ଠର ଅନିଲ କୁମାର ସାହୁଙ୍କୁ ପୋଲିସ କାବୁ କରିଥିଲା। ସେମାନେ କଲିକତାରୁ କଞ୍ଚାମାଲ, ସ୍ପିରିଟ, ଲେଭଲ ଆଦି ଆଣି ମଦ ପ୍ରସ୍ତୁତ କରୁଥିଲେ ବୋଲି ସୋମବାର ଗୋଷାଣୀନୂଆଗାଁ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଅସୀମ ପଣ୍ଡା ସୂଚନା ଦେଇଛନ୍ତି। ଶଙ୍କର ଜଣେ ପେସାଦାର ଅପରାଧୀ। ବିଭିନ୍ନ ଥାନାରେ ତାଙ୍କ ନାମରେ ସଙ୍ଗୀନ ମାମଲା ରହିଛି। ସେହିପରି ଅନିଲ ଗତ ଜାନୁଆରୀ ମାସରେ ନକଲି ମଦ କାରବାରରେ ଆନ୍ଧ୍ର ପୋଲିସ ଦ୍ୱାରା ଗିରଫ ହୋଇଥିଲେ। ପୂର୍ବରୁ ସେ ମୁମ୍ବାଇରେ କିଛି ବର୍ଷ ନକଲି ମଦ ପ୍ରସ୍ତୁତ କୌଶଳ ଶିଖି ଆସିବା ପରେ ଏହି କାରବାର ଆରମ୍ଭ କରିଥିଲେ। ଏ ନେଇ ଗୋଷାଣୀନୂଆଗାଁ ଥାନାରେ ନଂ. ୧୯୭/୨୪ରେ ମାମଲା ରୁଜୁ କରାଯାଇ ରାମକୃଷ୍ଣଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନିମଖଣ୍ଡି ଥାନାରେ ନଂ. ୨୩୪/୨୪ରେ ମାମଲା ରୁଜୁ କରାଯାଇ ଅନିଲ ଏବଂ ଶଙ୍କରଙ୍କୁ କୋର୍ଟଚାଲାଣ କରାଯାଇଛି। ମଦ କାରଖାନାରୁ ୨ ପେଟି ବିଦେଶୀ ମଦ ଅର୍ଥାତ ୩୦ ଲିଟର ସହ ୨୦୦୦ଖାଲି ବୋତଲ, ୨ ପ୍ଲାଷ୍ଟିକ ବୋତଲରେ ଥିବା କେମିକାଲ ରଙ୍ଗ, ୨ ବୋତଲ ସେଣ୍ଟ, ୧୦ଟି ପ୍ଲାଷ୍ଟିକ ଜାର, ୧୦୦ ନକଲି ଅବକାରୀ ସିଲ, ୨ କାର୍ଟୁନ ପେପର, ୨୦୦୦ ଠିପି ଜବତ କରାଯାଇଛି। ଖବରଦାତା ସମ୍ମିଳନୀରେ ବ୍ରହ୍ମପୁର ଏସଡିପିଓ ଦେବୀ ଶଙ୍କର ପ୍ରତାପ, ଗୋଷାଣୀନୂଆଗାଁ ଥାନାଧିକାରୀ ସ୍ମୃତିପ୍ରଭା ପ୍ରଧାନ ଉପସ୍ଥିତ ଥିଲେ।



ଗିରଫ ୩ ଅଭିଯୁକ୍ତ।

# ପାର୍ବଣ ଋତୁରେ ଆକାଶଛୁଆଁ ଧନିଆ ପତ୍ର, ଶାଗ ଦର

ଭୁବନେଶ୍ୱର,୯।୯ (ଅନୁରାଧା ମହାରଣା)



ଅଗଷ୍ଟ ଏବଂ ସେପ୍ଟେମ୍ବରରେ ଅତ୍ୟଧିକ ବର୍ଷା ହେତୁ ପ୍ରମୁଖ ସହରଗୁଡ଼ିକରେ ପନିପରିବା ଯୋଗାଣ ବ୍ୟାହତ ସହ ଏହାର ମୂଲ୍ୟ ମଧ୍ୟ ବୃଦ୍ଧି ପାଉଥିବା କୁହାଯାଉଛି। ଏସବୁ ମଧ୍ୟରେ ସବୁଜ ପନିପରିବା ମଧ୍ୟରେ ଧନିଆପତ୍ରର ମୂଲ୍ୟ ସର୍ବାଧିକ ବୃଦ୍ଧି ପାଇଛି। ଦିଲ୍ଲୀରେ ଗତ ଏକ ମାସରେ ଧନିଆର ମୂଲ୍ୟ ୩୫୦ ପ୍ରତିଶତ ବୃଦ୍ଧି ପାଇଛି। ମୁମ୍ବାଇରେ ପାଳଙ୍ଗ ମୂଲ୍ୟ ୧୦୦ ପ୍ରତିଶତ ବୃଦ୍ଧି ପାଇଛି। ଭୁବନେଶ୍ୱର ସମେତ ଓଡ଼ିଶାରେ ବିଭିନ୍ନ ସ୍ଥାନରେ ଧନିଆ ପତ୍ର ମୂଲ୍ୟ କିଲୋଗ୍ରାମ ପ୍ରତି ୩୦୦ଟଙ୍କା ଅତିକ୍ରମ କରିଛି। ୧୦ ଟଙ୍କାରେ ମିଳୁଥିବା ବିଡ଼ା ଗତ କିଛି ଦିନ ହେଲା ୩୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ଶାଗ ଦର ମଧ୍ୟ ଆକାଶ ଛୁଆଁ ହୋଇଛି। ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବାବେଳେ ବିଡ଼ା ପ୍ରତି କୋଶଳା, ଖଡ଼ା, ଲେଉଟିଆ, କଳମ ଆଦି ଶାଗ ୨୦ରୁ ୨୫ ଟଙ୍କାରେ ବିକ୍ରି ହେଉଛି। ଭୁବନେଶ୍ୱରର ପ୍ରମୁଖ ହାଟଗୁଡ଼ିକରେ ମଧ୍ୟ ବିଶେଷ ପରିମାଣର ଶାଗ ଉପଲବ୍ଧ ହେଉନାହିଁ। ଯେଉଁଠି ଉପଲବ୍ଧ ହେଉଛି ତାହା ଗ୍ରାହକଙ୍କ ପକେଟକୁ ସୁହାଉନାହିଁ। ଏପରିକି ବର୍ଷାଦିନ ଭଲ ବଢୁଥିବା ପିତା ଶାଗ, ମଦରଙ୍ଗା ଶାଗ ଓ ସୁନୁସୁନିଆ ଶାଗ ମଧ୍ୟ ଚଢ଼ାଦରରେ ବିକ୍ରି ହେଉଛି।

ସୂଚନାନୁସାରେ ପନିପରିବା ଯୋଗାଣରେ ବ୍ୟାଘାତ ବଜାର ଉପରେ ଭିନ୍ନ ପ୍ରଭାବ ପକାଇଥାଏ। ପ୍ରବଳ ବର୍ଷା ବଜାରର ବ୍ୟବସାୟକୁ ମଧ୍ୟ ପ୍ରଭାବିତ କରିଥାଏ। ମଣ୍ଡିରେ ଫସଲ କ୍ରୟ ଏବଂ ବିକ୍ରିର ଅଧିକାଂଶ ଅଂଶ ଖୋଲା ଆକାଶ ତଳେ ଏବଂ ମାଣ୍ଡିର ଅଳ୍ପ କିଛି ସ୍ଥାନରେ ପନିପରିବା କ୍ରୟ ଏବଂ ବିକ୍ରୟ ଆଚ୍ଛାଦିତ ଅଞ୍ଚଳରେ ହୋଇଥାଏ। ଯଦି ଆସନ୍ତା କିଛି ମାସ ମଧ୍ୟରେ ଫସଲ ବଢୁଥିବା ଅଞ୍ଚଳରେ ବର୍ଷା ଜାରି ରହେ, ମୂଲ୍ୟ ବୃଦ୍ଧି ହେତୁ ପରିସ୍ଥିତି ଆହୁରି ଖରାପ ହୋଇପାରେ। କେବଳ ସବୁଜ ପନିପରିବା ନୁହେଁ ବରଂ ଆଳୁ, ପିଆଜ, ଅଦା ଓ ରସୁଣ ଆଦି ମଧ୍ୟ ଲୋକଙ୍କ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। ଗ୍ରାହକ ମୂଲ୍ୟ ସୂଚକାଙ୍କ (ସିପିଆଇ)ର ମୂଳ ମୁଦ୍ରାସ୍ଫୀତି ଚଳିତବର୍ଷ ଜୁଲାଇରେ ୫.୦୬ ପ୍ରତିଶତକୁ ହ୍ରାସ ପାଇଥିବାବେଳେ ଜୁନ ମାସରେ ଏହା ୮.୩୬ ପ୍ରତିଶତ ଥିଲା। ତେବେ ଅଗଷ୍ଟ ଏବଂ ସେପ୍ଟେମ୍ବରରେ ପନିପରିବା ଦର ବୃଦ୍ଧି ପାଇଛି। ମୁଦ୍ରାସ୍ଫୀତିରେ ଆହୁରି ବୃଦ୍ଧି ହେଲେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପାଇଁ ଏହା ଅଧିକ ଆହ୍ୱାନପୂର୍ଣ୍ଣ ସାବ୍ୟସ୍ତ ହେବ। ମାତ୍ର ଭଲ ବର୍ଷା ହେତୁ ଖାଦ୍ୟ ସାମଗ୍ରୀର ମୂଲ୍ୟ ହ୍ରାସ ପାଇବ ବୋଲି ଆରବିଆଇ ଆଶା କରୁଛି। ସେପ୍ଟେମ୍ବର ୪ ସୁଦ୍ଧା ଦକ୍ଷିଣ-ପଶ୍ଚିମ ମୌସୁମୀ ବର୍ଷା ସାଧାରଣ ଅପେକ୍ଷା ୨୫ ପ୍ରତିଶତ ଅଧିକ ଥିଲା। ଜୁନ ୧ରୁ ଆରମ୍ଭ ହୋଇଥିବା ୨୦୨୪ର ମୌସୁମୀ ଋତୁରେ ୮ ପ୍ରତିଶତ ଅଧିକ ବର୍ଷା ହୋଇଛି। ତେବେ ପନିପରିବା ଦର ଉପରେ ସରକାର ନିୟନ୍ତ୍ରଣ ଆଣିବା ଜରୁରୀ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ଶେୟାର ବଜାର କାରବାରରେ ଉତ୍ସାହ

ନୂଆଦିଲ୍ଲୀ,୯।୯ (ଅଭୟ ଦାଶ)

କ୍ରମାଗତ ଭାବେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢାଇଛନ୍ତି। ବିଶେଷ କରି ସୋମବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୩୭୬ (୩୭୫.୬୧) ପଏଣ୍ଟ ବଢି ୮୧,୫୬୦(୮୧,୫୫୯.୫୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୮୪ (୮୪.୨୫) ପଏଣ୍ଟ ବୃଦ୍ଧି ଘଟି ୨୪,୯୩୬ (୨୪,୯୩୬.୪୦) ଅଙ୍କରେ କାରବାର ଶେଷ କରିଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି।

# ବିଓଆଇର ୧୧୯ତମ ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୯।୯ (ଅଭୟ ଦାଶ)

ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ) ର ୧୧୯ ତମ ପ୍ରତିଷ୍ଠା ଦିବସ ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ବିଓଆଇ ଶୈଳଶ୍ରୀ ବିହାର ଶାଖାର ନୂତନ ପରିସରକୁ ଭୁବନେଶ୍ୱର କ୍ଷେତ୍ର ମହାପ୍ରବନ୍ଧକ କାର୍ଯ୍ୟାଳୟର ମହାପ୍ରବନ୍ଧକ ବିକାଶ କ୍ରିଷ୍ଣା ଆନୁଷ୍ଠାନିକ ଭାବେ ଶୁଭାରମ୍ଭ (ଉଦ୍‌ଘାଟନ) କରିଥିଲେ। ଏହି ଅବସରରେ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ବିଜୟ କୁମାର ମଲ୍ଲିକ, ଉପ ଆଞ୍ଚଳିକ ପ୍ରବନ୍ଧକ ଅଶୋକ କୁମାର ଜେନା ଓ ସହାୟକ ମହାପ୍ରବନ୍ଧକ ନବଦୀପ ମହାନ୍ତିଙ୍କ ସମେତ ବହୁ ସଂଖ୍ୟକ ଗ୍ରାହକ ଓ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀମାନେ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ବ୍ୟାଙ୍କର ଶୈଳଶ୍ରୀ ବିହାର ଶାଖାର ବରିଷ୍ଠ ଶାଖା ପ୍ରବନ୍ଧକ ମୋନାଲିସା ମଧୁମିତାଙ୍କ ପ୍ରତ୍ୟକ୍ଷ ମାର୍ଗଦର୍ଶନରେ ଏହି ପରିସରକୁ ପ୍ରସ୍ତୁତ କରାଯାଇଥିଲାବେଳେ ଏହି ଶାଖାକୁ ଏକ ନୂତନ ପରିସରକୁ ସ୍ଥାନାନ୍ତର କରିବାରେ ବ୍ୟାଙ୍କର ପଦକ୍ଷେପକୁ ନେଇ ଗ୍ରାହକମାନେ ଆନନ୍ଦ ପ୍ରକାଶ କରିବା ସହିତ ଏହା ସେମାନଙ୍କୁ ଉତ୍ତମ ବ୍ୟାଙ୍କିଙ୍ଗ୍ ସେବା ଓ ଗ୍ରାହକ ସନ୍ତୁଷ୍ଟି ଯୋଗାଇ ଦେବାରେ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି।

# ଏଏଫ୍‌'ର ଆକର୍ଷଣୀୟ ସ୍ଥାୟୀ ଜମା ଅଫର

ନୂଆଦିଲ୍ଲୀ,୯।୯ (ଅଭୟ ଦାଶ)

ଦେଶର ପ୍ରମୁଖ ଘରୋଇ ସଂସ୍ଥା ତଥା ଅଗ୍ରଣୀ ଡିଜିଟାଲ ଫାଇନାନ୍ସ ପ୍ଲାଟଫର୍ମ ଏୟାରଟେଲ ଫାଇନାନ୍ସ (ଏଏଫ୍) ର ବହୁ ପ୍ରତୀକ୍ଷିତ ସ୍ଥାୟୀ ଜମା ଅଫରର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଏହି ସ୍ଥାୟୀଜମା ଆକର୍ଷଣୀୟ ୯.୧% ବାର୍ଷିକ ସୁଧ ହାରରୁ ଆରମ୍ଭ ହୋଇଛି। ଏୟାରଟେଲ ଫାଇନାନ୍ସର ବଜାର ସ୍ଥାନ ଏହା ସହିତ ଏହି ଜମା ଉପରେ ସୁନିଶ୍ଚିତ ଅର୍ଥ ଫେରସ୍ତ ତଥା ସ୍ଥାୟୀ ରୋଜଗାର ପୁଞ୍ଜି ଲଗାଣ ଚୟନ ସହିତ ଡିଜିଟାଲ ପ୍ଲାଟଫର୍ମରେ ଉପଲବ୍ଧ ରହିଛି,ଯାହାକି ଏୟାରଟେଲର ଥ୍ୟାଙ୍କ୍ସ ଆପ୍ ଗଠନ ପ୍ରଣାଳୀକୁ ସର୍ବୋତ୍କୃଷ୍ଟ କରିବାରେ ସହାୟ ହୋଇପାରିବ। ସେହିଭଳି ବ୍ୟକ୍ତିଗତ ଋଣ,ଏୟାରଟେଲ ଆକ୍ସିସ ବ୍ୟାଙ୍କ କୋ-ବ୍ରାଣ୍ଡ କ୍ରେଡ଼ିଟ୍ କାର୍ଡ଼,ଏୟାରଟେଲ ବଜାଜ ଫିନସର୍ଭ ଇନଷ୍ଟା ଇଏମଆଇ କାର୍ଡ଼,କ୍ରେଡ଼ିଟ୍ କାର୍ଡ଼ ମାର୍କେଟପ୍ଲେସ ତଥା ସ୍ୱର୍ଣ୍ଣ ଋଣ ଇତ୍ୟାଦିକୁ ଏହା ସୁଦୃଢ଼ ପୋର୍ଟଫୋଲିଓ ପ୍ରଦାନ କରିବ।

ଉଲ୍ଲେଖଯୋଗ୍ୟ,ଭାରତର ପ୍ରମୁଖ ଘରୋଇ ଟେଲି ଯୋଗାଯୋଗ ସେବା ପ୍ରଦାନକାରୀ ଭାରତୀ ଏୟାରଟେଲ ବା ଏୟାରଟେଲ ଆଜି ଏୟାରଟେଲ ଫାଇନାନ୍ସ ଡିଜିଟାଲ ଆର୍ମ ଅଧୀନରେ ଏକ ସ୍ଥାୟୀ ଜମା ମାର୍କେଟ ପ୍ଲେସ ଘୋଷଣା କରିଛି। ଏ ସମ୍ପର୍କରେ ଏୟାରଟେଲ ଫାଇନାନ୍ସର ସିଇଓ ଆନସୁଲ କ୍ଷେତ୍ରପାଲ କହିଥିଲେ, ଆମେ ଆମର ଆକର୍ଷଣୀୟ ସ୍ଥାୟୀ ଜମା ଅଫରର ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ। ଏପରିକି ଅତି ସୁସଙ୍ଗ ଭାବେ ଏହିଭଳି କିଛି ଗ୍ରାହକକୈନ୍ଦ୍ରିକ ନବୀକରଣୀୟ ଅଫର ପ୍ରଦାନ କରୁଛୁ,ଯାହା ମଧ୍ୟରେ ସ୍ଥାୟୀ ଜମାର ଏକ ଆକର୍ଷଣୀୟ ଅଫର ସାମିଲ ରହିଛି। ଏହି ସ୍ଥାୟୀ ଜମା ଗ୍ରାହକମାନଙ୍କ ପାଇଁ ଅତ୍ୟନ୍ତ ଗ୍ରହଣଯୋଗ୍ୟ ତଥା ଏହାର ସୁଧହାରକୁ ନେଇ ସେମାନଙ୍କର ଆର୍ଥିକ ଲକ୍ଷ୍ୟକୁ ସାହାଯ୍ୟ କରିବା ତଥା ପାଣ୍ଠିକୁ ସୁବିନିଯୋଗ କରିବା ପାଇଁ ସବୁଦିଗରେ ସାହାଯ୍ୟ କରିପାରିବ।

# ମେଡିକୋଭର ୱାର୍ଲଡ କ୍ଲାସ କ୍ୟାନ୍‌ସର ସେଣ୍ଟର

## ବିଶାଖାପାଟଣାରେ ନୂଆ କର୍କଟ ପ୍ରତିଷ୍ଠାନ

ନୂଆଦିଲ୍ଲୀ,୯।୯ (ଅଭୟ ଦାଶ)



ଦେଶର ପ୍ରମୁଖ ଘରୋଇ ଚିକିତ୍ସାଳୟ ତଥା ଅନ୍ତଃରାଷ୍ଟ୍ରୀୟ ହେଲ୍‌ଥ କେୟାର ଚେନ 'ମେଡିକୋଭର କ୍ୟାନସର ଇନ୍‌ଷ୍ଟିଚ୍ୟୁଟ'ର ନୂତନ ଏବଂ ଅତ୍ୟାଧୁନିକ କ୍ୟାନସର ୟୁନିଟ୍ ବା ୱାର୍ଲଡ କ୍ଲାସ କ୍ୟାନସର ସେଣ୍ଟର ନିକଟରେ ବିଶାଖାପାଟଣାର ଆରିଲୋଭା ହେଲ୍‌ଥ ସିଟିଠାରେ ଉଦ୍‌ଘାଟିତ ହୋଇଯାଇଛି। ଏପରିକି ଏହି ଅତ୍ୟାଧୁନିକ ୧୦୦ ଶଯ୍ୟା ବିଶିଷ୍ଟ କର୍କଟ ପ୍ରତିଷ୍ଠାନକୁ କେନ୍ଦ୍ରୀୟ ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ କିଞ୍ଜାରାପୁ ରାମମୋହନ ନାଇଡୁ ଉଦ୍‌ଘାଟନ କରିଥିଲାବେଳେ ଆନ୍ଧ୍ରପ୍ରଦେଶର ସ୍ୱାସ୍ଥ୍ୟ ମନ୍ତ୍ରୀ ୱାଇ. ସତ୍ୟ କୁମାର ଯାଦବଙ୍କ ସମେତ ମେଡିକୋଭର ହସ୍ପିଟାଲ ଇଣ୍ଡିଆର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଡା. ଜି ଅନିଲ କ୍ରିଷ୍ଣା, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଏ ସାରଥ ରେଡ୍ଡୀ ଏବଂ ପି. ହରକ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ମେଡିକୋଭର ହସ୍ପିଟାଲ ଇଣ୍ଡିଆର ଚେୟାରମ୍ୟାନ୍ ତଥା ପରିଚାଳନା ନିର୍ଦ୍ଦେଶକ ଡା. ଜି ଅନିଲ କ୍ରିଷ୍ଣା କହିଥିଲେ, ଆମେ ଆମର ନୂତନ ସେଣ୍ଟରର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଲକ୍ଷ ଲକ୍ଷ ଲୋକଙ୍କୁ ଠିକ୍ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଆମର ଏହି ପ୍ରତିବଦ୍ଧତାକୁ ଏହା ପ୍ରତିପାଦିତ କରୁଛି। ବିଶେଷକରି ୪୦ରୁ ଅଧିକ ବିଶେଷଜ୍ଞ ଡାକ୍ତର ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ସହିତ ଆମେ ସମ୍ପୃକ୍ତ ଅଞ୍ଚଳରେ କର୍କଟ ଚିକିତ୍ସାର ମାନ ବୃଦ୍ଧି କରୁଛୁ।

# ୧୧ରେ ଭାରତର ପ୍ରଥମ ଇଣ୍ଟେଲିଜେଣ୍ଟ ସିୟୁଭିର ଶୁଭାରମ୍ଭ

ନୂଆଦିଲ୍ଲୀ,୯।୯ (ଅଭୟ ଦାଶ)

ଜେଏସ୍‌ଡବ୍ଲ୍ୟୁ ଏମ୍‌ଜି ମୋଟର ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଭାରତର ପ୍ରଥମ ଇଣ୍ଟେଲିଜେଣ୍ଟ ସିୟୁଭି (କ୍ରସଓଭର ୟୁଟିଲିଟି ଭେଇକିଲ) ଏମ୍‌ଜି ୱିଣ୍ଡସରର ଶୁଭାରମ୍ଭ ୨୦୨୪ ସେପ୍ଟେମ୍ବର ୧୧ରେ ହେବ ବୋଲି ବିସ୍ତୃତ ଭାବେ ଘୋଷଣା କରାଯାଇଛି। ଏପରିକି ଇଣ୍ଟେଲିଜେଣ୍ଟ ସିୟୁଭିରେ ଉଭୟ ଦୁନିଆର ସର୍ବୋତ୍ତମ ସୁବିଧା ସାଙ୍ଗକୁ ସେଡାନର ଆରାମ ଏବଂ ଏସୟୁଭି ପରି ପର୍ଯ୍ୟାପ୍ତର ସ୍ଥାନ ରହିଛି। ସେହିଭଳି ସିୟୁଭି 'ଏରୋଗ୍ଲାଇଡ୍ ଡିଜାଇନ୍'ର ଉନ୍ନତ କାରିଗରି କୌଶଳ ସହିତ ଏକ ଉନ୍ନତ ଏରୋଡାଇନାମିକ୍ସକୁ ସମନ୍ୱିତ କରିଥାଏ। ଏପରିକି ଏଥିରେ ୧୮ ଡାଇମଣ୍ଡ କଟ୍ ଆଲୟ ହୁଇଲ୍ ସହିତ ସର୍ବବୃହତ ଇନ୍ ସେଗମେଣ୍ଟ ହ୍ୱିଲ୍ ବେସ୍ ରହିବ। ବିଶେଷ କରି ଏହା ଉତ୍ତମର ଡ୍ରାଇଭ୍ ଅନୁଭୂତି ପ୍ରଦାନ କରିବା ପାଇଁ ଏକ ଉନ୍ନତ ଗ୍ରାଉଣ୍ଡ କ୍ଲିୟରାନ୍ସ ପ୍ରଦାନ କରିବ। ଏମ୍‌ଜି ୱିଣ୍ଡସର ଇଭି ଆହ୍ୱାନପୂର୍ଣ୍ଣ ପରିବେଶ ଏବଂ ଅତ୍ୟଧିକ ଗରମରେ ଉଚ୍ଚ ସହନଶୀଳତା ଓ କ୍ଷମତା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛି, କଚ୍ଛ, ଲେହ ଏବଂ ଉଦୟପୁରର ଆହ୍ୱାନପୂର୍ଣ୍ଣ ଅଞ୍ଚଳରେ ଏହା ଯାତ୍ରା କରି ପ୍ରମାଣିତ ହୋଇଛି। ଏମଜି ୱିଣ୍ଡସର ଅଟୋ-ଟେକ୍ ବ୍ରାଣ୍ଡର ପୋର୍ଟଫୋଲିଓର ୬ଷ୍ଠ ଉତ୍ପାଦ ହୋଇଥିଲାବେଳେ ଏଥିରେ ଅନେକ ସେଗମେଣ୍ଟ ଫାର୍ଷ୍ଟ ବୈଶିଷ୍ଟ୍ୟ ସାମିଲ ରହିଛି। ଏପରିକି ଶିଳ୍ପ ପ୍ରଥମ ୧୫.୬ ଇଞ୍ଚର 'ଗ୍ରାଣ୍ଡ ଭ୍ୟୁ ଟଚ୍ ଡିସପ୍ଲେ' ସେଗମେଣ୍ଟର ଏକ ଉଲ୍ଲେଖନୀୟ ବୈଶିଷ୍ଟ୍ୟ ସହିତ ମନୋରଞ୍ଜନ, ନେଭିଗେଶନ୍ ଏବଂ ଯାନ ସେଟିଂସ ପାଇଁ ଏକ ସେଣ୍ଟ୍ରାଲ ହବ୍ ଭାବେ ଏହା କାର୍ଯ୍ୟ କରିଥାଏ। ବିସ୍ତୃତ ସ୍କ୍ରିନ୍ ଆକାର ଯାତ୍ରୀମାନଙ୍କୁ ସହଜରେ ନାଭିଗେଟ୍ ଓ ମନୋରଞ୍ଜନ ନିୟନ୍ତ୍ରଣ କରିବା ଏବଂ ଗାଡ଼ି ସେଟିଂସ୍‌କୁ ସହଜରେ ଆଡଜଷ୍ଟ କରିବାକୁ ସୁଯୋଗ ଦେଇଥାଏ। ଏମ୍‌ଜି ୱିଣ୍ଡସରରେ ଥିବା ୧୫.୬ ଇଞ୍ଚର ଟଚସ୍କ୍ରିନ୍‌କୁ ଇନ-କାର୍ ଅନୁଭୂତି ପୁନଃପରିବର୍ଦ୍ଧିତ କରିବା ପାଇଁ ଡିଜାଇନ୍ କରାଯାଇଛି।

# ଓନମ୍ ଷ୍ଟୋର୍ ଜରିଆରେ ଆକର୍ଷଣୀୟ ଅଫର

ନୂଆଦିଲ୍ଲୀ,୯।୯ (ଅଭୟ ଦାଶ)

ଆମାଜନ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଆକର୍ଷଣୀୟ ଓନମ୍ ଷ୍ଟୋର୍ ସାରା ଦେଶରେ ଉତ୍ସବର ଆନନ୍ଦ ଆଣିଛି ଏବଂ ଅମଳ ପର୍ବ ପାଇଁ ବିଭିନ୍ନ ଉତ୍ପାଦ ପ୍ରଦାନ କରୁଛି। ଏପରିକି ପାରମ୍ପରିକ ପୋଷାକ ଏବଂ ପୂଜା ଅତ୍ୟାବଶ୍ୟକ ସାମଗ୍ରୀଠାରୁ ଆରମ୍ଭ କରି ଅତ୍ୟାଧୁନିକ ଇଲେକ୍ଟ୍ରୋନିକ୍ସ, ଉପକରଣ ଏବଂ ଗୃହସଜ୍ଜା ପର୍ଯ୍ୟନ୍ତ ଗ୍ରାହକମାନେ ସମସ୍ତବର୍ଗରେ ଆକର୍ଷଣୀୟ ଅଫର ପାଇପାରିବେ। ସେହିଭଳି ଆକର୍ଷଣୀୟ କଷ୍ଟମାଇଜେବଲ୍ ଇ-ଗିଫ୍ଟ କାର୍ଡ ସହିତ ଗ୍ରାହକମାନେ ଆନନ୍ଦ ଲାଭ କରିପାରିବେ ଏବଂ ଆମାଜନ୍ ପ୍ରାଇମ୍ ସଦସ୍ୟମାନଙ୍କ ପାଇଁ ଅଧିକ ସୁବିଧାଜନକ ଏବଂ ଲାଭଦାୟକ ସପିଂ ଅନୁଭୂତି ପାଇଁ ସ୍ୱତନ୍ତ୍ର ରିହାତି (ଡିଲ୍) ଏବଂ ଅଲଟ୍ରା-ଫାଷ୍ଟ ଡେଲିଭରି ସୁବିଧା ସାମିଲ ରହିଛି। ଏପରିକି ଓନମ ଉତ୍ସବକୁ ଆକର୍ଷଣୀୟ କରିବା ପାଇଁ କିଛି ଉତ୍ପାଦଗୁଡ଼ିକ ମଧ୍ୟରେ ନୋବିଲିଟି କେରଳା ଟ୍ରାଡିଶନାଲ୍ ଭିଲାକ୍କୁ ପଞ୍ଚମହଲ ଅଏଲ୍ ଲ୍ୟାମ୍ପ, ଆର୍ଟୱାର୍କୋ ସଲିଡ୍ ବ୍ରାସ୍ ଗଜଲକ୍ଷ୍ମୀ ଅଏଲ୍ ଦିଆ ଲାର୍ଜ ଦୀପମ, ଡିଜାଇନ୍ ଶାସ୍ତ୍ର ଦ୍ୱାରା ମୟୂର ଡିଜାଇନ୍ ହ୍ୟାଣ୍ଡକ୍ରାଫ୍ଟ ଲ୍ୟାମ୍ପ, ଫୁଲ ଲକ୍‌ଜୁରି ଧୂପକାଠି, ଅକ୍ଷୟକଳ୍ପ ଅର୍ଗାନିକ୍ ଘିଅ ଏବଂ ଫିଲିପ୍ସ ଏଚଏଲ୍ ୭୭୫୬/୦୦ ୭୫୦-ୱାଟ୍ ମିକ୍ସର ଗ୍ରାଇଣ୍ଡର, କଭଜ ମେନ୍‌ସ କଟନ୍ କେରଳ ମୁଣ୍ଡୁ ଡବଲ୍ ଧୋତି, ସୂତା ହ୍ୱାଇଟ୍ କଟନ୍ ଉଭନ୍ ଶାଢ଼ି ଏବଂ ଜେଏମ୍ ଲୁକ୍‌ସ ଟ୍ରାଡଶନାଲ୍ ଏଥିନିକ୍ ଉୟର କୋହ୍ଲାପୁରୀ ଚପଲ ଭଳି ଆହୁରି ଅନେକ ସାମଗ୍ରୀ ସାମିଲ ରହିଛି। ସେହିପରି ଓନମ ଷ୍ଟୋରରେ ଅତିରିକ୍ତ ଆକର୍ଷଣୀୟ ରିହାତି (ଡିଲ୍) ଗୁଡ଼ିକ ସହିତ ଆଇଟି ଏବଂ ବୈଦ୍ୟୁତିକ ସାମଗ୍ରୀ ଆଦି ସାମିଲ ରହିଛି।

# ପିଏମ୍‌ବିଆଇ ସହ ସିଆଇଏଲ୍‌ର ବୁଝାମଣା



ନୂଆଦିଲ୍ଲୀ,୯।୯ (ଅଭୟ ଦାଶ)

ଦେଶର ପ୍ରମୁଖ ସରକାରୀ ପ୍ରତିଷ୍ଠାନ ତଥା ଫାର୍ମାସ୍ୟୁଟିକାଲ୍‌ସ ଆଣ୍ଡ ମେଡିକାଲ ଡିଭାଇସ ବ୍ୟୁରୋ ଅଫ୍ ଇଣ୍ଡିଆ ବା ପିଏମ୍‌ବିଆଇ ଏବଂ କୋଲ୍ ଇଣ୍ଡିଆ ଲିମିଟେଡ (ସିଆଇଏଲ୍) ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ନିକଟରେ ହୋଇଯାଇଛି। ଏପରିକି ଉଭୟ ସଂସ୍ଥାର ମିଳିତ ସହଭାଗିତା ଓ ସହାୟତାରେ ଗୁଣାତ୍ମକ ମାନ ଜେନେରିକ ମେଡିସନ ପ୍ରସ୍ତୁତ ସହିତ ମାନବ ସମ୍ବଳ ଓ ଜନଔଷଧି କେନ୍ଦ୍ର ଖୋଲାଯିବ ବୋଲି ଉଭୟଙ୍କ ମଧ୍ୟରେ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଯାଇଛି। ଅପରପକ୍ଷରେ ପିଏମ୍‌ବିଆଇର ମୁଖ୍ୟାଳୟ ନୂଆଦିଲ୍ଲୀଠାରେ ଆୟୋଜିତ ଏକ ଚୁକ୍ତି ସ୍ୱାକ୍ଷର କାର୍ଯ୍ୟକ୍ରମରେ ଯୋଗ ଦେଇ ପିଏମବିଆଇର ସିଇଓ ରବି ଦଧିଚି ଏମଓୟୁ ସ୍ୱାକ୍ଷର କରିଥିଲେ। ଏହି ଅବସରରେ ଉଭୟ ସିଆଇଏଲ ଓ ପିଏମବିଆଇର ବରିଷ୍ଠ ଅଧିକାରୀମାନ ଉପସ୍ଥିତ ଥିଲେ।

# ଆହାରରେ ଆଲ୍‌ମଣ୍ଡ ଯୋଗକୁ ଗୁରୁତ୍ୱ

ଭୁବନେଶ୍ୱର,୯।୯ (ଅଭୟ ଦାଶ)

ବର୍ତ୍ତମାନ ସାରା ବିଶ୍ୱରେ ମଧୁମେହ (ଡାଇବେଟିସ) ରୋଗୀଙ୍କ ସଂଖ୍ୟା ବ୍ୟାପକ ଭାବେ ବୃଦ୍ଧି ପାଉଛି। ଏପରିକି ପ୍ରାକ୍-ମଧୁମେହ ସମୟରୁ ରୋଗୀ ଆହାରରେ ସାଧାରଣ ଭାବେ ଆଲ୍‌ମଣ୍ଡ ଯୋଗ କରିବା ଦ୍ୱାରା ଶରୀର ଓ ରୋଗ ନିୟନ୍ତ୍ରଣ କରିହୋଇଥାଏ ବୋଲି ପୋଷଣ ବିଶେଷଜ୍ଞ ଡା. ରୋହିଣୀ ପାଟିଲ ଗୁରୁତ୍ୱାରୋପ କରିଛନ୍ତି। ରକ୍ତରେ ଶର୍କରା ବୃଦ୍ଧି ରୋକିବା ପାଇଁ ଆହାରଜନିତ ପରିବର୍ତ୍ତନ ସହିତ ଏକ ସକ୍ରିୟ ଜୀବନଶୈଳୀ ଓ ଅତ୍ୟଧିକ ପ୍ରକ୍ରିୟାକୃତ ଖାଦ୍ୟରୁ ଦୂରେଇ ରହିବା ଏବଂ ଭୋଜନ ପରବର୍ତ୍ତୀ ଚାଲିବା ଭଳି ନିୟମିତ ଶାରୀରିକ କାର୍ଯ୍ୟକଳାପରେ ନିୟୋଜିତ ହେବାକୁ ଡା. ପାଟିଲ ଉପଦେଶ ଦେଇଛନ୍ତି। ପ୍ରାକ୍ ମଧୁମେହରୁ ବଞ୍ଚିତ ପାଇଁ ଡାଏଟ ବିଶେଷ ଭାବେ ସାହାଯ୍ୟ କରିଥାଏ। ଏପରିକି ତିନି ମାସ ପର୍ଯ୍ୟନ୍ତ ଜଳଖିଆ, ମଧ୍ୟାହ୍ନ ଭୋଜନ ଏବଂ ରାତ୍ରଭୋଜନର ୩୦ମିନିଟ୍ ପୂର୍ବରୁ ଖାଇଥିବା ଏକ ମୁଠା ଆଲମଣ୍ଡ ପ୍ରାୟ ଏକ ଚତୁର୍ଥାଂଶ ଲୋକଙ୍କ ରକ୍ତରେ ଶର୍କରା ସ୍ତରକୁ ସ୍ୱାଭାବିକ କରି ଦେଇଥାଏ। ବିଶେଷ କରି ଜଳଖିଆ ଭାବେ ହେଉ କିମ୍ବା ସାଲାଡ୍ ଏବଂ ଦହିରେ ପାଳଙ୍ଗ, ମେଥି ଏବଂ କୋଶଳା ଶାଗ ପରି ହରିତ ପତ୍ରାଦି ପରିବାରେ ଶ୍ୱେତସାର କମ ଏବଂ ତନ୍ତୁ ଅଧିକ ଥିବା ଯୋଗୁ ରକ୍ତରେ ଶର୍କରାସ୍ତର ବଜାୟ ରଖିବା ପାଇଁ ଉପରୋକ୍ତ ଖାଦ୍ୟସାମଗ୍ରୀଗୁଡିକ ଏକ ଭଲ ଯୋଗ ହୋଇଥାଏ। ଏହି ପନିପରିବାଗୁଡିକରେ ସାମଗ୍ରିକ ସ୍ୱାସ୍ଥ୍ୟକୁ ସମର୍ଥନ କରୁଥିବା ଭିଟାମିନ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଭରପୂର ରହିଥାଏ।

# ଏସ୍‌ବିଆଇ ପ୍ରପର୍ଟି ଏକ୍ସପୋ ଉଦ୍‌ଘାଟିତ




ଭୁବନେଶ୍ୱର,୯।୯ (ଅଭୟ ଦାଶ)

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ବା ଏସବିଆଇ)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ପ୍ରପର୍ଟି ଏକ୍ସପୋ-୨୦୨୪ ଭୁବନେଶ୍ୱରର ୟୁନିଟ-୧ସ୍ଥିତ ଏସବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ଶାଖା ପରିସରରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ଏସବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ (ସିଜିଏମ) ଦିନେଶ ପୃଥ୍ୱୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସବିଆଇ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ପ୍ରବନ୍ଧକ (ଜିଏମ) ଏନ୍‌ଡବ୍ଲ୍ୟୁ-୧ ପୋନ୍ନାବାଲମ ଏମଙ୍କ ସମେତ ଉଭୟ ମଣ୍ଡଳ ଓ ଶାଖାର ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ଭୁବନେଶ୍ୱରର ୟୁନିଟ-୧ ଏସବିଆଇ ଶାଖା ସମ୍ମୁଖରେ ଆୟୋଜିତ ଏସବିଆଇ ପ୍ରପର୍ଟି ଏକ୍ସପୋ-୨୦୨୪ରେ ୩୦ରୁ ଅଧିକ ବିଲଡରଙ୍କ ସମେତ ଅନ୍ୟମାନେ ମଧ୍ୟ ଯୋଗ ଦେଇଛନ୍ତି। ଏପରିକି ଏହି ପ୍ରଦର୍ଶନୀରେ ୩୦ଟି ପ୍ରତିଷ୍ଠିତ ଗୃହନିର୍ମାଣକାରୀ ସଂସ୍ଥା ସେମାନଙ୍କର ନୂତନ ତଥା ଆଗାମୀ ସ୍ୱୀକୃତପ୍ରାପ୍ତ ହାଉସିଂ ପ୍ରକଳ୍ପଗୁଡ଼ିକୁ ପ୍ରଦର୍ଶନ କରିଥିଲେ। ଏପରିକି ଏଥିରେ ପ୍ରାୟ ୧୬୬ଟି ଏସବିଆଇ ଅନୁମୋଦିତ ପ୍ରକଳ୍ପ ସାମିଲ ଥିଲାବେଳେ ଏହି ଏକ୍ସପୋ ସକାଳ ୧୧ ଘଟିକାରୁ ରାତି ୯ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହି ପ୍ରଦର୍ଶନୀ ଉଦଘାଟନୀ ସମୟରେ ଆୟୋଜକ, ଅଂଶଗ୍ରହଣକାରୀ ଓ ଗ୍ରାହକଙ୍କ ସମେତ ଅନ୍ୟମାନେ ମଧ୍ୟ ଯୋଗ ଦେଇଥିଲେ।

# ନଭେମ୍ବର ୨୫ରୁ ଭାରତରେ ବିଶ୍ୱ ସମବାୟ ସମ୍ମିଳନୀ

ନୂଆଦିଲ୍ଲୀ,୯।୯ (ଅଭୟ ଦାଶ)




ଭାରତରେ ପ୍ରଥମ ଥର ପାଇଁ ଏକ ୬ ଦିନିଆ ବିଶ୍ୱ ସମବାୟ ସମ୍ମିଳନୀ ୨୦୨୪ ନଭେମ୍ବର ୨୫ରୁ ନୂଆଦିଲ୍ଲୀର ଭାରତ ମଣ୍ଡପମ୍, ଆଇଟିପିଓ, ପ୍ରଗତି ମଇଦାନଠାରେ ଆରମ୍ଭ ହେବାକୁ ଯାଉଛି। ବିଶ୍ୱସ୍ତରରେ ସମବାୟ ଆନ୍ଦୋଳନ ନିମନ୍ତେ ରହିଥିବା ପ୍ରମୁଖ ତଥା ସର୍ବପୁରାତନ ସଂସ୍ଥା ଇଣ୍ଟରନ୍ୟାଶନାଲ କୋଅପରେଟିଭ ଆଲାଏନ୍ସ (ଆଇସିଏ)ର ଦୀର୍ଘ ୧୩୦ବର୍ଷ ଇତିହାସ ମଧ୍ୟରେ ପ୍ରଥମ ଥର ପାଇଁ ଇଫ୍‌କୋ ପ୍ରୟାସରେ ଆଇସିଏର ସାଧାରଣ ପରିଷଦ ବୈଠକ ଏବଂ ବିଶ୍ୱ ସମବାୟ ସମ୍ମିଳନୀ ଭାରତରେ ଅନୁଷ୍ଠିତ ହେବ। ଉଲ୍ଲେଖଯୋଗ୍ୟ, ୨୦୨୩ ଜୁନ୍ ୨୮ରେ ବ୍ରସେଲ୍‌ସଠାରେ ଆୟୋଜିତ ଆଇସିଏ ସାଧାରଣ ପରିଷଦ ବୈଠକରେ ଇଫକୋ ଆଇସିଏର ସାଧାରଣ ପରିଷଦ ବୈଠକ ଏବଂ ବିଶ୍ୱ ସମବାୟ ସମ୍ମିଳନୀ ଭାରତରେ ଆୟୋଜନ କରିବାକୁ ପ୍ରସ୍ତାବ ଦେଇଥିଲା ଏବଂ ବୋର୍ଡର ସଦସ୍ୟମାନେ ସେଥିରେ ରାଜି ହୋଇଥିଲେ। ପୁନଶ୍ଚ ଜାତିସଂଘ ସଙ୍ଗଠନ (ୟୁଏନଓ) ମୁଖ୍ୟ ଦପ୍ତରଠାରେ ଅନୁଷ୍ଠିତ ବୈଠକରେ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା ଯେ ଭାରତରେ ବିଶ୍ୱ ସମବାୟ ସମ୍ମିଳନୀ ଅବସରରେ ଜାତିସଂଘ ଆନ୍ତର୍ଜାତିକ ସମବାୟ ବର୍ଷ (ୟୁଏନ ଆଇୱାଇସି-୨୦୨୫) ର ଆନୁଷ୍ଠାନିକ ଶୁଭାରମ୍ଭ ମଧ୍ୟ କରାଯିବ। ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ଅମିତ ଶାହା ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ। ଏପରିକି ସେ ବିଶ୍ୱ ସମବାୟ ସମ୍ମିଳନୀର ଉଦଘାଟନୀ ଅଧିବେଶନରେ ମଧ୍ୟ ମୁଖ୍ୟ ଅତିଥି ଭାବେ ଅଧ୍ୟକ୍ଷତା କରିବେ। ସେହିଭଳି ଆନ୍ତର୍ଜାତିକ ସମବାୟ ବର୍ଷ-୨୦୨୫ ଶୀର୍ଷକ ଉପରେ ଏକ ସ୍ମାରକୀ ଡାକଟିକେଟ ମଧ୍ୟ କାର୍ଯ୍ୟକ୍ରମ ଅବସରରେ ଉନ୍ମୋଚିତ ହେବ। ଏହି କାର୍ଯ୍ୟକ୍ରମକୁ ଭାରତର ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବା ନିମନ୍ତେ ନିବେଦନ କରାଯାଇଛି।

ଏ ସମ୍ପର୍କରେ ଆଇସିଏର ଡିଜି ଜେରୋଏନ୍ ଡଗ୍‌ଲାସ କହିଥିଲେ, ୨୦୨୪ ନଭେମ୍ବର ୨୫ ରୁ ୩୦ ପର୍ଯ୍ୟନ୍ତ ନୂଆଦିଲ୍ଲୀର ଭାରତ ମଣ୍ଡପମ୍, ଆଇଟିପିଓ, ପ୍ରଗତି ମଇଦାନଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସହକାରିତା ମନ୍ତ୍ରଣାଳୟର ସଚିବ ଡ. ଆଶିଷ କୁମାର ଭୁଟାନି କହିଥିଲେ, ଏହି କାର୍ଯ୍ୟକ୍ରମର ବିଷୟବସ୍ତୁ 'ସମବାୟ ସମସ୍ତଙ୍କ ପାଇଁ ସମୃଦ୍ଧି ନିର୍ମାଣ କରୁଛି' ଭାରତ ସରକାରଙ୍କ ସ୍ଲୋଗାନ 'ସହକାର ସେ ସମୃଦ୍ଧି' ଅନୁରୂପ ହୋଇଛି, ଯାହା ବାସ୍ତବରେ 'ସହକାରିତା ଜରିଆରେ ସମୃଦ୍ଧି'କୁ ବୁଝାଉଛି। ଇଫ୍‌କୋ ଲିମିଟେଡର ଏମଡି ଡା. ୟୁ. ଏସ. ଅୱସ୍ଥି କହିଛନ୍ତି, ଏହି ସମ୍ମିଳନୀର ବିଷୟବସ୍ତୁ ହେଉଛି 'ସମବାୟ ସମସ୍ତଙ୍କ ପାଇଁ ସମୃଦ୍ଧି ନିର୍ମାଣ କରେ' ଯାହା ପଛରେ ଏକ ସମୃଦ୍ଧ ଏବଂ ସୁରକ୍ଷିତ ସମବାୟ ଆନ୍ଦୋଳନ ଗଢିତୋଳିବା ନିମନ୍ତେ ଆମର ଦୀର୍ଘସୂତ୍ରୀ ଲକ୍ଷ୍ୟ ରହିଛି। ବିଚାରଧାରାଗୁଡିକର ନିୟୋଜନକାରୀ ବିନିମୟ ନିମନ୍ତେ ଆମେ ନିଜ ସ୍ଥାନରେ ଆନ୍ତର୍ଜାତିକ ପ୍ରତିନିଧିମାନଙ୍କୁ ଏକତ୍ରିତ କରିବା ନେଇ ନିଜକୁ ଗୌରବାନ୍ୱିତ ମନେ କରୁଛୁ। ଇଫକୋ ସର୍ବଦା ଭାରତୀୟ କୃଷକମାନଙ୍କର ସ୍ୱାର୍ଥକୁ ଏହାର ହୃଦୟରେ ସ୍ଥାନ ଦେଇଆସିଛି। ସେଥିପାଇଁ ଏହି ସମ୍ମିଳନୀ ଅବସରରେ ଭାରତୀୟ ସମବାୟଗୁଡିକର ଉତ୍ପାଦ ଓ ସେବାଗୁଡିକୁ ଭାରତୀୟ ଗ୍ରାମ ବିଷୟକୁ ନେଇ ସ୍ଥାପନ କରାଯିବାକୁ ଥିବା 'ହାଟ' ସେଟ୍‌ଅପ୍‌ରେ ପ୍ରଦର୍ଶିତ କରାଯିବ। ସମବାୟ କ୍ଷେତ୍ରରେ ମହିଳାମାନଙ୍କର ଅଗ୍ରଣୀ ସ୍ୱର ଏବଂ ବୋର୍ଡରେ ମହିଳା ଡାଇରେକ୍ଟରଙ୍କ ନିମନ୍ତେ ସ୍ଥାନ ସଂରକ୍ଷଣ କରିବାରେ ପ୍ରଥମ ସଂଗଠନ ଇଫକୋ ସର୍ବାଧିକ ସଂଖ୍ୟକ ମହିଳା ସମବାୟବିତ୍‌ଙ୍କର ଅଂଶଗ୍ରହଣକୁ ଉତ୍ସାହିତ କରିବା ନିମନ୍ତେ ପ୍ରତିବଦ୍ଧ ରହିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ୱାର୍ଡସଭ୍ୟ ପ୍ରାର୍ଥୀଙ୍କ ନାମାଙ୍କନ ନାକଚ

**ଢିଙ୍କିଆ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଯାଞ୍ଚ**

କୁଜଙ୍ଗ,୯।୯(ମନୋଜ ପ୍ରଧାନ)

ଜଗତ୍‌ସିଂହପୁର ଜିଲା ଏରସମା ବ୍ଲକ ଅନ୍ତର୍ଗତ ଢିଙ୍କିଆ ପଞ୍ଚାୟତର ସରପଞ୍ଚ ପଦବୀ ଓ ୱାର୍ଡ ସଭ୍ୟାସଭ୍ୟ ନିମନ୍ତେ ଆସନ୍ତା ଅକ୍ଟୋବର ୪ରେ ନିର୍ବାଚନ ହେବ। ଏଥିନିମନ୍ତେ ୬ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ ପରେ ସୋମବାର ଯାଞ୍ଚ କରାଯାଇଛି। ଏହି ସମୟରେ ୨୨ ନମ୍ବର ୱାର୍ଡରୁ ସଭ୍ୟା ପଦ ନିମନ୍ତେ ନାମାଙ୍କନ ଭରିଥିବା ନଳିନୀ ଦାସଙ୍କ ପ୍ରାର୍ଥୀପତ୍ର ନାକଚ ହୋଇଯାଇଛି ବୋଲି ପଞ୍ଚାୟତ ନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ଜେନା କହିଛନ୍ତି। ସୂଚନାଯୋଗ୍ୟ, ୨୩ଟି ୱାର୍ଡକୁ ନେଇ ଗଠିତ ଏହି ପଞ୍ଚାୟତରେ ସରପଞ୍ଚ ପଦବୀ ନିମନ୍ତେ ୪ ଜଣ ପ୍ରତିଦ୍ୱନ୍ଦ୍ୱୀ ସେମାନଙ୍କ ମନୋନୟନ ପତ୍ର ଦାଖଲ କରିଥିବାବେଳେ, ୨୨ ୱାର୍ଡ ପାଇଁ ୬୪ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ୯ ନଂ. ୱାର୍ଡ ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି। ମାତ୍ର ସେଠାରେ କୌଣସି ଜନଜାତି ବର୍ଗର ଲୋକ ନ ଥିବାରୁ ନିର୍ବାଚନ ହେବ ନାହିଁ । ସେପ୍ଟେମ୍ବର ୧୧ ଓ ୧୨ ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଧାର୍ଯ୍ୟ କରାଯାଇଛି।

# ସମ୍ବିତଙ୍କ ବହିଷ୍କାର ଦାବି କଲେ ଦଳୀୟ ନେତା

**ଗ୍ରାମ ଦେବତୀଙ୍କୁ ଖୁଚୁରା କହି ଅଡୁଆରେ ପଡ଼ିଲେ**

କୁଜଙ୍ଗ,୯।୯(ମନୋଜ ପ୍ରଧାନ)

ଗ୍ରାମଦେବତୀଙ୍କୁ ଖୁଚୁରା ଦର୍ଶାଇ ପାରାଦୀପର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ଅଡୁଆରେ ପଡ଼ିଛନ୍ତି। ଏଭଳି ମନ୍ତବ୍ୟକୁ ବିରୋଧକରି ସମ୍ବିତଙ୍କୁ ଦଳରୁ ବହିଷ୍କାର କରିବା ପାଇଁ ସୋମବାର ବିଜେଡି ନେତା ଓ କର୍ମୀମାନେ ଦାବି କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ସାଧାରଣ ଜନତା ହୁଅନ୍ତୁ କି ଦଳୀୟ ନେତାଙ୍କୁ ସାକ୍ଷାତ୍ ବା ଦେଖା ଦିଅନ୍ତି ନାହିଁ ବୋଲି ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେବାକୁ ଯାଇ ପାରାଦୀପର ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ ରବିବାର କହିଥିଲେ, ନବୀନ ପଟ୍ଟନାୟକ ଖୁଚୁରା ଗ୍ରାମଦେବତୀ ନୁହନ୍ତି। ଗାଁଗୁଡ଼ିକରେ କିଛି ଲୋକ ସାଇକେଲରେ ଯାଉଥିବା ବେଳେ ଖୁଚୁରା ଗ୍ରାମଦେବତୀଙ୍କୁ ହାତ ଟେକିଦେଇ ଯାଆନ୍ତି। ନବୀନ ପଟ୍ଟନାୟକ ସେଭଳି ନୁହନ୍ତି ବୋଲି ସେ କହିଥିଲେ। ତାଙ୍କର ଏଭଳି ମନ୍ତବ୍ୟକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଥିବା ବେଳେ, ଜଗତ୍‌ସିଂହପୁର ଜିଲା ବିଜେଡି ସାଧାରଣ ସମ୍ପାଦକ ତଥା ହିନ୍ଦୁ ଇଷ୍ଟଦେବୀ ସୁରକ୍ଷା ମଞ୍ଚର ଆବାହକ ସଂଗ୍ରାମ ମନ୍ତ୍ରୀ କହିଛନ୍ତି, ଓଡ଼ିଆ ଓ ହିନ୍ଦୁଧର୍ମର ପରମ୍ପରା ଅନୁଯାୟୀ ଗ୍ରାମଦେବତୀ ହେଉଛନ୍ତି ଗାଁର ଇଷ୍ଟ ଦେବୀ। ସେ ହିଁ ମା'ରୂପରେ ଗାଁକୁ ଲାଳନପାଳନ କରିବା ସହ ଜଗିଥାନ୍ତି। ଗାଁ କୁ କୌଣସି ବିପଦ ପଡ଼ିଲେ ସେ ହିଁ ରକ୍ଷା କରନ୍ତି ବୋଲି ଆମ ସମସ୍ତଙ୍କ ବିଶ୍ୱାସ ରହିଛି। ବିବାହ, ବ୍ରତ ଓ ଅନ୍ୟାନ୍ୟ ଯେକୌଣସି ପୂଜା ଆମେ ଘରେ କଲେ ପ୍ରଥମେ ପୁରୋହିତ ଗ୍ରାମଦେବତୀଙ୍କୁ ବରଣ କରନ୍ତି। ଗ୍ରାମଦେବତୀଙ୍କ ବିନା ବରଣରେ କୌଣସି ଦେବକାର୍ଯ୍ୟ ସମ୍ପାଦନ ହୁଏ ନାହିଁ। ମାତ୍ର ଗ୍ରାମ ଦେବତୀଙ୍କୁ ଖୁଚୁରା କହି ସମ୍ବିତ ସମଗ୍ର ହିନ୍ଦୁ ସମାଜ ଏବଂ ଓଡ଼ିଶାର ୫୧ ହଜାର ୩୩୯ଟି ଗାଁ ରେ ଥିବା ଇଷ୍ଟ ଦେବୀ ଓ ସାଢ଼େ ୪ କୋଟି ଓଡ଼ିଆଙ୍କ ଭାବାବେଗକୁ କୁଠାରାଘାତ କରିଛନ୍ତି। ସେ ସୁସ୍ଥ ମସ୍ତିଷ୍କରେ ଥିବା ଅବସ୍ଥାରେ ଏଭଳି ମନ୍ତବ୍ୟ ଦେଇ ନ ଥିବେ ବୋଲି ସଂଗ୍ରାମ କହିଛନ୍ତି। ଏଭଳି ନେତାଙ୍କୁ ତୁରନ୍ତ ଦଳରୁ ବହିଷ୍କାର କରିବା ପାଇଁ ସେ ଦାବି କରିଛନ୍ତି। ଏଭଳି ମନ୍ତବ୍ୟ ପାଇଁ ସମ୍ବିତ ଓଡ଼ିଶାବାସୀଙ୍କ ନିକଟରେ କ୍ଷମା ଓ ସବୁ ଗ୍ରାମଦେବତୀଙ୍କ ମନ୍ଦିରକୁ ଯାଇ କ୍ଷମା ଭିକ୍ଷା କରନ୍ତୁ । ନହେଲେ ଆଗାମୀ ଦିନରେ ସାରା ଓଡ଼ିଶାରେ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ସଂଗ୍ରାମ କହିଛନ୍ତି। ବିଜେଡି ଜିଲା ଉପସଭାପତି କବି ପୀତାମ୍ବର ତରାଇ କହିଛନ୍ତି, ଯଦି ସମ୍ବିତ ଏଭଳି ମନ୍ତବ୍ୟ ଦେଇଥାନ୍ତି ଏହା ସଂସ୍କାରଧର୍ମୀ ନୁହେଁ। ସର୍ବତ୍ର ବର୍ଜନୀୟ।

ମାଟି ସୁରକ୍ଷା ମଞ୍ଚର ସଂଯୋଜକ ହୃଷୀକେଶ ନାଥ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଆମ ଗ୍ରାମଦେବତୀ ପଥର ରୂପରେ ପୂଜା ପାଇଥାନ୍ତି। କିନ୍ତୁ ସେହି ପଥର ମା'ରୂପରେ ଆମର ସବୁ ଦୁଃଖ, କଷ୍ଟ ନିବାରଣ କରନ୍ତି। ତାଙ୍କର ବୋଧେ ଆମ ଦେବଦେବୀ ସଂସ୍କୃତି ଓ ସଂସ୍କାର ଉପରେ ଧାରଣା ନାହିଁ। ତାଙ୍କ ଦଳର ନେତା ନବୀନ ପଟ୍ଟନାୟକ କ୍ଷମତାରେ ଥିବା ବେଳେ ପଥର ମୂର୍ତ୍ତି ଭଳି ବସିଥାନ୍ତି। ନିଷ୍ପତ୍ତି ଅନ୍ୟମାନେ ନିଅନ୍ତି। ତେଣୁ ନବୀନଙ୍କ ଭଳି ଆମ ଇଷ୍ଟ ଦେବୀ ନିଶ୍ଚଳ ନୁହନ୍ତି।


ସମ୍ବିତ ରାଉତରାୟ

# ଏନ୍‌ଇପିକୁ ନେଇ ଷ୍ଟାଲିନ୍ ରାଜ୍ୟଗୁଡ଼ିକୁ ପରସ୍ପର ବିରୋଧୀ କରାଉଛନ୍ତି: ଧର୍ମେନ୍ଦ୍ର

ନୂଆଦିଲ୍ଲୀ,୯।୯

ନୂଆ ଶିକ୍ଷାନୀତି (ଏନ୍‌ଇପି) କାର୍ଯ୍ୟକାରିତାକୁ ବନ୍ଦ କରିବା ନିମନ୍ତେ ବାହାନା ବାହାର କରିବା ପାଇଁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ରାଜ୍ୟଗୁଡ଼ିକୁ ପରସ୍ପର ବିରୋଧୀ କରାଉଥିବା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ଅଭିଯୋଗ କରିଛନ୍ତି। ଏନ୍‌ଇପି କାର୍ଯ୍ୟକାରୀ କରିବାକୁ ମନା କରୁଥିବା ଶ୍ରେଷ୍ଠ ପ୍ରଦର୍ଶନକାରୀ ରାଜ୍ୟଗୁଡ଼ିକୁ କେନ୍ଦ୍ର ସରକାର ସମଗ୍ର ଶିକ୍ଷା ସ୍କିମ୍‌ରେ ପାଣ୍ଠି ଦେଉ ନ ଥିବା ଷ୍ଟାଲିନ୍ ନିକଟରେ ଅଭିଯୋଗ କରିଥିଲେ। ଗଣତନ୍ତ୍ରରେ ରାଜ୍ୟଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ସବୁବେଳେ ସ୍ୱାଗତଯୋଗ୍ୟ। ତେବେ ବାହାନା ବାହାର କରିବା ପାଇଁ ରାଜ୍ୟଗୁଡ଼ିକୁ ପରସ୍ପର ବିରୋଧରେ ଛିଡ଼ା କରାଇବା ସମ୍ବିଧାନର ପ୍ରସ୍ତାବନା ଏବଂ ଏକୀକୃତ ଭାରତ ମୂଲ୍ୟବୋଧ ବିରୋଧରେ ଯାଉଛି ବୋଲି ଧର୍ମେନ୍ଦ୍ର ସାମାଜିକ ଗଣମାଧ୍ୟମ 'ଏକ୍ସ' ମାଧ୍ୟମରେ କହିଛନ୍ତି।


**STAR MANAGEMENT COLLEGE**

Courses Offered
B.Sc (Comp. Sc) Hons
BBA / BCA
MA PMIR
FREE Course Fees & Hostels for SC / ST Students
Contact for more Details :-
0674-2595970, 9337835703, 9937337659
Address: Forestpark, Bhubaneswar-751009


# ବିଜେଡି ଛାଡ଼ି ଭାଜପାରେ ଯୋଗଦେଲେ ସମିତିସଭ୍ୟା

ଭଞ୍ଜନଗର,୯।୯( ବାବୁଲା ପ୍ରଧାନ)

ଭଞ୍ଜନଗର ନିର୍ବାଚନମଣ୍ଡଳୀ ଜଗନ୍ନାଥପ୍ରସାଦ ବ୍ଲକ ଅଳସୁ ପଞ୍ଚାୟତର ବିଜେଡି ସମର୍ଥିତ ସମିତିସଭ୍ୟା ରଶ୍ମିତା ସେଠୀ ସୋମବାର ଭାଜପାରେ ଯୋଗଦେଇଛନ୍ତି। ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଭଞ୍ଜନଗର ବାସଭବନରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ସେ ଭାଜପାରେ ସାମିଲ ହୋଇଥିବା ଜଣାପଡ଼ିଛି। ସଙ୍ଗଠକ ଦୁର୍ଗା ମାଧବ ସାହୁଙ୍କ ନେତୃତ୍ୱରେ ସମିତିସଭ୍ୟା ରଶ୍ମିତାଙ୍କ ସହ ମଧୁସୂଦନ ପାଣିଗ୍ରାହୀ, ସରୋଜ ନାୟକ, ମନୋଜ ସେଠୀ ପ୍ରମୁଖ ଭାଜପାରେ ଯୋଗଦେଇଛନ୍ତି। ବିଧାୟକ ସମସ୍ତ ନବାଗତ ନେତାଙ୍କୁ ସ୍ୱାଗତ କରିଥିଲେ।


ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ସମିତିସଭ୍ୟାଙ୍କୁ ଦଳକୁ ସାଗତ କରୁଛନ୍ତି।

## Classified Everyday 0674-2580101, 2549949

**REAL ESTATE**

**SALE**

Gharabari Converted Plots Available Near Hitech Square Sundarpada Bhubaneswar. For More Details Contact- 9437040045, 9040307584. D-1287

1BHK Ready to move in flats available in Hi-Tech Brundaban Project near Batamangala Temple, Puri Town. 9861463011, 9777154964. D-1286

Plot for sale at Puri Konark Marine Drive (850/- per sqft.), Contact: 6371703010. D-1280

**FOR RENT**

Fully furnished 1100sqft. area proposed for Corporate Office is ready for rent at Central BBSR. Ph- 9778845555, 9337688155. D-1289

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

କଟକ ମହତାବ ରୋଡ୍ ଦୋଳମୁଣ୍ଡାଇ ଠାରେ ଦୋକାନ, ଅଫିସ୍, କୋଚିଂ ସେଣ୍ଟର ଉଦ୍ଦେଶ୍ୟରେ (3600sqft.) ଘରବାଡ଼ି ଦିଆଯାଉଛି। ଯୋଗାଯୋଗ– 9937778558. D-1288

**Healthcare**

Kerala body Massage therapy Male/Female any person. Bhubaneswar. 9337672475. D-1285

Newly open health benefits SPA by expert therapist. Contact- 6371861658. D-76150

Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75779

Newly open Jyoti SPA positively health benefits (Expert therapist). 8458067955. D-76151

**BUSINESS**

Mushroom farming training/ ଛତୁ ଚାଷ– Paddy, Button and Oyester Mushroom training starting soon in Bhubaneswar. Contact +91 9827702258. D-1270

**AFFIDAVIT**

I, Srikara Kumar Panda, S/o- Bijaya Kumar Panda, Resident of A/P- Charidiba Street, Gosaninuagaon, Brahmapur Sadar, Dist.- Ganjam, Odisha-760003 declare by this affidavit No.- 14AA - 226824, dated- 14.08.2024 that now onwards I shall be known as SRIKAR KUMAR PANDA for all future purposes. D-1292

By an affidavit CF No.- 37/ 03.09.2024 sworn before Executive Magistrate, Bhubaneswar, I, Cauvery Priyadarshini Behera, D/o- Narendra Kumar Behera, resident of Plot No. 126, Chintamaniswar, P.O.- Budheswari, P.S.- Laxmisagar, Bhubaneswar- 751006, District.- Khordha, Odisha declare that in my Educational Certificates my parent's name incorrectly mentioned as Narendra Behera (Father) & Manjulata Behera (Mother) in place of Narendra Kumar Behera (Father) and Manjulata Pandit (Mother) which is correct as per their Aadhaar Card. Henceforth, their later name shall be used for all purposes. D-1282

Notice: By virtue of an affidavit sworn before Notary Public, Sambalpur, dated 06.09.2024 I, SHIRISHA AMUDALA, D/o Duvasi Murali and W/o Jeevan Amudala, Address: Qtr.No. C-61, Jagruti Vihar, MCL HQ, Burla, Sambalpur, Odisha declare that I have changed my name from DUVASI SHIRISHA to SHIRISHA AMUDALA. Henceforth, I shall be known as SHIRISHA AMUDALA for all purposes.- SHIRISHA AMUDALA. D-1284

## ମନେ ପଡ଼ନ୍ତି

**ପଞ୍ଚମ ପୁଣ୍ୟତିଥି ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶୁଭଙ୍କର ମଲ୍ଲିକ୍ (ବଣ୍ଟି)**

ବାଣିତିଆ, ଭଦ୍ରକ
ଆବିର୍ଭାବ: ୨୪।୦୩।୨୦୦୪
ତିରୋଧାନ: ୧୦।୦୯।୨୦୧୯

ବଣ୍ଟିରେ...! ଦିନ ଥିଲା ସବୁ ତ ଥିଲାରେ,
ଆଜି ତୁ ନାହୁଁ, ସବୁ ଲାଗେ ଶୂନ୍ୟରେ
ଅବଶୋଷ ଅର୍ଗଳିରେ ଧାଇଁ ଧାଇଁ
ବିତିଗଲା ପାଞ୍ଚ ବର୍ଷରେ।
ଆଜି ତୋର ପଞ୍ଚମ ପୁଣ୍ୟତିଥି ଅବସରରେ
ଶ୍ରଦ୍ଧାଞ୍ଜଳି ଜଣାଉଛୁ ଆଖିରୁ ଝରାଇ ଲୁହରେ।
ତୁ ଯେଉଁଠି ଥା, ଥା ତୁ ଭଲରେ
ଏତିକି ଗୁହାରି ଈଶ୍ୱରଙ୍କ ପାଖରେ ।

ଶୋକସନ୍ତପ୍ତ: ତୋର ହତଭାଗ୍ୟ– ବାବା, ମାମା, ଭଉଣୀ: ଶୀତ୍ତୁ, ବନ୍ଧୁବାନ୍ଧବ ଓ ପରିବାରବର୍ଗ ।

ଧ–୧୨୯୦

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ସୁଲୋଚନା ପଟ୍ଟନାୟକ**

ବୁଢ଼ୀ ବଗିଚା, ସାମନ୍ତରାପୁର, ଖୋର୍ଦ୍ଧା
ତିରୋଧାନ: ୩୧।୦୮।୨୪

ଖୁଡ଼ୀ, ତୁମେ ଆମକୁ ଶୋକ ସାଗରରେ ଭସାଇଦେଇ ସ୍ୱର୍ଗକୁ ଚାଲିଗଲ । ତୁମର ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଆମ ସମସ୍ତଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିଥିବା ତୁମର ଆଶୀର୍ବାଦ ଏକାନ୍ତ କାମ୍ୟ । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ସାକ୍ଷୀଗୋପାଳ ଜୀ ଓ ମା' ବରୁଣେଇଙ୍କ ଚରଣରେ ବିନମ୍ର ପ୍ରାର୍ଥନା ।

ପୁତୁରା: ଟୁନା ଓ ଶୋକସନ୍ତପ୍ତ ପଟ୍ଟନାୟକ ପରିବାରବର୍ଗ, ଖୋର୍ଦ୍ଧା ଟାଉନ ।

ଧ–୧୨୬୩

**ଦଶମ ଶ୍ରାଦ୍ଧବାର୍ଷିକୀ**



**୰ଶ୍ରୀଯୁକ୍ତ ବାଞ୍ଛାନିଧି ପଣ୍ଡା**

ଡାଳଙ୍ଗ, ତୁଡ଼ିଗଡ଼ିଆ, ବାଲେଶ୍ୱର
ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ

ବାପା! ୧୦ବର୍ଷ ହେଲା ଆମକୁ ଛାଡ଼ି ଚାଲିଗଲେଣି । ଆପଣଙ୍କ ବିନା ଆମ ଜୀବନରେ ଆପଣଙ୍କ ଶୂନ୍ୟସ୍ଥାନ ଆଉ କେହି ମଧ୍ୟ ପୂର୍ଣ୍ଣ କରିପାରିବେନି। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଏତିକି ପ୍ରାର୍ଥନା ସେ ଆପଣଙ୍କୁ ତାଙ୍କ ଚରଣରେ ସ୍ଥାନ ଦେଇଥାନ୍ତୁ। ଏତିକି ପ୍ରାର୍ଥନା ସହ ଆପଣଙ୍କର ଆଦରର ଝିଅ-ଜ୍ୱାଇଁ ଓ ନାତି, ନାତୁଣୀମାନେ ।

ଧ–୧୨୮୩


ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
Q199723846@ybl | T&C Apply
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ ।


# ନବୀନଙ୍କ ସମୟରେ ହୋଇଥିବା ପ୍ରକଳ୍ପର ରିବନ କାଟୁଛନ୍ତି ଭାଜପା ସରକାର: ବିଜେଡି

ଭୁବନେଶ୍ୱର,୯।୯(ଅନିଲଦାସ)

ବର୍ତ୍ତମାନର ଭାଜପା ସରକାର କେବଳ ନବୀନ ସରକାରଙ୍କ ଅମଳରେ ହୋଇଥିବା ପ୍ରକଳ୍ପଗୁଡ଼ିକର ରିବନ କାଟି ଉଦ୍‌ଘାଟନ କରୁଛନ୍ତି ଓ ଶ୍ରେୟ ନେବାକୁ ଚେଷ୍ଟା କରୁଛନ୍ତି। ତେଣୁ ଏହି ସରକାରକୁ ରିବନ କଟା ସରକାର କହିଲେ ଭୁଲ୍ ହେବ ନାହିଁ ବୋଲି ବିଜୁ ଜନତା ଦଳର ମୁଖପାତ୍ର ତଥା ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଶଙ୍ଖଭବନଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀମାନଙ୍କୁ ବିଭିନ୍ନ ପ୍ରକଳ୍ପ ଉଦ୍‌ଘାଟନ କରୁଥିବା ଦେଖିବାକୁ ମିଳୁଛି। ଖବରକାଗଜରେ ଏହାକୁ ନେଇ ବଡ଼ବଡ଼ ବିଜ୍ଞାପନ ଦିଆଯାଉଛି। ନିକଟରେ ମୁଖ୍ୟମନ୍ତ୍ରୀ ସେମିକଣ୍ଡକ୍ଟର ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ଉଲ୍ଲେଖଯୋଗ୍ୟ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମୟରେ ଓଡ଼ିଶାକୁ ଏକ ଶିଳ୍ପସମୃଦ୍ଧ ରାଜ୍ୟ ଭାବେ ଗଢ଼ିତୋଳିବା ପାଇଁ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ନବୀନଙ୍କ ଦୂରଦୃଷ୍ଟିସମ୍ପନ୍ନ ନେତୃତ୍ୱ ଯୋଗୁ ଓଡ଼ିଶା ଏକ ଆଇଟି ହବ୍ ରାଜ୍ୟ ଭାବେ ପରିଚୟ ସୃଷ୍ଟି କରି ପାରିଥିଲା। ଏହି କାରଣରୁ ବିଶ୍ୱର ପ୍ରତିଷ୍ଠିତ ଆଇଟି କମ୍ପାନୀମାନେ ଯଥା ଡେଲଏଟ୍, ଆଇବିଏମ୍, କଗ୍‌ନିଜାଣ୍ଟ, କେପ୍‌ଜେମିନି ଇତ୍ୟାଦି ଓଡ଼ିଶାରେ ସେମାନଙ୍କ କାର୍ଯ୍ୟାଳୟ ଖୋଲିଥିଲେ। ସେହିପରି ସେମିକଣ୍ଡକ୍ଟର ଶିଳ୍ପକୁ ଓଡ଼ିଶାରେ ପ୍ରତିଷ୍ଠିତ କରିବା ପାଇଁ ନବୀନ ସରକାର ସ୍ୱତନ୍ତ୍ର ପ୍ରୋତ୍ସାହନ ବ୍ୟବସ୍ଥା କରିଥିଲେ। ଏହାଛଡ଼ା ଦେଶର ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ଲାଗି ଆକୃଷ୍ଟ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେଇଥିଲେ, ଯାହାର ଫଳସ୍ୱରୂପ ଅନେକ ଶିଳ୍ପ ଅନୁଷ୍ଠାନ ଗଢ଼ିଉଠିଥିଲା । ନବୀନଙ୍କ ସମୟରେ ଆରମ୍ଭ ହୋଇଥିବା ବହୁ କାର୍ଯ୍ୟ ପ୍ରାୟ ଶେଷ ପର୍ଯ୍ୟାୟରେ ଥିଲା, ଯେଉଁଗୁଡ଼ିକୁ ଆଜି ରାଜ୍ୟ ଭାଜପା ସରକାର କେବଳ ରିବନ କାଟୁଛି ବୋଲି ଦିବ୍ୟଶଙ୍କର କହିଛନ୍ତି ।

# ଭାଜପା ସରକାର ବିରୋଧରେ ଆସନ୍ତା ୧୩ରେ ପ୍ରତିବାଦ କରିବ ଆପ୍

ଭୁବନେଶ୍ୱର, ୯।୯(ସୁନିତ୍ ମିଶ୍ର)

ନିର୍ବାଚନ ପୂର୍ବରୁ ରାଜ୍ୟବାସୀଙ୍କୁ ଭାଜପା ଅନେକ ପ୍ରତିଶ୍ରୁତି ଦେଇଥିଲା। ସରକାର ଗଠନ ହେବାର ୧୦୦ ଦିନ ପୂରଣ ହେବାକୁ ଯାଉଥିଲାବେଳେ ଏକାଧିକ ପ୍ରତିଶ୍ରୁତି ପାଣିର ଗାର ସଦୃଶ ପ୍ରତୀୟମାନ ହେଉଛି। ନିର୍ବାଚନ ବୈତରଣୀ ପାର ହେବା ପାଇଁ ପ୍ରଚାର ଓ ଭାଷଣ ମାଧ୍ୟମରେ ଭାଜପା ନେତା ଓ କେନ୍ଦ୍ରମନ୍ତ୍ରୀ ଗ୍ୟାରେଣ୍ଟି ଦେଇ କହୁଥିଲେ, ସେମାନେ ସରକାରକୁ ଆସିଲେ ପ୍ରତ୍ୟେକ ଉପଭୋକ୍ତାଙ୍କୁ ୩୦୦ ୟୁନିଟ୍ ମାଗଣା ବିଜୁଳି ଦିଆଯିବ, ଯାହା ସମ୍ପ୍ରତି ଜନତାଙ୍କ ପ୍ରତି ମହା ଛଳନାରେ ପରିଣତ ହୋଇଛି। ଏହିଭଳି ଆହୁରି ଅନେକ ପ୍ରତିଶ୍ରୁତି ଦେଇ ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇଥିବା ଭାଜପା ସରକାର ବିରୋଧରେ ଆସନ୍ତା ୧୩ ତାରିଖରେ ଆମ୍ ଆଦମୀ ପାର୍ଟି(ଆପ୍) ମାଷ୍ଟର କ୍ୟାଣ୍ଟିନ ଛକଠାରେ ଏକ ପ୍ରତିବାଦ ସଭା ଆୟୋଜନ କରିବ ବୋଲି ଦଳର ରାଜ୍ୟ ଆବାହକ ନିଶିକାନ୍ତ ମାହାପାତ୍ର କହିଛନ୍ତି।

ଆମ୍ ଆଦ୍‌ମୀ ପାର୍ଟି ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ନିଶିକାନ୍ତ କହିଛନ୍ତି ଯେ, ଅନୁରୂପ ଭାବେ ଭାଜପା ସରକାର ବାର୍ଦ୍ଧକ୍ୟ ଭତ୍ତା ୩ ହଜାର ୫୦୦ ଟଙ୍କା ଦେବାର ନିର୍ବାଚନୀ ସଂକଳ୍ପ ପତ୍ରରେ ଉଲ୍ଲେଖ କରିଥିଲେ। ବର୍ତ୍ତମାନ ୮୦ ବର୍ଷ ଅତିକ୍ରାନ୍ତ କରିଥିବା ବୃଦ୍ଧ ଲୋକଙ୍କୁ ଉକ୍ତ ଅର୍ଥରାଶି ମିଳିବାର ସର୍ତ୍ତ ରଖିବା ନିଶ୍ଚୟ ଓଡ଼ିଶାର ହଜାର ହଜାର ବୟୋବୃଦ୍ଧଙ୍କ ପ୍ରତି ସେମାନଙ୍କ ଏକ ବିକୃତ ପରିହାସ। ଭାଜପା ତା'ର ନିର୍ବାଚନୀ ସଂକଳ୍ପ ପତ୍ରରେ ସୁଭଦ୍ରା ଯୋଜନା ଦ୍ୱାରା ପ୍ରତ୍ୟେକ ମହିଳା ହିତାଧିକାରୀଙ୍କୁ ୨ ବର୍ଷରେ ୫୦ ହଜାର ଟଙ୍କା ଦେବାର ସ୍ୱପ୍ନ ଦେଖାଇ ମାସକୁ ମାତ୍ର ୮୩୩ ଟଙ୍କା ଦେବାର ଘୋଷଣା କରିବା ନିଶ୍ଚିତ ଭାବେ ଓଡ଼ିଶାର ନିରୀହ ମହିଳାମାନଙ୍କ ବିଶ୍ୱାସରେ ବିଷ ଭରିବା ବିଷୟ ପ୍ରତିପାଦିତ କରିଛି। ଏହି ଯୋଜନାର ଲାଭ ପାଇବା ଆଶାରେ ରାତି ରାତି ମହିଳାମାନେ ବିଭିନ୍ନ ସ୍ଥାନରେ ଲମ୍ବା ଲାଇନ୍‌ରେ ଛିଡ଼ା ହୋଇ ପ୍ରବଳ ହଇରାଣ ହରକତ ହେଉଥିବାର ଦୃଶ୍ୟ ଆହୁରି ଅଧୈର୍ଯ୍ୟ ପରିସ୍ଥିତି ସୃଷ୍ଟି କରୁଛି। ଭାଜପା ସରକାର ଦ୍ୱାରା ସୃଷ୍ଟ ମହିଳାଙ୍କ ପ୍ରତି ଏତାଦୃଶ ଅମାନବୀୟ ଆଚରଣ ସବୁ ମହଲରେ ଗଭୀର ଉଦ୍‌ବେଗ ସୃଷ୍ଟି କରିଛି। ଓଡ଼ିଶାରେ ମଦ ବନ୍ଦ କରିବା ପାଇଁ ପ୍ରତିଶ୍ରୁତି ଦେଇଥିବା ଭାଜପା ସରକାର ଅତି ଚଞ୍ଚକତାପୂର୍ଣ୍ଣ ନୂଆ ଅବକାରୀ ନୀତି ଆଧାରରେ ନଦୀ, ଡ୍ୟାମ୍ ଏବଂ ସମୁଦ୍ର କୂଳରେ ମଦ କୁଡ଼ିଆ ଯୋଜନା ଲାଗୁ କରି ନୂଆ ମଦ କୁଡ଼ିଆମାନ ଖୋଲିବାକୁ ଯାଉଛନ୍ତି। ଏହିଭଳି ରୋଜଗାର, କୃଷି, ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ମହିଳା ଶିଶୁଙ୍କ ପାଇଁ ମାଳ ମାଳ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ୧୦୦ ଦିନ ଭିତରେ ଭାଜପା ସରକାର ଗୋଟେ ହେଲେ କାର୍ଯ୍ୟକାରୀ କରିନାହାନ୍ତି। ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ଭାଜପାର ଏହି ସମସ୍ତ ନିର୍ବାଚନୀ ଜୁମଲାକୁ ଆମ୍ ଆଦ୍‌ମୀ ପାର୍ଟି କଡ଼ା ନିନ୍ଦା କରିବା ସହ ଭାଜପାର ଏହି ଦୋମୁହାଁ ଚରିତ୍ର ପ୍ରତି ସତର୍କ ରହିବାକୁ ରାଜ୍ୟବାସୀଙ୍କୁ ଅନୁରୋଧ କରୁଛି ବୋଲି ନିଶିକାନ୍ତ କହିଛନ୍ତି।

# ସିନରଙ୍କ ଡୋପିଂ ବିବାଦ ମୁଣ୍ଡ ଟେକିଲା

ରୋମ୍, ୯।୯ (ପି.ଟି.)

ପୁରୁଷ ସିଙ୍ଗଲ୍ସରେ ଏକ ନମ୍ବର ତଥା ଇଟାଲୀର ଜାନିକ୍ ସିନରଙ୍କ ଡୋପିଂ ମାମଲା ଉପରେ ପୁଣି ଥରେ ସମସ୍ତଙ୍କ ନଜର ରହିଛି। ବର୍ଷର ଅନ୍ତିମ ଟେନିସ୍ ଗ୍ରାଣ୍ଡସ୍ଲାମ ୟୁଏସ୍ ଓପନରେ ଆମେରିକାର ଟେଲର ଫ୍ରିଜ୍‌ଙ୍କୁ ୬-୩, ୬-୪ ଓ ୭-୫ ସେଟରେ ହରାଇ ଚାମ୍ପିୟନ ହେବା ପରେ ପୁଣି ଥରେ ଡୋପିଂ ବିବାଦ ମୁଣ୍ଡ ଟେକିଛି। ବିଶ୍ୱ ମାନ୍ୟତାର ଏକ ନମ୍ବର ଟେନିସ ଖେଳାଳି ଜାନିକ ସିନର ଷ୍ଟେରଏଡ୍ ପାଇଁ ଦୁଇଥର ଡୋପ୍ ଟେଷ୍ଟରେ ଧରାପଡ଼ିଥିଲେ ହେଁ ଏକ ସ୍ୱାଧୀନ ଟ୍ରିବ୍ୟୁନାଲ ଏହି

## ଅପିଲ୍ ପାଇଁ ୱାଡା ନିକଟରେ ରହିଛି ଗୋଟିଏ ଦିନ

ମାମଲାର ବିଚାର କରି ଅଗଷ୍ଟ ୨୦ରେ ତାଙ୍କୁ ଦୋଷମୁକ୍ତ କରିଥିଲା। ତେବେ ଯଦି ଏହି ନିଷ୍ପତ୍ତିକୁ ୱାଡା କିମ୍ବା ନାଡୋ ଇଟାଲିଆ(ଇଟାଲୀର ଆଣ୍ଟି ଡୋପିଂ ସଂସ୍ଥା) ଚ୍ୟାଲେଞ୍ଜ କରିବାକୁ ଚାହାନ୍ତି ତେବେ ସେମାନଙ୍କ ନିକଟରେ ଆଉ ମାତ୍ର ଗୋଟିଏ ଦିନର ସମୟ ରହିଛି। ନିୟମ ଅନୁସାରେ କୌଣସି ଡୋପିଂ ମାମଲାର ନିଷ୍ପତ୍ତି ବିରୋଧରେ କୋର୍ଟ ଅଫ୍ ଆର୍ବିଟ୍ରେସନ ଫର୍ ସ୍ପୋର୍ଟ(କାସ୍)ର ଦ୍ୱାରସ୍ଥ ହେବାକୁ ହେଲେ ୨୧ ଦିନ ମଧ୍ୟରେ ଆବେଦନ କରିବାକୁ ହୋଇଥାଏ। କାସ୍‌ରେ ଆବେଦନ ହେଲେ ସିନର ନିଜର ୟୁଏସ୍ ଓପନ ଟାଇଟଲ ହରାଇବାର ସମ୍ଭାବନା ମଧ୍ୟ ରହିଛି। ତେବେ ସିନରଙ୍କ ଟିମ୍ ଡୋପିଂ ସମ୍ବନ୍ଧରେ ଉପଯୁକ୍ତ ବିଜ୍ଞାନ ସମ୍ମତ ପ୍ରମାଣ ଦାଖଲ କରି ସାରିଛନ୍ତି।

ମାର୍ଚ୍ଚରେ ଇଣ୍ଡିଆନ ୱେଲ୍ସ ହାର୍ଡକୋର୍ଟ ଇଭେଣ୍ଟ ବେଳେ ସିନରଙ୍କ ଡୋପ୍ ଟେଷ୍ଟ ହୋଇଥିଲା। ତାଙ୍କଠାରୁ ସଂଗ୍ରହ କରାଯାଇଥିବା ସାମ୍ପଲରୁ ନିଷିଦ୍ଧ ଆନାବୋଲିକ ଷ୍ଟେରଏଡ୍‌ର ମାତ୍ରା ଠାବ କରାଯାଇଥିଲା। ୮ଦିନ ପରେ ପ୍ରତିଯୋଗିତା ବାହାରେ ସିନରଙ୍କ ଦ୍ୱିତୀୟ ଥର ଡୋପ୍ ଟେଷ୍ଟ ରିପୋର୍ଟ ପଜିଟିଭ ଆସିବାରୁ ତାଙ୍କୁ ସାମୟିକ ସସ୍‌ପେଣ୍ଡ କରାଯାଇଥିଲା। ସେ ଏହି ଦଣ୍ଡ ବିରୋଧରେ ଅପିଲ କରି ସଫଳ ହୋଇଥିଲେ। ଟୁର୍‌ରେ ଖେଳ ଜାରି ରଖିବା ଲାଗି ତାଙ୍କୁ ଅନୁମତି ମିଳିଥିଲା। ସିନର ଯୁକ୍ତି ଦର୍ଶାଇଥିଲେ ତାଙ୍କ ଶରୀରରେ ଏକ ଛୋଟ କ୍ଷତର ଚିକିତ୍ସା ପାଇଁ ତାଙ୍କର ଜଣେ ସପୋର୍ଟ ଟିମ୍ ଷ୍ଟାଫ୍ କ୍ଲୋଷ୍ଟେବଲ ଉପାଦାନ ଥିବା ଏକ ସ୍ପ୍ରେ ବ୍ୟବହାର କରିଥିଲେ। ଏହାଛଡ଼ା ସେ ସିନରଙ୍କ କ୍ଷତ ସ୍ଥାନରେ ମାଲିସ କରିଥିଲେ। ସିନରଙ୍କ ସଫେଇକୁ ଟ୍ରିବ୍ୟୁନାଲ ଗ୍ରହଣ କରବା ସହିତ ଆଇଟିଏ ପକ୍ଷରୁ ବାସନ୍ଦାଦେଶ ପ୍ରତ୍ୟାହାର କରାଯାଇଥିଲା। ଡେନିସ୍ ଶାପୋଭାଲୋଭ, ନିକ୍ କିର୍ଗିଓସ୍, ଲିଆମ ବ୍ରୋଡି ଓ ଜନ୍ ମିଲମ୍ୟାନଙ୍କ ପରି ଏକାଧିକ ଖେଳାଳି ଏହି ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ଅନ୍ୟ ଡୋପିଂ ମାମଲା ଅପେକ୍ଷା କାସ୍‌ରେ ନିଷ୍ପତ୍ତି ଶୀଘ୍ର ହୋଇଥାଏ। ସାଧାରଣ ଡୋପିଂ ମାମଲାର ଫଳାଫଳ ପାଇଁ ବର୍ଷେରୁ ଅଧିକ ସମୟ ଲାଗୁଥିବା ବେଳେ କାସ୍‌ରେ ଏହା ୪ ମାସ ମଧ୍ୟରେ ଫଇସଲା ଆସିଥାଏ। ୨୦୧୬ରେ ମାରିଆ ସାରାପୋଭା ମେଲ୍‌ଡୋନିୟମ ବ୍ୟବହାର କାରଣରୁ ବାସନ୍ଦ କରାଯାଇଥିଲା। ଆରମ୍ଭରେ ୨ ବର୍ଷ ବାସନ୍ଦ କରାଯାଇଥିଲେ ମଧ୍ୟ ସେ କାସ୍‌ର ଦ୍ୱାରସ୍ଥ ହୋଇଥିଲେ। କାସ୍ ମାତ୍ର ୪ ମାସ ମଧ୍ୟରେ ଶୁଣାଣି କରି ଶାରାପୋଭାଙ୍କ ବାସନ୍ଦ ସମୟସୀମାକୁ ୧୫ ମାସକୁ ହ୍ରାସ କରିଥିଲେ।

## କାଲିନସ୍କାୟାଙ୍କୁ ଚୁମ୍ବନ ଦେଲେ ସିନର



ନ୍ୟୁୟର୍କ, ୯।୯ (ପି.ଟି.): ୟୁଏସ୍ ଓପନ ଟାଇଟଲ ବିଜୟୀ ହେବା ପରେ ଦର୍ଶକ ଷ୍ଟାଣ୍ଡରେ ଉପସ୍ଥିତ ଆନା କାଲିନ୍‌ସ୍କାୟାଙ୍କୁ ଚୁମ୍ବନ ଦେଇଛନ୍ତି ଜାନିକ୍ ସିନର। ଓପନ ଏରାରେ ପ୍ରଥମ ଇଟାଲୀ ଖେଳାଳି ଭାବରେ ସିନର ୟୁଏସ୍ ଓପନ ଚାମ୍ପିୟନ ହେବାର କୃତିତ୍ୱ ହାସଲ କରିଛନ୍ତି। ଟାଇଟଲ ଜିତିବା ପରେ ସିନର ଦର୍ଶକ ଷ୍ଟାଣ୍ଡରେ ପହଞ୍ଚିବା ସହିତ କିସ୍ କରିଥିଲେ। ଏହାର ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଉଲ୍ଲେଖଯୋଗ୍ୟ ଯେ ବିଶ୍ୱ ମାନ୍ୟତାର ୧୫ ନମ୍ବର ସ୍ଥାନରେ ଥିବା ରୁଷିଆର କାଲିନ୍‌ସ୍କାୟା ଚଳିତ ବର୍ଷ ସିନରଙ୍କୁ ଡେଟ୍ କରୁଥିବା ସ୍ପଷ୍ଟ କରିଥିଲେ। ଏହା ପରଠାରୁ ଉଭୟ ପରସ୍ପରର ମ୍ୟାଚ୍ ସମୟରେ ଦର୍ଶକ ଷ୍ଟାଣ୍ଡରେ ବସିଥାନ୍ତି। ଏହି ଘଟଣା ପରେ ଆନା କାଲିନ୍‌ସ୍କାୟାଙ୍କ ପୂର୍ବତନ ବୟଫ୍ରେଣ୍ଡ ନିକ୍ କିର୍ଗିଓସଙ୍କୁ ସମସ୍ତେ ସମାଲୋଚନା କରୁଛନ୍ତି। ୪ ବର୍ଷ ତଳେ ନିକ୍ ଓ ଆନା ପରସ୍ପରକୁ ଡେଟ୍ କରୁଥିବା ବେଳେ ୨୦୨୦ରେ ଅଲଗା ହୋଇଥିଲେ।

# ‘ଭାରତୀୟଙ୍କୁ ପ୍ରେରଣା ଦେଇଛି ପାରାଲିମ୍ପିକ୍ସ’



ମୁମ୍ବାଇ, ୯।୯ (ପି.ଟି.): ପ୍ୟାରିସ୍ ୨୦୨୪ ପାରାଲିମ୍ପିକ୍ସ ଭାରତ ପାଇଁ ସଫଳତମ ରହିଛି। ୭ ସ୍ୱର୍ଣ୍ଣ ସହ ୨୯ ପଦକ ଜିତି ଭାରତ ଏହାର ପାରାଲିମ୍ପିକ୍ସ ଇତିହାସରେ ସର୍ବାଧିକ ୨୯ ପଦକ ଜିତିଥିଲା। ଏହା ଲକ୍ଷ ଲକ୍ଷ ଭାରତୀୟଙ୍କୁ ପ୍ରେରଣା ଯୋଗାଇବ ବୋଲି ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ତଥା ଅଧକ୍ଷା ନୀତା ଅମ୍ବାନୀ କହିଛନ୍ତି। ଭାରତ ପଦକ ତାଲିକା ଓ ର୍‍ୟାଙ୍କିଙ୍ଗରେ ଉନ୍ନତି ଆଣିଛି। ଚଳିତ ପାରାଲିମ୍ପିକ୍ସରେ ଭାରତୀୟ ଆଥଲେଟମାନେ କେବଳ ରେକର୍ଡ ଭାଙ୍ଗି ନାହାନ୍ତି ବରଂ ସାଧାରଣ ଲୋକଙ୍କ ପାଇଁ ରହିଥିବା ପ୍ରତିବନ୍ଧକ ଦୂର କରିବାରେ ସକ୍ଷମ ହୋଇଛନ୍ତି ବୋଲି ସେ କହିଛନ୍ତି। ପାରା ଆଥଲେଟ୍‌ମାନଙ୍କ ଦୃଢ଼ତା, ପ୍ରତିଭା ଏବଂ ସଫଳତା ଯୋଗୁଁ ଭାରତ ମୁଣ୍ଡ ଉପରକୁ କରି ଛିଡା ହୋଇଛି ବୋଲି ସେ କହିଥିଲେ। ଆଥଲେଟମାନେ ସାରା ଦେଶକୁ ଏକତ୍ର କରିଛନ୍ତି ଏବଂ ଲକ୍ଷ ଲକ୍ଷ ଲୋକଙ୍କୁ କିଛି ବଡ ସ୍ୱପ୍ନ ଦେଖିବାକୁ ପ୍ରେରିତ କରିଛନ୍ତି। ମୁଁ ଆପଣଙ୍କ ଯାତ୍ରାକୁ ସଲାମ କରୁଛି ଏବଂ ଆଗାମୀ ବର୍ଷଗୁଡ଼ିକରେ ଆପଣମାନେ ସଫଳତାର ଆହୁରି ଉଚ୍ଚତର ସ୍ଥାନରେ ପହଞ୍ଚିବାର କାମନା କରୁଛି ବୋଲି ସେ କହିଥିଲେ।

# ବିଜୟ ସହ ଓଡ଼ିଶା ବାଳିକା ଦଳର ଅଭିଯାନ



ରିତୁ ବଡେକ



ଲକ୍ଷ୍ମୀ ରାଣୀ କରାଇ

## ଜାତୀୟ ସବ୍‌ଜୁନିୟର ଫୁଟବଲ

ଭୁବନେଶ୍ୱର, ୯।୯ (ତପନ ସ୍ୱାଇଁ)

ମଧ୍ୟପ୍ରଦେଶର ନିମୁଚ୍‌ଠାରେ ସୋମବାର ଆରମ୍ଭ ହୋଇଥିବା ଜାତୀୟ ସବ୍-ଜୁନିୟର ବାଳିକା ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଦଳ ବିଜୟ ସହ ଅଭିଯାନ ଆରମ୍ଭ କରିଛି। ନିଜର ପ୍ରଥମ ମ୍ୟାଚରେ ଓଡ଼ିଶା ୪-୧ ଗୋଲରେ ତେଲଙ୍ଗାନାକୁ ପରାସ୍ତ କରିଛି। ଓଡ଼ିଶା ପକ୍ଷରୁ ଲକ୍ଷ୍ମୀ ରାଣୀ କରାଇ ୧୧ଶ ମିନିଟରେ ଗୋଟିଏ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ୩୨ତମ ମିନିଟରେ ଅଧିନାୟିକା ରିତୁ ବଡେକ ଆଉ ଏକ ଗୋଲ ସ୍କୋର କରି ପ୍ରଥମାର୍ଦ୍ଧ ଶେଷ ବେଳକୁ ଦଳର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପହଞ୍ଚାଇଥିଲେ। ଦ୍ୱିତୀୟାର୍ଦ୍ଧରେ ଅର୍ଥାତ୍ ମ୍ୟାଚର ୫୫ ଓ ୮୬ତମ ମିନିଟରେ ରିତୁ ଆଉ ୨ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ୭୬ତମ ମିନିଟରେ ତେଲଙ୍ଗାନା ପକ୍ଷରୁ ଅନନ୍ୟା ଭଟ୍ଟାଚାର୍ଯ୍ୟ ଗୋଟିଏ ଗୋଲ ପରିଶୋଧ କରିଥିଲେ।

**ବାଳକ ଦଳର ଶୋଚନୀୟ ପରାଜୟ**

ସେହିପରି ବେଙ୍ଗାଲୁରୁଠାରେ ଆରମ୍ଭ ହୋଇଥିବା ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ ଚାମ୍ପିୟନଶିପ୍‌ରେ ଓଡ଼ିଶା ଏହାର ପ୍ରଥମ ମ୍ୟାଚରେ ଶୋଚନୀୟ ପରାଜୟ ବରଣ କରିଛି। ଓଡ଼ିଶା ଦଳ ୧-୯ ଗୋଲରେ ମିଜୋରାମଠାରୁ ହାରି ଯାଇଛି। ମିଜୋରାମ ପକ୍ଷରୁ ବଦଳ ଖେଳାଳି ଜାସନ ଲାଲମ୍ପୁଇଆ ୪୭, ୫୧, ୬୧ ଓ ୮୦ତମ ମିନିଟରେ ସର୍ବାଧିକ ୪ଟି ଗୋଲ ଦେଇଥିବାବେଳେ ନିକୋଲାସ ରେମରୁଆତଫେଲା ୧୭, ୨୦ ଓ ୪୫+୪ ମିନିଟରେ ୩ଟି ଗୋଲ ସ୍କୋର କରିଛନ୍ତି। ଜୋସାଙ୍ଗଜୁଆଲା କାୱଲନି ୨୧ ଓ ଲାଲମିନଗ୍ଲୁପୁଇଆ ୮୨ତମ ମିନିଟରେ ଅନ୍ୟ ୨ଟି ଗୋଲ ଦେଇଥିଲେ। ଓଡ଼ିଶା ପକ୍ଷରୁ ଆୟୁଷ ଗୋପେ ୪୦ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରିବାକୁ ସକ୍ଷମ ହୋଇଥିଲେ।

# ସିରିଆ ଜିତିଲା ଇଣ୍ଟରକଣ୍ଟିନେଣ୍ଟାଲ କପ୍

ହାଇଦ୍ରାବାଦ, ୯।୯ (ପି.ଟି.)

ହାଇଦ୍ରାବାଦର ଗଚିବାଓଲି ଷ୍ଟାଡିୟମରେ ଅନୁଷ୍ଠିତ ଇଣ୍ଟରକଣ୍ଟିନେଣ୍ଟାଲ କପ୍ ଫୁଟବଲର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଭାରତକୁ ହରାଇ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି ସିରିଆ। ସୋମବାର ଖେଳା ଯାଇଥିବା ମ୍ୟାଚ୍‌ରେ ଭ୍ରମଣକାରୀ ସିରିଆ ଘରୋଇ ଭାରତକୁ ୩-୦ରେ ପରାସ୍ତ କରିଛି। ଦୁଇଟି ମ୍ୟାଚ୍ ଶେଷରେ ୬ ପଏଣ୍ଟ ପାଇ ସିରିଆ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛି। ଭାରତ ଏହାର ୨ ମ୍ୟାଚ୍‌ରୁ ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ଅନ୍ତିମ ସ୍ଥାନରେ ରହିଛି। ଅନ୍ୟତମ ଅଂଶଗ୍ରହଣ କାରୀ ଦଳ ମରିସସ ଗୋଲ ବ୍ୟବଧାନରେ ଆଗୁଆ ରହି ଦ୍ୱିତୀୟ ସ୍ଥାନରେ ରହିଛି। ସିରିଆ ପକ୍ଷରୁ ମହମଦ ଅଲ ଅସୱଦ୍(୭), ଦାଲେହୋ ଇରାନଦସ୍ତ(୭୬) ଓ ପାବଲୋ ସାବାଗ(୯୦+୬) ମିନିଟରେ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମାନୋଲୋ ମାର୍କେଜ କୋଚ୍ ଭାବରେ ପ୍ରଥମ ଟୁର୍ନାମେଣ୍ଟରେ ଭାଗ ନେଇଥିବା ବେଳେ ଭାରତକୁ ପରାଜୟର ସାମ୍ନା କରିବାକୁ ପଡ଼ିଛି। ଭାରତର ଖେଳାଳି ମାନେ ୧୮ ଶଟ୍ ମାରିଥିବା ବେଳେ ୫ଟି ଟାର୍ଗେଟରେ ରହିଥିଲା। ତେବେ ଦୁର୍ଭାଗ୍ୟଜନକ ଭାବରେ ଗୋଟିଏ ବି ଗୋଲ ହୋଇ ନ ଥିଲା।

# ସୁଭାଷ ସଭାପତି, ପ୍ରସନ୍ନ ସାଧାରଣ ସମ୍ପାଦକ




ବୈଠକରେ ଉପସ୍ଥିତ କର୍ମକର୍ତ୍ତାମାନେ।

## ଇଷ୍ଟର୍ନ ଇଣ୍ଡିଆ ବଡିବିଲ୍‌ଡର୍ସ ଆସୋସିଏଶନ ନିର୍ବାଚନ

ଭୁବନେଶ୍ୱର, ୯।୯ (ବିଜୟ ରଣା)

ଇଷ୍ଟର୍ନ ଇଣ୍ଡିଆ ବଡିବିଲ୍‌ଡର୍ସ ଆସୋସିଏଶନର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା, ଆସାମ, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ମଣିପୁର, ମେଘାଳୟ, ମିଜୋରାମ ଆଦି ରାଜ୍ୟର ପ୍ରତିନିଧି ଯୋଗ ଦେଇଥିଲେ। ଏଥିରେ ସମସ୍ତ ପ୍ରାର୍ଥୀ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ମେଘାଳୟର ସୁଭାଷଚନ୍ଦ୍ର ପଲ୍ ଏବଂ ଓଡ଼ିଶାର ପ୍ରସନ୍ନ କୁମାର ମହାସୁଆର ଯଥାକ୍ରମେ ସଭାପତି ଓ ସାଧାରଣ ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି। ବିକାଶ ଚନ୍ଦ୍ର ପଟ୍ଟନାୟକ ଓ ବାବୁଲି ସ୍ୱାଇଁ କାର୍ଯ୍ୟକାରୀ ସଭାପତି, ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ କୋଷାଧ୍ୟକ୍ଷ, ସୁମିତ୍ର ତ୍ରିପାଠୀ ଉପଦେଷ୍ଟା ଏବଂ ତରୁଣ କୁମାର ଚାଟାର୍ଜୀ କାର୍ଯ୍ୟକାରୀ କମିଟି ସଦସ୍ୟ ରୂପେ ନିର୍ବାଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ବୋରା (ଆସାମ) ଓ ଶୋଭନ ମୁଖାର୍ଜୀ (ପଶ୍ଚିମବଙ୍ଗ) ଉପସଭାପତି, ଜୟପ୍ରକାଶ ମହାନ୍ତି (ଝାଡ଼ଖଣ୍ଡ) ସହସମ୍ପାଦକ, ଲାଲବାହାଦୂର ପାଶୱାନ (ଆସାମ) ଏବଂ ବିଜୟ କୁମାର(ବିହାର) ସଂଗଠନ ସମ୍ପାଦକ ଭାବେ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି।

# ପାକିସ୍ତାନ ଆଥ୍‌ଲେଟଙ୍କୁ ମିଳିଲା ଭିଜା

ଲାହୋର, ୯।୯ (ପି.ଟି.): ଚେନ୍ନାଇଠାରେ ହେବାକୁଥିବା ସାଉଥ ଏସିଆନ ଆଥଲେଟିକ୍ସ ଫେଡେରେଶନ ଜୁନିୟର ଚାମ୍ପିୟନଶିପ୍ ଅଂଶଗ୍ରହଣ କରିବା ଲାଗି ଭାରତୀୟ ହାଇକମିଶନର ପାକିସ୍ତାନର ୧୨ ଜଣିଆ ଦଳକୁ ଭିଜା ପ୍ରଦାନ କରିଛି। ସେମାନେ ସୋମବାର ଚେନ୍ନାଇ ଉଦ୍ଦେଶ୍ୟରେ ପ୍ରସ୍ଥାନ କରିଛନ୍ତି।

# ଇଂଲଣ୍ଡ ମାଟିରେ ଶ୍ରୀଲଙ୍କାର ଚତୁର୍ଥ ଟେଷ୍ଟ ବିଜୟ

ଲଣ୍ଡନ, ୯।୯ (ପି.ଟି.): ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଅନୁଷ୍ଠିତ ୩ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ଅନ୍ତିମ ମ୍ୟାଚ୍‌ରେ ଶ୍ରୀଲଙ୍କା ବିଜୟୀ ହୋଇଛି। ପ୍ରଥମ ୨ ମ୍ୟାଚ୍ ବିଜୟୀ ହୋଇ ସାରିଥିବା ଇଂଲଣ୍ଡ ଏହି ସିରିଜ୍‌କୁ ୨-୧ରେ ଜିତି ନେଇଛି। ୨୧୯ ରନ୍ ଲକ୍ଷ୍ୟର ପିଛା କରୁଥିବା ଶ୍ରୀଲଙ୍କା ୨ ଉଇକେଟ ହରାଇ ଜିତିଥିଲା। ପାଥୁମ ନିଶଙ୍କ ୧୨୭ ରନ୍‌ରେ ଅପରାଜିତ ରହି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହାସହିତ ଇଂଲଣ୍ଡ ମାଟିରେ ଶ୍ରୀଲଙ୍କା ଏହାର ଚତୁର୍ଥ ଟେଷ୍ଟ ବିଜୟ ହାସଲ କରିଛି। ୨୧୯ ରନ୍ ଲକ୍ଷ୍ୟର ପିଛା କରୁଥିବା ଶ୍ରୀଲଙ୍କା ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ୧ ଉଇକେଟରେ ୯୪ ରନ୍ କରିଥିଲା। ଚତୁର୍ଥ ଦିନରେ ଶ୍ରୀଲଙ୍କାକୁ ବିଜୟ ପାଇଁ ୧୨୫ ରନ୍ ଆବଶ୍ୟକ ଥିଲା। ପାଥୁମ ନିଶଙ୍କ ଅପରାଜିତ ୧୨୭ ରନ୍ କରି ଦଳକୁ ବିଜୟୀ କରିଥିଲେ। ନିଶଙ୍କ ୧୨୪ ବଲ୍ ଖେଳି ୧୩ ଚୌକା ଓ ୨ ଛକା ସହ ୧୨୭ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଓକ୍ସ ଓ ଗସ୍ ଆଟକିନସନ୍ ଗୋଟିଏ ଲେଖାଏ ପାଥୁମ ନିଶଙ୍କଙ୍କୁ ପ୍ଲେୟର ଅଫ୍ ଦ ମ୍ୟାଚ୍ ଘୋଷଣା କରାଯାଇଥିଲା। ଶ୍ରୀଲଙ୍କା ପକ୍ଷରୁ କାମିନ୍ଦୁ ମେଣ୍ଡିସ ଓ ଇଂଲଣ୍ଡ ପକ୍ଷରୁ ଜୋ ରୁଟ୍‌ଙ୍କୁ ପ୍ଲେୟର ଅଫ୍ ଦ ସିରିଜ୍ ଘୋଷଣା କରାଯାଇଥିଲା।

# ବଚୀ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାର ସଫଳତା



ପଦକ ହାସଲକାରୀ ଓଡ଼ିଶା ପ୍ରତିଯୋଗୀମାନେ।

## ସ୍ପେଶାଲ ଅଲିମ୍ପିକ୍ସ ଭାରତ

ଭୁବନେଶ୍ୱର, ୯।୯ (ତପନ ସ୍ୱାଇଁ)

ଗ୍ୱାଲିୟରର ଅଟଳ ବିହାରୀ ବାଜପେୟୀ ଭିନ୍ନକ୍ଷମ କ୍ରୀଡ଼ାକେନ୍ଦ୍ରରେ ନିକଟରେ ଅନୁଷ୍ଠିତ ସ୍ପେଶାଲ୍ ଅଲିମ୍ପିକ୍ସ ଭାରତର ବଚୀ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ଦଳ ସଫଳତା ଲାଭ କରିଛି। ସାଗରିକା ଏବଂ ଝରଣା ଦାସଙ୍କ ଚମତ୍କାର ପ୍ରଦର୍ଶନ ବଳରେ ଓଡ଼ିଶା ମହିଳା ଦଳ ବ୍ରୋଞ୍ଜ ପଦକ ଜିତିଥିବା ବେଳେ ତାଙ୍କ ସହିତ ମିଶି ଶକ୍ତି ଓ ସୁନୀଲ ମିକ୍ସଡ ଦଳ ପାଇଁ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି। ଓପନ୍ ଲର୍ନିଂ ସିଷ୍ଟମର ସ୍ୱତନ୍ତ୍ର ଶିକ୍ଷୟିତ୍ରୀ ଗୀତା ପଣ୍ଡାଙ୍କ ପ୍ରଶିକ୍ଷଣ ଓ ତତ୍ତ୍ୱାବଧାନରେ ଉଭୟ ଦଳ ଏହି କୃତିତ୍ୱ ଅର୍ଜନ କରିଛନ୍ତି। ଅନ୍ୟତମ କୋଚ୍ ଭାବେ ସୋନପୁରର ସ୍ୱତନ୍ତ୍ର ବିଦ୍ୟାଳୟରେ କାର୍ଯ୍ୟରତ ସୁରେନ୍ଦ୍ର ସାହୁ ଓଡ଼ିଶା ଦଳରେ ଭାଗ ନେଇଥିଲେ। ‘‘କୋଚ୍ ଗୀତା ପଣ୍ଡାଙ୍କ ନିଷ୍ଠା ଓ ଅହରହ ପ୍ରଚେଷ୍ଟା ଯୋଗୁ ବଚୀ ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ଦଳ ପଦକ ହାସଲ କରିପାରିଛି। ପ୍ରକୃତରେ ତାଙ୍କରି ଯୋଗୁ ଓଡ଼ିଶା ମହିଳା ବୋଲିଂ ଦଳ ମଧ୍ୟ ଦିଲ୍ଲୀରେ ଅନୁଷ୍ଠିତ ଜାତୀୟ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ଜିତି ପାରିଥିଲା’’ ବୋଲି ସ୍ପେଶାଲ ଅଲିମ୍ପିକ୍ସ ଭାରତ-ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ ରଥ ପ୍ରକାଶ କରିଛନ୍ତି। ଓଡ଼ିଶା ଦଳର ଏହି ସଫଳତା ଲାଗି ସମସ୍ତ ସଦସ୍ୟଙ୍କୁ ପ୍ରକାଶଙ୍କ ସହିତ ଅର୍ପିତା ମହାପାତ୍ର ଓ ବୋର୍ଡର ସମସ୍ତ ସଦସ୍ୟ ଅଭିନନ୍ଦନ ଜଣାଇଛନ୍ତି।

# କିଟ୍‌ରେ ସିବିଏସ୍‌ଇ ଆଥଲେଟିକ୍ସ ମିଟ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୯।୯ (ତପନ ସ୍ୱାଇଁ)

କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ଆନୁକୂଲ୍ୟରେ ସିବିଏସ୍‌ଇ ଆଥଲେଟିକ୍ସ ମିଟ୍ କ୍ଲଷ୍ଟର-୨ ସୋମବାର ଉଦ୍‌ଘାଟିତ ହୋଇଛି। ଏହି ଆଥଲେଟିକ୍ ମିଟ୍‌ରେ ୨୬୦ରୁ ଊର୍ଦ୍ଧ୍ୱ ସିବିଏସ୍‌ଇ ସ୍କୁଲ୍‌ରୁ ୨୦୦୦ରୁ ଅଧିକ ଆଥଲେଟ୍ ଅଂଶଗ୍ରହଣ କରିଛନ୍ତି। କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ (ଭୁବନେଶ୍ୱର ଅଞ୍ଚଳ)ର ଡେପୁଟି କମିଶନର ଶିହରଣ ବୋଷ ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ପୂର୍ବତନ ଅନ୍ତର୍ଜାତୀୟ ଆଥଲେଟିକ୍ସ କୋଚ୍ ସଞ୍ଜୟ ଗଡ଼ନାୟକ, କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ଚେୟାରପର୍ସନ ମୋନାଲିସା ବଳ, କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ଓ କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲର ନିର୍ଦ୍ଦେଶକ ତଥା ପ୍ରିନ୍ସିପାଲ ସଞ୍ଜୟ ସୁଆର ପ୍ରମୁଖ ଉପସ୍ଥିତ ଥିଲେ।



ଉଦ୍‌ଘାଟନୀରେ ଆଥଲେଟ୍‌ମାନେ ଶପଥପାଠ କରୁଛନ୍ତି।

# ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନରେ ଓଡ଼ିଶାର ସଫଳତା

ଭୁବନେଶ୍ୱର, ୯।୯ (ତପନ ସ୍ୱାଇଁ)

ବିହାରର ଗୟାଠାରେ ଅନୁଷ୍ଠିତ ୟୋନେକ୍ସ ସନ୍‌ରାଇଜ୍ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ରେ ଓଡ଼ିଶା ଖେଳାଳିମାନେ ପ୍ରଭାବୀ ପ୍ରଦର୍ଶନ କରି ରାଜ୍ୟକୁ ଗର୍ବିତ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ଫାଇନାଲରେ ଓଡ଼ିଶାର କେ. ଜଗଦୀଶ ନିଜ ରାଜ୍ୟର ତହସିବ୍ ଖାନ୍‌କୁ ୨୧-୧୫, ୨୧-୧୫ ସିଧାସଳଖ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ଫଳରେ ଏହି ବର୍ଗରେ ଓଡ଼ିଶା ଉଭୟ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ଲାଭ କରିଛି। ସେହିପରି ମହିଳା ଡବଲ୍ସ ଫାଇନାଲରେ ପ୍ରଗତି ପରିଡ଼ା ଓ ବିଶାଖା ଟପ୍ପୋ ଯୋଡ଼ି ପଶ୍ଚିମବଙ୍ଗର ସୁତାନି ସରକାର ଓ ସାୟାନି ସରକାରଙ୍କୁ ୨୧-୧୩, ୨୧-୧୭ରେ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁରୁଷ ଡବଲ୍ସରେ ଆୟୁଷ ପଟ୍ଟନାୟକ ଓ ଅବିନାଶ ମହାନ୍ତି ଫାଇନାଲରେ ଏ. ଅଗ୍ରୱାଲ ଓ ଟି. ଗଙ୍ଗେଜା ଯୋଡ଼ିକୁ ୨୧-୧୫, ୨୧-୧୨ ପଏଣ୍ଟରେ ହରାଇ ଟାଇଟଲ ହାସଲ କରିଛନ୍ତି। ଜୁନିୟର ସିଙ୍ଗଲ୍ସ ବିଭାଗରେ ଶ୍ରୀୟାଂଶ ପରିଡା ଓ ମୟଙ୍କ ଭରଦ୍ୱାଜ ତୃତୀୟ ସ୍ଥାନ ହାସଲ କରି ବ୍ରୋଞ୍ଜ ପଦକ ପାଇଛନ୍ତି। ମିକ୍ସଡ ଡବଲ୍ସରେ ଆୟୁଷ ଦାଶ ଓ ପୂର୍ବୀପ୍ରତ୍ୟାଶା ପଣ୍ଡା ମଧ୍ୟ ବ୍ରୋଞ୍ଜ ପଦକ ପାଇ ଗୌରବ ଆଣିଛନ୍ତି।



ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନରେ କୃତୀତ୍ୱ ଅର୍ଜନ କରିଥିବା ଓଡ଼ିଶା ଦଳ।

ଦଳଗତ ବିଭାଗର ସିଙ୍ଗଲ୍ସରେ ଓଡ଼ିଶାର କେ.ଜଗଦୀଶ, ଆର୍ଯ୍ୟା ମାଝି, ତହସିବ୍ ଖାନ ଏବଂ ଡବଲ୍ସ ବିଭାଗରେ ଅଭିନାଶ ମହାନ୍ତି ଓ ଆୟୁଷ ପଟ୍ଟନାୟକ, ପାରସ ମାଥୁର ଓ ଅନିର୍ବାଣ ମଣ୍ଡଳଙ୍କ ଯୋଡି ବ୍ରୋଞ୍ଜ ପଦକ ପାଇବାରେ ସକ୍ଷମ ହୋଇଛନ୍ତି। ସେହିପରି ଜୁନିୟର ବାଳିକା ବିଭାଗରେ ଆଦ୍ୟା ପାଢ଼ୀ ଏବଂ ଶ୍ରୁତିପ୍ରିୟା ପ୍ରଧାନ ବ୍ରୋଞ୍ଜ ପଦକ ପାଇଥିବା ବେଳେ ଜୁନିୟର ବାଳକରେ ମୟଙ୍କ ଭରଦ୍ୱାଜ, ଶ୍ରୀୟାଂଶ ପରିଡା ଏବଂ ଶୁଭ୍ରକେତନ ମଲ୍ଲିକ ଓ ଶ୍ରୀୟାଂଶ ଜେନାଙ୍କ ଯୋଡି ରୌପ୍ୟ ପଦକ ପାଇ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

## ୩ ସ୍ୱର୍ଣ୍ଣ, ୨ ରୌପ୍ୟ, ୬ ବ୍ରୋଞ୍ଜ ସହ ୧୧ ପଦକ

ପ୍ରତିଯୋଗିତା ପୂର୍ବରୁ ଭୁବନେଶ୍ୱରଠାରେ ଆୟୋଜିତ ଶିବିରରେ ଓଡ଼ିଶା ଦଳକୁ ଜାତୀୟ ସ୍ତରୀୟ କୋଚ ଭି. ମୁରଲି କ୍ରୀଷ୍ଣା, ଜି.ଗୋବର୍ଦ୍ଧନ ରେଡ୍ଡୀ ଏବଂ ଓଡ଼ିଶା କୋଚ ସୋମେନ ଶେଖର ଦାଶ, ସୁରେନ୍ଦ୍ର ନେପାଳଙ୍କ ତତ୍ତ୍ୱାବଧାନରେ ତାଲିମ ପ୍ରଦାନ କରାଯାଇଥିଲା। ରାଜ୍ୟ ଦଳର କୋଚ ଭାବେ ସୁରେନ୍ଦ୍ର ନେପାଳ, ସୋମେନ ଶେଖର ଦାଶ ଓ ଫିଜିଓ କେ.ଆରୁଣ ଦଳସହ ଥିଲେ। ରାଜ୍ୟ ସଂଘ ସଭାପତି ରାଜେଶ ପ୍ରଭାକର ପାଟିଲ, ସମ୍ପାଦକ ନିଲିନ କୁମାର, ଚୟନ କମିଟି ଅଧ୍ୟକ୍ଷ ପ୍ରଦୀପ ପଟ୍ଟନାୟକ, କାର୍ଯ୍ୟକାରୀ କମିଟି ସଦସ୍ୟ କମଳ ଦାଶ, ସୁରୁଲାଲ ମଟାରି, ମନୋରଞ୍ଜନ ପଣ୍ଡା, ବିବେକ କର, ସୁବ୍ରତ କାନୁନ୍‌ଗୋ, ଜୟପ୍ରକାଶ ସିଂ ପ୍ରମୁଖ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ବିଶ୍ୱ ବଧିର ଶୁଟିଂ ଚାମ୍ପିୟନଶିପ୍

# ୭ ସ୍ୱର୍ଣ୍ଣ ସହ ଭାରତକୁ ୨୧ ପଦକ

ନୂଆଦିଲ୍ଲୀ, ୯।୯: ଜର୍ମାନୀର ହାନୋଭରରେ ଅନୁଷ୍ଠିତ ବିଶ୍ୱ ବଧିର ଶୁଟିଂ ଚାମ୍ପିୟନଶିପ୍‌ରେ ଭାରତ ୭ ସ୍ୱର୍ଣ୍ଣ ସହ ମୋଟ ୨୧ ଜିତି ପଦକ ତାଲିକାର ଶୀର୍ଷ ସ୍ଥାନରେ ରହିଛି। ନ୍ୟାଶନାଲ ରାଇଫଲ ଆସୋସିଏଶନ ଅଫ୍ ଇଣ୍ଡିଆ (ଏନ୍‌ଆର୍‌ଏଆଇ) ତରଫରୁ ଏ ବିଷୟରେ ସୂଚନା ଦିଆଯାଇଛି। ଭାରତ ଆହୁରି ମଧ୍ୟ ସମାନ ସଂଖ୍ୟକ ରୌପ୍ୟ ଓ ବ୍ରୋଞ୍ଜ ଜିତିପାରିଛି। ୟୁକ୍ରେନ୍ ୭ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୬ ବ୍ରୋଞ୍ଜ ସହ ଦ୍ୱିତୀୟ ଏବଂ ଆୟୋଜକ ଜର୍ମାନୀ ୨ ସ୍ୱର୍ଣ୍ଣ, ୧ ରୋପ୍ୟ, ୧ ବ୍ରୋଞ୍ଜ ସହ ତୃତୀୟ ହୋଇଛି। ପ୍ରତିଯୋଗିତାର ଅନ୍ତିମ ଦିବସରେ ମାହିତ ସାନ୍ଧୁ ମହିଳା ୫୦ମିଟର ରାଇଫଲ-୩ ପୋଜିଶନ (୩ପି)ରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅଭିନବ ଦେଶୱାଲ ପୁରୁଷ ୨୫ ମିଟର ଷ୍ଟାଣ୍ଡାର୍ଡ ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ଜିତିଥିବା ବେଳେ ସମାନ ଇଭେଣ୍ଟରେ ଚେତନ ହନମନ୍ତ ସାପକାଲ ବ୍ରୋଞ୍ଜ ପାଇଥିଲେ। ଚାମ୍ପିୟନଶିପ୍‌ରେ ୧୬ଟି ଦେଶରୁ ୭୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।

# ଭେଟଘାଟ କାର୍ଯ୍ୟକ୍ରମ ନିଆରା ପରମ୍ପରା

ଦେଓଗାଁ,୯।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



କରୁଆଁଝର ଗାଁରେ ନୂଆଁଖାଇ ଭେଟ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକରେ ଆନନ୍ଦ ,ଉଲ୍ଲାସ ଓ ଶାନ୍ତିଶୃଙ୍ଖଳାର ସହ ପଶ୍ଚିମଓଡ଼ିଶାର ଗଣପର୍ବ ନୂଆଁଖାଇ ପାଳିତ ହୋଇଯାଇଛି। ଏଥିସହ ବିଭିନ୍ନ ପୁରପଲ୍ଲୀରେ ନୂଆଁଖାଇ ଭେଟଘାଟ ଉତ୍ସବ ଆରମ୍ଭ ହୋଇଛି। ବଡବନ୍ଧ ପଞ୍ଚାୟତ ଅନ୍ତର୍ଗତ କରୁଆଁଝର ତଳିପଡାରେ ପ୍ରଦୀପ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ କଂଗ୍ରେସ ନେତା କାନ୍ତେଶ୍ୱର ପଧାନ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବଡବନ୍ଧ ସରପଞ୍ଚ ଜଗବନ୍ଧୁ ମେହେର, ଅବସରପ୍ରାପ୍ତ ସେନା କର୍ମଚାରୀ ହରିହର ବାଗ, ଦିଲିପ ସାହୁ, ୱାର୍ଡସଭ୍ୟ ଚିତ୍ରସେନ ପଧାନ ଯୋଗଦେଇ ନୂଆଁଖାଇ ପର୍ବର ମହତ୍ୱ ଉପରେ ଆଲୋକପାତ କରିଥିଲେ। ଏହି ପର୍ବ ସମଗ୍ର ମାନବ ସମାଜରେ ଏକତା ଓ ଭାଇଚାରାର ବାର୍ତ୍ତା ଦେବା ସହ ଭେଟଘାଟ କାର୍ଯ୍ୟକ୍ରମ ଏହାର ଏକ ନିଆରା ପରମ୍ପରା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗାଁର ବାଳିକାବାଳକମାନଙ୍କୁ ନେଇ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ମନଛୁଆଁ ହୋଇଥିଲା। କାର୍ଯ୍ୟକ୍ରମକୁ ମଦନ ମୋହନ ପଧାନ, ଯଦୁପତି ସାହୁ, ରିତେଶ କୁମାର ସାହୁ ପରିଚାଳନା କରିଥିଲେ। ସ୍ଥାନୀୟ ଜଗନ୍ନାଥ କମିଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ସେହିପରି ଦେଓଗାଁ ଗ୍ରାଜୁଏଟପଡାରେ ଯୁବଗୋଷ୍ଠୀଙ୍କ ଉଦ୍ୟମ କ୍ରମେ ନୂଆଁଖାଇ ଭେଟ ତଥା ସାମୂହିକ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ସାଲେପାଲିରେ ମେହେର ପରିବାରର ନୂଆଁଖାଇ ପାଳନ

ଦେଓଗାଁ,୯।୯(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)



ସାଲେପାଲିସ୍ଥିତ ଭାଗବତ ମନ୍ଦିର ପ୍ରାଙ୍ଗଣରେ ମେହେର ପରିବାରର ନୂଆଁଖାଇ ଭେଟ ।

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ସାଲେପାଲି ଗ୍ରାମରେ ଆଜକୁ ଦୀର୍ଘ ବର୍ଷ ହେଲା ମେହେର ପରିବାର ଏକାଠି ନୂଆଁଖାଇ ପର୍ବ ପାଳନ କରି ସମାଜ ପାଇଁ ଭାଇଚାରାର ନିଦର୍ଶନ ସାଜିଛନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ଗଣେଶ ପୂଜା ଠାରୁ ନୂଆଁଖାଇ ପର୍ବ ଅନୁକୂଳ ହୋଇଥିଲା। ନୂଆଁଖାଇ ଦିନ ପୂର୍ବାହ୍ନ ୧୦ଟା ୪୦ମିନିଟ ସମୟରେ ସ୍ଥାନୀୟ ଭାଗବତ ମନ୍ଦିର ପ୍ରାଙ୍ଗଣରେ ଗାଁର ସମସ୍ତ ୨୧ଟି ମେହେର ପରିବାରର ୮୯ଜଣ ସଦସ୍ୟା ସଦସ୍ୟ ଏକାଠି ନବାନ୍ନ ଭକ୍ଷଣ କରିଥିଲେ। ପ୍ରଥମେ ମା' ସମଲେଶ୍ୱରୀ, ମା' ଅନ୍ନପୂର୍ଣ୍ଣା ଓ ରାଧାକୃଷ୍ଣଙ୍କ ନିକଟରେ ପୂଜାର୍ଚ୍ଚନା କରି ନୂଆଁ ଧାନ ଭୋଗ ଅର୍ପଣ କରାଯିବା ପରେ ସାମୂହିକ ଭାବେ ସମସ୍ତେ ନବାନ୍ନ ଭକ୍ଷଣ କରିଥିଲେ। ଏହାପରେ ପରିବାର ସଦସ୍ୟଙ୍କ ମଧ୍ୟରେ ଜୁହାରଭେଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ପରମ୍ପରାକୁ ବିଶିଷ୍ଟ ସାମାଜିକ କର୍ମୀ ସ୍ୱର୍ଗତ ଗାର୍ଗବ ପ୍ରସାଦ ମେହେର ଓ ସ୍ୱର୍ଗତ ଗୌତମ ପ୍ରସାଦ ମେହେର ଆରମ୍ଭ କରିଥିଲେ। ବର୍ତ୍ତମାନ ସ୍ଥାନୀୟ ଶିକ୍ଷକ ଶିକ୍ଷା ତାଲିମକେନ୍ଦ୍ରର ଅଧ୍ୟକ୍ଷ ଡ. ସୁଧାଂଶୁ ଭୂଷଣ ମେହେରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି।

ନୂଆଁଖାଇ ଜୁହାର
ଦେଓଗାଁ ବ୍ଲକର ସମସ୍ତ ଜନସାଧାରଣଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ଶ୍ରୀଯୁକ୍ତ ଆଲୋକ ସାହୁ
ଜିଆରଏସ, ଗାଇବାହାଲ ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ଅମିନ ପଧାନ — ସମ୍ପାଦକ, ବନ୍ଧପଡା ପେକ୍ସ
ଶ୍ରୀଯୁକ୍ତ ଟିମନ ପଧାନ — ସଭାପତି, ବନ୍ଧପଡା ପେକ୍ସ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ଅରୁଣ କୁମାର ନାଗ — ନିର୍ବାହୀ ଅଧିକାରୀ
ଶ୍ରୀମତୀ ଦେବାନ୍ତି କ୍ଷେତି — ସରପଞ୍ଚ, ଲଣ୍ଡାପଥର ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ସୂର୍ଯ୍ୟମଣୀ ମେହେର — ନିର୍ବାହୀ ଅଧିକାରୀ
ଶ୍ରୀମତୀ ବାସନ୍ତୀ ପଟେଲ — ସରପଞ୍ଚ, ଡୁମେରପିଟା ପଞ୍ଚାୟତ

ନୂଆଁଖାଇ ଜୁହାର
ଦେଓଗାଁ ବ୍ଲକର ସମସ୍ତ ଜନସାଧାରଣଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ଶ୍ରୀଯୁକ୍ତ ବିଜୟ କୁମାର ସାହୁ
ଜିଆରଏସ, ଉପରଝର ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ବିରେନ୍ଦ୍ର ନାଗ — ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ଚିତ୍ତରଞ୍ଜନ ସାହୁ — ସରପଞ୍ଚ, ମହଲାଇ ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ଭଗବାନ ଗଡତ୍ୟା — ସମ୍ପାଦକ, ଧଣ୍ଡାମାଲ ପେକ୍ସ
ଶ୍ରୀଯୁକ୍ତ ଦୟାନିଧି ଖମାରୀ — ସଭାପତି, ଧଣ୍ଡାମାଲ ପେକ୍ସ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ଲିଙ୍ଗରାଜ ସୁନା — ନିର୍ବାହୀ ଅଧିକାରୀ
ଶ୍ରୀମତୀ ଜୀବନୀ ଦାଶ — ସରପଞ୍ଚ, ଗୁଡଖାପଲା ପଞ୍ଚାୟତ

ନୂଆଁଖାଇ ଜୁହାର
ଦେଓଗାଁ ବ୍ଲକର ସମସ୍ତ ଜନସାଧାରଣଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ଶ୍ରୀଯୁକ୍ତ ଦୟାନିଧି ମେହେର
ଜିଆରଏସ, ଦେଓଗାଁ ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ଚତୁର୍ଭୁଜ ସା — ସମ୍ପାଦକ, ମହଲାଇ ପେକ୍ସ
ଶ୍ରୀଯୁକ୍ତ ଦେବରାଜ ସାହୁ — ସଭାପତି, ମହଲାଇ ପେକ୍ସ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ବୀଣା ପଧାନ — ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ତ୍ରିଲୋଚନ ନାଗ — ସରପଞ୍ଚ, ଗାଇବାହାଲ ପଞ୍ଚାୟତ

ନୂଆଁଖାଇ ଜୁହାର
ଦେଓଗାଁ ବ୍ଲକର ସମସ୍ତ ଜନସାଧାରଣଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ଶ୍ରୀଯୁକ୍ତ ଦଳଗଞ୍ଜନ ପଧାନ
ଜିଆରଏସ, ବନ୍ଧପଡା ଓ ସିଂହାମୁଣ୍ଡା ଗ୍ରାମ ପଞ୍ଚାୟତ

ନୂଆଁଖାଇ ଜୁହାର
ଦେଓଗାଁ ବ୍ଲକର ସମସ୍ତ ଜନସାଧାରଣଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ଶ୍ରୀଯୁକ୍ତ ହିମାଂଶୁ ନନ୍ଦ
ଜିଆରଏସ, ମୁକୁନ୍ଦପୁର ପଞ୍ଚାୟତ

ଦେଓଗାଁ ବ୍ଲକର ସମସ୍ତ ଜନସାଧାରଣଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ଦୟାନିଧି ଖମାରୀ — ଅଧ୍ୟକ୍ଷ, ଦେଓଗାଁ ବ୍ଲକ
ଶ୍ରୀଯୁକ୍ତ କ୍ଷମାନିଧି ଭୋଇ — ବିଡିଓ, ଦେଓଗାଁ ବ୍ଲକ, ବଲାଙ୍ଗିର

ନୂଆଁଖାଇ ଜୁହାର
ଦେଓଗାଁ ବ୍ଲକର ସମସ୍ତ ଜନସାଧାରଣଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ଶ୍ରୀଯୁକ୍ତ ଦେବାଶିଷ ମେହେର
ଜିଆରଏସ, ଦେଷଣ୍ଡ ପଞ୍ଚାୟତ

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ ଦେଓଗାଁ ବ୍ଲକ ତଥା ଜରାସିଂହା ଅଞ୍ଚଳର ସମସ୍ତ ଚାଷୀ ଓ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର ।
ଶ୍ରୀଯୁକ୍ତ ଦେବୀଦତ୍ତ ନେଗୀ
ଶାଖା ପରିଚାଳକ, କେନ୍ଦ୍ର ସମବାୟ ବ୍ୟାଙ୍କ, ଜରାସିଂହା ଶାଖା

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ନନ୍ଦି କିଶୋର ସାହୁ — ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ଗୋପାଳ ବାଗ — ସରପଞ୍ଚ, ସାରସମାଲ ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ବିରେନ୍ଦ୍ର ନାଗ — ନିର୍ବାହୀ ଅଧିକାରୀ
ଶ୍ରୀମତୀ ଜାନକୀ ସାହୁ — ସରପଞ୍ଚ, ମୁକୁନ୍ଦପୁର ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ହିମାଂଶୁ ପଟ୍ଟନାୟକ — ସମ୍ପାଦକ, ଦେଓଗାଁ ପେକ୍ସ
ଶ୍ରୀଯୁକ୍ତ ଶୈଳେନ୍ଦ୍ର କୁମାର ସାହୁ — ସଭାପତି, ଦେଓଗାଁ ପେକ୍ସ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ଜନ୍ମେଜୟ ମାଝୀ — ନିର୍ବାହୀ ଅଧିକାରୀ
ଶ୍ରୀମତୀ ରଞ୍ଜିତା ସାହୁ — ସରପଞ୍ଚ, ଗୌରଗୋଠ ପଞ୍ଚାୟତ

ନୂଆଁଖାଇ ଜୁହାର
ଦେଓଗାଁ ବ୍ଲକର ସମସ୍ତ ଜନସାଧାରଣଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଅନେକ ଶୁଭେଚ୍ଛା ଓ ଶୁଭକାମନା ।
ଶ୍ରୀଯୁକ୍ତ ବନମାଳୀ ପୁଟେଲ
ଜିଆରଏସ, କୁଲ୍ଟାପଡା ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ଜିତେନ୍ଦ୍ର ନାଗ — ସମ୍ପାଦକ, କୁତୁର୍ଲା ପେକ୍ସ
ଶ୍ରୀଯୁକ୍ତ ନୀଳାମ୍ବର ପାଣିଗ୍ରାହୀ — ସଭାପତି, କୁତୁର୍ଲା ପେକ୍ସ

ନୂଆଁଖାଇ ଜୁହାର
ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ସୁଶ୍ରୀ ବିଷ୍ଣୁପ୍ରିୟା ସାହୁ — ନିର୍ବାହୀ ଅଧିକାରୀ
ଶ୍ରୀମତୀ ଯଶୋଦା ମେହେର — ସରପଞ୍ଚ, ଦେଷଣ୍ଡ ପଞ୍ଚାୟତ

ନୂଆଁଖାଇ ଜୁହାର
ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା । ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ ।
ଶ୍ରୀମତୀ ବଲ୍ଲଭି ସାହୁ — ସରପଞ୍ଚ, ସାଲେପାଲି ପଞ୍ଚାୟତ
ଶ୍ରୀ ବନବିହାରୀ ବେଦବାଗ — ସମ୍ପାଦକ, ସାଲେପାଲି ପଞ୍ଚାୟତ

# ଶିରାବାହାଲ ଗାଁରେ ସାମୂହିକ ନୂଆଁଖାଇ



ଶିରାବାହାଲ ଗାଁ ଦାଣ୍ଡରେ ଗ୍ରାମବାସୀ ସାମୂହିକ ନୂଆଁଖାଇ ପାଳନ କରୁଛନ୍ତି।

ବଲାଙ୍ଗୀର,୯।୯ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ମହୀମୁଣ୍ଡା ଗ୍ରାମପଞ୍ଚାୟତ ଅନ୍ତର୍ଗତ ଶିରାବାହାଲ ଗାଁରେ ରବିବାର ସାମୂହିକ ନୂଆଁଖାଇ ଉତ୍ସାହ ଓ ଉଦ୍ଦୀପନାର ସହ ପାଳିତ ହୋଇଛି। ଦୀର୍ଘ ୧୭ବର୍ଷ ହେଲା ଏହି ଗାଁର ସମସ୍ତ ଆବାଳ ବୃଦ୍ଧବନିତା ମିଳିତ ଭାବେ ନୂଆଁ ଖାଉଛନ୍ତି। ଧନୀ–ଗରିବ ଶ୍ରେଣୀ ବିଭେଦ ଏବଂ ଜାତିପ୍ରଥାର ପରମ୍ପରାକୁ ପଛରେ ପକାଇ ଏହି ଗାଁ ଲୋକେ ଦୀର୍ଘ ୧୭ ବର୍ଷ ହେଲା ଏକାଠି ନୂଆଁଖାଇ

## ୧୭ବର୍ଷ ହେଲା ଗ୍ରାମବାସୀ ବଜାୟ ରଖିଛନ୍ତି ଅନନ୍ୟ ପରମ୍ପରା

ପାଳନ କରି ଏକ ଅନନ୍ୟ ପରମ୍ପରା ସୃଷ୍ଟି କରିଛନ୍ତି। ପ୍ରାୟ ୧୭ ବର୍ଷ ତଳେ ଏହି ଗାଁର ଲୋକେ ଏକାଠି ହୋଇ ଭାଗବତ ପରାୟଣ ସପ୍ତାହ ପାଳନ କରିଥିଲେ। ଏହି ଅବସରରେ ୭ ଦିନ ଧରି ଗାଁର ସମସ୍ତ ପରିବାର ସଦସ୍ୟ ଏକାଠି ମିଶି ଅନ୍ନ ପ୍ରସାଦ ସେବନ କରିଥିଲେ। ସେହି ବର୍ଷ ନୂଆଁଖାଇ ପାଳନ କରିବା ପାଇଁ ଶିରାବାହାଲ ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତିବିଶେଷଙ୍କ ପରାମର୍ଶକ୍ରମେ ଗ୍ରାମବାସୀ ସାମୂହିକ ନୂଆଁ ଖାଇବା ପାଇଁ ନିଷ୍ପତ୍ତି ନେଇଥିଲେ । ସେହିଦିନରୁ ଗାଁରେ ଥିବା ବିଭିନ୍ନ ଜାତି ଓ ସମ୍ପ୍ରଦାୟର ଲୋକେ ମିଳିତ ଭାବେ ପୂଜାର୍ଚ୍ଚନା କରି ଗାଁ ମଝି ରାସ୍ତାରେ ବସି ନୂଆଁ ଖାଇ ଆସୁଛନ୍ତି। ଚଳିତବର୍ଷ ମଧ୍ୟ ନୂଆଁଖାଇ ଗାଁରେ ମିଳିତ ଭାବେ ପାଳନ କରାଯାଇଛି। କିଛିଦିନ ପୂର୍ବରୁ ଭାଗବତ ମନ୍ଦିରରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ବୈଠକରେ ନୂଆଁଖାଇ ଲଗ୍ନ ସ୍ଥିର କରାଯିବା ସହ ପ୍ରତ୍ୟେକ ପରିବାର ପିଛା କେତେ ସହଯୋଗ ରାଶି ଦେବେ ତାହା ନିଷ୍ପତ୍ତି ହୋଇଥିଲା । ଏହାପରେ ରବିବାର ବିଧିମତେ ଲଗ୍ନ ଅନୁଯାୟୀ ଗାଁର ଝାଙ୍କର ଗ୍ରାମଦେବୀ କନ୍ଧେନ୍ ବୁଢ଼ୀଙ୍କ ପାଖରେ ନବାନ୍ନ ଅର୍ପଣ କରିଥିଲେ। ଭାଗବତ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀ ଏକତ୍ରିତ ହୋଇ ଧାଡ଼ିରେ ବସିଥିଲେ। ଗ୍ରାମଦେବୀଙ୍କ ପାଖରେ ନବାନ୍ନ ଅର୍ପଣ ପରେ ଗ୍ରାମବାସୀଙ୍କୁ ପ୍ରସାଦ ଆକାରରେ ବଣ୍ଟା ଯାଇଥିଲା। ଅପରାହ୍ନରେ ନୂଆଁଖାଇ ଜୁହାର ଭେଟଘାଟ ଆରମ୍ଭ ହୋଇଥିଲା।


ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ମହାନ୍ ଗଣପର୍ବ ନୂଆଁଖାଇ ଅବସରରେ ସମସ୍ତ ଜନସାଧାରଣଙ୍କୁ ନୂଆଁଖାଇର ଜୁହାର। ସମସ୍ତଙ୍କ ପାଇଁ ଏହି ବର୍ଷଟି ସୁଖମୟ ହେଉ ମାଁ ମାଣିକେଶ୍ୱରୀଙ୍କ ଠାରେ ଏତିକି ପ୍ରାର୍ଥନା।
ପ୍ରସନ୍ନ କୁମାର ସାହୁ
(କର୍ଲାମୁଣ୍ଡା ନୋଡାଲ ସିଆର୍‌ସିସି)

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ପିକଲ ରଣା — ସମ୍ପାଦକ, ସାରସମାଲ ପେକ୍ସ
ଗୋପୀନାଥ ବାଗ — ସଭାପତି, ସାରସମାଲ ପେକ୍ସ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ଜନ୍ମେଜୟ ମାଝୀ — ନିର୍ବାହୀ ଅଧିକାରୀ
ଶ୍ରୀମତୀ ଜ୍ୟୋସ୍ନାମୟୀ ରଣା — ସରପଞ୍ଚ, ବଡବାହାଲ ପଞ୍ଚାୟତ

ନୂଆଁଖାଇ ଜୁହାର
ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ସୁଶ୍ରୀ ରିଙ୍କି ବାଗ — ଇଓ, ହାତିସରା ପଞ୍ଚାୟତ
କେଲୋ ଡାଙ୍ଗ — ସରପଞ୍ଚ ତଥା ଅବସରପ୍ରାପ୍ତ ସେନା କର୍ମଚାରୀ

ନୂଆଁଖାଇ ଜୁହାର
ପଶ୍ଚିମ ଓଡ଼ିଶାର ଗଣପର୍ବ ପବିତ୍ର ନୂଆଁଖାଇ ଅବସରରେ ଦେଓଗାଁ ବ୍ଲକ ଅନ୍ତର୍ଗତ ସମସ୍ତ ଚାଷୀ ଓ ଜନସାଧାରଣଙ୍କୁ ନୂଆଁଖାଇ ଜୁହାର।
ଶ୍ରୀଯୁକ୍ତ ଜିତେନ୍ଦ୍ର ରାଉତ
ଶାଖା ପରିଚାଳକ, କେନ୍ଦ୍ର ସମବାୟ ବ୍ୟାଙ୍କ, ଦେଓଗାଁ ଶାଖା

ନୂଆଁଖାଇ ଜୁହାର
ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ଶ୍ରୀ ଯୋଗେଶ୍ୱର ପଧାନ — ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ଜଗବନ୍ଧୁ ମେହେର — ସରପଞ୍ଚ, ବଡ଼ବନ୍ଧ ପଞ୍ଚାୟତ

ନୂଆଁଖାଇ ଜୁହାର
ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ଶ୍ରୀ ସୌମ୍ୟରଞ୍ଜନ ଗହୀର — ନିର୍ବାହୀ ଅଧିକାରୀ
ଶ୍ରୀମତୀ ନିନା ଛତ୍ରିଆ — ସରପଞ୍ଚ, ଦେଓଗାଁ ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ସୂର୍ଯ୍ୟମଣି ମେହେର — ନିର୍ବାହୀ ଅଧିକାରୀ
ଶ୍ରୀମତୀ ପଦ୍ମିନୀ ମିଶ୍ର — ସରପଞ୍ଚ, ରାମଚନ୍ଦ୍ରପୁର ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ପ୍ରେମାନନ୍ଦ ବୁଡେକ — ନିର୍ବାହୀ ଅଧିକାରୀ
ଜାହ୍ନବୀ ମାହାଣା — ସରପଞ୍ଚ, ସିଙ୍ଗାମୁଣ୍ଡା ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ରମେଶ ବାଗ — ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ଗୋପାଳ ଚନ୍ଦ୍ର ମିଶ୍ର — ସରପଞ୍ଚ ତଥା ସରପଞ୍ଚ ସଂଘ ସଭାପତି, ବନ୍ଧପଡା ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ଅମିନ ପଧାନ — ସମ୍ପାଦକ, ବଡବନ୍ଧ ପେକ୍ସ
ଶ୍ରୀଯୁକ୍ତ ସୁଶିଳ କୁମାର ଚାନ୍ଦ — ସଭାପତି, ବଡବନ୍ଧ ପେକ୍ସ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ଶ୍ରୀଯୁକ୍ତ ପ୍ରେମାନନ୍ଦ ବୁଡେକ — ନିର୍ବାହୀ ଅଧିକାରୀ
ଶ୍ରୀମତୀ ସଞ୍ଜୁ ସିକା — ସରପଞ୍ଚ, ଧଣ୍ଡାମାଲ ପଞ୍ଚାୟତ

ନୂଆଁଖାଇ ଜୁହାର
ଦେଓଗାଁ ବ୍ଲକର ସମସ୍ତ ଜନସାଧାରଣଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ସରୋଜ କୁମାର ତାଣ୍ଡି
ଗ୍ରାମ ରୋଜଗାର ସେବକ
ସାଲେପାଲି ଓ ଉଡାର ପଞ୍ଚାୟତ, ଦେଓଗାଁ ବ୍ଲକ

ନୂଆଁଖାଇ ଜୁହାର
ଦେଓଗାଁ ବ୍ଲକର ସମସ୍ତ ଜନସାଧାରଣଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଶ୍ରୀଯୁକ୍ତ ରାଜେଶ ନାଏକ
ଜିଆରଏସ, ମହଲାଇ ପଞ୍ଚାୟତ

ନୂଆଁଖାଇ ଜୁହାର
ଦେଓଗାଁ ବ୍ଲକର ସମସ୍ତ ଜନସାଧାରଣଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଶ୍ରୀଯୁକ୍ତ ରୋହିତ ବାରିକ
ଜିଆରଏସ, ଗୁଡଖାପଲା ପଞ୍ଚାୟତ

ନୂଆଁଖାଇ ଜୁହାର
ଦେଓଗାଁ ବ୍ଲକର ସମସ୍ତ ଜନସାଧାରଣଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଶ୍ରୀଯୁକ୍ତ ରାଜେଶ ମେହେର
ଜିଆରଏସ, ବଡବନ୍ଧ ଓ ସିକୁଆଁ ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ଶ୍ରୀଯୁକ୍ତ ତୀର୍ଥରାଜ ସାହୁ — ସମ୍ପାଦକ, କୃଷିସେବା ସମବାୟ ସମିତି, ଜରାସିଂହା
ଶ୍ରୀଯୁକ୍ତ ଲକ୍ଷ୍ମଣ କୁମାର ମେହେର — ସଭାପତି, କୃଷିସେବା ସମବାୟ ସମିତି, ଜରାସିଂହା

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ଦୁର୍ଯ୍ୟୋଧନ ରଣା — ସମ୍ପାଦକ, ଗୌରଗୋଠ ପେକ୍ସ
ଶ୍ରୀଯୁକ୍ତ ଟିକେରାମ ରଣା — ସଭାପତି, ଗୌରଗୋଠ ପେକ୍ସ

ନୂଆଁଖାଇ ଜୁହାର
ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପବିତ୍ର ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ଶ୍ରୀ ପୁରନ୍ଦର ଭୋଇ — ନିର୍ବାହୀ ଅଧିକାରୀ
ଶ୍ରୀମତୀ ତେଜ ହରପାଲ — ସରପଞ୍ଚ, କୁତୁର୍ଲା ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ବିରେନ୍ଦ୍ର ଛତ୍ରିଆ — ନିର୍ବାହୀ ଅଧିକାରୀ
ଶ୍ରୀଯୁକ୍ତ ରାଜକୁମାର ଭୋଇ — ସରପଞ୍ଚ, ସିକୁଆଁ ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ଭଗବାନ ଗଡତ୍ୟା — ସମ୍ପାଦକ, ରାମଚନ୍ଦ୍ରପୁର ପେକ୍ସ
ଶ୍ରୀଯୁକ୍ତ ଶୁକୁ ଛତ୍ରିଆ — ସଭାପତି, ରାମଚନ୍ଦ୍ରପୁର ପେକ୍ସ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ସୁଦର୍ଶନ ସାଏ — ନିର୍ବାହୀ ଅଧିକାରୀ
ଶ୍ରୀମତୀ ଯଶୋବନ୍ତି ନାଏକ — ସରପଞ୍ଚ, ଉପରଝର ପଞ୍ଚାୟତ

ସମସ୍ତ ଜନସାଧାରଣ ତଥା ଚାଷୀଙ୍କୁ ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଅବସରରେ ଶୁଭେଚ୍ଛା ଓ ଶୁଭକାମନା। ମାଁ ସମଲେଶ୍ୱରୀ, ମାଁ ପାଟଖଣ୍ଡା ସମସ୍ତଙ୍କୁ ସୁଖ ଓ ସମୃଦ୍ଧି ପ୍ରଦାନ କରନ୍ତୁ।
ନୂଆଁଖାଇ ଜୁହାର
ଶ୍ରୀଯୁକ୍ତ ଟୁନା କୁମାର ପଧାନ — ସମ୍ପାଦକ, ଅର୍ଜୁନପୁର ପେକ୍ସ
ଶ୍ରୀଯୁକ୍ତ ଅରୁଣ କୁମାର ସୁନା — ସଭାପତି, ଅର୍ଜୁନପୁର ପେକ୍ସ

ନୂଆଁଖାଇ ଜୁହାର
ଦେଓଗାଁ ବ୍ଲକର ସମସ୍ତ ଜନସାଧାରଣଙ୍କୁ ପଶ୍ଚିମ ଓଡ଼ିଶାର ପବିତ୍ର ଗଣପର୍ବ ନୂଆଁଖାଇ ଅବସରରେ ଅନେକ ଶୁଭେଚ୍ଛା ଓ ଶୁଭକାମନା।
ଶ୍ରୀଯୁକ୍ତ ବୀଣା ପଧାନ
ଜିଆରଏସ, କୁତୁର୍ଲା ଓ ସାରସମାଲ ପଞ୍ଚାୟତ

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

## ଏସିଆନ ଚାମ୍ପିୟନ୍ସ ଟ୍ରଫି ହକି

**ହୁଲୁନବୁଇର (ଚାଇନା), ୯।୯**

ଚଳିତ ଏସିଆନ ଚାମ୍ପିୟନ୍ସ ଟ୍ରଫି ହକିରେ ଟାଇଟଲ ଦାବିଦାର ଭାରତ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ମ୍ୟାଚରେ ଭାରତ ୫-୧ ଗୋଲରେ ଜାପାନକୁ ପରାସ୍ତ କରିଛି। ପ୍ରଥମ ମ୍ୟାଚରେ ଚାଇନାକୁ ୩-୦ରେ ହରାଇଥିବା ଭାରତ ୩ ମ୍ୟାଚରୁ ୬ ପଏଣ୍ଟ ପାଇ ଟେବୁଲର ଶୀର୍ଷସ୍ଥାନ ଅଧିକାର କରିଛି। ଆରମ୍ଭରୁ ଆକ୍ରମଣାତ୍ମକ ଖେଳିଥିବା ଭାରତ ପକ୍ଷରୁ ୨ୟ ମିନିଟରେ ସୁଖଜିତ ସିଂ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ଏହାର ୧ ମିନିଟ ପରେ ଅଭିଷେକ ନୈନ ଆଉ ଏକ ଗୋଲ ଦେଇ ଜାପାନକୁ ଚାପରେ ରଖିଥିଲେ। ପ୍ରଥମ କ୍ୱାର୍ଟର ଶେଷରେ ଭାରତ ୨-୦ରେ ଅଗ୍ରଣୀ ରହିଥିଲା। ଦ୍ୱିତୀୟ କ୍ୱାର୍ଟର ଆରମ୍ଭରେ ଅର୍ଥାତ୍ ୧୭ଶ ମିନିଟରେ ଭାରତକୁ ମିଳିଥିବା ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ସଞ୍ଜୟ ରାଣା ଅଗ୍ରଣୀ ବ୍ୟବଧାନକୁ ୩-୦ରେ ପହଞ୍ଚାଇଥିଲେ। ପ୍ରଥମାର୍ଦ୍ଧ ଶେଷ ପର୍ଯ୍ୟନ୍ତ ଏହି ଅଗ୍ରଣୀ ବଳବତ୍ତର ରହିଥିଲା। ତୃତୀୟ କ୍ୱାର୍ଟରରେ ଜାପାନର କାଜୁମାସା ମାତ୍ସୁମୋତୋ (୪୧ତମ ମିନିଟ) ଗୋଟିଏ ଗୋଲ ପରିଶୋଧ କରିଥିଲେ। ତେବେ ୪ର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଭାରତ ପୁଣି ପ୍ରଭାବ ବିସ୍ତାର କରି ଆଉ ୨ଟି ଗୋଲ ଦେଇଥିଲା। ୫୪ତମ ମିନିଟରେ ଉତ୍ତମ ସିଂ ୪ର୍ଥ ଏବଂ ୬୦ତମ ମିନିଟରେ ସୁଖଜିତ ବ୍ୟକ୍ତିଗତ ଦ୍ୱିତୀୟ ଏବଂ ଦଳ ପକ୍ଷରୁ ୫ମ ଗୋଲଟି ସ୍କୋର କରିଥିଲେ। ଭାରତ ଏହାର ପରବର୍ତ୍ତୀ ମ୍ୟାଚ ୧୧ ତାରିଖରେ ମାଲେସିଆ ବିପକ୍ଷରେ ଖେଳିବ।

ପ୍ରତିଯୋଗିତାର ଅନ୍ୟ ଏକ ମ୍ୟାଚରେ ଚାଇନା ୪-୨ ଗୋଲରେ ମାଲେସିଆକୁ ପରାସ୍ତ କରିଛି। ଫଳରେ ନିଜର ପ୍ରଥମ ଗେମ୍‌ରେ ଭାରତଠାରୁ ହାରିଥିବା ଚାଇନା ଏହି ବିଜୟ ସହ ପଏଣ୍ଟ ଖାତା ଖୋଲିଛି। ୩ ପଏଣ୍ଟ ସହ ଏହି ଦଳ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଛି। ପାକିସ୍ତାନ ଓ ଦକ୍ଷିଣ କୋରିଆ ମଧ୍ୟରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚ ୨-୨ ଗୋଲରେ ଡ୍ର ରହିବାରୁ ଉଭୟ ଦଳ ପଏଣ୍ଟ ଭାଗ କରିଛନ୍ତି। ଫଳରେ ଦକ୍ଷିଣ କୋରିଆ ଓ ପାକିସ୍ତାନ ୨ ପଏଣ୍ଟ ଲେଖାଏ ସହ ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନରେ ରହିଛନ୍ତି। ମାଲେସିଆ ଓ ଜାପାନ ମୋଟ ଗୋଟିଏ ଲେଖାଏ ପଏଣ୍ଟ ପାଇଛନ୍ତି। କାରଣ ପ୍ରଥମ ଦିବସରେ ଦକ୍ଷିଣ କୋରିଆ ଓ ଜାପାନ ମ୍ୟାଚ ୫-୫ରେ ଏବଂ ପାକିସ୍ତାନ ଓ ମାଲେସିଆ ମ୍ୟାଚ ୨-୨ ଗୋଲରେ ଡ୍ର ରହିଥିଲା।



ଭାରତ-ଜାପାନ ମ୍ୟାଚର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

# ଅକ୍ଟୋବର ୧୮ରୁ ପିକେଏଲ୍

**ନୂଆଦିଲ୍ଲୀ, ୯।୯ (ପି.ଟି.):** ପ୍ରୋ-କବାଡି ଲିଗ୍ (ପିକେଏଲ୍)ର ଏକାଦଶତମ ସିଜନ ଅକ୍ଟୋବର ୧୮ରୁ ଆରମ୍ଭ ହେବ। ହାଇଦ୍ରାବାଦର ଗାଚିବାଓଲି ଇନ୍‌ଡୋର ଷ୍ଟାଡିୟମରେ ତେଲୁଗୁ ଟାଇଟନ୍ସ ଓ ବେଙ୍ଗାଲୁରୁ ବୁଲ୍ସ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯିବ ବୋଲି ଆୟୋଜକ ସୋମବାର ଘୋଷଣା କରିଛନ୍ତି। ଟୁର୍ନାମେଣ୍ଟ ୩ଟି ସହରରେ ତିନୋଟି ପର୍ଯ୍ୟାୟରେ ଖେଳାଯିବ। ହାଇଦ୍ରାବାଦରେ ପ୍ରଥମ ପର୍ଯ୍ୟାୟ ନଭେମ୍ବର ଶେଷ ହେବା ପରେ ଦ୍ୱିତୀୟ ପର୍ଯ୍ୟାୟ ନଭେମ୍ବର ୧୦ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ନଏଡ଼ା ଇନ୍‌ଡୋର ଷ୍ଟାଡିୟମରେ ଏବଂ ପୁଣେସ୍ଥିତ ବାଲେୱାଡି ବ୍ୟାଡ୍‌ମିଣ୍ଟନ ଷ୍ଟାଡିୟମରେ ଡିସେମ୍ବର ୩ରୁ ଡିସେମ୍ବର ୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଲିଗ୍‌ର ଆୟୋଜକ ମାର୍ଶାଲ ସ୍ପୋର୍ଟ୍ସ ତରଫରୁ ଏହି ସୂଚନା ଦିଆଯାଇଛି। ଓପନିଂ ମ୍ୟାଚରେ ତେଲୁଗୁ ଟାଇଟାନ୍ସର ଷ୍ଟାର ରେଡର ପୱନ ଶେରାୱତ ଏବଂ ବେଙ୍ଗାଲୁରୁ ବୁଲ୍ସକୁ ପ୍ରତ୍ୟାବର୍ତ୍ତନ କରିଥିବା ପ୍ରଦୀପ ନରୱାଲଙ୍କ ମଧ୍ୟରେ ହେବ। ଦ୍ୱିତୀୟ ମ୍ୟାଚରେ ପିକେଏଲ ଇତିହାସରେ ସବୁଠାରୁ ଦାମୀ ଡିଫେଣ୍ଡର ୟୁ ମୁମ୍ବାର ସୁନୀଲ କୁମାର (୧.୦୧୫ କୋଟି ଟଙ୍କା), ଦବଙ୍ଗ ଦିଲ୍ଲୀ କେ. ସି.'ର ଷ୍ଟାର ରେଡର ନବୀନ କୁମାରଙ୍କ ମଧ୍ୟରେ ଲଢ଼େଇ ହେବ। ପ୍ଲେ-ଅଫ୍ ପାଇଁ କାର୍ଯ୍ୟସୂଚୀ ଓ ଭେନ୍ୟୁ ପରେ ଘୋଷଣା କରାଯିବ। ସୂଚନାଯୋଗ୍ୟ, ଆଗାମୀ ପିକେଏଲ୍ ପାଇଁ ଖେଳାଳି ନିଲାମ ମୁମ୍ବାଇରେ ଅଗଷ୍ଟ ୧୫ ଓ ୧୬ରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୮ ଜଣ ଖେଳାଳି ୧ କୋଟିରୁ ଊର୍ଦ୍ଧ୍ୱ ଟଙ୍କାରେ ବିକ୍ରି ହୋଇଥିଲେ, ଯାହାକି ଲିଗ୍ ଇତିହାସରେ ଏକ ନୂଆ ରେକର୍ଡ।







Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ- ତଥାଗତ ଶତପଥୀ

## ଦକ୍ଷିଣ ଓଡ଼ିଶା ଜଳମଗ୍ନ

# କୁର୍ଲୁ ନଦୀ ପୋଲ ଉପରେ ବନ୍ୟା ଜଳ



**କୁନ୍ଦୁରା,୯।୯(ସନ୍ତୋଷ ପ୍ରହରାଜ)**

- କୁନ୍ଦୁରାରୁ ବାଗଦେରୀ ଯାତାୟାତ ଠପ୍
- ବନ୍ୟାଞ୍ଚଳ ସ୍ଥିତି ଅନୁଧ୍ୟାନ, କ୍ଷତିଗ୍ରସ୍ତଙ୍କୁ ଭେଟିଲେ ଅଧିକାରୀ

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ସଦର ମହକୁମାରୁ ବାଗଦେରୀ ପଞ୍ଚାୟତ ମଧ୍ୟରେ ରହିଥିବା କୁର୍ଲୁ ନଦୀ ବ୍ରିଜ ଉପରେ ବନ୍ୟା ଜଳ ପ୍ରବାହିତ ହେବା ଫଳରେ ଯାତାୟାତ ଠପ ହୋଇଛି। ଲିମା ନିକଟସ୍ଥ କୁର୍ଲୁ ନଦୀ ବ୍ରିଜରେ ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ଲିମାରୁ ଘିଉରିଆଗୁଡ଼ା ଯାତାୟତ ଠପ୍ ହୋଇ ପଡ଼ିଛି। ସେପଟେ ଦିଗାପୁର, ମସିଗାଁ ଏବଂ ଘୁମର ପଞ୍ଚାୟତରେ ବନ୍ୟା ପୀଡିତଙ୍କ ଦୁର୍ଦ୍ଦଶା ଦେଖିବାକୁ ମିଳିଛି। ପ୍ରାୟ ୮୦ ଜଣ ବନ୍ୟା ପୀଡ଼ିତ ଦିଗାପୁର ପଞ୍ଚାୟତ କାର୍ଯ୍ୟାଳୟରେ ଆଶ୍ରୟ ନେଉଛନ୍ତି। ସେହିଭଳି ୨୦ ଜଣ ପ୍ରଧାନୀପୁଟ ଅଙ୍ଗନୱାଡି କେନ୍ଦ୍ରରେ ଆଶ୍ରୟ ନେଉଛନ୍ତି। ନୂତନ ଉପଜିଲାପାଳ ଆକ୍କାବରମ ଏସ୍. ରେଡ୍ଡୀ ଘଟଣା ସ୍ଥଳରେ ପହଞ୍ଚି ବନ୍ୟା ପୀଡିତଙ୍କୁ ଆଶ୍ରୟସ୍ଥଳୀରେ ଭେଟିଥିଲେ। ସେମାନଙ୍କୁ ସମସ୍ତ ସହଯୋଗ ଯୋଗାଇବାକୁ କୁନ୍ଦୁରା ବିଡିଓ କପିଳେଶ୍ୱର ତାଣ୍ଡିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଅତିରିକ୍ତ ଜିଲାପାଳ (ରାଜସ୍ୱ) ଆଲୁଣି ସେଠୀ ବନ୍ୟାଞ୍ଚଳରେ ସ୍ଥିତି ତଦାରଖ କରିଥିଲେ। କୁନ୍ଦୁରା ତହସିଲଦାର ବିନୋଦ ଚନ୍ଦ୍ର ନାୟକଙ୍କ ସୂଚନା ମୁତାବକ ସୋମବାର ସନ୍ଧ୍ୟା ସୁଦ୍ଧା ବ୍ଲକରେ ୩୦ରୁ ୪୦ ଘର ବିଭିନ୍ନ ସ୍ଥାନରେ ଭାଙ୍ଗିଯାଇଛି।

## ପୋଲ ଉପରେ ୩ ଫୁଟ୍ ଜଳ

# ପାଣି ଘେରରେ ୨ ଗ୍ରାମ



**ଦଶମନ୍ତପୁର,୯।୯ ( ଅରବିନ୍ଦ ନାୟକ )**

ଲଗାଣ ବର୍ଷା ଯୋଗୁ କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ୍‌ର ୨ଟି ପଞ୍ଚାୟତର ୩ଟି ଗ୍ରାମ ଜଳବନ୍ଦୀ ଘେରରେ ରହିଛି। ପିଣ୍ଡାପଦର ପଞ୍ଚାୟତ ଅଧୀନରେ ଥିବା ୨ଟି ଗ୍ରାମ ଲୋରେଶ ଏବଂ ଶିଶକୁଡ଼ି ଗ୍ରାମ ଦେଇ ପ୍ରବାହିତ ହେଉଥିବା ଅନ୍ଧାରୀ ନଦୀର ଜଳସ୍ତର ବୃଦ୍ଧି ପାଇବାରୁ ୨ ଗ୍ରାମର ଲୋକେ ଜଳବନ୍ଦୀ ଘେରରେ ରହିଛନ୍ତି। ଅନ୍ୟପଟେ ଦଶମନ୍ତପୁର ପୋଲ ଉପରେ ୩ ଫୁଟ୍‌ର ଜଳ ପ୍ରବାହିତ ହେଉଥିବା ଦେଖିବାକୁ ମିଳିଛି। ଫଳରେ ୨ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଇଛି। ଲଗାଣ ବର୍ଷା ଯୋଗୁ ଚିକ୍ରାମ୍ବ ସଦର ପଞ୍ଚାୟତର ହୃଷୀକେଶ ସୁବୁଦ୍ଧିଙ୍କ ଛେଳି ଗୁହାଳର ଏକ ପାର୍ଶ୍ୱ କାନ୍ଥ ଭୁଶୁଡ଼ିଯାଇଛି। ସେହିପରି ଦଶମନ୍ତପୁର ପଞ୍ଚାୟତର ପେଡିସିଲ ଗାଁ ପାଖରେ ନୂତନ ପୋଲ ବିପଦସଙ୍କୁଳ ଅବସ୍ଥାରେ ରହିଛି। ପୋଲ ଉପରେ ପାଣି ପ୍ରବାହିତ ହେଉଥିବାରୁ ଉଭୟ ପାର୍ଶ୍ୱରେ ଯାନବାହନ ଅଟକି ରହିଛି। ପେଡିସିଲ ପୋଲ ଏବଂ ଦଶମନ୍ତପୁର ପୋଲ ଯଦି ଖୁବ୍‌ଶୀଘ୍ର ନିର୍ମାଣ କରା ନ ଯାଏ ତେବେ ଆଗାମୀ ଦିନରେ ଲଗାଣବର୍ଷା ହେଲେ ସମ୍ପୂର୍ଣ୍ଣ ଦଶମନ୍ତପୁର ବ୍ଲକ୍ ବିଚ୍ଛିନ୍ନାଞ୍ଚଳ ପାଲଟିଯିବା ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

## ଟୁରୀ ନଦୀ ପୋଲ ଉପରେ ପାଣି

# ନବରଙ୍ଗପୁର-ଉମରକୋଟ ଯୋଗାଯୋଗ ବିଚ୍ଛିନ୍ନ

**ପାପଡ଼ାହାଣ୍ଡି, ୯।୯(ସ୍ୱପ୍ନଜିତ ପଟ୍ଟନାୟକ)**



ପାପଡ଼ାହାଣ୍ଡିରେ ୨୪ ଘଣ୍ଟାରେ ୪୧ ମିଲି ମିଟର ବର୍ଷା ହୋଇଥିବା ପାଣି ପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ସୋମବାର ଶହୀଦ ମିନାର ନିକଟରେ ଥିବା ଟୁରୀ ନଦୀର ଅସ୍ଥାୟୀ ପୋଲ ଉପରେ ପାଣି ପ୍ରବାହିତ ହେବା ଫଳରେ ଏହି ରାସ୍ତା ଦେଇ ନବରଙ୍ଗପୁର-ଉମରକୋଟ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଅପରାହ୍ଣ ୪ଟାରେ ପୋଲ ଉପରେ ୧ଫୁଟ ଉଚ୍ଚର ପାଣି ପ୍ରବାହିତ ହୋଇଥିଲା। ଫଳରେ ଉଭୟ ପଟରେ ଯାନବାହାନ ଅଟକି ଥିଲା। ପୋଲର ପାର୍ଶରେ ପୋଲିସ ପହରା ଦେଉଛି। ପାଣି ନିକଟକୁ କାହାରିକୁ ଛଡ଼ାଯାଉ ନାହିଁ। ପାଣି ବଢ଼ିଲେ ମଇଦଲପୁରରୁ ଡାବୁଗାଁ ହୋଇ ଯାନବାହାନଗୁଡିକ ଉମରକୋଟ ଛଡ଼ାଯିବ ବୋଲି ସୂଚନା ମିଳିଛି।

# ଗଛ ପଡ଼ି ଭାଙ୍ଗିଲା ମହିଳାଙ୍କ ଘର



**ଲକ୍ଷ୍ମୀପୁର, ୯।୯(ଅନନ୍ତ ନାୟକ)**

କୋରାପୁଟ ଜିଲା ଲକ୍ଷ୍ମୀପୁର ବ୍ଲକ ଗୌଡ଼ଗୁଡ଼ା ପଞ୍ଚାୟତ ସଦର ମହକୁମାରେ ସୋମବାର ସକାଳେ ଭୀଷଣ ପବନ ବର୍ଷାରେ ଗଛ ଉପୁଡ଼ି ଯାଇଛି। ଏହି ଗଛ ଶୁଆଇ ଦାମିଙ୍କ ଘର ଉପରେ ପଡିବାରୁ ତାହା ଭାଙ୍ଗିଯାଇଛି। ଏଥିରେ ଶୁଆଇ ଅଳ୍ପକେ ବର୍ତ୍ତି ଯାଇଥିଲେ। ଶୁଆଇ ସ୍ୱାମୀଙ୍କ ମୃତ୍ୟୁ ପରେ କୁଲି କାମ କରି ଚଳୁନ୍ତି। ସେ ଅତି ଗରିବ ହୋଇଥିବାରୁ ତାଙ୍କୁ ସରକାରୀ ସାହାଯତା ଦେବାକୁ ଦାବି ହେଉଛି।

## ଗଛ ପଡ଼ି ରାସ୍ତା ଅବରୋଧ

**ପାପଡାହାଣ୍ଡି, ୯।୯(ସ୍ୱପ୍ନଜିତ ପଟ୍ଟନାୟକ)**

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡିରୁ କଳାହାଣ୍ଡି ଦେଇ ଯାଇଥିବା ୨୬ନମ୍ବର ଜାତୀୟ ରାଜପଥର ବାବାଜୀଗୁଡ଼ା ଗ୍ରୀଡ଼ ନିକଟରେ ସୋମବାର ସନ୍ଧ୍ୟାରେ ଏକ ଗଛ ପଡିଯିବାରୁ ରାସ୍ତା ଅବରୋଧ ହୋଇଛି। ରାସ୍ତା କଡ଼ରେ ଥିବା ଆକାଶିଆ ଗଛଟି ବର୍ଷା ପବନରେ ଭାଙ୍ଗି ଯାଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ବହୁ ଯାନ ବାହାନ ଅଟକି ଥିଲା। ଖବରପାଇ ପାପଡ଼ାହାଣ୍ଡି ଅଗ୍ନିଶମ ବାହିନୀ ପହଞ୍ଚି ଗଛ କାଟି ରାସ୍ତାରୁ ହଟାଇବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

# ଭାଙ୍ଗିଲା ବହୁ ଘର, ଚାଷଜମି ଜଳମଗ୍ନ

**ଜୟପୁର,୯।୯ (ପବନ ପାଣିଗ୍ରାହୀ)**



ଜୟପୁରରେ ଲଗାଣ ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ଗତ ୨୪ ଘଣ୍ଟା ଭିତରେ ଜୟପୁରରେ ୮୬.୮ ମି.ମି. ବର୍ଷା ରେକର୍ଡ କରାଯାଇଛି। ଲଗାଣ ବର୍ଷାରେ ଜୟପୁର ବ୍ଲକ୍‌ର ଜାମୁଣ୍ଡା, ଫାମ୍ପୁଣି, ବାଲିଆ, ଟାଙ୍କୁଆ, ଅନ୍ତା ଆଦି ଗ୍ରାମରେ ୫୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା ଜଣାପଡ଼ିଛି। ଏହି ପ୍ରାଥମିକ ରିପୋର୍ଟ ସଂଖ୍ୟା ବଢ଼ିବା ଆଶଙ୍କା ରହିଛି ବୋଲି ଜୟପୁର ବିଡିଓ ଶକ୍ତି ମହାପାତ୍ର ସୂଚନା ଦେଇଛନ୍ତି। ସେହିପରି ବଢଜିଉନା ପଞ୍ଚାୟତର ସଲପା, କଙ୍ଗା ପଞ୍ଚାୟତର ଭାଜିଗୁଡ଼ା ଗ୍ରାମରେ ବହୁ ଚାଷଜମି ଜଳମଗ୍ନ ରହିଛି । ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ସୋମବାର ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିବା ସହ ଲୋକଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ଜୟପୁର ତହସିଲ ଅଞ୍ଚଳରେ ବର୍ତ୍ତମାନ ସୁଦ୍ଧା ୮୮ଟି ଘର ଭାଙ୍ଗିଛି । ଉମୁରି, ଆମ୍ବାଗୁଡ଼ା, ଜୟପୁର, ଧନପୁର, ବାଲିପୂଜାରିପୁଟ, ରଣ୍ଡାପିଲ୍ଲି, ଜାମୁଣ୍ଡା ଆଦି ଅଞ୍ଚଳରେ ଚାଷଜମିରେ ପାଣି ପଶିଯାଇଛି। ବର୍ଷା କମିଲେ କ୍ଷୟକ୍ଷତି ଆକଳନ କରାଯିବ ବୋଲି ଜୟପୁର ତହସିଲଦାର ସବ୍ୟସାଚୀ ଜେନା ସୂଚନା ଦେଇଛନ୍ତି। ସେହିପରି ଜୟପୁର ସହରରେ ମଧ୍ୟ ୨ଟି ଘର ଭାଙ୍ଗିଛି। ସେମାନଙ୍କୁ ପଲିଥିନ ଦିଆଯାଇଥିବା ପୌର ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରବଳ ବର୍ଷା ଯୋଗୁ ଦୋକାନ ବଜାର ବନ୍ଦ ରହିଛି। ଲୋକେ ଘରୁ ବାହାରି ପାରୁନାହାନ୍ତି। ଜୟପୁର ଉପଜିଲାପାଳ ଏ. ଏସ୍. ରେଡ୍ଡି ବନ୍ୟାକ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରିଛନ୍ତି।

## ଭୁଶୁଡିଲା ଘର ବର୍ତ୍ତିଲେ ପରିବାର

**ନନ୍ଦାହାଣ୍ଡି, (ପ୍ରତୀପ କୁମାର ଦାଶ)**

୩ ଦିନ ଧରି ଲଗାଣ ବର୍ଷାରେ ନନ୍ଦାହାଣ୍ଡି ବ୍ଲକରେ କିଛି ଲୋକଙ୍କ ଘର ଭାଙ୍ଗିଥିବା ସୂଚନା ମିଳିଛି। ବି. ମାଳିଗୁଡା ଗ୍ରାମର ତ୍ରିଲୋଚନ ହରିଜନ, ଲକ୍ଷ୍ମୀ ହରିଜନ, ଦାମ ମାଳି, ବାଣିଆ ଗ୍ରାମର ରଘୁ ହରିଜନ, କଦମଗୁଡ଼ାର ମଙ୍ଗୁଳୁ ଅମନାତ୍ୟ, ଦମୁଣି ଅମନାତ୍ୟ, ଜେମା ଅମନାତ୍ୟ, ସୁବର୍ଣ୍ଣ ଅମନାତ୍ୟ, ନିଶନାହାଣ୍ଡିର ପ୍ରଭୁଦାନୀ ହରିଜନ, ମରାଳିର ସୁନୀଲ ଦୁଃଖୁଙ୍କ ଘର ଭାଙ୍ଗିଥିବା ଜଣାପଡ଼ିଛି। ଖବର ପାଇ ରାଜସ୍ୱ ବିଭାଗ ପକ୍ଷରୁ କ୍ଷତିଗ୍ରସ୍ତଙ୍କୁ ପଲିଥିନ ଯୋଗାଇ ଦିଆଯାଇଛି। ରାଜସ୍ୱ ସହାୟକମାନଙ୍କର ରିପୋର୍ଟ ଆସିବା ପରେ କ୍ଷୟକ୍ଷତି ଆକଳନ ସହ କ୍ଷତିପୂରଣ ଦିଆଯିବ ବୋଲି ଜଣାପଡ଼ିଛି। ମାଳିଗୁଡା ଗ୍ରାମର ତ୍ରିଲୋଚନ ହରିଜନଙ୍କର ଘର ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି। ପରିବାରର ସମସ୍ତଙ୍କୁ ପଞ୍ଚାୟତ ଗୃହକୁ ସ୍ଥାନାନ୍ତର କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ସେମାନେ କିନ୍ତୁ ସମ୍ପର୍କୀୟଙ୍କ ଘରେ ରହିବେ ବୋଲି କହିଥିବା ତହସିଲଦାର ବନମାଳୀ ମେହେର ସୂଚନା ଦେଇଛନ୍ତି। ବର୍ଷା ଲାଗି ରହିଥିବାରୁ ଯେଉଁ ଘର ଗୁଡିକ ବିପଦ ସଙ୍କୁଳ ଅବସ୍ଥାରେ ରହିଛି ସେମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ପାଇଁ ବ୍ୟବସ୍ଥା କରାଯାଇଥବବା ସୂଚନା ମିଳିଛି।

## କାନ୍ଥତଳେ ଚାପି ହୋଇ ଯୁବତୀ ଗୁରୁତର

**ନବରଙ୍ଗପୁର, (ସଦାଶିବ ପ୍ରହରାଜ)**

ନନ୍ଦାହାଣ୍ଡି ବ୍ଲକ ବାରିଗୁଡ଼ା ଗ୍ରାମରେ ସୋମବାର ଘର କାନ୍ଥ ପଡ଼ି ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ସଦାଶିବ ହରିଜନଙ୍କ ଝିଅ ରୁନି। ରୁନି ଘରେ ରୋଷେଇ କରୁଥିବାବେଳେ ଅପରାହ୍ଣ ୪ଟା.୩୦ରେ ହଠାତ୍ ଘର ଭୁଶୁଡି ପଡ଼ିବାରୁ ସେ କାନ୍ଥ ତଳେ ଚାପି ହୋଇ ରହିଯାଇଥିଲେ। ପରିବାର ଏବଂ ସାହି ଲୋକେ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ତେନ୍ତୁଳିଖୁଣ୍ଟି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

# କୋରାପୁଟ ଜିଲାରେ ୧୦୨୭.୨ମି.ମି. ବର୍ଷା ରେକର୍ଡ

**କୋରାପୁଟ,୯।୯(ଅମିତାଭ ବେହେରା)**

କୋରାପୁଟ ଜିଲାରେ ସୋମବାର ୧୦୨୭.୨ ମି.ମି. ବର୍ଷା ରେକର୍ଡ କରାଯାଇଛି। ଜିଲାର ବୈପାରୀଗୁଡ଼ାରେ ସର୍ବାଧିକ ୧୯୮ ମି.ମି. ଓ ବନ୍ଧୁଗାଁ ବ୍ଲକରେ ସର୍ବନିମ୍ନ ୨ ମି.ମି. ବର୍ଷା ରେକର୍ଡ ହୋଇଥିବା ଜିଲା ଜରୁରୀ ବିଭାଗ ପକ୍ଷରୁ ସୂଚନା ମିଳିଛି। ଲମତାପୁଟରେ ୧୩୨, ବୋରିଗୁମ୍ମାରେ ୧୨୦, ଜୟପୁରରେ ୮୬.୮, ସେମିଳିଗୁଡ଼ାରେ ୮୬, କୋଟପାଡ଼ରେ ୮୦.୨, ନନ୍ଦପୁରରେ ୭୮, କୋରାପୁଟରେ ୬୯.୬, କୁନ୍ଦୁରାରେ ୬୯.୪, ପଟାଙ୍ଗୀରେ ୫୬, ଦଶମନ୍ତପୁରରେ ୨୧, ନାରାୟଣପାଟଣା ବ୍ଲକରେ ୨୦.୨ ମି.ମି. ବର୍ଷା ହୋଇଥିବାବେଳେ ଜିଲା ଜରୁରୀକାଳୀନ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ସୂଚନା ଦେଇଛନ୍ତି। ବୈପାରୀଗୁଡ଼ା, ଲମତାପୁଟ, କୁନ୍ଦୁରା, କୋଟପାଡ଼, ଜୟପୁର, କୋରାପୁଟ, ନନ୍ଦପୁର ଆଦି ୭ ବ୍ଲକରେ ଶତାଧିକ ବ୍ୟକ୍ତିଙ୍କ ୧୫୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗି ଯାଇଛି। ଶତାଧିକ ଏକର ଜମି ପାଣିରେ ବୁଡି ରହିଥିବା ସୂଚନା ମିଳିଛି।

## ବିପଦ ସଙ୍କେତ ପାଖାପାଖି କୋଲାବ, ତେଲେଙ୍ଗିରି ଜଳସ୍ତର

**କୋରାପୁଟ,(ଅମିତାଭ ବେହେରା)**

କୋରାପୁଟ ଜିଲାରେ ପ୍ରବଳ ବର୍ଷା ଜାରି ରହିଥିବାରୁ କୋଲାବ ଓ ତେଲେଙ୍ଗିରି ଜଳଭଣ୍ଡାରରେ ଜଳସ୍ତର ବଢ଼ିଛି। କୋଲାବ ୮୫୮ ମିଟର ସର୍ବୋଚ୍ଚ ସ୍ତରଥିବାବେଳେ ଏବେ ଏହା ୮୫୬.୪୫ମିଟରକୁ ପହଞ୍ଚିଲାଣି, ସେହିପରି ତେଲିଙ୍ଗିରି ଜଳଭଣ୍ଡାର ୬୩୩.୦୦ ମିଟର ଥିବା ବେଳେ ଏହା ଭିତରେ ୬୩୧.୮୯ ମିଟର ଜଳ ରହିଛି। ବର୍ଷାକୁ ଦେଖି ଜିଲା ପ୍ରଶାସନ ସଜାଗ ରହିଛି। କୋରାପୁଟ ବିଧାୟକ ରଘୁରାମ ମାଛ କୋଲାବ ଜଳଭଣ୍ଡାରର ଜଳସ୍ତର ବଢୁଥିବା ଶୁଣି ଦେଖିବାକୁ ଆସିଥିଲେ। ଲୋକଙ୍କୁ ସଚେତନ କରାଯିବା ସହ ଜଳଭଣ୍ଡାରର ଅଧିକାରୀଙ୍କ ସହ ଫୋନରେ କଥାବାର୍ତ୍ତା ହୋଇଛି। ୫ ଫୁଟ ଜଳସ୍ତର ବଢ଼ିଲେ ଗେଟ ଖୋଲିବାକୁ ଆଲୋଚନା କରାଯାଇଛି। ଜଳସ୍ତର ବଢ଼ିଲେ ଲୋକଙ୍କୁ କିପରି ସୁରକ୍ଷିତ ସ୍ଥାନକୁ ନିଆଯିବ ସେଥିପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ କହିଛନ୍ତି।

## ନଦୀପାଖି ଗାଁ ଲୋକେ ସ୍ଥାନାନ୍ତର

**କୋରାପୁଟ, (ଅମିତାଭ ବେହେରା)**

ଜୟପୁର ଓ ବେପାରୀଗୁଡା ବ୍ଲକରେ ପ୍ରବଳ ବର୍ଷା ହେବା ଫଳରେ ଉପରମୁଣ୍ଡର ପାଣି କୋଲାବ ଓ ବିରିଗାଡ଼କୁ ପ୍ରବାହିତ ହୋଇଛି। ବର୍ଷା ପାଣି କୁନ୍ଦୁରା ବ୍ଲକ ଦେଇ ପ୍ରବାହିତ ହେଉଥିବାବେଳେ କୋଲାବ ଓ ବିରିଗାଡ଼ର କୂଳ ଖାଇ ଜମିରେ ପଶିବା ସହ ରାସ୍ତାରେ ଚାଲିଥିଲା। ଏକାଧିକ ଜମିରେ ଏହି ପାଣି ମାଡ଼ିଯାଇଛି। ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ନଦୀପାଖି ଗାଁର କେତେକ ପରିବାରକୁ ସ୍ଥାନାନ୍ତର କରାଯାଇ ରନ୍ଧାଖାଦ୍ୟ ଦିଆଯାଇଥିବା ଅତିରିକ୍ତ ଜିଲାପାଳ ଆଲୋମଣି ସେଠୀ କହିଛନ୍ତି। ସେହଭଳି ବୈପାରୀଗୁଡ଼ା ବ୍ଲକରେ ସର୍ବାଧିକ ୧୮ ଘର ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ପାଣି କମିବା ପରେ ରାଜସ୍ୱ ଓ କୃଷି ବିଭାଗ ଯାଞ୍ଚ ରିପୋର୍ଟ ଦେଲାପରେ କ୍ଷୟକ୍ଷତି ସମ୍ପର୍କରେ ସ୍ପଷ୍ଟ ହେବ।

# ବଢୁଛି ନଦୀ ଜଳସ୍ତର

**ନବରଙ୍ଗପୁର,୯।୯(ସଦାଶିବ ପ୍ରହରାଜ)**

ଲଗାଣ ବର୍ଷା ଯୋଗୁ ନବରଙ୍ଗପୁର ଜିଲାର ଇନ୍ଦ୍ରାବତୀ, ଭାସ୍କେଲ, ଟୁରି ଗୁଣିଥାଟ ଆଦି ନଦୀରେ ଜଳସ୍ତର ବୃଦ୍ଧି ପାଇଛି। ନବରଙ୍ଗପୁର ତହସିଲଦାର କୈଳାଶ ଚନ୍ଦ୍ର ତ୍ରିପାଠୀ, ଜିଲା ଜରୁରୀକାଳୀନ ବିଭାଗ ଡିପିଓ ହିମାଂଶୁ ଶେଖର ପଟ୍ଟନାୟକ, ବିଭାଗୀୟ ଉପଅଧିକାରୀ ତ୍ରିପତି ବାଲାଜୀ ସାହୁ, ରାଜସ୍ୱ ନୀରିକ୍ଷକ ବିଜୟ କୁମାର ମାଝି ପ୍ରମୁଖ ତଳିଆ ଅଞ୍ଚଳରେ ସ୍ଥିତି ଅନୁଧ୍ୟାନ କରୁଛନ୍ତି । ଖବର ଲେଖାଯିବା ପର୍ଯ୍ୟନ୍ତ କୌଣସି ବନ୍ୟା ପରିସ୍ଥିତି ନ ଥିବା ଜଣାପଡ଼ିଛି।

ଉପରୋକ୍ତ ପ୍ରମୁଖ ନଦୀରେ ଜଳସ୍ତର ବୃଦ୍ଧି ପାଇବା ଓ ତେନ୍ତୁଳିଖୁଣ୍ଟି, ନନ୍ଦାହାଣ୍ଡି, ନବରଙ୍ଗପୁର, କୋଷାଗୁମୁଡଡ଼ା, ପାପଡାହାଣ୍ଡି, ଡାବୁଗାଁ ଓ ଉମରକୋଟ ବ୍ଲକରେ ଅତ୍ୟଧିକ ବର୍ଷାହେଲେ କୋଷାଗୁମୁଡ଼ା ବ୍ଲକରେ ବନ୍ୟା ପରିସ୍ଥିତି ଦେଖାଦେଇଥାଏ। ଇନ୍ଦ୍ରାବତୀ ଓ ଭାସ୍କେଲର ସଂଗମ ସ୍ଥଳ କୋଷାଗୁମୁଡା ବ୍ଲକ ଉକିଆପାଲି ଅଂଚଳରେ ରହିଛି। ଉକ୍ତ ସ୍ଥାନରେ ଛତିଶଗଡ଼ ଏକ ଆଡ଼ିବନ୍ଧ କରିଛି। ଏପଟେ ଇନ୍ଦ୍ରାବତୀର ଶାଖା ନଦୀ ଜହରାରେ ମଧ୍ୟ ପାଣି ଦୁଇକୂଳ ଖାଉଛି। ଛତିଶଗଡ଼ଦେଇ ଗତି କରୁଥିବା ଇନ୍ଦ୍ରାବତୀ ନଦୀ ପଥର ମୁହାଣ ହୋଇଥିବାରୁ ବସ୍ତର ଜିଲାରେ ବର୍ଷା ହେଲେ ଇନ୍ଦ୍ରାବତୀ ପାଣି ତୁରନ୍ତ ନିଷ୍କାସନ ହୋଇ ନ ଥାଏ। ଏନେଇ କୋଷାଗୁମୁଡା ବ୍ଲକ ୯ଟି ପଞ୍ଚାୟତରେ ବନ୍ୟା ପରିସ୍ଥିତି ଦେଖା ଦେଇଥାଏ। ଚଳିତ ବର୍ଷ ଯାହାବି ବର୍ଷା ହୋଇଛି ଜିଲାର ଇନ୍ଦ୍ରାବତୀ ନଦୀର ଦୁଇକୂଳ ଛୁଇଁ ନଥିଲା। ୩ ଦିନ ଧରି ଲାଗି ରହିଥିବା ବର୍ଷାରେ ନବରଙ୍ଗପୁର ଇନ୍ଦ୍ରାବତୀ ନଦୀର ବର୍ତ୍ତମାନ ଜଳସ୍ତର ବଢ଼ିଛି।



ଇନ୍ଦ୍ରାବତୀ ଶାଖା ନଦୀ ଜହରା।

## ଗାଁ ଛୁଉଁଛି ପାଣି

**ନବରଙ୍ଗପୁର, (ସଦାଶିବ ପ୍ରହରାଜ)**

ନବରଙ୍ଗପୁର ବ୍ଲକ ବଡ ମସିଗାଁ ପଞ୍ଚାୟତ ବଟିଗୁଡା, ଖଡ଼ରିଗୁଡା ଓ ଡେବରାଗୁଡ଼ା ନିକଟରେ ଜଳସ୍ତର ଜନବସତିରୁ ପ୍ରାୟ ୧୦ ଫୁଟ ତଳେ ପ୍ରଭାବିତ ହେଉଛି । ଏହିସ୍ଥାନ ଟୁରୀ ଏବଂ ଇନ୍ଦ୍ରାବତୀ ନଦୀର ସଙ୍ଗମସ୍ଥଳ। ସମ୍ପୃକ୍ତ ଗ୍ରାମରେ ନବରଙ୍ଗପୁର ତହସିଲଦାର କୈଳାସ ଚନ୍ଦ୍ର ତ୍ରିପାଠୀ, ଜିଲା ଜରୁରୀକାଳୀନ ବିଭାଗର ପ୍ରକଳ୍ପ ଅଧିକାରୀ ହିମାଂଶୁ ଶେଖର ପଟ୍ଟନାୟକ, ଜରୁରୀକାଳୀନ ଉପବିଭାଗ ବିଭାଗୀୟ ଅଧିକାରୀ ତ୍ରିପତି ବାଲାଜୀ ସାହୁ ଏବଂ ରାଜସ୍ୱ ନିରୀକ୍ଷକ ବିଜୟ ମାଝୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ ସହ ଆଲୋଚନା କରିଥିଲେ। ସେ ବିଡିଓ ଡଃ ସୁନୀଲ ଖୋରାଙ୍କ ସହିତ ଯୋଗାଯୋଗ କରିଥିଲେ। ଆବଶ୍ୟକସ୍ଥଳେ ପ୍ରଭାବିତ ଲୋକମାନଙ୍କୁ ସ୍ଥାନୀୟ ସ୍କୁଲକୁ ସ୍ଥାନାନ୍ତର କରାଯିବା ସହ ରନ୍ଧା ଖାଦ୍ୟ, ମହମବତୀ, ଦିଆସିଲି ଆଦି ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ଅସୁବିଧା ହେଲେ ତହସିଲଦାର, ରାଜସ୍ୱ ନୀରିକ୍ଷକ ଏବଂ ଜିଲା ଜରୁରୀ କାଳୀନ ବିଭାଗକୁ ଯୋଗାଯୋଗ କରିବା ପାଇଁ ଯୁବଗୋଷ୍ଠୀଙ୍କୁ ପରାମର୍ଶ ଦିଆଯାଇଛି।

## ସଂକ୍ଷେପରେ

### ଅନୁପ୍ରବେଶ ଉଦ୍ୟମ ପଣ୍ଡ: ୨ ଆତଙ୍କବାଦୀ ନିହତ

ଜମ୍ମୁ,୯।୯ (ପି.ଟି.)

ନିୟନ୍ତ୍ରଣ ରେଖା (ଏଲ୍ଓସି) ଦେଇ ଜମ୍ମୁ-କଶ୍ମୀରର ରାଜୌରି ଜିଲାରେ ଅନୁପ୍ରବେଶ ନିମନ୍ତେ ଆତଙ୍କବାଦୀଙ୍କ ଉଦ୍ୟମକୁ ସୁରକ୍ଷା ବଳ ପଣ୍ଡ କରିଦେଇଛି। ଯବାନଙ୍କ ଗୁଳିରେ ୨ ଜଣ ସଶସ୍ତ୍ର ଆତଙ୍କବାଦୀ ନିହତ ହୋଇଥିବା ସେନା ପକ୍ଷରୁ ସୋମବାର ସୂଚନା ଦିଆଯାଇଛି। ରବିବାର ବିଳମ୍ବିତ ରାତିରେ ସୀମାରେ କେତେଜଣ ଆତଙ୍କବାଦୀ ଅନୁପ୍ରବେଶ ଉଦ୍ୟମ କରୁଥିବା ଯବାନଙ୍କ ନଜରକୁ ଆସିଥିଲା। ସେମାନଙ୍କୁ ଅଟକାଇବା ପାଇଁ ନୌସେରାର ଲାମ୍ ସେକ୍ଟରରେ ସୁରକ୍ଷା ବଳ ଗୁଳି ଚଳାଇବାରୁ ଆତଙ୍କବାଦୀ ଏହାର ପାଲଟା ଜବାବ ଦେଇଥିଲେ। ଫଳରେ ଦୀର୍ଘ ସମୟ ପାଇଁ ଉଭୟଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ୨ ଆତଙ୍କବାଦୀ ନିହତ ହେବା ସହ ସେମାନଙ୍କଠାରୁ ୨ଟି ଏକେ-୪୭, ଗୋଟିଏ ପିସ୍ତଲ ଓ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ଜବତ ହୋଇଛି।

# କାଳିନ୍ଦୀ ଏକ୍ସପ୍ରେସ ଉଡ଼ାଇବାକୁ ଷଡ଼ଯନ୍ତ୍ର

## ରେଳଲାଇନରୁ ମିଳିଲା ଏଲ୍‌ପିଜି ସିଲିଣ୍ଡର, ବାରୁଦ, ପେଟ୍ରୋଲ ବୋତଲ

କାନପୁର, ୯।୯(ପି.ଟି.)

ଉତ୍ତରପ୍ରଦେଶର କାନପୁରରେ ଏକ ବଡ଼ ଟ୍ରେନ୍ ଦୁର୍ଘଟଣାକୁ ରୋକାଯାଇପାରିଛି। ରବିବାର ରାତିରେ ପ୍ରୟାଗରାଜରୁ ହରିୟାଣାର ଭିୱାନୀ ଅଭିମୁଖେ ଯାଉଥିବା କାଳିନ୍ଦୀ ଏକ୍ସପ୍ରେସକୁ ବିସ୍ଫୋରଣରେ ଉଡ଼ାଇ ଦେବା ପାଇଁ ଷଡ଼ଯନ୍ତ୍ର କରାଯାଇଥିଲା। ରାତି ୮ଟା ୨୦ ସମୟରେ ଏକ୍ସପ୍ରେସ୍ ଟ୍ରେନ୍‌ଟି ଦ୍ରୁତ ବେଗରେ ଯାଉଥିବାବେଳେ ରେଳଲାଇନ୍‌ରେ ରଖାଯାଇଥିବା ଏଲ୍‌ପିଜି ସିଲିଣ୍ଡରରେ ଧକ୍କା ହୋଇ ଅଟକିଯିବାରୁ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି। ରେଳଲାଇନରେ ଏଲ୍‌ପିଜି ସିଲିଣ୍ଡର ସମେତ ପେଟ୍ରୋଲ ବୋତଲ, ଦିଆସିଲି ଆଦି ରଖାଯାଇଥିଲା। ସୌଭାଗ୍ୟବଶତଃ ସିଲିଣ୍ଡରଟି ବିସ୍ଫୋରଣ ହୋଇ ନ ଥିବା ପୋଲିସ କହିଛି।

ତଦନ୍ତ ବେଳେ ଘଟଣା ଘଟିଥିବା ରେଳ ଟ୍ରାକ୍ ନିକଟସ୍ଥ ବୁଦା ମଧ୍ୟରୁ ପେଟ୍ରୋଲ ବୋତଲ, ବାରୁଦ, ଦିଆସିଲକୁ ପୋଲିସ ଜବତ କରିଛି। ଏହି ଷଡ଼ଯନ୍ତ୍ରରେ ୨ ଜଣ ସାମିଲ ଥିବା ସନ୍ଦେହ କରି ପୋଲିସ ସେମାନଙ୍କୁ ଗିରଫ କରିବା ସହ ପଚରାଉଚରା ଜାରି ରଖିଛି। କାନପୁର ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍ଆଇଟି) ଏବଂ ଅନ୍ୟାନ୍ୟ ଏଜେନ୍ସି ମାମଲାର ତଦନ୍ତ ଜାରି ରଖିଛନ୍ତି। ପୋଲିସର ସୂଚନା ଅନୁଯାୟୀ ରବିବାର ରାତିରେ କାନପୁରର ଅନୱରଗଞ୍ଜ ଏବଂ କାସଗଞ୍ଜ ଷ୍ଟେଶନ ମଧ୍ୟରେ କାଳିନ୍ଦୀ ଏକ୍ସପ୍ରେସ ଏକ ସିଲିଣ୍ଡର ସହ ଧକ୍କା ହୋଇଥିଲା। କାନପୁର ଅତିରିକ୍ତ ପୋଲିସ କମିଶନର (ଏସିପି) ହରିଶ ଚନ୍ଦ୍ରା କହିଛନ୍ତି, ଏକ ସନ୍ଦିଗ୍ଧ ଉପକରଣ ରେଳଲାଇନରେ ଦେଖାଯିବାରୁ ଲୋକୋ ପାଇଲଟ୍ ବ୍ରେକ୍ ମାରିଥିଲେ। ତେବେ ବେଗ ବେଶି ଥିବାରୁ ଟ୍ରାକ୍‌ରେ ରଖାଯାଇଥିବା ସିଲିଣ୍ଡର ସହ କାଳିନ୍ଦୀ ଏକ୍ସପ୍ରେସ ଧକ୍କା ହୋଇଥିଲା। ଲୋକୋ ପାଇଲଟ୍‌ଙ୍କ ତ୍ୱରିତ ପଦକ୍ଷେପ ଯୋଗୁ ଏକ ବଡ଼ ଧରଣର ରେଳ ଦୁର୍ଘଟଣାରୁ ରୋକାଯାଇପାରିଥିବା ଏସିପି କହିଛନ୍ତି। ଘଟଣାରେ କୌଣସି ଯାତ୍ରୀଙ୍କର କ୍ଷୟକ୍ଷତି ହୋଇନାହିଁ।

ଘଟଣା ସମ୍ପର୍କରେ ସୂଚନା ପାଇ ଅନୱରଗଞ୍ଜ ଷ୍ଟେଶନର ରେଳ ଅଧୀକ୍ଷକ ଏବଂ ରେଳ ସୁରକ୍ଷା ବଳ (ଆରପିଏଫ୍) ସମେତ ଅନ୍ୟ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ସନ୍ଦିଗ୍ଧ ଉପକରଣଗୁଡ଼ିକୁ ଯାଞ୍ଚ ପାଇଁ ଫରେନ୍ସିକ୍ ଲ୍ୟାବ୍‌କୁ ପଠାଯାଇଛି। ଘଟଣାସ୍ଥଳରେ ଆତଙ୍କବାଦ ନିରୋଧୀ ସ୍କ୍ୱାଡ୍(ଏଟିଏସ୍)ର କାନପୁର ଏବଂ ଲକ୍ଷ୍ନୌ ୟୁନିଟ୍ ଏବଂ ଅନ୍ୟ ଏଜେନ୍ସି ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମାମଲାର ତଦନ୍ତ ପାଇଁ ଏଟିଏସ୍ ପକ୍ଷରୁ ୫ଟି ଟିମ୍ ଗଠନ କରାଯାଇଛି। ତେବେ ଏହା ପଛରେ କୌଣସି ଆତଙ୍କବାଦୀ ଷଡ଼ଯନ୍ତ୍ର ରହିଛି କି ନାହିଁ, ତାହା ସ୍ପଷ୍ଟ ହୋଇ ନାହିଁ। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କାନପୁର ଏସିପି କହିଛନ୍ତି। ରେଲୱେ ପକ୍ଷରୁ ଶିବରାଜପୁରରେ ଅଜଣା ବ୍ୟକ୍ତିଙ୍କ ବିରୋଧରେ ଭାରତୀୟ ନ୍ୟାୟ ସଂହିତା, ବିସ୍ଫୋରକ ସାମଗ୍ରୀ ଆଇନ ଏବଂ ରେଲୱେ ଆକ୍ଟ ଅନୁଯାୟୀ ଏତଲା ଦାଏର ହୋଇଥିବା ପୋଲିସ କହିଛି।



କାଳିନ୍ଦୀ ଏକ୍ସପ୍ରେସ ଯାଉଥିବା ରେଳଲାଇନ୍‌ରୁ ଏଲ୍‌ପିଜି ସିଲିଣ୍ଡର, ପେଟ୍ରୋଲ ବୋତଲ ମିଳିବା ପରେ ପୋଲିସ ଟ୍ରାକ୍ ଯାଞ୍ଚ କରୁଛି।

## ମୃତ ଡାକ୍ତରଙ୍କ ପରିବାରକୁ ଟଙ୍କା ଯାଚିନାହିଁ: ମମତା

କୋଲକାତା,୯।୯

କୋଲକାତା ଆର୍.ଜି. କର ହସ୍ପିଟାଲର ମହିଳା ଡାକ୍ତରଙ୍କ ପରିବାର ସଦସ୍ୟଙ୍କୁ କଦାପି ଟଙ୍କା ଯାଚି ନ ଥିବା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସୋମବାର କହିଛନ୍ତି। ଡାକ୍ତରଙ୍କ ପରିବାରକୁ ଟଙ୍କା ଯଚାଯାଇଥିବା, ମାମଲାକୁ ଚାପିଦେବାକୁ ପୋଲିସ ଉଦ୍ୟମ କରିଥିବା ଆଦି ଅଭିଯୋଗ କେବଳ ସରକାରଙ୍କୁ ବଦନାମ କରିବା ପାଇଁ ବିରୋଧୀ ଦଳର ଅପପ୍ରଚାର। ଡାକ୍ତର ବଳାତ୍କାର ଓ ହତ୍ୟା ମାମଲାକୁ ନେଇ ଉତ୍ତେଜନା ବଢ଼ାଇବାକୁ କେନ୍ଦ୍ର ସରକାର ଷଡ଼ଯନ୍ତ୍ର ଚଳାଇଥିଲେ। କେତେକ ବାମଦଳ ମଧ୍ୟ ଏହି ଷଡ଼ଯନ୍ତ୍ରରେ ସାମିଲ ଥିବା ମମତା ଅଭିଯୋଗ କରିଛନ୍ତି। ମୃତ ଡାକ୍ତରଙ୍କ ପରିବାର ତାଙ୍କ ଝିଅଙ୍କ ସ୍ମୃତିରେ କିଛି କରିବାକୁ ଚାହୁଁଥିଲେ ରାଜ୍ୟ ସରକାର ସେମାନଙ୍କ ସହ ରହିଛନ୍ତି। ଟଙ୍କା ଯାଚିବା ଅଭିଯୋଗ କେବଳ ବଦନାମ କରିବା ପାଇଁ ଉଦ୍ଦିଷ୍ଟ ବୋଲି ତୃଣମୂଳ କଂଗ୍ରେସ ନେତ୍ରୀ କହିଛନ୍ତି। ପଡୋଶୀ ଦେଶର ଅଶାନ୍ତ ସ୍ଥିତିରୁ ମଧ୍ୟ କେତେଜଣ ଫାଇଦା ଉଠାଉଛନ୍ତ ବୋଲି ମମତା ବାଂଲାଦେଶକୁ ଲକ୍ଷ୍ୟ କରି କହିଛନ୍ତି। ଅନ୍ୟପକ୍ଷରେ ମମତା ମିଛ କହୁଥିବା ମହିଳା ଡାକ୍ତରଙ୍କ ମାଆ ଅଭିଯୋଗ କରିଛନ୍ତି। କୋଲକାତା ପୋଲିସ ତାଙ୍କ ପରିବାରକୁ ଟଙ୍କା ଯାଚିଥିଲା ବୋଲି ସେ କହିଛନ୍ତି।

## ରାମମନ୍ଦିର ଟ୍ରଷ୍ଟ ମୁଖ୍ୟ ମହନ୍ତ ନୃତ୍ୟଗୋପାଳ ହସ୍ପିଟାଲରେ ଭର୍ତ୍ତି



ଲକ୍ଷ୍ନୌ,୯।୯ (ପି.ଟି.)

ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଅଧ୍ୟକ୍ଷ ମହନ୍ତ ନୃତ୍ୟଗୋପାଳ ଦାସ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ତାଙ୍କର ପରିସ୍ରାଜନିତ ସମସ୍ୟା ସମେତ ଅନ୍ୟାନ୍ୟ ସମସ୍ୟା ଦେଖାଦେବାରୁ ରବିବାର ସନ୍ଧ୍ୟାରେ ତାଙ୍କୁ ମେଦାନ୍ତା ହସ୍ପିଟାଲର ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ଭର୍ତ୍ତି କରାଯାଇଥିଲା। କିଛିଦିନ ହେଲା ଗ୍ୱାଲିୟରରେ ୮୬ ବର୍ଷୀୟ ମହନ୍ତଙ୍କର ଚିକିତ୍ସା ଚାଲିଥିଲା। ତେବେ ସ୍ୱାସ୍ଥ୍ୟାବସ୍ଥାରେ ଅବନତି ଦେଖାଦେବାରୁ ମେଦାନ୍ତ ହସ୍ପିଟାଲକୁ ନିଆଯାଇଛି। ହସ୍ପିଟାଲର ଡାକ୍ତରମାନଙ୍କର ଏକ ଟିମ୍ କ୍ରମାଗତ ଭାବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିବା ସହ ଚିକିତ୍ସା ଚଳାଇଛି।

# ଭାରତ ଓ ୟୁଏଇ ମଧ୍ୟରେ ୪ ଚୁକ୍ତିନାମା

ନୂଆଦିଲ୍ଲୀ, ୯।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଆବୁଧାବୀର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲିଦ୍ ବିନ୍ ମହମ୍ମଦ ବିନ୍ ଜାୟଦ ଅଲ୍ ନାହୟାନ୍‌ଙ୍କ ସହ ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ଆଲୋଚନା କରିଛନ୍ତି। ଏହି ଅବସରରେ ୨ ଦେଶ ପରସ୍ପର ସହ ରଣନୈତିକ ସମ୍ପର୍କକୁ ମଜଭୁତ କରିବା ଓ ଶକ୍ତି ସହଯୋଗକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ୪ଟି ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ଆବୁଧାବୀ ନ୍ୟାଶ୍‌ନାଲ ଅଏଲ କମ୍ପାନୀ(ଏଡିଏନ୍‌ଓସି) ଏବଂ ଇଣ୍ଡିଆନ୍ ଅଏଲ କର୍ପୋରେଶନ ଲିମିଟେଡ୍ (ଆଇଓସିଏଲ୍) ମଧ୍ୟରେ ଦୀର୍ଘକାଳୀନ ଲିକ୍ୟୁଫାଏଡ୍ ନ୍ୟାଚୁରାଲ ଗ୍ୟାସ(ଏଲ୍ଏନ୍‌ଜି) ଯୋଗାଣ ପାଇଁ ଏକ ଚୁକ୍ତି ସ୍ୱାକ୍ଷର ହୋଇଛି। ସେହିପରି ଏଡିଏନ୍‌ଓସି ଏବଂ ଇଣ୍ଡିଆ ଷ୍ଟ୍ରାଟେଜିକ ପେଟ୍ରୋଲିୟମ ରିଜର୍ଭ ଲିମିଟିଡ୍ (ଆଇଏସ୍‌ପିଆର୍‌ଏଲ୍) ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏମିରେଟ୍ସ ଆଣବିକ ଶକ୍ତି କମ୍ପାନୀ(ଇଏନ୍‌ଇସି) ଏବଂ ନ୍ୟୁକ୍ଲିୟର ପାୱାର କର୍ପୋରେଶନ ଅଫ୍ ଇଣ୍ଡିଆ ଲିମିଟେଡ୍(ଏନ୍‌ପିସିଆଇଏଲ୍) ମଧ୍ୟରେ ଆବୁଧାବୀର ବାରାକାହ ଆଣବିକ କେନ୍ଦ୍ରର ରକ୍ଷଣାବେକ୍ଷଣ ପାଇଁ ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ସେହିପରି ଭାରତରେ ଫୁଡ୍ ପାର୍କ ସ୍ଥାପନ କରିବା ପାଇଁ ଗୁଜରାଟ ସରକାର ଏବଂ ଆବୁଧାବୀ ଡେଭେଲପ୍‌ମେଣ୍ଟ ହୋଲଡିଂ କମ୍ପାନୀ ପିଜେଏସ୍‌ସି ମଧ୍ୟରେ ଆଉ ଏକ ଚୁକ୍ତିନାମା ସ୍ୱାକ୍ଷର ହୋଇଛି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଆବୁଧାବୀର କ୍ରାଉନ୍ ପ୍ରିନ୍ସ ଶେଖ୍ ଖାଲିଦ୍ ବିନ୍ ମହମ୍ମଦ।

## ହରିୟାଣାରେ ଏକାକୀ ଲଢ଼ିବ ଆପ୍

### କଂଗ୍ରେସ ସହ ମେଣ୍ଟ ହେଲାନି

ନୂଆଦିଲ୍ଲୀ,୯।୯ (ପି.ଟି.)

ହରିୟାଣା ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟି (ଆପ୍) ମଧ୍ୟରେ ମେଣ୍ଟ ଆଲୋଚନାର ଅନ୍ତ ଘଟିଛି। ଉଭୟ ଦଳ ଏକାକୀ ନିର୍ବାଚନ ଲଢ଼ିବା ପାଇଁ ସୋମବାର ନିଷ୍ପତ୍ତି ନେବା ପରେ ଆପ୍ ପ୍ରଥମ ପର୍ଯ୍ୟାୟରେ ୨୦ ଜଣିଆ ପ୍ରାର୍ଥୀ ତାଲିକା ଘୋଷଣା କରିଛି। ୯୦ ଆସନ ବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ସେପ୍ଟେମ୍ବର ୧୨ ଥିବାବେଳେ ଏହା ପୂର୍ବରୁ କଂଗ୍ରେସ ଏବଂ ଆପ୍ ମଧ୍ୟରେ ମେଣ୍ଟ ଚୂଡ଼ାନ୍ତ ନେଇ କୌଣସି ନିଷ୍ପତ୍ତି ହୋଇପାରି ନାହିଁ। ଦଳର ଦ୍ୱିତୀୟ ପ୍ରାର୍ଥୀ ତାଲିକା ଖୁବ୍‌ଶୀଘ୍ର ପ୍ରକାଶ ପାଇବ ଏବଂ ହରିୟାଣାରେ ଆପ୍ ଏକ ଶକ୍ତିଶାଳୀ ବିକଳ୍ପ ହେବ ବୋଲି ଏହାର ରାଜ୍ୟ ନେତା କହିଛନ୍ତି।

## ସିରିଆରେ ଇସ୍ରାଏଲର ମିଶାଇଲ ମାଡ଼, ୧୮ ମୃତ

ଡାମାସ୍କସ୍, ୯।୯

ଇସ୍ରାଏଲ ସୋମବାର ସିରିଆରେ ମିଶାଇଲ ମାଡ଼ କରିବାରୁ ୧୮ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୪୦ରୁ ଅଧିକ ଆହତ ହୋଇଛନ୍ତି। ସମସ୍ତ ଆହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉତ୍ତର ପଶ୍ଚିମ ସିରିଆର ମସ୍ୟାଫ୍ ସହରର ଏକ ରିସର୍ଚ୍ଚ ସେଣ୍ଟରକୁ ଟାର୍ଗେଟ କରି ଇସ୍ରାଏଲ ମିଶାଇଲ ମାଡ଼ କରିଥିଲା। ସେହିପରି ବିଭିନ୍ନ ଆବାସିକ ସ୍ଥଳକୁ ଟାର୍ଗେଟ କରି ଇସ୍ରାଏଲ ମିଶାଇଲ ମାଡ଼ କରିଥିଲା। ଆକ୍ରମଣରେ କେନ୍ଦ୍ରୀୟ ସିରିଆର ଅନେକ ଅଞ୍ଚଳ ପ୍ରଭାବିତ ହୋଇଥିବାବେଳେ ହମା ପ୍ରଦେଶର ଏକ ରାଜପଥ କ୍ଷତିଗ୍ରସ୍ତ ହୋଇଛି। ଗାଜାରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ସିରିଆ ଉପରେ ଇସ୍ରାଏଲର ଏହା ସବୁଠାରୁ ବଡ଼ ଆକ୍ରମଣ। ଇସ୍ରାଏଲ ନିୟମିତ ଭାବେ ସିରିଆରେ ଥିବା ଇରାନୀୟ ସାମରିକ ସ୍ଥାନ ଏବଂ ହେଜ୍‌ବୋଲ୍ଲା ସହ ଜଡ଼ିତ ସ୍ଥାନଗୁଡ଼ିକୁ ଟାର୍ଗେଟ କରିଆସୁଛି।



ଇସ୍ରାଏଲ୍‌ର ମିଶାଇଲ ମାଡ଼ରେ ସିରିଆର ଏକ ରାଜପଥ କ୍ଷତିଗ୍ରସ୍ତ ହୋଇଛି।

## ବାୟୁ ପ୍ରଦୂଷଣ ରୋକିବାକୁ ଦିଲ୍ଲୀରେ ବାଣ ଉତ୍ପାଦନ, ବିକ୍ରି ବନ୍ଦ

ନୂଆଦିଲ୍ଲୀ,୯।୯

ଆଗାମୀ ଶୀତଋତୁରେ ବାୟୁ ପ୍ରଦୂଷଣ ରୋକିବା ପାଇଁ ଦିଲ୍ଲୀ ସରକାର ଜାନୁଆରୀ ୧ ଯାଏ ରାଜଧାନୀରେ ବାଣ ଉତ୍ପାଦନ, ବିକ୍ରି ଓ ବ୍ୟବହାର ଉପରେ ସୋମବାର କଟକଣା ଲଗାଇଛନ୍ତି। ବାଣ ଅନ୍‌ଲାଇନ ବିକ୍ରି ଉପରେ ମଧ୍ୟ ନିଷେଧାଦେଶ ଜାରି ହୋଇଛି। ନିଷେଧାଦେଶକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ପାଇଁ ଦିଲ୍ଲୀ ପୋଲିସ, ପ୍ରଦୂଷଣ ନିୟନ୍ତ୍ରଣ କମିଟି ଏବଂ ରାଜସ୍ୱ ବିଭାଗ ମିଳିତ ଭାବେ ଏକ କାର୍ଯ୍ୟଯୋଜନା ପ୍ରସ୍ତୁତ କରିବେ।

## ଇସ୍ରାଏଲ୍‌କୁ ଅସ୍ତ୍ର ରପ୍ତାନି ବନ୍ଦ ଲାଗି ପିଆଇଏଲ୍ ଖାରଜ

ନୂଆଦିଲ୍ଲୀ,୯।୯(ପି.ଟି.)

ଗାଜାରେ ଆକ୍ରମଣ ଚଳାଇଥିବା ଇସ୍ରାଏଲ୍‌କୁ ଅସ୍ତ୍ରଶସ୍ତ୍ର ଓ ସାମରିକ ସରଞ୍ଜାମ ରପ୍ତାନି ବନ୍ଦ ଲାଗି କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ପାଇଁ ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ସୁପ୍ରିମକୋର୍ଟ ସୋମବାର ଖାରଜ କରିଦେଇଛନ୍ତି। ଦେଶର ବୈଦେଶିକ ନୀତିରେ କୋର୍ଟ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ପଷ୍ଟ କରିଦେଇଛନ୍ତି। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଜେ.ବି. ପର୍‌ଡିୱାଲା ଏବଂ ମନୋଜ ମିଶ୍ରାଙ୍କ ଖଣ୍ଡପୀଠ କହିଛନ୍ତି, ଇସ୍ରାଏଲ୍‌କୁ ଅସ୍ତ୍ର ଓ ସାମରିକ ଉପକରଣ ରପ୍ତାନି କରୁଥିବା ଭାରତୀୟ କମ୍ପାନୀ ଚୁକ୍ତିନାମାର ଉଲ୍ଲଂଘନ କରିଥିଲେ, ତାଙ୍କ ବିରୋଧରେ ମକଦ୍ଦମା କରାଯାଇପାରେ। ତେବେ ଅସ୍ତ୍ର ଯୋଗାଣକୁ ବନ୍ଦ କରାଯାଇପାରିବ ନାହିଁ। ରପ୍ତାନି ବନ୍ଦ ଲାଗି ନିର୍ଦ୍ଦେଶ ଦେଲେ ବୈଦେଶିକ ନୀତି ପ୍ରଭାବିତ ହେବ ଏବଂ ଏହାର ପ୍ରଭାବ କ'ଣ ହେବ ଆମେ ଜାଣିନାହୁଁ ବୋଲି ସିଜେଆଇ କହିଥିଲେ। ଆଇନଜୀବୀ ପ୍ରଶାନ୍ତ ଭୂଷଣଙ୍କ ଜରିଆରେ ଅଶୋକ କୁମାର ଶର୍ମା ଓ ଅନ୍ୟମାନେ ଏହି ଜନସ୍ୱାର୍ଥ ମାମଲା ଦାଏର କରିଥିଲେ।

# ରାଜନୀତିରୁ ଭଲପାଇବା, ସମ୍ମାନ, ବିନମ୍ରତା ହଜିଯାଇଛି: ରାହୁଲ

ୱାଶିଂଟନ,୯।୯

ଭାରତୀୟ ରାଜନୀତିରୁ ଭଲ ପାଇବା, ସମ୍ମାନ ଏବଂ ବିନମ୍ରତା ହଜିଯାଇଥିବା ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ରବିବାର କହିଛନ୍ତି। ଆମେରିକା ଗସ୍ତରେ ଥିବା ରାହୁଲ ଟେକ୍ସାସ୍‌ଠାରେ ଭାରତୀୟ-ଆମେରିକୀୟମାନଙ୍କୁ ଉଦ୍‌ବୋଧନ ଦେଇ ଏହା କହିଛନ୍ତି। ବିରୋଧୀ ଦଳ ନେତା ହେବା ପରେ ଆମେରିକାରେ ପ୍ରବାସୀ ଭାରତୀୟମାନଙ୍କ ସହ ଏହା ଥିଲା ରାହୁଲଙ୍କର ପ୍ରଥମ ଆଲୋଚନା। ଏହି ଅବସରରେ ଭାରତକୁ ଗୋଟିଏ ବିଚାରଧାରା ବୋଲି କହୁଥିବା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍)କୁ ସେ ସମାଲୋଚନା କରିଛନ୍ତି। କଂଗ୍ରେସ ଭାରତକୁ ବିଚାରଧାରାର ବହୁଳତା ବିବେଚନା କରିଥାଏ ବୋଲି ସେ କହିଛନ୍ତି।



ରାହୁଲ ଗାନ୍ଧୀ

### ଆର୍‌ଏସ୍‌ଏସ୍ ବିଚାରଧାରାକୁ ସମାଲୋଚନା

ଆମେରିକା ଭଳି ଭାରତରେ ଜାତି, ବର୍ଣ୍ଣ, ଭାଷା, ଧର୍ମ ଓ ପରମ୍ପରା ନିର୍ବିଶେଷରେ ସମସ୍ତଙ୍କୁ ରାଜନୀତିରେ ଭାଗନେବା ପାଇଁ ଅନୁମତି ମିଳିବା ଉପରେ କଂଗ୍ରେସ ବିଶ୍ୱାସ କରେ। ଭାରତର ପ୍ରଧାନମନ୍ତ୍ରୀ ଦେଶର ସମ୍ବିଧାନ ଉପରେ ଆକ୍ରମଣ କରୁଥିବା ଦେଶବାସୀ ସ୍ପଷ୍ଟ ଭାବେ ବୁଝିବା ପରେ ଗତ ନିର୍ବାଚନରେ ଲଢ଼େଇ ସ୍ପଷ୍ଟ ହୋଇଥିଲା। ଭାରତୀୟ ରାଜନୀତିରେ ଭଲପାଇବା, ସମ୍ମାନ ଏବଂ ବିନମ୍ରତାକୁ ସାମିଲ କରିବା ତାଙ୍କର ଉଦ୍ଦେଶ୍ୟ ବୋଲି ରାହୁଲ କହିଛନ୍ତି। ଭାରତ ଗଢ଼ିବାକୁ ଉଦ୍ୟମ କରୁଥିବା ପ୍ରତ୍ୟେକଙ୍କୁ ସେ ସମ୍ମାନ କରନ୍ତି। ଲୋକ ସଭା ନିର୍ବାଚନରେ ଭାଜପା ସଂଖ୍ୟାଗରିଷ୍ଠତା ହାସଲ କରିବାରେ ବିଫଳ ହୋଇଥିଲା। ଫଳାଫଳ ଆସିବା ପରେ କେହି ଆଉ ଭାଜପା ଏବଂ ପ୍ରଧାନମନ୍ତ୍ରୀଙ୍କୁ ଭୟ କରି ନ ଥିଲେ। ଗଣତନ୍ତ୍ରକୁ ବୁଝିଥିବା ଭାରତୀୟମାନଙ୍କ ପାଇଁ ଏହା ଏକ ବଡ଼ ସଫଳତା। ଆମ ସମ୍ବିଧାନ ଓ ଧର୍ମ ଉପରେ ଆକ୍ରମଣକୁ ଗ୍ରହଣ କରାଯିବ ନାହିଁ ବୋଲି ସେମାନେ ଅନୁଭବ କରିଛନ୍ତି। ପ୍ରବାସୀ ଭାରତୀୟମାନେ ଦୁଇ ଦେଶ ମଧ୍ୟରେ ସମ୍ପର୍କର ସେତୁ ବୋଲି ରାହୁଲ କହିଛନ୍ତି।

## ଫୁରସତ୍

# ଗୁମ୍ଫା ଭିତରେ ରହସ୍ୟମୟ ସେତୁ



ମାଡ୍ରିଡ୍

ସ୍ପେନ୍‌ର ମାଲୋର୍କା ଦ୍ୱୀପରେ ଥିବା ଜେନୋଭେସା ଗୁମ୍ଫାର ଗଭୀରରେ ପୋତି ହୋଇ ରହିଥିବା ଏକ ପ୍ରାଚୀନ ସେତୁକୁ ନେଇ ଜର୍ନାଲ କମ୍ୟୁନିକେଶନ ଆର୍ଥ୍ ଆଣ୍ଡ୍ ଏନ୍‌ଭାଇରନ୍‌ମେଣ୍ଟ ପତ୍ରିକାରେ ଗୋଟିଏ ନୂତନ ଅଧ୍ୟୟନ ପ୍ରକାଶିତ ହୋଇଛି। ଉକ୍ତ ଅଧ୍ୟୟନରୁ ପଶ୍ଚିମ ଭୂମଧ୍ୟସାଗର ଅଞ୍ଚଳରେ ମାନବ ବସତିର ସମୟକୁ ନେଇ ବିସ୍ତୃତ ଅନୁସନ୍ଧାନ ମିଳିପାରିଛି। ଲିଖିତ ରେକର୍ଡର ଅଭାବ ଏବଂ ସୀମିତ ପ୍ରତ୍ନତାତ୍ତ୍ୱିକ ପ୍ରମାଣ ଯୋଗୁ ମଣିଷ ପ୍ରଥମେ କେତେବେଳେ ଭୂମଧ୍ୟସାଗରୀୟ ଦ୍ୱୀପପୁଞ୍ଜରେ ବସବାସ କରୁଥିଲା ସେ ନେଇ ନିର୍ଣ୍ଣୟ କରିବା ବୈଜ୍ଞାନିକଙ୍କ ପାଇଁ କଷ୍ଟକର ହୋଇପଡୁଥିଲା। ତେବେ ବର୍ତ୍ତମାନ ବୁଡ଼ି ଯାଇଥିବା ଉକ୍ତ ପ୍ରାଚୀନ ସେତୁରୁ ମାଲୋର୍କା ଦ୍ୱୀପପୁଞ୍ଜରେ ମାନବ ସଭ୍ୟତା କେଉଁ ସମୟରେ ବସବାସ କରୁଥିଲେ ତାହା ଜଣାପଡ଼ିଛି। ଅଧ୍ୟୟନ ଅନୁଯାୟୀ, ପ୍ରାଚୀନ ସେତୁରୁ ମିଳିଥିବା ଖଣିଜ ଗଠନରୁ ଏହି ସଂରଚନା ପ୍ରାୟ ୬,୦୦୦ ବର୍ଷ ପୂର୍ବେ ନିର୍ମିତ ହୋଇଥିଲା ବୋଲି ଅଧ୍ୟୟନରେ କୁହାଯାଇଛି। ଅଧ୍ୟୟନ ଅନୁଯାୟୀ, ଏହି ପ୍ରାଚୀନ ସେତୁ ବଡ଼ ଏବଂ ଭାରୀ ଚୂନପଥର ଖଣ୍ଡରେ ନିର୍ମିତ ହୋଇଥିବାବେଳେ ଏହାର ପ୍ରସ୍ଥ ୪.୨ ଫୁଟ ରହିଛି।

## ୭ ମାସରେ କମାଇଲେ ୧୧୩ କେ.ଜି. ଓଜନ



**ୱାଶିଂଟନ:** ୟୁଟ୍ୟୁବର ନିକୋକାଡୋ ଆଭୋକାଡୋ ମାତ୍ର ୭ ମାସ ମଧ୍ୟରେ ନିଜର ୧୧୩ କିଲୋଗ୍ରାମ ଓଜନ ହ୍ରାସ କରି ସମସ୍ତଙ୍କୁ ଚକିତ କରିଛନ୍ତି। ସେ ତାଙ୍କର ଓଜନ ହ୍ରାସକୁ ନେଇ 'ଟୁ ଷ୍ଟେପ୍ ଆହେଡ୍' ଶୀର୍ଷକ ଏକ ଭିଡିଓ ଅପଲୋଡ୍ କରି ଏହି ସୂଚନା ଦେଇଛନ୍ତି। ୨୫ ମିନିଟର ଭିଡିଓରେ ସେ ତାଙ୍କ ଓଜନ ହ୍ରାସର ଯାତ୍ରା ବିଷୟରେ ନିଜ ଅଭିଜ୍ଞତାକୁ ବାଣ୍ଟିଛନ୍ତି। ହେଲ୍‌ଦି ଡାଏଟ୍‌କୁ ଗୁରୁତ୍ୱ ଦେଇ ସେ ତାଙ୍କ ଓଜନ କମାଇପାରିଥିବା କହିଛନ୍ତି।

## ଆଲିଆଙ୍କ ଆଙ୍ଗ୍ରି ୟଙ୍ଗ୍ ଓମ୍ୟାନ୍ ଅବତାର

ମୁମ୍ବାଇ

ଭାସନ୍ ବାଲାଙ୍କ ନିର୍ଦ୍ଦେଶିତ କ୍ରାଇମ ଥ୍ରୀଲର ଫିଲ୍ମ 'ଜିଗ୍ରା'ର ପ୍ରଥମ ଟିଜର ରିଲିଜ ହୋଇଛି। ଏଥିରେ ଅଭିନେତ୍ରୀ ଆଲିଆ ଭଟ୍ଟ ଜଣେ ଆଙ୍ଗ୍ରି ୟଙ୍ଗ୍ ଓମ୍ୟାନ୍‌ଙ୍କ ଭୂମିକାରେ ନଜରକୁ ଆସିଛନ୍ତି। ଉକ୍ତ ଟିଜର ଏକ ଭାବପ୍ରବଣ ଦୃଶ୍ୟରୁ ଆରମ୍ଭ ହୋଇଛି, ଯେଉଁଠାରେ ଆଲିଆ ଅଭିନୟ କରୁଥିବା ଚରିତ୍ରର ପୃଷ୍ଠଭୂମିକୁ ଦର୍ଶାଯାଇଛି। ସେ କିପରି ବିନା ମା'ବାପାଙ୍କ ସ୍ନେହରେ ବଢ଼ିଛନ୍ତି ସେନେଇ ଟିଜରର ପ୍ରାରମ୍ଭିକ ଦୃଶ୍ୟରେ ଆଲିଆ କହୁଥିବା ଦେଖିବାକୁ ମିଳିଛି। ଏହି ଦୃଶ୍ୟରେ ଆଲିଆ ତାଙ୍କ ସଂଘର୍ଷ ବିଷୟରେ କହୁଛନ୍ତି। ପରିବାରର ଏକମାତ୍ର ସଦସ୍ୟ ତଥା ତାଙ୍କ ଭାଇ ବିଦେଶରେ ଜେଲରେ ଥିବା ଜାଣି ଆଲିଆଙ୍କ ହୃଦୟ ଭାଙ୍ଗିପଡ଼ିଛି। ତେବେ ଟିଜରଟି ଆଗକୁ ବଢ଼ିବା ସହ ଆଲିଆ ତାଙ୍କ ଭାଇଙ୍କୁ ଉଦ୍ଧାର କରିବା ପାଇଁ କ'ଣ ସବୁ କରିଛନ୍ତି ତାହା ଦେଖିବାକୁ ମିଳିଛି। ଫିଲ୍ମରେ ଅଭିନେତା ବେଦାଙ୍ଗ ରାଇନା ଆଲିଆଙ୍କ ଭାଇ ଚରିତ୍ରରେ ଅଭିନୟ କରିଛନ୍ତି। ଏହି ଟିଜରରେ ଅନେକ ହାଇ ଆକ୍ସନ୍ ସିକ୍ୱେନ୍ସ ଏବଂ ମାରପିଟ ଦୃଶ୍ୟ ରହିଛି, ଯେଉଁଥିରେ ଆଲିଆଙ୍କ ଆକ୍ସନ ଅବତାର ଦେଖିବାକୁ ମିଳିଛି। ଟିଜରର ଏକ ଦୃଶ୍ୟରେ ଅଭିନେତା ଅମିତାଭ ବଚ୍ଚନଙ୍କ ବିଷୟରେ ଆଲିଆ ଉଲ୍ଲେଖକରି କହିଛନ୍ତି, ସେ ହେଉଛନ୍ତି ପରବର୍ତ୍ତୀ ଆଙ୍ଗ୍ରି ୟଙ୍ଗ୍ ଓମ୍ୟାନ୍। ଆସନ୍ତା ଅକ୍ଟୋବର ୧୧ରେ 'ଜିଗ୍ରା' ମୁକ୍ତିଲାଭ କରିବ। ପ୍ରଥମ ଥର ପାଇଁ ଆଲିଆ ଜଣେ ଫିଲ୍ମ ନିର୍ମାତା ଭାବେ କରନ୍ ଜୋହରଙ୍କ ମିଶି ଏହି ଚଳଚ୍ଚିତ୍ରକୁ ପ୍ରସ୍ତୁତ କରିଛନ୍ତି।



# ଘଣ୍ଟାଏ ବର୍ଷାରେ ବେହାଲ ବଜାର, ବସ୍‌ଷ୍ଟାଣ୍ଡ

ତେନ୍ତୁଲିଖୁଣ୍ଟି, ୯।୯(ଚିଦାନନ୍ଦ ସାହୁ)

ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ୍ ଇନ୍ଦ୍ରାବତୀ ବଜାର ରାସ୍ତା ଓ ଖାତିଗୁଡ଼ା ବସ୍‌ଷ୍ଟାଣ୍ଡ ଜଳମଗ୍ନ ହୋଇ ରହିଛି। ରବିବାର ରାତିରେ ହୋଇଥିବା ଘଣ୍ଟାଏ ବର୍ଷାରେ ପାଣି ଜମି ରହି କୃତ୍ରିମ ପୋଖରୀ ଭ୍ରମ ସୃଷ୍ଟି କରିଛି। ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଏଭଳି ସମସ୍ୟା ହେଉଥିବା ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି।

ରାସ୍ତା ଓ ଗୃହ ନିର୍ମାଣ ବିଭାଗ ପକ୍ଷରୁ ଇନ୍ଦ୍ରାବତୀ ମୁଖ୍ୟରାସ୍ତାରେ ଡ୍ରେନ୍ ନିର୍ମାଣ କରାଯାଇଛି। ଡ୍ରେନ୍ ହେବା ପରଠାରୁ ଥରୁଟିଏ ବି ଏହାକୁ ସଫା କରାଯାଇନାହିଁ। ଏହି ମୁଖ୍ୟ ରାସ୍ତାର ଜଳ ଜମି ଆଡ଼କୁ ନିଷ୍କାସନ ପାଇଁ ଯେଉଁ ବାଇ ପାସ୍ ଡ୍ରେନ୍ ଥିଲା ତାହାକୁ ପାର୍ଶ୍ୱବର୍ତ୍ତୀ ଗୃହ ମାଲିକ ବନ୍ଦ କରିଦେଇଛନ୍ତି। ମାଉସୀମା ମନ୍ଦିରରୁ ହାଇମାକ୍ସ ଛକ ପର୍ଯ୍ୟନ୍ତ ଡ୍ରେନେଜ ବ୍ୟବସ୍ଥା ଫେଲ୍ ମାରିଥିବା ଦେଖାଯାଇଛି। ପଞ୍ଚାୟତରେ ଆବର୍ଜନା ସଫେଇ ବ୍ୟବସ୍ଥା ନ ଥିବାରୁ ସମଗ୍ର ମାର୍କେଟର ଆବର୍ଜନା ଡ୍ରେନ୍ ଓ ବ୍ରିଜ୍ ସମ୍ମୁଖ ରାସ୍ତାରେ। ଦୀର୍ଘବର୍ଷ ଧରି ଡ୍ରେନ୍ ସଫା ହେଉ ନ ଥିବାରୁ ଓ ବର୍ଷା ହେଲେ ଜମା ହୋଇଥିବା ପାଣି ଡ୍ରେନ୍‌ରେ ଯିବାର ସୁବିଧା ନ ଥିବାରୁ ସାମାନ୍ୟ ବର୍ଷାରେ ଜଗନ୍ନାଥ ମାର୍କେଟ କମ୍ପ୍ଲେକ୍ସ , କମ୍ପ୍ଲେକ୍ସର କିଛି ଦୋକାନ ଗୃହରେ ପାଣି ପଶି ସମସ୍ୟା ସୃଷ୍ଟି କରୁଛି। ଏହି ସମସ୍ୟା ପ୍ରତି ବର୍ଷ ହେଉଥିବାବେଳେ କିନ୍ତୁ ସମାଧାନ ପାଇଁ ପଞ୍ଚାୟତ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ କିମ୍ବା କମ୍ପ୍ଲେକ୍ସ ମାଲିକ କେହି ପଦକ୍ଷେପ ନେଉ ନ ଥିବା ଅଞ୍ଚଳବାସୀ କହିଛନ୍ତି। ପାଣି ଜମିବାରୁ ଯାତାୟାତ ସହ ସ୍ୱାସ୍ଥ୍ୟଗତ ସମସ୍ୟା ହେଉଛି। ତେଣୁ ଡ୍ରେନ୍ ସଫେଇ ସହ ଉପଯୁକ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଗତ ମାସରେ ବିଧାୟକଙ୍କୁ ମଧ୍ୟ ଲିଖିତଭାବେ ସମସ୍ୟା ସମ୍ପର୍କରେ ଅବଗତ କରାଯାଇଛି ବୋଲି ସେମାନେ କହିଛନ୍ତି। ଏ ନେଇ ବିଡିଓ ମନୋଜ କୁମାର ପାଣିଗ୍ରାହୀଙ୍କୁ ପଚାରିବାରୁ କହିଲେ ଡ୍ରେନ ସଫା ପାଇଁ ରାସ୍ତା ଓ ଗୃହ ନିର୍ମାଣ ବିଭାଗକୁ ଚିଠି କରାଯାଇଛି। ପ୍ରକଳ୍ପ ଡ୍ରେନ ସଫା ପାଇଁ ପ୍ରକଳ୍ପ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଛି ବୋଲି କହିଛନ୍ତି। ସେହିଭଳି ରାସ୍ତା ଓ ଗୃହ ନିର୍ମାଣ ବିଭାଗ କନିଷ୍ଠ ଯନ୍ତ୍ରୀ ମନୋରଞ୍ଜନ ସାହୁଙ୍କୁ ପଚାରିବାରୁ ତୁରନ୍ତ ଡ୍ରେନ୍ ସଫା ପାଇଁ ବ୍ୟବସ୍ଥା କରାଯିବ। ସ୍ଥାୟୀ ପ୍ରତିକାର ପାଇଁ ନୂଆ ଟେଣ୍ଡର ହୋଇଛି। ବିଡ ଖୋଲିଲେ କାମ ଆରମ୍ଭ ହେବ। ଏହାପରେ ସମସ୍ୟା ସମାଧାନ ହୋଇଯିବ ବୋଲି ସେ କହିଛନ୍ତି।

**କୃତ୍ରିମ ପୋଖରୀ ଭ୍ରମ ସୃଷ୍ଟି କରୁଛି ରାସ୍ତା**



ଇନ୍ଦ୍ରାବତୀ ବଜାର ରାସ୍ତାରେ ବର୍ଷା ଜଳ।

# ରାସ୍ତାରେ ୪ଘଣ୍ଟା ଅଟକିଲା ପିକ୍‌ଅପ୍ ଭ୍ୟାନ୍: ଯାତାୟାତରେ ସମସ୍ୟା

ପଟ୍ଟାଙ୍ଗି, ୯।୯(ଶରତ ଧଳ)




କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ ସଦର ଦେଇ ଆନ୍ଧ୍ରକୁ ସଂଯୋଗ କରୁଥିବା ୨୬ ନଂ. ଜାତୀୟ ରାଜପଥରେ ହୋଇଥିବା ଖାଲଖମାରେ ବର୍ଷାପାଣି ଜମି ରହୁଛି। ଯାତ୍ରୀବାହୀ ବସ୍‌ରୁ ଆରମ୍ଭକରି ମାଲବାହୀ ଗାଡ଼ି ଯିବା ଆସିବାରେ ଅସୁବିଧା ହେଉଛି। ସୋମବାର ରାଲେଗଡ଼ା ପଞ୍ଚାୟତରେ ସାପ୍ତାହିକ ହାଟ ଥିଲା। ଅଦା ଲୋଡ୍ କରି ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ପିକ୍‌ଅପ୍ ଭ୍ୟାନ୍ (ଓଡି–୧୦ଡି–୨୭୭୨) ୨୬ ନଂ. ଏନ୍‌ଏଚ୍‌ରେ ଥିବା ଖାଲରେ ପଡ଼ିଯାଇଥିଲା। ଏହାପରେ ଯାନ୍ତ୍ରିକ ତ୍ରୁଟିରୁ ଭ୍ୟାନ୍‌ଟି ମଝି ରାସ୍ତାରେ ଅଟକି ରହିଥିଲା। ଫଳରେ ୪ଘଣ୍ଟା କାଳ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଫଳରେ ଉଭୟ ଆନ୍ଧ୍ର ଏବଂ ଓଡ଼ିଶାର କୋରାପୁଟ ଜିଲା ସଦର ମହକୁମା ଅଭିମୁଖେ ଯାତାୟାତ କରୁଥିବା ସମସ୍ତ ଗାଡ଼ି ଚଳାଚଳରେ ସମସ୍ୟା ଦେଖାଦେଇଥିଲା। ଏନ୍‌ଏଚ୍‌ରେ ଜମି ରହିଥିବା ବର୍ଷାପାଣି ଯୋଗୁ ଏପରି ସମସ୍ୟା ଦେଖାଦେଇଥିବାବେଳେ ବର୍ତ୍ତମାନ ଜାତୀୟ ରାଜପଥ ଯାତ୍ରୀମାନଙ୍କ ପାଇଁ ମରଣଯନ୍ତା ପାଲଟିଥିବା ଅଞ୍ଚଳବାସୀ ଅଭିଯୋଗ କରୁଛନ୍ତି। ଗତ ୧୦ ଦିନ ଧରି ଲାଗି ରହିଥିବା ବର୍ଷା ପ୍ରଭାବରେ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ମଧ୍ୟ ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି ।

**ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ଚନ୍ଦ୍ରପୁର**

**ଚନ୍ଦ୍ରପୁର ଗ୍ରା:ପ:ରେ ଯୋଗାଣ ସହାୟକ ନିଯୁକ୍ତି**

| | |
|---|---|
| No. of Post | 01 ଟି |
| Salary | 8000/- P.M. |
| Application Date | 04.09.24 to 19.09.24 |
| Document Submission Place | Block Office, Chandrapur |

For any query contact No.: 8249961557

**ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି**

ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୦୨୪-୧୭ ତାରିଖ: ୦୯।୦୯।୨୦୨୪

ଭାରତର ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଦକ୍ଷିଣ ପୂର୍ବ ରେଳପଥ, ଖଡ଼ଗପୁର ଡିଭିଜନଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ନିଲାମ ଆହ୍ୱାନ କରାଯାଉଛି: **କାର୍ଯ୍ୟର ନାମ:** ୦୨ (ଦୁଇ) ବର୍ଷ ଅବଧି ପାଇଁ https://www.ireps.gov.in/ ୱେବ୍‌ସାଇଟ୍‌ରେ ଅଧିସୂଚିତ ଟ୍ରେନ୍‌ଗୁଡ଼ିକରେ ପାର୍ସଲ ପରିବହନ ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ।

**ବର୍ଗ:** ପାର୍ସଲ । **କାଟାଲଗ୍ ନଂ.:** ଲିଜ୍–କେଜିପି–୨୦୨୪–୧୭ । **ନିଲାମ ତାରିଖ:** ୨୩।୦୯।୨୦୨୪ । **ନିଲାମ ଆରମ୍ଭ ସମୟ:** ୧୧.୦୦ ଘଟିକା । **ନିଲାମ ସମାପ୍ତିର ସମୟ:** ୧୫.୦୦ ଘଟିକା ।

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ–ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଅନୁସନ୍ଧାନ/ସ୍ପଷ୍ଟୀକରଣ, ଯଦି ଥାଏ, ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

**ସ୍ଥାନ:** ଖଡ଼ଗପୁର
**ତାରିଖ:** ୦୯।୦୯।୨୦୨୪

**ସିନିୟର ଡିଭିଜନାଲ କମର୍ସିଆଲ ମ୍ୟାନେଜର, ଖଡ଼ଗପୁର**

**ଦକ୍ଷିଣ ପୂର୍ବ ରେଳପଥ**
ହର୍ଷର ସହିତ ଆମେ ସେବାରତ
(PR-578)

झारखण्ड सरकार
**कार्यपालक अभियंता का कार्यालय ग्रामीण विकास विशेष प्रमण्डल, धनबाद।**
मोबाईल नं0 : 8789242462 Email : rdsd.dhanbad@rediffmail.com

पत्रांक:–740 धनबाद/दिनांक–09.09.2024

**शुद्धि पत्र**

इस कार्यालय के पत्रांक 660 दिनांक 24.08.2024 के द्वारा आमंत्रित ई0 निविदा आमंत्रण सूचना सं0– **RWD/SD/DHANBAD-12/2024-25** जिसका **PR No. 333713 Rural Work Department (24-25)#D** में प्रकाशित निविदा की तिथि में निम्नवत् संशोधन किया जाता है।

| क्र0 | विवरणी | पूर्व में प्रकाशित तिथि | संशोधित तिथि |
|---|---|---|---|
| 1. | वेबसाइट में निविदा प्रकाशन की तिथि | दिनांक 04.09.2024 | दिनांक 13.09.2024 |
| 2. | ई0–निविदा प्राप्ति की तिथि एवं समय | दिनांक 04.09.2024 से दिनांक 11.09.2024 को अपराह्न 05:00 बजे तक। | दिनांक 13.09.2024 से दिनांक 21.09.2024 को अपराह्न 05:00 बजे तक। |
| 3. | ई–निविदा खोलने की तिथि एवं समय | दिनांक 13.09.2024 अपराह्न 02:00 बजे। | दिनांक 23.09.2024 अपराह्न 02:00 बजे। |

अतः अन्य शर्तो यथावत रहेगी।

(ई0 नरेन्द्र कुमार)
कार्यपालक अभियंता
ग्रामीण विकास विशेष प्रमंडल, धनबाद

PR 335193 Rural Work Department(24-25)D

# ୭୦ ଦିନରେ କାଗଜକଳ ଶ୍ରମିକଙ୍କ ଧାରଣା

ଜୟପୁର,୯।୯ (ପବନ ପାଣିଗ୍ରାହୀ)




ଜୟପୁର ସେବା କାଗଜ କଳର ଅବସରପ୍ରାପ୍ତ ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ଦାବିକରି ମୁହଁରେ କଳାପଟି ବାନ୍ଧି କାରଖାନା ମୁଖ୍ୟ ଫାଟକ ପାର୍ଶ୍ୱରେ ଚାଲିଥିବା ଧାରଣା ୭୦ ଦିନରେ ପହଞ୍ଚିଛି । ଜୟପୁରରେ ପ୍ରବଳ ବର୍ଷା ସତ୍ତ୍ୱେ ଜୁଲାଇ ୧ରୁ ଆରମ୍ଭ ହୋଇଥିବା ଏହି ଧାରଣା ଜାରି ରହିଛି।

ପ୍ରକାଶ ଯେ, ୨୦୧୮ରୁ ଅବସରପ୍ରାପ୍ତ ଶ୍ରମିକମାନେ ସେମାନଙ୍କ ବକେୟା ପାଉଣା, ଗ୍ରାଚ୍ୟୁଇଟି, ପିଏଫ୍ ଏବଂ ପେନସନ ଆଦି ପାଇନାହାନ୍ତି । ମୃତ ଶ୍ରମିକଙ୍କ ପରିବାରର ସଦସ୍ୟଙ୍କୁ ମଧ୍ୟ ପ୍ରାପ୍ୟ ମିଳିନାହିଁ। ୨୦ ତାରିଖରୁ କାରଖାନା ସମ୍ପୂର୍ଣ୍ଣ ବନ୍ଦ ରହଥିଲେ ମଧ୍ୟ କାର୍ଯ୍ୟରତ ଶ୍ରମିକଙ୍କୁ ୫ ମାସ ହେଲା ଦରମା ମିଳିନାହିଁ । ଶ୍ରମିକଙ୍କ ସମସ୍ୟା ସମାଧାନ ପାଇଁ ରାଜ୍ୟ ଶିଳ୍ପ ମନ୍ତ୍ରୀଙ୍କୁ ସାକ୍ଷାତ କରି ଶ୍ରମିକ ସଂଘ ସ୍ମାରକପତ୍ର ଦେଇଥିଲେ। ବିଧାନ ସଭା ଅଧିବେଶନ ପରେ ବୈଠକ ଡକେଇ ସମସ୍ୟା ସମାଧାନ କରିବା ପାଇଁ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି।ଏଥିପାଇଁ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ମଧ୍ୟ ଅନୁରୋଧ କରିଛନ୍ତି। କାରଖାନା ପୁର୍ଣ୍ଣ କାର୍ଯ୍ୟକ୍ଷମ କରିବା ପାଇଁ ଆଗାମୀ ଦିନରେ ଆନ୍ଦୋଳନକୁ ସହର ଏବଂ ଜିଲାବ୍ୟାପି ପ୍ରସାର ପାଇଁ ଉଦ୍ୟମ କରାଯାଉଛି ବୋଲି ଭି ରବି କୁମାର, ବସନ୍ତ ବେହେରା, ସୁବାଷ ବେହେରା, ଧ୍ରୁବ ବାରିକ, ଧ୍ରୁବ ମଲ୍ଲିକ, ଭାସ୍କର ମିଶ୍ର, ଶ୍ରୀବତ୍ସ ଆଇଚ ପ୍ରମୁଖ କହିଛନ୍ତି।

झारखण्ड सरकार
**जिला अभियंता का कार्यालय, जिला परिषद्, गढ़वा**

**अतिअल्पकालीन ई–निविदा सं0– ZP/GARHWA/04/2024-25**

**15वें वित्त आयोग मद**

1. कार्य का नाम :–

| क्र0सं0 | प्रखण्ड का नाम | योजना का नाम | प्राक्कलित राशि (राशि लाख में) | परिमाण विपत्र की राशि | अग्रधन की राशि | कार्य समाप्ति की तिथि | आईडेन्टीफिकेशन संख्या |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 1 | मझिआँव | ग्राम–मोरबे में प्राथमिक स्वास्थ्य केन्द्र भवन का निर्माण। | 142.755 | 10000.00 | 285600.00 | 12 माह | ZP/GARHWA/04/2024-25/GR-01 |

1 वेबसाईट पर निविदा प्रकाशन की तिथि :–09.09.2024
2 ई–निविदा प्राप्ति की तिथि :– 09.09.2024 से दिनांक–16.09.2024
3 निविदा खोलने की तिथि एवं समय–18.09.2024 को अपराह्न 3:00 बजे
4 निविदा आमंत्रित करने वाले पदाधिकारी का नाम एवं पता :– जिला अभियंता, जिला परिषद, गढ़वा।
5 ई–निविदा प्रकोष्ठ का दूरभाष संख्या– मो0 नं0–8002373581
6 ई–निविदा खोलने का स्थान :–कार्यालय जिला अभियंता, जिला परिषद, गढ़वा।
7 परिमाण विपत्र की राशि घट बढ़ सकती है। तदनुसार अग्रधन की राशि देय होगी।
8 निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
9 निविदादाता को UCAN Registration की छाया प्रति अपलोड करना अनिवार्य है।
10 भवन प्रमण्डल एवं जिला परिषद से निबंधित संवेदक निविदा में भाग ले सकते हैं।
11 निविदा शुल्क एवं अग्रधन की राशि का ई0 भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो उसकी सारी जवाबदेही आपकी होगी।

विस्तृत जानकारी के लिए Website :- www.Jharkhandtenders.gov.in पर देखा जा सकता है।

जिला अभियंता
जिला परिषद्, गढ़वा।

PR 335142 (District) 24-25 (D)

झारखण्ड सरकार
**क्षेत्र सर्वेक्षण प्रमण्डल, अग्रिम योजना, पथ निर्माण विभाग, दुमका**

अल्पकालीन ई–प्रोक्योरमेंट सूचना

ई–निविदा प्रसंग सं0 :–RCD/FSD /AP/ DUM/10/2024-24

दिनांक: 09.09.2024

| | | |
|---|---|---|
| 1. | कार्य का नाम | Consultancy Services for Preparation of Detailed Project Report (DPR) for Construction ofNew Bridge in place of existing High level Bridge at chainage 3rd Km of Satsangnagar-Bhirkhibandh Road (MDR-235) Under road division Deoghar in the state of Jharkhandincluding its approaches, Land acquisition proposal with ownership details, Resettlement and Rehabilitation proposal, forest diversion proposal including clearance of all stages, etc as required if any. |
| 2. | अनुमानित लंबाई (मीटर) | (A ) 145 मीटर |
| 3. | कार्य समाप्ति की अवधि | 45 दिन |
| 4. | वेबसाइट पर निविदा प्रकाशित होने की तिथि एवं समय | 11.09.2024, 05.00 बजे अपराह्न |
| 5. | निविदा जमा करने की अंतिम तिथि एवं समय | 24.09.2024, 12.00 बजे अपराह्न तक |
| 6. | निविदा खोलने की तिथि एवं समय | 25.09.2024, 01.00 बजे अपराह्न |
| 7. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, क्षेत्र सर्वेक्षण प्रमण्डल अग्रिम योजना, पथ निर्माण विभाग, दुमका। |
| 8. | प्रोक्योरमेंट पदाधिकारी का संपर्क नं0 | 8292901787 |
| 9. | ई–प्रोक्योरमेंट सेल को हेल्पलाईन नं0 | 0651–2401010 |

अतिरिक्त जानकारी के लिए वेबसाईट पर देखें :–http://jharkhandtenders.gov.in

कार्यपालक अभियंता,
क्षेत्र सर्वेक्षण प्रमण्डल, अग्रिम योजना,
पथ निर्माण विभाग, दुमका

PR 335119 (Road)24-25*D

**कार्यपालक अभियंता का कार्यालय**
**पथ निर्माण विभाग, पथ प्रमण्डल, रामगढ़**
**रामगढ़ थाना के सामने, गांधी चौक,रामगढ़ कैन्ट,**
**जिला– रामगढ़, झारखण्ड– 829122,**
**ई-मेल– eercdramgarh-jhr@nic.in**

एस0बी0डी0 आधारित अति–अल्पकालीन
ई–निविदा आमंत्रण सूचना

ई–निविदा प्रसंग संख्या :– **RCD/RAMGARH/ 672 /2024-25**
**(4th Call)** दिनांक :– **06-09-2024**

| | | |
|---|---|---|
| 1. | कार्य का नाम | IRQP Work of Patratu to Saunda 'D' Road from KM 0.00 to 11.35 Under Road Divison, Ramgarh for the of Year 2023-24 |
| 2. | प्राक्कलित राशि (रूपये में) | रुपये 6,17,06,862.00 (छः करोड़ सतरह लाख छः हजार आठ सौ बासठ) मात्र |
| 3. | कार्य समाप्ति की अवधि | 03(तीन) माह |
| 4. | वेबसाईट पर निविदा प्रकाशित होने की तिथि एवं समय | 12/09/2024 10:30 बजे पूर्वाह्न |
| 5. | निविदा प्राप्ति की अंतिम तिथि एवं समय | 21/09/2024 12:00 बजे दिन तक |
| 6. | निविदा आमंत्रित करने वाले पदाधिकारी का नाम एवं पता | कार्यपालक अभियंता, पथ निर्माण विभाग, पथ प्रमण्डल, रामगढ़ |
| 7. | प्रोक्योरमेंट पदाधिकारी का सम्पर्क नंबर | 98351–25637 |
| 8. | ई–प्रोक्योरमेंट सेल का हेल्प लाईन नंबर | 0651–2401010 |

- निविदा की अन्य शर्ते वेबसाइट http://jharkhandtenders.gov.in पर देखी जा सकती है।
- पथ निर्माण विभाग, झारखण्ड में निबंधित निविदाकारों को UCAN से संबंधित प्रमाण पत्र की छायाप्रति संलग्न करना अनिवार्य है।
- निविदा की राशि घट–बढ़ सकती है।
- Cost of bidding document (Non-refundable fee) & Bid Security as indicated shall be payable online through http://jharkhandtenders.gov.in.

कार्यपालक अभियंता
प0नि0वि0 पथ प्रमण्डल रामगढ़

PR 335166 Road(24-25).D

# ୪ ଦିନ ରାୟଗଡ଼ା ଦେଇ ଯିବ ବିଶାଖାପାଟଣା–କିରଣ୍ଡୁଲ୍ ଏକ୍ସପ୍ରେସ୍

ଜୟପୁର,୯।୯(ପବନ ପାଣିଗ୍ରାହୀ)

ଜୟପୁର ଦେଇ ଦୈନିକ ରାତିରେ ଚାଲୁଥିବା କିରଣ୍ଡୁଲ୍–ବିଶାଖପାଟଣା ଏକ୍ସପ୍ରେସ୍ ଟ୍ରେନ୍ ଆସନ୍ତା ୧୧ ତାରିଖ ଯାଏଁ ଆରାକୁ ବଦଳରେ ଭାୟା ରାୟଗଡ଼ା ଦେଇ ଚାଲିବ ବୋଲି ରେଳ ବିଭାଗ ପକ୍ଷରୁ କୁହାଯାଇଛି। ଟ୍ରେନ୍ ୧୮୫୧୪–୧୮୫୧୩ ରବିବାର ରାତିରେ ରାୟଗଡ଼ା ଦେଇ ଯିବା ଆସିବା କରିଥିବା ବେଳେ ଏହା ୪ ଦିନ ପର୍ଯ୍ୟନ୍ତ ଏହି ରୁଟ୍‌ରେ ଚଳପ୍ରଚଳ କରିବ ବୋଲି କୁହାଯାଇଛି। ପ୍ରବଳ ବର୍ଷା ଯୋଗୁ ଏପରି ନିଷ୍ପତ୍ତି ନିଆଯାଇଥିବା ବିଶାଖାପାଟଣା ରେଳ ମଣ୍ଡଳ ବରିଷ୍ଠ ବାଣିଜ୍ୟ ପ୍ରବନ୍ଧକ କେ.ସନ୍ଦୀପ ଜଣାଇଛନ୍ତି।

# ପୂର୍ବତନ ମୁଖ୍ୟମନ୍ତ୍ରୀ ସଦାଶିବ ତ୍ରିପାଠୀଙ୍କ ପୁଣ୍ୟତିଥି



ନବରଙ୍ଗପୁର ବିଧାୟକ ସ୍ୱର୍ଗତ ସଦାଶିବ ତ୍ରିପାଠୀଙ୍କ ସ୍ମୃତିଚାରଣ କରୁଛନ୍ତି।

ନବରଙ୍ଗପୁର,୯।୯(ସଦାଶିବ ପ୍ରହରାଜ)

ନବରଙ୍ଗପୁରର ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ପୁଣ୍ୟତିଥି ସ୍ଥାନୀୟ ପୌର କାର୍ଯ୍ୟାଳୟରେ ସୋମବାର ପାଳିତ ହୋଇଯାଇଛି। ଏହି ଅବସରରେ ଏକ ସଭା କରାଯାଇଥିଲା। ଏହା ପୂର୍ବରୁ ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସଭାରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି, ଶିକ୍ଷାବିତ ତଥା ସ୍ୱାଧୀନତା ସଂଗ୍ରାମର ଗବେଷକ ଡ. ବିଜୟ କୁମାର ମିଶ୍ର ମୁଖ୍ୟବକ୍ତା, ଶିକ୍ଷାବିତ୍ କବି ବିଜୟ ଚୌଧୁରୀ, ମାତୃ ଆଶ୍ରୟ ଆଶ୍ରମ ଉପଦେଷ୍ଟା ନିରଞ୍ଜନ ମିଶ୍ର, ସଦାଶିବ ତ୍ରିପାଠୀଙ୍କ ନାତି ତଥା ପୂର୍ବତନ କାଉନସିଲର କେଦାରନାଥ ତ୍ରିପାଠୀ, ବିଜେଡି ବରିଷ୍ଠନେତା ତଥା କାଉନସିଲର ନଗେନ୍ଦ୍ର ପଟ୍ଟନାୟକ, ନବରଙ୍ଗପୁର ପୌରାଧ୍ୟକ୍ଷ କୁନୁ ନାୟକ, ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ ଶହୀଦ ସ୍ମୃତି ସଂସଦ ରାଜ୍ୟ କାର୍ଯ୍ୟକାରୀ ସଭାପତି ମୁନା ତ୍ରିପାଠୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସ୍ୱର୍ଗତ ଡ. ତ୍ରିପାଠୀ ଜଣେ ଆଦର୍ଶ ଶିକ୍ଷକ, ଭାରତ ଛାଡ଼ ଆନ୍ଦୋଳନର ଅଗ୍ରଣୀ ଜନନାୟକ, ସ୍ୱାଧୀନତା ସଂଗ୍ରାମୀ ସହ ୧୯୩୬ ସ୍ୱତନ୍ତ୍ର ଓଡ଼ିଶା ଗଠନରେ ପ୍ରଥମ ବିଧାୟକ ଥିଲେ। ସ୍ୱାଧୀନତା ପୂର୍ବରୁ ୨ ଥର ଓ ପରେ ୪ ଥର ବିଧାୟକ ହୋଇଥିଲେ। ଓଡ଼ିଶା ଭୂଦାନ ଯଜ୍ଞସମିତିର ମହାସଚିବ, ଭୂସଂସ୍କାର ଆଇନ ପ୍ରବର୍ତ୍ତକ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠାତା, ପୁରୀ ଶ୍ରୀମନ୍ଦିରରେ ପ୍ରଥମ ବିଦ୍ୟୁତ୍‌କରଣ ସ୍ରଷ୍ଟା ଥିଲେ। ତାଙ୍କ ନାମରେ ମାଲକାନଗିରିରେ ସଦାଶିବ ଗ୍ରାମ ପ୍ରତିଷ୍ଠା, ନବରଙ୍ଗପୁର ଭୂ ବନ୍ଦୋବସ୍ତରେ ସଦାଶିବପୁର ନାମକରଣ, ରାଜଧାନୀକୁ କଟକରୁ ଭୁବନେଶ୍ୱରକୁ ସେ ସ୍ଥାନାନ୍ତର କରାଇଥିଲେ ବୋଲି ଅତିଥିମାନେ ତାଙ୍କର ସ୍ମୃତିଚାରଣ କରିଥିଲେ। ଜ୍ୟୋତି ପରିଚ୍ଛା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ସଂସ୍କୃତି ଅଧିକାରୀ ଘାସିଆ ହରିଜନ, ପୂର୍ଣ୍ଣ ମହାପାତ୍ର, କାହ୍ନୁ ଦାସ, ଶ୍ରୀସିରାଜ ଉଦ୍ଦିନ ଅହମ୍ମଦ, କାଳିଚରଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ବ୍ୟାଙ୍କ ଅଫ୍ ଇଣ୍ଡିଆ Bank of India BOI

**ବ୍ୟାଙ୍କ ଅଫ୍ ଇଣ୍ଡିଆ**
ଆଞ୍ଚଳିକ କାର୍ଯ୍ୟାଳୟ: କେନ୍ଦୁଝର ଅଞ୍ଚଳ,
ସା.: କୁଲଡେରା, ପୋ: ମାଣ୍ଡୁଆ, କେନ୍ଦୁଝର–୭୫୮୦୧୪

**ଦଖଲ ନୋଟିସ୍**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ-୨୦୦୨ର [ରୁଲ୍-୮(୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତେଲକୋଇ ଶାଖାର କ୍ଷମତାପ୍ରାପ୍ତ ଅଧିକାରୀ**ଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୧୨) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି କଥିତ ନୋଟିସ୍ ମାଧ୍ୟମରେ ନୋଟିସ୍ ଦର୍ଶିତ ଅର୍ଥରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଦେୟ ପଇଠ କରିବାରେ ବିଫଳ ହୋଇଥିବାରୁ, ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ, ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ଉପର କଥିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍ସର ରୁଲ୍ ୮ ଅନୁଯାୟୀ ନିମ୍ନଲିଖିତ ସମ୍ପତ୍ତିକୁ **ଦଖଲ**କୁ ନିଆଯାଇଅଛି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି ପ୍ରକାର କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ଦେୟ ରାଶି ସହିତ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ଇଣ୍ଡିଆ, ତେଲକୋଇ ଶାଖା** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡ଼ିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ତେଲକୋଇ ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ ନୋଟିସ୍ ତାରିଖ/ଦଖଲ ତାରିଖ | ସ୍ଥାବର ସମ୍ପତ୍ତିର ବିବରଣୀ |
|---|---|---|---|
| **ଋଣଗ୍ରହୀତା: ମେସର୍ସ ବିଶାଳ ଏଚ୍‌ପି ଗ୍ୟାସ ଗ୍ରାମୀଣ ବିତରକ, ସ୍ୱତ୍ତ୍ୱାଧିକାରୀ: ଶ୍ରୀମତୀ ସୌଦାମିନୀ ସାହୁ,** ସ୍ୱାମୀ: ଶ୍ରୀ ଉଦୟ କୁମାର ସାହୁ **/ଗ୍ୟାରେଣ୍ଟିଦାତା: ଶ୍ରୀ ଉଦୟ କୁମାର ସାହୁ,** ପିତା: ତ୍ରିଲୋଚନ ସାହୁ, ଉଭୟଙ୍କ ଠିକଣା - ସା/ପୋ: ବିଂଝବାହାଳ, ଥାନା: ତେଲକୋଇ, ଜିଲ୍ଲା: କେନ୍ଦୁଝର, ଓଡିଶା, ପିନ୍ - ୭୫୮୦୧୯ | ଟ.୮,୩୮,୬୦୬.୯୧ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୯.୦୫.୨୦୨୪ / ୦୫.୦୯.୨୦୨୪ | **ଶ୍ରୀ ଉଦୟ କୁମାର ସାହୁ,** ପିତା: ଶ୍ରୀ ତ୍ରିଲୋଚନ ସାହୁଙ୍କ ନାମରେ ଥିବା ବାସୋପଯୋଗୀ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୪୨୧/୭୪୪୯, ଖାତା ନଂ.: ୪୫୯/୩୭୧, କ୍ଷେତ୍ର: ଏକର ୦.୧୦ ଡିସିମିଲି, କିସମ: ଘରବାରୀ, ମୌଜା: ବିଂଝବାହାଳ, ତହସିଲ: ତେଲକୋଇ, ଥାନା: ତେଲକୋଇ, ଏସ୍ଆରଓ: ତେଲକୋଇ, ଜିଲ୍ଲା: କେନ୍ଦୁଝର, ଏହାର ଚାରିପାର୍ଶ୍ୱରେ ଉତ୍ତର: ଭିକାରୀ କୋହ୍ଲ, ଦକ୍ଷିଣ: ରାସ୍ତା, ପୂର୍ବ: ସଦାଶିବ ସାହୁ, ପଶ୍ଚିମ: କାଙ୍ଗାଳୀ ଦେହୁରୀ |
| **ଋଣଗ୍ରହୀତାମାନେ: ୧) ଶ୍ରୀମତୀ ପୁଷ୍ପଲତା ପରିଡା,** ସ୍ୱାମୀ: ଶ୍ରୀ ଗୁଣନିଧି ପରିଡା, **୨) ଶ୍ରୀ ଗୁଣନିଧି ପରିଡା,** ପିତା: କୃଷ୍ଣ ଚନ୍ଦ୍ର ପରିଡା, ଉଭୟଙ୍କ ଠିକଣା - ସା/ପୋ: ଦୁଲ୍ଲଭପୁର, ଥାନା: ତେଲକୋଇ, ଜିଲ୍ଲା: କେନ୍ଦୁଝର, ଓଡିଶା, ପିନ୍ - ୭୫୮୦୧୯ | ଟ.୬,୬୮,୬୧୫.୦୧ + ସେବାବଦ ସୁଧ ଏବଂ ଖର୍ଚ୍ଚ | ୨୯.୦୫.୨୦୨୪ / ୦୫.୦୯.୨୦୨୪ | **ଶ୍ରୀମତୀ ପୁଷ୍ପଲତା ପରିଡା,** ସ୍ୱାମୀ: ଶ୍ରୀ ଗୁଣନିଧି ପରିଡାଙ୍କ ନାମରେ ଥିବା ବାସୋପଯୋଗୀ ଜମିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୬୫୬/୧୨୧୦, ଖାତା ନଂ.: ୭୭/୬୧, କ୍ଷେତ୍ର: ଏକର ୦.୦୫ ଡିସିମିଲି, କିସମ: ଘରବାରୀ, ମୌଜା: ଦୁଲ୍ଲଭପୁର, ତହସିଲ: ତେଲକୋଇ, ଥାନା: ତେଲକୋଇ, ଏସ୍ଆରଓ: ତେଲକୋଇ, ଜିଲ୍ଲା: କେନ୍ଦୁଝର, ଏହାର ଚାରିପାର୍ଶ୍ୱରେ ଉତ୍ତର: ନିଜେ (କୃଷ୍ଣ ଚନ୍ଦ୍ର ପରିଡା), ଦକ୍ଷିଣ: ରାସ୍ତା, ପୂର୍ବ: ଅର୍ଜୁନ ବିଶ୍ୱାଳ, ପଶ୍ଚିମ: କରୁଣାକର ପରିଡା |

**ସ୍ଥାନ : କେନ୍ଦୁଝର**
**ତାରିଖ : ୦୬.୦୯.୨୦୨୪**

**କ୍ଷମତାପ୍ରାପ୍ତ ଅଧିକାରୀ**
**ବ୍ୟାଙ୍କ ଅଫ୍ ଇଣ୍ଡିଆ**

**कार्यपालक अभियंता का कार्यालय ग्रामीण विकास विशेष प्रमण्डल,जामताड़ा**
**Email Id:rdsdjmt@gmail.com**

अति–अल्पकालीन ई0–निविदा आमंत्रण संख्या–**RDD/SD/JAMTARA/10/2024-25**

1.कार्य की विस्तृत विवरणी :–

| ग्रुप नं0 | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य समाप्ति की अवधि |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | जामताड़ा जिला अन्तर्गत नारायणपुर के तिलाबनी और बोरेटॉड़ के बीच जोरिया में पुल निर्माण। | 21417500.00 | 429000.00 | 10000.00 | 15 माह |
| 2 | जामताड़ा जिला अन्तर्गत प्रखण्ड नारायणपुर के पंचायत रूपडीह के ग्राम डोमरडीहा और आदिवासी टोला (बड़बाद) के बीच पुलिया निर्माण। | 26519900.00 | 531000.00 | 10000.00 | 18 माह |

| | | | |
|---|---|---|---|
| 2. | वेबसाइट में निविदा प्रकाशन की तिथि | :– | दिनांक–11.09.2024 |
| 3. | ई0–निविदा प्राप्ति की तिथि एवं समय | :– | दिनांक–12.09.2024 से दिनांक–19.09.2024 (अपराह्न 5:00 बजे) |
| 4. | निविदा शुल्क एवं अग्रधन की राशि केवल Online Mode द्वारा की स्वीकार्य होगी। | | |
| 5. | निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बंद कर दिया जाता है तो सारी जबावदेही संबंधित निविदादाता की होगी। | | |
| 6. | निविदा खोलने का स्थान | :– | e-Procurement Cell, कार्यपालक अभियंता का कार्यालय ग्रामीण विकास विशेष प्रमण्डल, जामताड़ा। |
| 7. | निविदा खुलने की तिथि एवं समय | :– | दिनांक–21.09.2024 (अपराह्न 2:00 बजे) |
| 8. | निविदा आमंत्रित करने वाले पदाधिकारी का नाम एवं पता | :– | कार्यपालक अभियंता, ग्रामीण विकास विशेष प्रमण्डल, जामताड़ा। |
| 9. | ई0–निविदा प्रकोष्ठ का दूरभाष संख्या | :– | 9973957543 |
| 10. | अधोहस्ताक्षरी/सक्षम पदाधिकारी को किसी भी निविदा को बिना कारण बताये रद्द करने का अधिकार सुरक्षित रहेंगा तथा निविदादाता को कारण पृच्छा का अधिकार मान्य नहीं होगा। | | |
| 11. | B.O.Q की राशि घट–बढ़ सकती है, तदनुसार अग्रधन की राशि देय होगी। | | |

विस्तृत जानकारी के लिए वेबसाईट www.jharkhandtenders.gov.in एवं कार्यालय के सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमण्डल,
जामताड़ा

PR 335112 (Rural Development)24-25*D

झारखण्ड सरकार
**ग्रामीण कार्य विभाग कार्यपालक अभियंता का कार्यालय**
**ग्रामीण कार्य विभाग, कार्य प्रमण्डल, जमशेदपुर**

ई–अति अल्पकालिन पुनर्निविदा आमंत्रण सूचना

ई–अति अल्पकालिन पुनर्निविदा संख्या:- **07/2024-25/RI/RWD/EE/JSR** दिनांक :- 09.09.2024

कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र0 सं0 | आईडेन्टीफिकेशनसंख्या/पैकेज संख्या | कार्य का नाम | प्राक्कलित राशि (रूपये में) | | कार्य समाप्ति की अवधि | टेण्डर कॉल संख्या |
|---|---|---|---|---|---|---|
| | | | अंक में | अक्षर में | | |
| 1. | RWD/ JAMSHEDPUR/ 16/2024-25 | मुसाबनी डुमरिया पथ से बिजुलडुबा तक पथ निर्माण कार्य। (लं–1.000 कि0मी0) | 1,17,94,700.00 | एक करोड़ सत्रह लाख चौरानवे हजार सात सौ रू0 मात्र | 9 माह | द्वितीय |

2.वेबसाईट में निविदा प्रकाशन की तिथि :– 13.09.2024।
3.ई–निविदा प्राप्ति की अंतिम तिथि एवं समय :– 20.09.2024 अपराह्न 5.00 बजे तक।
4.निविदा शुल्क एवं अग्रधन की राशि jharkhandtenders.gov.in के माध्यम से ऑनलाइन मोड में स्वीकार की जाएगी।
5.निविदा खोलने की तिथि एवं समय :– 21.09.2024 अपराह्न 5.00 बजे।
6.निविदा आमंत्रित करने वाले पदाधिकारी का नाम एवं पता :–कार्यपालक अभियंता, ग्रामीण कार्य विभाग, कार्य प्रमण्डल, जमशेदपुर, ब्लॉक–करनडीह, थाना–परसुडीह, जमशेदपुर, झारखण्ड, पिन–831002।
7.ई–निविदा प्रकोष्ठ का दूरभाष सं0– 0657–2298902।
8.विस्तृत जानकारी के लिए वेबसाईट jharkhandtenders.gov.in में देखा जा सकता है।

कार्यपालक अभियंता,
ग्रामीण कार्य विभाग, कार्य प्रमण्डल,
जमशेदपुर

PR 335178 (REO)24-25*D

# ଟାଟୁ କରିବା ଆଗରୁ...

ଆଧୁନିକ ଲାଇଫ୍ ଷ୍ଟାଇଲ୍‌ର ଏକ ସ୍ୱତନ୍ତ୍ର ଟ୍ରେଣ୍ଡ ପାଲଟିଛି ଟାଟୁ । ଏଥିପାଇଁ ସ୍ମାର୍ଟ ମହିଳାମାନେ ଏହି ଫ୍ୟାଶନ୍‌କୁ ଆପଣାଇ ନେଇଛନ୍ତି । ତେବେ ଟାଟୁ ତିଆରି କରିବା ପୂର୍ବରୁ ଜାଣିରଖନ୍ତୁ କିଛି କଥା ।



- ଟାଟୁ କରିବା ପୂର୍ବରୁ ନିଜ ସ୍କିନ୍ କିଭଳି ଜାଣିରଖନ୍ତୁ। ସ୍କିନ୍‌ରେ କୌଣସି ପ୍ରକାର ଆଲର୍ଜି ଯେପରି ନ ହେବ ସେଥିପାଇଁ ଆବଶ୍ୟକ ପରୀକ୍ଷା କରାନ୍ତୁ।
- ଜଣେ ଅଭିଜ୍ଞ ଟାଟୁ ଆର୍ଟିଷ୍ଟ ପାଖରେ ଟାଟୁ କରାନ୍ତୁ। ସେମାନେ ହିଁ ସୁରକ୍ଷିତଭାବରେ ଟାଟୁ ତିଆରି କରିପାରିବେ।
- ଟାଟୁ ଏକ ସ୍ଥାୟୀ ପ୍ରକ୍ରିୟା ହୋଇଥିବାରୁ ତରବରିଆଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। କିଭଳି ଡିଜାଇନ କରିବେ ଓ କେତେବଡ଼ କରିବେ ଥମେସେ ନିଷ୍ପତ୍ତି କରନ୍ତୁ।
- ଟାଟୁ ତିଆରି କରିବା ପରେ କିଭଳି ତ୍ୱଚାର ଯତ୍ନ ନେବେ ସେକଥା ଭଲଭାବେ ବୁଝନ୍ତୁ। ଫଳରେ ଟାଟୁର ରଙ୍ଗ ଠିକ୍ ରହିବ ଓ କୌଣସି ପ୍ରକାର ସଂକ୍ରମଣ ହେବ ନାହିଁ।
- ଡାଇବେଟିସ୍ ସମସ୍ୟା ଥିଲେ ଟାଟୁ କରିବା ପୂର୍ବରୁ ଭଲଭାବେ ପରୀକ୍ଷା କରନ୍ତୁ। ନିଜର ଡାଇବେଟିସ୍ ନିୟନ୍ତ୍ରଣରେ ଥିଲେ ଟାଟୁ କରନ୍ତୁ, ନଚେତ୍ ବିଭିନ୍ନ ସମସ୍ୟା ଦେଖା ଦେଇପାରେ।
- ଟାଟୁ କରିବାବେଳେ ହାଇଜିନ୍ ପ୍ରତି ଧ୍ୟାନଦିଅନ୍ତୁ। ସ୍ୱଚ୍ଛତା ତଥା ସମସ୍ତ ଉପକରଣ ଯେପରି ଭଲଭାବେ ସଫା ହୋଇଥିବ ସେନେଇ ଧ୍ୟାନଦିଅନ୍ତୁ।

# ଧଳା ପୋଷାକରୁ ଛଡ଼ାନ୍ତୁ ଦାଗ

ଧଳା ପୋଷାକରେ ଖୁବ୍‌ଶୀଘ୍ର ଦାଗ ଲାଗିଯାଏ ଓ ସହଜରେ ଛାଡ଼େନାହିଁ । କିନ୍ତୁ ଏଥିରୁ ଦାଗ ଛଡ଼ାଇ ଏହାର ଶୁଭ୍ରତା ନୂଆ ଭଳି ରଖିବା ପାଇଁ ଜାଣିରଖନ୍ତୁ କିଛି ଉପାୟ ।



▶▶ଧଳା ପୋଷାକକୁ ସଫାକରିବା ପାଇଁ ଠିକ୍ ଉପାୟ ବ୍ୟବହାର କରନ୍ତୁ। ପ୍ରଥମେ କପଡ଼ା ଭିଜାଇବା ପାଇଁ ଏକ ପାତ୍ର ଅବା ବାଲ୍‌ଟିରେ କିଛି ଉଷୁମ ପାଣି ନିଅନ୍ତୁ। ଏହି ପାଣିରେ ୨ ବଡ଼ ଚାମଚ ବେକିଂ ସୋଡ଼ା, ଗୋଟିଏ ଲେମ୍ବୁର ରସ ଓ ୨ ଚାମଚ ଭିନେଗାର ପକାଇ ମିଶାନ୍ତୁ। ସେହି ପାଣିରେ ଧଳାକପଡ଼ାକୁ ଭିଜାଇ ରଖିଦିଅନ୍ତୁ। ଏହିଭଳି ଭାବରେ ପ୍ରାୟ ୧୦/୧୨ ଘଣ୍ଟା ଭିଜାଇ ରଖି ଦିଅନ୍ତୁ। ଏହାପରେ ପାଣିରୁ କାଢ଼ି ଡିଟରଜେଣ୍ଟ କିମ୍ବା ସାବୁନ ଲଗାଇ ସଫା କରିଦିଅନ୍ତୁ। ଏହି ଭାବରେ ଅଧିକ ଲୁଗାକୁ ଭିଜାଇ ତାପରେ ୱାଶିଂ ମେଶିନ କିମ୍ବା ହାତରେ ସଫା କରିପାରିବେ। ତେବେ ସଫା କରିବା ପରେ ସବୁବେଳେ ଲୁଗାକୁ ଖରା ନ ଥିବା ସ୍ଥାନରେ ଶୁଖାନ୍ତୁ।

▶▶ଧଳା ଲୁଗାରେ ଯଦି ଦାଗ ଲାଗିଯାଉଛି ତେବେ ସଙ୍ଗେ ସଙ୍ଗେ ସଫା କରିଦିଅନ୍ତୁ। ଦାଗ ବେଶି ରହିବ ନାହିଁ।

# ଷ୍ଟ୍ରେସ୍ ରିଲାକ୍ସ

ଆଧୁନିକ ଲାଇଫଷ୍ଟାଇଲ୍‌ରେ ସବୁଠି କାମର ଚାପ। କମ୍ ସମୟରେ ଅଧିକ କାମର ବୋଝ। ଏହି ସ୍ଥିତିରେ ବି ଦକ୍ଷତା ପ୍ରଦର୍ଶନ କରିବାକୁ ହେବ। ତେଣୁ ଷ୍ଟ୍ରେସ୍‌ରେ ରହିବା ସ୍ୱାଭାବିକ କଥା। ହେଲେ ଷ୍ଟ୍ରେସ୍ ଭିତରେ ବି ମନକୁ ଶାନ୍ତ ରଖିବା ଗୁରୁତ୍ୱପୂର୍ଣ୍ଣ...



ବର୍ତ୍ତମାନର ଆଧୁନିକ କାର୍ଯ୍ୟଶୈଳୀ ସମସ୍ତଙ୍କ ପାଇଁ ଚାପ ସୃଷ୍ଟି କରୁଛି। ଚାହିଁଲେ ବି କାମର ଚାପକୁ ଏଡାଇ ହେବନି। ଏହି ପରିସ୍ଥିତିରେ ହିଁ ଦକ୍ଷତା ପ୍ରତିପାଦନ କରି ସଫଳତାର ଉଦାହରଣ ସୃଷ୍ଟି କରିବାକୁ ହେବ। କମ୍ ସମୟରେ ଅଧିକ କାମ କରି ଦେଖାଇବା ଏବେ ଯେମିତି ସମସ୍ତଙ୍କ ପାଇଁ ମନ୍ତ୍ର ପାଲଟି ଯାଇଛି। ନିଜର ଦକ୍ଷତାକୁ ପ୍ରତିପାଦନ କରି ସଫଳତା ହାସଲ କରିବା ନିମନ୍ତେ ପ୍ରାୟ ସମସ୍ତେ ଚାପରେ ରହୁଛନ୍ତି। ଏହି ସ୍ଥିତିରେ ମନକୁ ଶାନ୍ତ ରଖିବା କାଠିକର ପାଠ। ମନ ଭଲ ରହିଲେ ହିଁ ଶରୀର ସୁସ୍ଥ ରହିପାରିବ ଓ କାର୍ଯ୍ୟଦକ୍ଷତା ମଧ୍ୟ ବୃଦ୍ଧି ପାଇବ। କିନ୍ତୁ କାମର ଚାପ ଭିତରେ ନିଜକୁ ଶାନ୍ତ ରଖିବା ପାଇଁ ହେଲେ କେତେଗୁଡ଼ିଏ ଦିଗପ୍ରତି ଧ୍ୟାନ ଦେବାକୁ ହେବ।

### ଦୀର୍ଘ ନିଃଶ୍ୱାସ ଓ ଧ୍ୟାନ

ସବୁବେଳେ ଚାପରେ ରହି କାମ କରୁଥିଲେ ମନ ଉପରେ ନିୟନ୍ତ୍ରଣ ରଖିବା ନିମନ୍ତେ ସର୍ବପ୍ରଥମେ କିଛି ସମୟ ପାଇଁ ଯୋଗ ଓ ବ୍ୟାୟାମ ଅଭ୍ୟାସ କରନ୍ତୁ। ତେଣୁ ଆଖି ବନ୍ଦ କରି ଚୁପ୍ ରହିଯାଆନ୍ତୁ। ଏହାପରେ ଲମ୍ବା ନିଃଶ୍ୱାସ ନିଅନ୍ତୁ। ଏହିଭଳି ବିଭିନ୍ନ ଯୋଗ ମାଧ୍ୟମରେ ମାନସିକ ଚାପ ଭିତରେ ବି ମନକୁ ଶାନ୍ତ ଓ ସ୍ଥିର ରଖିହେବ। ଫଳରେ ଆପଣ କାମ କରିବା ଦିଗରେ ଅଧିକ ମନ ଦେଇପାରିବେ ଓ ନିଜ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିପାରିବେ।

### ଗୁରୁତ୍ୱପୂର୍ଣ୍ଣ କାମର ତାଲିକା

କାର୍ଯ୍ୟକ୍ଷେତ୍ରରେ ପ୍ରତିଦିନ ନୂଆ ନୂଆ କାମ କରିବାର ଚ୍ୟାଲେଞ୍ଜ ଥାଏ। ଏହା ବାଦ୍ ପରିବାର ତଥା ବ୍ୟକ୍ତିଗତ କାମ ସବୁକୁ ଦୃଷ୍ଟିରେ ରଖିଲେ ଅନେକ ସମୟରେ ସମୟ ବାହାର କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼େ। ଏହା ଫଳରେ ବହୁ କାମ ବାକି ମଧ୍ୟ ରହିଯାଏ। ଏଭଳି କ୍ଷେତ୍ରରେ ଆପଣ ପ୍ରଥମେ ନିଜ କାମର ତାଲିକା କରନ୍ତୁ। କେଉଁ ସବୁ କାମ ଗୁରୁତ୍ୱପୂର୍ଣ୍ଣ ଓ ପ୍ରଥମେ କରିବାକୁ ପଡ଼ିବ ସେନେଇ ତାଲିକା ତିଆରି କରନ୍ତୁ। ସେହି ଅନୁସାରେ ଗୁରୁତ୍ୱପୂର୍ଣ୍ଣ କାମକୁ ଆଗ କଲେ ଆପଣଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ନାହିଁ। କମ୍ ଗୁରୁତ୍ୱପୂର୍ଣ୍ଣ କାମ ସବୁ ହୁଏତ ପରେ କରି ଆଡଜଷ୍ଟ କରିହେବ। ଏଭଳି ଢଙ୍ଗରେ କାମ କଲେ କାମର ଚାପ କମ୍ ରହିବ ଓ ମନ ଶାନ୍ତ ରହିବ।





### ଟାଇମ୍ ମ୍ୟାନେଜମେଣ୍ଟ

ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ। କାରଣ ଟାଇମ୍ ମ୍ୟାନେଜମେଣ୍ଟ ଦ୍ୱାରା ହିଁ ଆପଣ ନିଜ ମନ ତଥା ଶରୀରକୁ ଠିକ୍ ରଖିପାରିବେ। ଫଳରେ ମାନସିକ ଅବସ୍ଥା ଭଲ ରହିପାରିବ। କମ୍ ସମୟରେ ଅଧିକ କାମ କରିବା ନିମନ୍ତେ ଆଜିକାଲି ବହୁ ଆଧୁନିକ କୌଶଳ ବାହାରିଲାଣି। ସେସବୁ ବ୍ୟବହାର ସମ୍ପର୍କରେ ଭଲଭାବେ ଜାଣିରଖନ୍ତୁ। ଏହା ବ୍ୟତୀତ ଲମ୍ବା ସମୟର ଅବଧି ମଧ୍ୟରେ କିଛି ସମୟର ଛୋଟ ବ୍ରେକ୍ ନେବାକୁ ଭୁଲନ୍ତୁ ନାହିଁ। କାମ ମଝିରେ କିଛି ସମୟ ବ୍ରେକ୍ ନେଇ ହାଲ୍‌କା ଚାଲନ୍ତୁ କିମ୍ବା କଲିଗ୍‌ମାନଙ୍କ ସହ କଥାବାର୍ତ୍ତା ହୁଅନ୍ତୁ। ଏଭଳି ଛୋଟ ବ୍ରେକ୍ ସବୁ ମନ ଉପରେ ସକାରାତ୍ମକ ପ୍ରଭାବ ପକାଇଥାଏ।



### ସନ୍ତୁଳନ

କର୍ମକ୍ଷେତ୍ର ଓ ବ୍ୟକ୍ତିଗତ ଜୀବନ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ କାମ। ଅଫିସ୍ କାମ ପାଇଁ ସ୍ୱତନ୍ତ୍ର ସମୟ ରଖନ୍ତୁ। ଏହାପରେ ନିଜ ବ୍ୟକ୍ତିଗତ ଜୀବନକୁ ଭରପୂର ଉପଭୋଗ କରନ୍ତୁ। ଅଫିସ୍ ସମୟ ପରେ ନିଜ ହବି, ବ୍ୟାୟାମ କିମ୍ବା ନିଜ ପ୍ରିୟଜନଙ୍କ ସହ ସମୟ କଟାନ୍ତୁ। ଏହା ଜୀବନର ଆବଶ୍ୟକତା ବୋଲି ଭୁଲନ୍ତୁ ନାହିଁ। ଏଭଳି କରିପାରିଲେ ଆପଣ ନିଜ ଷ୍ଟ୍ରେସ୍ କମ୍ କରିପାରିବେ ଓ ମନକୁ ଶାନ୍ତ ରଖିପାରିବେ। ତେଣୁ ନିଶ୍ଚିତଭାବେ ନିଜ କାର୍ଯ୍ୟଦକ୍ଷତାକୁ ବଢ଼ାଇପାରିବେ।

### ଅନ୍ୟର ସାହାଯ୍ୟ ଓ ଯୋଗାଯୋଗ

କାମର ଚାପ ଅଧିକ ରହିଲେ ଅନ୍ୟର ସାହାଯ୍ୟ ନେବାକୁ କୁଣ୍ଠା ପ୍ରକାଶ କରନ୍ତୁ ନାହିଁ। ଅଫିସ୍‌ରେ ମଧ୍ୟ ନିଜ ବିଶ୍ୱାସୀ କଲିଗ୍‌ଙ୍କ ସହ କଥାବାର୍ତ୍ତା କରି ପରାମର୍ଶ ନିଅନ୍ତୁ। ସମସ୍ତଙ୍କ ସହ ଯୋଗାଯୋଗ ରଖନ୍ତୁ। ଫଳରେ କେତେକ ସମସ୍ୟାର ସମାଧାନ ସହକର୍ମୀମାନଙ୍କ ଦ୍ୱାରା ବି ହୋଇପାରିବ। ତେଣୁ ସମସ୍ୟା ଅଥବା କାମର ଚାପ ନ ରହିଲେ ମନ ଆପେ ଆପେ ଶାନ୍ତ ରହିବ।

## ଏମାନେ କ'ଣ କରନ୍ତି...



**ବେଶି ଗପେ:** ଅଫିସରେ କାମର ଯେତେ ଅଧିକ ଚାପ ରହିଲେ ବି ନିଜକୁ ରିଲାକ୍ସ କରିବା ପାଇଁ କ'ଣ କରିବାକୁ ହେବ ସେସବୁ ମତେ ଭଲଭାବରେ ଜଣା। କୌଣସି ସମୟରେ ବି କାମକୁ ବୋଝ ଭାବେନି। କାମ ଭିତରେ ରିଲାକ୍ସ ହେବା ପାଇଁ କେବେ କେବେ ଫୋନ୍ ଦେଖେ ଓ ସାଙ୍ଗମାନଙ୍କ ସହ ଗପେ। ତେଣୁ ଆପେ ଆପେ ମନ ଖୁସି ହୋଇଯାଏ। କାହା ଉପରେ ବିରକ୍ତ କି ଚିଡ଼ିଚିଡ଼ା ହୁଏନି। ମୋର ଏଇ ଗପୁଡ଼ି ଗୁଣ ପାଇଁ ମୋ ପାଖକୁ ସମସ୍ତେ ଆସନ୍ତି। ଅଫିସ୍‌ରେ ବି ମଝିରେ ମଝିରେ ଉଠି କଲିଗ୍‌ମାନଙ୍କ ସହ ଟିକେ ମଜାଗପ କରିଦିଏ। ଘରକୁ ଗଲେ ଅଫିସ୍ କାମ ପାଇଁ ଚିନ୍ତା ନ କରି ପିଲାଙ୍କ ସାଙ୍ଗରେ ଏକାଠି ଖିଆପିଆ କରି ସମୟ କଟାଏ। ଅବଶ୍ୟ ଘରକୁ ଫେରିଲେ ଯଦି ରୋଷେଇ କରିବାକୁ ବିରକ୍ତ ଲାଗୁଥାଏ ତେବେ ବାହାରୁ କିଛି ଖାଦ୍ୟ ମଗାଇ ସମସ୍ତେ ଖାଉ, ନ ହେଲେ ସମସ୍ତେ ଏକାଠି ବାହାରକୁ ବୁଲିବାକୁ ଯାଇ ଖିଆପିଆ କରି ଆସୁ। ତେଣୁ ସବୁ ସ୍ଥାନରେ ମୁଁ କୁଲ୍ ରହିଥାଏ।

*– ମହାଶ୍ୱେତା ତ୍ରିପାଠୀ, କର୍ମଜୀବୀ, କିଟ୍ ୟୁନିଭର୍ସିଟି, ଭୁବନେଶ୍ୱର*



**ପ୍ରତିଦିନ ଯୋଗ:** ମନକୁ ସବୁବେଳେ ଶାନ୍ତ ରଖିବା ନିଜ ଉପରେ ନିର୍ଭର କରେ। ବେଳେବେଳେ କ୍ଲିନିକ୍‌ରେ ଏତେ କାମ ରହେ ଯେ ଖାଇବାକୁ ବି ସମୟ ହୁଏନି। ହେଲେ କୌଣସି ସମୟରେ ମୁଁ କାହା ଉପରେ ରାଗେନି। ଚିଡ଼ିଚିଡ଼ା ଲାଗିଲେ ଚୁପ୍ ହୋଇ ଆଖି ବନ୍ଦକରି ୫ ମିନିଟ୍ ବସିପଡ଼େ। ତା'ପରେ ହଠାତ୍ ଅଧା ରାଗ କମିଯାଏ। ଏହା ବ୍ୟତୀତ ସବୁଦିନ ସକାଳେ ଅଳ୍ପ କିଛି ସମୟ ପାଇଁ ଯୋଗ ଓ ଏକ୍ସରସାଇଜ୍ କରେ। ଖାଇବା ସମୟ ଉପରେ ଧ୍ୟାନ ଦେବାକୁ ଯଥାସମ୍ଭବ ଚେଷ୍ଟା କରେ। ଫାଙ୍କା ସମୟ ପାଇଲେ ଫୋନ୍‌ରେ କଥାହୁଏ। ଘରକୁ ଆସିଲେ ପିଲାମାନଙ୍କ ସହ କୁଆଡ଼େ ସମୟ ଚାଲିଯାଏ ଜଣା ପଡ଼େନି। ତେଣୁ ସବୁସ୍ଥାନରେ ବାଲାନ୍ସ କରିପାରିଲେ ମନ ଭଲ ରହିପାରିବ।

*– ସୁଚିତ୍ରା ମହାନ୍ତି, କର୍ମଜୀବୀ, ପିଏନ୍‌ଜି କ୍ଲିନିକ୍, କଟକ*

## ଖାଦ୍ୟରୁଚି // ପୋହା ଉତ୍ତପମ୍



**ଆବଶ୍ୟକ ସାମଗ୍ରୀ**

ଚୁଡ଼ା– ଅଧା କପ୍, ସୁଜି– ଅଧା କପ୍, ଦହି– ଅଧା କପ୍, ଆବଶ୍ୟକ ଅନୁସାରେ ଲୁଣ, ପାଣି ଓ ତେଲ।

ଷ୍ଟଫିଂ ନିମନ୍ତେ– ପିଆଜ– ଅଧାକପ୍ (ଛୋଟ କଟାହୋଇଥିବା), ବିନ୍ସ, ଗାଜର ଓ କ୍ୟାପ୍ସିକମ୍– ଛୋଟ ଛୋଟ କଟା।

**ପ୍ରଣାଳୀ–** ପ୍ରଥମେ ଏକ ପାତ୍ରରେ ଚୁଡ଼ାକୁ ୨–୩ ମିନିଟ୍ ପର୍ଯ୍ୟନ୍ତ ପାଣିରେ ଭିଜାଇ ଦିଅନ୍ତୁ। ଏହାପରେ ପାଣିରୁ ଛାଣି ଚୁଡ଼ା ସହ ସୁଜି, ଦହି, ଲୁଣ ଓ ପାଣି ମିଶାଇ ଭଲଭାବେ ଗ୍ରାଇଣ୍ଡିଂ କରିଦିଅନ୍ତୁ। ମିଶ୍ରଣକୁ ଅଧଘଣ୍ଟା ରଖି ଦିଅନ୍ତୁ। ଷ୍ଟଫିଂ ତିଆରି କରିବା ପାଇଁ ପିଆଜ, ବିନ୍ସ, ଗାଜର, କ୍ୟାପ୍ସିକମ୍‌କୁ ଛୋଟ ଛୋଟ କାଟି ରଖନ୍ତୁ। କଟା ପରିବାରୁ ଅଧା ନେଇ ବଟା ହୋଇଥିବା ମିଶ୍ରଣରେ ମିଶାଇ ଦିଅନ୍ତୁ। ଏହାପରେ ତାୱା ଗରମ କରି ସେଥିରେ ଅଳ୍ପ ତେଲ ପକାନ୍ତୁ। ତିଆରି କରିଥିବା ମିଶ୍ରଣକୁ ସେଥିରେ ଛୋଟକରି ଢାଳନ୍ତୁ ଓ ଉପରେ କଟାହୋଇଥିବା ପରିବା ଅଳ୍ପ ପକାଇ ଚାପି ଦିଅନ୍ତୁ। ଏହାପରେ ଦୁଇପଟ ଓଲଟାଇ ବାହାର କରି ଦିଅନ୍ତୁ। ଏହାକୁ ଚଟଣି କିମ୍ବା ଶସ୍ ସହ ଖାଆନ୍ତୁ।

## ସୌନ୍ଦର୍ଯ୍ୟ

# କଖାରୁ ଫେସ୍‌ପ୍ୟାକ୍

କଖାରୁକୁ ଆପଣ ଏକ ମେକ୍‌ଅପ୍ ସାମଗ୍ରୀଭାବେ ବ୍ୟବହାର କରିପାରିବେ। ସୁନ୍ଦର ଓ ଗ୍ଲୋଇଂ ସ୍କିନ୍ ନିମନ୍ତେ ଜାଣି ରଖନ୍ତୁ ଏହାର ବ୍ୟବହାର।



▶▶ ୨ ଖଣ୍ଡ ଛୋଟ କଖାରୁକୁ ଭଲଭାବେ ପେଷ୍ଟକରି ସେଥିରେ ୨ ବଡ଼ ଚାମଚ ଦହି ମିଶାନ୍ତୁ। ଆପଣ ଚାହିଁଲେ ଏଥିରେ ୧ ଚାମଚ ମହୁ ବି ମିଶାଇପାରିବେ। ଏହାକୁ ଭଲଭାବେ ମିଶାଇ ଫେସ୍ ପ୍ୟାକ୍ ତିଆରିକରି ମୁହଁରେ ଲଗାନ୍ତୁ। ଅଧଘଣ୍ଟା ପରେ ମୁହଁ ଧୋଇଦିଅନ୍ତୁ।

▶▶କଖାରୁରେ ତିନୋଟି ଭିଟାମିନ୍–ଇ କ୍ୟାପ୍‌ସୁଲ ମିଶାଇ ଭଲଭାବେ ପେଷ୍ଟ କରନ୍ତୁ। ଏଥିରେ ଅଳ୍ପ ଲେମ୍ବୁରସ ମିଶାଇ ମୁହଁରେ ଲଗାନ୍ତୁ। ୨୦ ମିନିଟ୍ ପରେ ଧୋଇଦିଅନ୍ତୁ।

▶▶କଖାରୁ ପେଷ୍ଟରେ ଗୋଟିଏ ଅଣ୍ଡାର ଧଳା ଅଂଶ ଏବଂ ୧ ବଡ଼ ଚାମଚ ମହୁ ମିଶାନ୍ତୁ। ଏହାକୁ ଭଲଭାବରେ ମିଶାଇ ମୁହଁ ଓ ବେକରେ ଲଗାନ୍ତୁ। ୨୦ ମିନିଟ୍ ପରେ ଧୋଇ ଦିଅନ୍ତୁ।

▶▶କଖାରୁ ପେଷ୍ଟରେ ୧ ବଡ଼ ଚାମଚ ଓଟ୍‌ସ ଗୁଣ୍ଡ ଏବଂ ମହୁ ମିଶାନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ପ୍ରାୟ ୩୦ ମିନିଟ୍ ପରେ ଧୋଇଦିଅନ୍ତୁ।

▶▶୩/୪ ଖଣ୍ଡ ଛୋଟ କଖାରୁକୁ ସିଝାଇ ସେଥିରେ ୧ ଚାମଚ ମହୁ, ୧ ଚାମଚ କ୍ଷୀର ଏବଂ ଅଧା ଚାମଚ ଡାଲଚିନି ଗୁଣ୍ଡ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହାକୁ ମୁହଁରେ ଲଗାଇ ୧୫ ମିନିଟ୍ ପରେ ଅଳ୍ପ ଉଷୁମ ପାଣିରେ ଧୋଇଦିଅନ୍ତୁ।

